
# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୮/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, October 8/2025 | Page 16 | ₹ 7.00 | BALASORE

୫୧ଶ ଭାଗ ୩୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 312 | ମୂଲ୍ୟ ₹୭/-

## ୨ ଓଟିଟି ପ୍ଲାଟ୍‌ଫର୍ମରେ ଷ୍ଟ୍ରିମିଂ ହେବ 'ଜଲି ଏଲ୍‌ଏଲ୍‌ବି ୩'

ଅଭିନେତା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ସିଙ୍କ 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମ ଆସନ୍ତା ନଭେମ୍ବର ୧୪ରୁ ଓଟିଟି ପ୍ଲାଟ୍‌ଫର୍ମ ଜିଓ ହଟ୍‌ଷ୍ଟାର ଓ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ।

୧୨

୧୪

## ଅଷ୍ଟ୍ରେଲିଆ ଦଳକୁ ଫେରିଲେ ଷ୍ଟାର୍କ

ଭାରତ ବିପକ୍ଷ ଦିନିକିଆ ସିରିଜ ପାଇଁ ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ଫେରିଛନ୍ତି ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ।



# ମୋବାଇଲ ନ ଦେବାରୁ ନାବାଳିକାଙ୍କ ଆତ୍ମହତ୍ୟା

**ମାଲକାନଗିରି/ଖଇରପୁଟ,୭।୧୦ (ଦୁର୍ଯ୍ୟୋଧନ ପାତ୍ର/ଜଗନ୍ନାଥ ମାଝି)**

ବୟସ ମାତ୍ର ୧୦ ବର୍ଷ। ଜୀବନ କ'ଣ ଭଲ ଭାବେ ଜାଣିନାହାନ୍ତି। ମୋବାଇଲ ଦେଖିବାକୁ ଜିଦ୍ ଧରିଲେ। ବାପା ମନା କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ମାଲକାନଗିରି ଜିଲା ମାଥିଲି ଥାନା ଅଧୀନ ଗୋବିନ୍ଦପାଲି ଢେପସାହିରୁ ସାମ୍ନାକୁ ଆସିଛି। ମୃତା ହେଲେ ଢେପସାହି ବାସିନ୍ଦା ଅର୍ଜ୍ଜୁନ କିର୍ସାନୀଙ୍କ ଝିଅ ରୂପାଲୀ।

ସୂଚନାନୁଯାୟୀ, ସୋମବାର ରାତିରେ ରୂପାଲୀ ବାପାଙ୍କୁ ମୋବାଇଲ ମାଗିଥିଲେ। ଅର୍ଜ୍ଜୁନ ଝିଅଙ୍କୁ ମୋବାଇଲ ଦେବାକୁ ମନା କରିଦେଇଥିଲେ। ଏଥିରେ ସେ ରାଗିଯାଇ ଏକ ରୁମ୍‌ରେ ନିଜକୁ ବନ୍ଦ କରି ଦେଇଥିଲେ। ମା'ବାପା ଏହାକୁ ଅଣଦେଖା କରି ଶୋଇବାକୁ ଚାଲିଯାଇଥିଲେ। ଅର୍ଜ୍ଜୁନ ଘର ବାହାରେ ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ ଅନ୍ୟ କୋଠରିରେ ଶୋଇଥିଲେ। ଏହାପରେ ବିଳମ୍ବିତ ରାତିରେ ରୂପାଲୀ ଦୁଆରବନ୍ଧରେ ଗାମୁଛା ବାନ୍ଧି ଝୁଲିପଡ଼ିଥିବା ଅନୁମାନ କରାଯାଉଛି। ମଙ୍ଗଳବାର ଭୋର ୪ଟାରେ ଝିଅଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଅର୍ଜ୍ଜୁନ ଉଦ୍ଧାରକରି ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଥିଲି ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ନଂ.୪୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ମାଥିଲି ଥାନାଧିକାରୀ ପଦ୍ମନ ପୂଜାରି ଘଟଣାର ତଦନ୍ତ କରୁଛନ୍ତି।



ରୂପାଲୀ କିର୍ସାନୀ



ଚାଇନାର ଗାନ୍‌ସୁ ପ୍ରଦେଶରେ ଛୁଟିଦିନ ଅବସରରେ ପର୍ଯ୍ୟଟକମାନେ ସୌନ୍ଦର୍ଯ୍ୟଭରା ମିଙ୍ଗ୍‌ଶା ପର୍ବତ ଓ କ୍ରିସେଣ୍ଟ ସ୍ପ୍ରିଙ୍ଗ୍ ଅଞ୍ଚଳରେ ଓଟ ସବାରିର ମଜା ନେଉଛନ୍ତି।

# ହିମାଚଳରେ ଭୂସ୍ଖଳନ: ୧୫ ମୃତ

**ବିଳାସପୁର,୭।୧୦**

ହିମାଚଳପ୍ରଦେଶର ବିଳାସପୁର ଜିଲାରେ ମଙ୍ଗଳବାର ସନ୍ଧ୍ୟାରେ ବଡ଼ ଧରଣର ଭୂସ୍ଖଳନ ଘଟି ମାଟି ଅତଡ଼ା ତଳେ ଏକ ବସ୍ ପୋତିହୋଇପଡ଼ିବାରୁ ଅନ୍ୟୁନ ୧୫ ଜଣଙ୍କ ମୃତ୍ୟୁ ଘଟିଛି। ବହୁସଂଖ୍ୟାରେ ଲୋକ ମାଟିପଥର ତଳେ ରହିଯାଇଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ପୋଲିସ ଓ ଜିଲା ପ୍ରଶାସନର ଅଧିକାରୀମାନେ ପହଞ୍ଚିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ବିଳାସପୁର ଡେପୁଟୀ କମିଶନର ରାହୁଲ କୁମାର କହିଛନ୍ତି। ବସ୍‌ଟି ମାରୋଟାନ୍‌ରୁ ଘୁମାରୱିନ୍ ଯାଉଥିବାବେଳେ ସେଥିରେ ୩୦ରୁ ୩୫ ଜଣ ଯାତ୍ରୀ ଥିଲେ ବୋଲି କୁହାଯାଉଛି। ବାଲୁ ବ୍ରିଜ୍ ନିକଟରେ ଭୂସ୍ଖଳନ ହେବାରୁ ପାହାଡ଼ ପାର୍ଶ୍ୱ ରାସ୍ତାରେ ଯାଉଥିବା ଘରୋଇ ବସ୍‌ଟି ମାଟିପଥର ତଳେ ପୋତିହୋଇପଡ଼ିଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଦୁଃଖ ପ୍ରକାଶ କରିବା ସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


# ଇସିଆଇ ୯ ସୁଦ୍ଧା ସବିଶେଷ ତଥ୍ୟ ଦେଉ

## ବିହାର ଚୂଡ଼ାନ୍ତ ଭୋଟର ତାଲିକାରୁ ୩.୬୬ ଲକ୍ଷ ବାଦ୍ ମାମଲା

**ନୂଆଦିଲ୍ଲୀ,୭।୧୦(ପି.ଟି.)**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କରାଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ତେବେ ଉକ୍ତ ତାଲିକାରୁ ୩.୬୬ ଲକ୍ଷ ଭୋଟର ବାଦ୍ ପଡ଼ିଥିବାରୁ ଏହାର ସବିଶେଷ ତଥ୍ୟ ଗୁରୁବାର ସୁଦ୍ଧା ପ୍ରଦାନ କରିବା ଲାଗି ସୁପ୍ରିମକୋର୍ଟ ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ସାମିଲ ହୋଇଥିବା ୨୧ ଲକ୍ଷ ଭୋଟରଙ୍କ ନାମ ପ୍ରକାଶ କରିବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ଆବେଦନର ପରବର୍ତ୍ତୀ ଶୁଣାଣି ୯ ତାରିଖକୁ ଧାର୍ଯ୍ୟ ହୋଇଛି।

ମଙ୍ଗଳବାର ଶୁଣାଣି ବେଳେ ନିର୍ବାଚନ କମିଶନ କହିଥିଲେ, ସାମିଲ ହୋଇଥିବା ଅଧିକାଂଶ ନାମ ନୂଆ ଭୋଟରଙ୍କର। ବାଦ୍ ପଡ଼ିଥିବା କୌଣସି ଭୋଟରଙ୍କ ତରଫରୁ ଏପର୍ଯ୍ୟନ୍ତ ଅଭିଯୋଗ ଦାଖଲ ହୋଇନାହିଁ। ସୁପ୍ରିମକୋର୍ଟ କହିଛନ୍ତି, ସମସ୍ତଙ୍କ ପାଖରେ ଚିଠା ଭୋଟର ତାଲିକା ଏବଂ ସେପ୍ଟେମ୍ବର ୩୦ରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ତାଲିକା



ରହିଛି। ତେଣୁ ତୁଳନାତ୍ମକ ବିଶ୍ଳେଷଣ ଜରିଆରେ ଆବଶ୍ୟକ ତଥ୍ୟ ଦାଖଲ କରାଯାଇପାରିବ। ଅଦାଲତଙ୍କ ନିର୍ଦ୍ଦେଶନାମା ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ସହ ସମସ୍ତଙ୍କୁ ଜାଣିବାର ସୁଯୋଗ ପ୍ରଦାନ କରିବ ବୋଲି ଜଷ୍ଟିସ୍ ବାଗ୍‌ଚୀ ନିର୍ବାଚନ କମିଶନଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀଙ୍କୁ କହିଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକାରେ ଅନେକଙ୍କୁ ସାମିଲ କରାଯାଇଥିବାରୁ କୌଣସି ଦ୍ୱନ୍ଦ୍ୱଠାରୁ ଦୂରେଇ ରହିବାକୁ ହେଲେ ସାମିଲ ହୋଇଥିବା ଭୋଟରମାନଙ୍କ ପରିଚୟ ପ୍ରକାଶ କରାଯିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି।

ସୂଚନାଯୋଗ୍ୟ, ଏସ୍‌ଆଇଆର୍ ପୂର୍ବରୁ ବିହାରରେ ୯.୮୯ କୋଟି ଭୋଟର ରହିଥିବାବେଳେ ଏସ୍‌ଆଇଆର୍ ପରେ ଅଗଷ୍ଟ ୧ରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ଏହି ସଂଖ୍ୟା ୭.୨୪ କୋଟିକୁ ହ୍ରାସ ପାଇଥିଲା, ଅର୍ଥାତ୍ ପ୍ରାୟ ୬୫ ଲକ୍ଷ ଭୋଟର ବାଦ୍ ପଡ଼ିଥିଲେ। ବାଦ୍ ପଡ଼ିଥିବା ଭୋଟରମାନେ ମୃତ କିମ୍ବା ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ରହିଥିବା ଇସିଙ୍କ ପକ୍ଷରୁ କୁହାଯାଇଥିଲା। ଯଦି ମୃତ କିମ୍ବା ଅନ୍ୟତ୍ର ପଳାୟନ କରିଛନ୍ତି, ସେମାନଙ୍କ ନାଁ ବାଦ୍ ପଡ଼ିବା ଠିକ୍ ଅଛି, କିନ୍ତୁ ଏହା ପରେ ଯଦି କାହାକୁ ବାଦ୍ ଦିଆଯାଉଛି, ତେବେ ନିୟମ ୨୧ ଏବଂ ଏସ୍‌ଓପି ଅନୁସରଣ କରିବାକୁ ଅଦାଲତ କହିଛନ୍ତି। ଯେଉଁମାନଙ୍କ ନାମ ବାଦ୍ ପଡ଼ିଛି, ସେମାନଙ୍କ ତଥ୍ୟ ନିର୍ବାଚନ କାର୍ଯ୍ୟାଳୟରେ ରଖାଯାଉ। ଚୂଡ଼ାନ୍ତ ତାଲିକାରେ ନୂଆ ନାଁ ସାମିଲ ହୋଇଥିବାରୁ ସ୍ୱାଭାବିକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ତେଣୁ ନୂଆ ସାମିଲ ହୋଇଥିବା ଭୋଟରଙ୍କ ପରିଚୟ କ'ଣ ଏବଂ ସେମାନେ ପୂର୍ବରୁ ବାଦ୍ ପଡ଼ିଥିଲେ ନା ନୂଆ ନାମ, ତାହା ଜଣାଇବାକୁ ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି। ଚଡ଼ାନ୍ତ ଭୋଟର ତାଲିକାରେ ୭.୪୨ କୋଟି ଭୋଟର ରହିଛନ୍ତି, ଅର୍ଥାତ୍ ଏସ୍‌ଆଇଆର୍ ପୂର୍ବ ଭୋଟର ସଂଖ୍ୟାରୁ ପାଖାପାଖି ୪୭ ଲକ୍ଷ ହ୍ରାସ ପାଇଛି। ଚିଠା ତାଲିକାରେ ୨୧.୫୩ ଲକ୍ଷ ନୂଆ ଭୋଟରଙ୍କ ନାମ ଯୋଡ଼ାଯାଇଥିବାବେଳେ ୩.୬୬ ଲକ୍ଷ ନାମ ବାଦ୍ ପଡ଼ିବାରୁ ଚୂଡ଼ାନ୍ତ ତାଲିକାରେ ମୋଟ ୧୭.୮୭ ଲକ୍ଷ ବୃଦ୍ଧି ପାଇଛି।

# ହଟିଲା କର୍ଫ୍ୟୁ, ଇଣ୍ଟରନେଟ୍ ସେବା ସ୍ୱାଭାବିକ

**କଟକ,୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

- ସ୍ୱାଭାବିକ ହେଉଛି ସାଧାରଣ ଜୀବନଯାତ୍ରା
- ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରାଯିବ: ପୋଲିସ କମିଶନର

କଟକ ଦୁର୍ଗା ପୂଜା ଭସାଣି ସମୟରେ ସୃଷ୍ଟ ବିବାଦର ୩୬ ଘଣ୍ଟା ପରେ ମଙ୍ଗଳବାର ସକାଳେ କର୍ଫ୍ୟୁ ହଟିଥିବା ବେଳେ ସନ୍ଧ୍ୟା ୭ଟାରୁ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଛି। ଏବେ କଟକ ସ୍ଥିତିରେ ସୁଧାର ଆସିଛି ଏବଂ ସାଧରଣ ଜୀବନଯାତ୍ରା ସ୍ୱାଭାବିକ ହୋଇଛି। ଅନ୍ୟପଟେ ସହରରେ ଶାନ୍ତି ଓ ଭାଇଚାରା ବଜାୟ ରଖିବାକୁ ଅପିଲ କରିଛନ୍ତି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ। କଟକ ଡିସିପିଙ୍କ କାର୍ଯ୍ୟାଳୟରେ କମିଶନର ସିଂ କହିଛନ୍ତି ଯେ, କଟକରେ ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଏହାକୁ ଦୃଷ୍ଟିରେ ରଖି ୩୬ ଘଣ୍ଟାର କର୍ଫ୍ୟୁ ହଟାଇ ଦିଆଯାଇଛି। ୩୬ ଘଣ୍ଟା ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଭାବେ ବିତିଛି। ପରିସ୍ଥିତି ଉପରେ ଅନୁଧ୍ୟାନ କରାଯାଉଛି। ବିଭିନ୍ନ ସ୍ଥାନରେ ପୋଲିସର ପାଟ୍ରୋଲିଂ ଜାରି ରହିବ ଏବଂ ମନିଟରିଂ କରାଯିବ। ଯଦି କୌଣସି ସ୍ଥାନରେ କିଛି ସମସ୍ୟା ଉପୁଜିବା ଜଣାପଡେ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶୋଭାଯାତ୍ରା ପାଇଁ ପୋଲିସ ପକ୍ଷରୁ ଅନୁମତି ଦିଆଯାଇ ନ ଥିବାବେଳେ ଶୋଭାଯାତ୍ରା କରି ପୋଲିସକୁ ଆକ୍ରମଣ ଓ ସ୍ଥିତିକୁ ଜଟିଳ କରିବା ଘଟଣାରେ ସମୁଦାୟ ୯ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଅପପ୍ରଚାର ପାଇଁ ସାମାଜିକ ଗଣମାଧ୍ୟମ ଉପରେ ରୋକ୍ ଲଗାଯାଇଥିଲା। ଏବେ ପାର୍ବଣ ଋତୁ ରହିଛି, ଆଗକୁ କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଆସୁଛି। ଏହାକୁ ଶାନ୍ତିପୂର୍ଣ୍ଣ ଭାବେ କରାଯିବା ନେଇ କଟକ ମହାନଗର ଶାନ୍ତି କମିଟି ଓ ବିଭିନ୍ନ ପୂଜା କମିଟି ସହ ଆଲୋଚନା କରାଯିବ। ଯେପରି ଏଭଳି ପରିସ୍ଥିତି କେବେ ନ ଉପୁଜେ ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯିବ ବୋଲି ସିଂ କହିଛନ୍ତି। ତେବେ କର୍ଫ୍ୟୁ ହଟିବା ପରେ ଛତ୍ରବଜାର, ମାଲଗୋଦାମ ଓ ଅନ୍ୟାନ୍ୟ ଅଞ୍ଚଳରେ ଭିଡ ପରିଲକ୍ଷିତ ହୋଇଥିଲା। କିନ୍ତୁ ପୋଲିସ ପକ୍ଷରୁ ବକ୍ସିବଜାର ଅଞ୍ଚଳରେ ୪୦ ପ୍ରତିଶତ ଦୋକାନ ବନ୍ଦ ରଖାଯିବା ସହ ଦରଘାବଜାରରୁ ଚୌଧୁରୀ ବଜାର ପର୍ଯ୍ୟନ୍ତ ଦୋକାନଗୁଡ଼ିକ ବନ୍ଦ କରାଯାଇଛି। ଅନ୍ୟପଟେ କଟକରେ ପୋଲିସ ପକ୍ଷରୁ ଦୋକାନଗୁଡ଼ିକ ରାତି ୯ଟାରୁ ୧୦ଟା ମଧ୍ୟରେ ବନ୍ଦ କରିବାକୁ କୁହାଯାଇଥିବା ଜଣାପଡ଼ିଛି। ସୂଚନାଥାଉ କି, ପୂର୍ବ ☞ପୃଷ୍ଠା-୪

# ଘାସିରାମ ମାଝୀ କଂଗ୍ରେସ ପ୍ରାର୍ଥୀ

## ନୂଆପଡ଼ା ଉପନିର୍ବାଚନ



**ଭୁବନେଶ୍ୱର,୭।୧୦(ରବିନାରାୟଣ ଜେନା)**

ନୂଆପଡ଼ାରେ ହେବାକୁଥିବା ଉପନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ମଙ୍ଗଳବାର ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ କେ. ସି. ବେଣୁଗୋପାଳ ଏକ ପ୍ରେସ୍ ରିଲିଜ୍‌ରେ ଦର୍ଶାଇଛନ୍ତି ଯେ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ୍ ଖାର୍ଗେଙ୍କ ଅନୁମୋଦନକ୍ରମେ ଘାସିରାମ ମାଝୀଙ୍କୁ ନୂଆପଡ଼ା ଉପନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ପ୍ରାର୍ଥୀ କରାଯାଇଛି। ଏହାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ସଂପ୍ରତି ନୂଆପଡ଼ା ଉପନିର୍ବାଚନ ରାଜନୈତିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱ ବହନ କରୁଛି। ରାଜ୍ୟ ସରକାର ନାରୀ ନିର୍ଯାତନାଠାରୁ ଆରମ୍ଭକରି ଆଇନଶୃଙ୍ଖଳା କ୍ଷେତ୍ରରେ ବହୁ ପଛରେ ରହିଛନ୍ତି। ଅନ୍ୟପକ୍ଷେ ବିଜେଡି ମଧ୍ୟ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହରାଇଛି। ଏବେ କଂଗ୍ରେସ ପ୍ରତି ଜନସମର୍ଥନ ବଢୁଛି। ନୂଆପଡ଼ା ଭୋଟର ହିଁ ଏହାର ଜବାବ ଦେବେ ଏବଂ କଂଗ୍ରେସ ଜିତିବ ବୋଲି ଭକ୍ତ କହିଛନ୍ତି।


**ଆଜିର ସମ୍ପାଦକୀୟ**

**ଖାଲି ବାହୁସ୍ଫୋଟ**


# ୧୨୧ କୋଟିର ହିସାବ ମିଳୁନି

## ଆନନ୍ଦପୁର ସେତୁ ପ୍ରକଳ୍ପରେ କୂଳପାଉନି ଏଜି

**ଭୁବନେଶ୍ୱର,୭।୧୦(ରବିନାରାୟଣ ଜେନା)**

ରାଜ୍ୟରେ ଦୁର୍ନୀତିର ଚେର ଯେତେ ଲମ୍ବା ହେଲେ ବି ଉପାଡ଼ି ଫିଙ୍ଗିବାକୁ ସବୁ ସରକାରଙ୍କ ପକ୍ଷରୁ କୁହାଯାଉଛି। ଦୁର୍ନୀତି ରୋକିବା ପାଇଁ ଭିଜିଲାନ୍ସ ଓ କ୍ରାଇମବ୍ରାଞ୍ଚ ସହ ଅନ୍ୟାନ୍ୟ ଏଜେନ୍ସି ପକ୍ଷରୁ ସଚେତନ କରାଯିବା ସହ ଚଢ଼ାଉ ମଧ୍ୟ ହେଉଛି। ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ରାଜ୍ୟରେ ଅନେକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଛି। ସେଥିମଧ୍ୟରୁ କେତେକ ବିଭାଗୀୟ ସମୀକ୍ଷାବେଳେ ଧରାପଡୁଛି ତ ଆଉ କେତେବେଳେ ମହାଲେଖାକାରଙ୍କ ସମୀକ୍ଷାରୁ ଜଣାପଡୁଛି। ସମୀକ୍ଷକମାନେ ଦୁର୍ନୀତି ଧରିବା ପରେ ମଧ୍ୟ ତା'ର ଚେର୍ ମିଳୁନାହିଁ। ବର୍ଷେ କି ଦୁଇବର୍ଷ ନୁହେଁ, ଇତିମଧ୍ୟରେ ୧୨ ବର୍ଷ ବିତି ଯାଇଥିଲେ ବି ପ୍ରକଳ୍ପ ନିର୍ମାଣ ଖର୍ଚ୍ଚର ଠୋସ୍ ହିସାବ ମିଳୁନାହିଁ। ଏପରିକି ସଂପୃକ୍ତ ବିଭାଗକୁ ବାରମ୍ବାର ପତ୍ର ଲେଖି ମହାସମୀକ୍ଷକ ଉତ୍ତର ଲୋଡ଼ିଥିଲେ ହେଁ ତାହା ମିଳୁନାହିଁ। ଏଭଳି ଏକ ଘଟଣା ଜଳସମ୍ପଦ ବିଭାଗରେ ଦେଖିବାକୁ ମିଳିଛି।


ତଥ୍ୟ ଅନୁଯାୟୀ, ଆନନ୍ଦପୁର ସେତୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ୧୨୧ କୋଟି ୮୩ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ଏହି ଖର୍ଚ୍ଚର କୌଣସି ହିସାବପତ୍ର ନାହିଁ। ଏପରିକି ଅଧିକାରୀମାନେ ଭାଉଚର ମଧ୍ୟ ଠିକ୍ ଭାବେ ପ୍ରସ୍ତୁତ କରିନାହାନ୍ତି। ୨୦୧୩-୧୪ ଆର୍ଥିକବର୍ଷରୁ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏଭଳି ଅନିୟମିତତା ହୋଇଥିବା ମହାଲେଖାକାର-୨'ଙ୍କ ସମୀକ୍ଷାରୁ ଜଣାପଡ଼ିଛି। ଏନେଇ ଆନନ୍ଦପୁର ବ୍ୟାରେଜ୍ ପ୍ରୋଜେକ୍ଟ ଶାଳପଡ଼ାର ମୁଖ୍ୟ ବିତ୍ତ ଅଧିକାରୀ ଇତିମଧ୍ୟରେ ଜଳସମ୍ପଦ ବିଭାଗକୁ ୫ଥର ପତ୍ର ଲେଖିଲେଣି। ହେଲେ ବିଭାଗୀୟ ଅତିରିକ୍ତ ସଚିବ ଏଯାଏ ☞ପୃଷ୍ଠା-୪

# ୩ ଆମେରିକୀୟଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ

**ଷ୍ଟକ୍‌ହୋମ, ୭।୧୦**

ପଦାର୍ଥ ବିଜ୍ଞାନ ପାଇଁ ମଙ୍ଗଳବାର 'ନୋବେଲ ପୁରସ୍କାର ୨୦୨୫'ର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ବୈଦ୍ୟୁତିକ ସର୍କିଟରେ ମାକ୍ରୋସ୍କୋପିକ୍ କ୍ୱାଣ୍ଟମ ମେକାନିକାଲ ଟନେଲିଂ ଏବଂ ଏନର୍ଜି କ୍ୱାଣ୍ଟିଜେଶନର ଆବିଷ୍କାର ପାଇଁ ୩ ଆମେରିକୀୟ ବୈଜ୍ଞାନିକ ଜନ୍ କ୍ଲାର୍କ, ମାଇକେଲ ଏଚ୍. ଡେଭୋର୍ଟ ଏବଂ ଜନ୍ ଏମ୍ ମାର୍ଟିନିସ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ଷ୍ଟକ୍‌ହୋମରେ ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ଆବିଷ୍କାର କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ସୁପର କଣ୍ଡକ୍ଟିଂ ସର୍କିଟକୁ ନୂତନ ଦିଗ୍‌ଦର୍ଶନ ଦେବ ବୋଲି କୁହାଯାଇଛି।


ନୋବେଲ ପୁରସ୍କାର ବିଜେତା ଘୋଷିତ ହୋଇଥିବା ଏହି ୩ ବୈଜ୍ଞାନିକ ୮୦ ଏବଂ ୯୦ ଦଶକରେ କ୍ୱାଣ୍ଟମ ମେକାନିକ୍ସକୁ ଇଲେକ୍ଟ୍ରୋନିକ୍ସ ସହ ସଂଯୁକ୍ତ କରିଥିଲେ। ୟୁନିଭର୍ସିଟି ଅଫ୍ କାଲିଫର୍ନିଆ, ବର୍‌କେଲେରେ ପ୍ରଫେସର ଥିବା କ୍ଲାର୍କ ୧୯୮୦ରେ ଜୋସେଫ୍‌ସନ୍ ନାମକ ଏକ ସୁପର କଣ୍ଡକ୍ଟିଂ ଡିଭାଇସ୍‌ରେ କ୍ୱାଣ୍ଟମ ଟନେଲିଂକୁ ଆବିଷ୍କାର କରିଥିଲେ। ସେହିପରି ୟେଲ ୟୁନିଭର୍ସିଟିର ପ୍ରଫେସର ଭାବେ କାର୍ଯ୍ୟରତ ମାଇକେଲ ସର୍କିଟ କ୍ୱାଣ୍ଟମ ଇଲେକ୍ଟ୍ରୋଡାଇନାମିକ୍ସକୁ ବିକଶିତ କରିଥିଲେ। ତାଙ୍କର ଏହି ଆବିଷ୍କାର ଯୋଗୁ ବୈଦ୍ୟୁତିକ ସର୍କିଟଗୁଡ଼ିକୁ କ୍ୱାଣ୍ଟମ ସିଷ୍ଟମ୍ ଭାବରେ ବ୍ୟବହାର କରାଯାଇପାରୁଛି। ସେହିପରି ୟୁନିଭର୍ସିଟି ଅଫ୍ କାଲିଫର୍ନିଆ, ସାନ୍ତା ବାର୍‌ବରାର ପ୍ରଫେସର ମାର୍ଟିନିସ୍ କ୍ୱାଣ୍ଟମ ବିଟ୍ସରେ ଏନର୍ଜି କ୍ୱାଣ୍ଟିଜେଶନ ପ୍ରଦର୍ଶନ କରିଥିଲେ, ଯାହା କ୍ୱାଣ୍ଟମ କମ୍ପ୍ୟୁଟରର ଆଧାର ଭାବେ ସାବ୍ୟସ୍ତ ହୋଇଥିଲା। ଏହି ୩ ବୈଜ୍ଞାନିକ ଭିନ୍ନ ଭିନ୍ନ ପ୍ରୟୋଗଶାଳାରେ କାମ କରୁଥିବା ସତ୍ତ୍ୱେ ମଧ୍ୟ ସେମାନେ କରିଥିବା ଆବିଷ୍କାରଗୁଡ଼ିକ ପରସ୍ପର ସହ ଜଡ଼ିତ ଥିଲା। ଏହି ଆବିଷ୍କାର କ୍ୱାଣ୍ଟମ ସମ୍ବନ୍ଧୀୟ ସୂଚନାକୁ ବ୍ୟବହାରିକ କରିଥିଲା ବୋଲି ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ କୁହାଯାଇଛି। ୧୧ ମିଲିୟନ ସ୍ୱିଡିଶ କ୍ରୋନ (ପ୍ରାୟ ୧୦.୪ କୋଟି ଟଙ୍କା)ର ପୁରସ୍କାର ରାଶି ଏହି ୩ ବୈଜ୍ଞାନିକଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯିବ। ଆସନ୍ତା ଡିସେମ୍ବର ୧୦ରେ ଆଲ୍‌ଫ୍ରେଡ୍ ନୋବେଲଙ୍କ ମୃତ୍ୟୁ ବାର୍ଷିକୀ ଅବସରରେ ଏହି ୩ ବୈଜ୍ଞାନିକ ନୋବେଲ ପୁରସ୍କାରରେ ସମ୍ମାନିତ ହେବେ।



ଜନ୍ କ୍ଲାର୍କ



ମାଇକେଲ ଏଚ୍. ଡେଭୋର୍ଟ



ଜନ୍ ଏମ୍ ମାର୍ଟିନିସ

**ଉନ୍ନତ କ୍ୱାଣ୍ଟମ ପ୍ରଯୁକ୍ତି ସମ୍ପର୍କିତ ଗବେଷଣା ପାଇଁ ସମ୍ମାନ**


A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961). Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in




# ଲୋକେ ଅସୁରକ୍ଷିତ ଭାବିବା ଆରମ୍ଭକଲେଣି: ନବୀନ

**ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)**

ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ। ରାଜ୍ୟର ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବିରୋଧୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟରେ ଉତ୍ସବର ପରିବେଶ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି ଓ ଲୋକେ ନିଜକୁ ଅସୁରକ୍ଷିତ ଭାବିବା ଆରମ୍ଭ କଲେଣି। ନିଜ ଘର ସାମ୍ନାରେ ଠିଆହୋଇଥିବା ସମୟରେ ଗଞ୍ଜାମର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଯେପରି ଗୁଳିକରି ହତ୍ୟା କରାଗଲା ତାହା ଅତ୍ୟନ୍ତ ଜଘନ୍ୟ ଓ ଦୁଃଖଦାୟକ। ଦୁଃଖରେ ଭାଙ୍ଗିପଡ଼ିଥିବା ପରିବାରବର୍ଗଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି। ସେ ଆହୁରି କହିଛନ୍ତି, ଏହି ଖବର ସାଧାରଣ ଲୋକଙ୍କୁ ଭୟଭୀତ କରିଦେଇଛି। ସେହିପରି ରାଉରକେଲାରେ ବଳାତ୍କାର, କଣାସରେ ସରକାରୀ ବସ୍ ଭିତରେ ଘଟିଥିବା ଅଭାବନୀୟ ଘଟଣା ସାଙ୍ଗକୁ ବାଲେଶ୍ୱରରେ ରାତ୍ରିକାଳୀନ କଟକଣା ସହ ଭାଇଚାରାର ସହର କଟକରେ ସାମ୍ପ୍ରଦାୟିକ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ପୋଲିସ ଏସ୍ଆଇ ନିଯୁକ୍ତିରେ ମହାଘୋଟାଲା ଆଶାୟୀ ଯୁବଗୋଷ୍ଠୀଙ୍କ ମନୋବଳ ଭାଙ୍ଗିଦେଇଥିବା ବେଳେ ସରକାରୀ ନିଯୁକ୍ତିରେ ସ୍ୱଚ୍ଛତା ବଜାୟ ରଖିବାରେ ମଧ୍ୟ ରାଜ୍ୟ ସରକାର ଅସମର୍ଥ। ଶାନ୍ତିପ୍ରିୟ ଓଡ଼ିଶାରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମଜଭୁତ ରଖିବାରେ ଭାଜପା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ତତ୍ପର ଓ ସଜାଗହେବା ଜରୁରୀ ବୋଲି ନବୀନ କହିଛନ୍ତି।

# ରାଜ୍ୟବ୍ୟାପୀ କଲମଛାଡ଼ ଆଜି

**କଟକ,୭।୧୦(କାର୍ତ୍ତିକ ସାହୁ)**

- କୋଟିଏ ଟଙ୍କା କ୍ଷତିପୂରଣ ଦାବି କଲା ରାଜ୍ୟ ଆଇନଜୀବୀ ପରିଷଦ
- ୪୮ ଘଣ୍ଟାରେ ଅଭିଯୁକ୍ତଙ୍କ ଗିରଫ ସହ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ ଦାବି

ରାଜ୍ୟ ବାର୍ କାଉନସିଲର ସର୍ବାଧିକ ଭୋଟରେ ନିର୍ବାଚିତ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ପ୍ରତିବାଦରେ ବୁଧବାର ରାଜ୍ୟବ୍ୟାପୀ ଆଇନଜୀବୀମାନେ କଲମଛାଡ଼ କରିବେ। ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏ ନେଇ ପ୍ରେସ୍ ଇସ୍ତାହାରରେ ମଙ୍ଗଳବାର ସୂଚନା ଦେଇଛନ୍ତି। ଏଥିସହ ପୀତବାସଙ୍କ ପରିବାରକୁ ସରକାର କୋଟିଏ ଟଙ୍କା କ୍ଷତିପୂରଣ ପ୍ରଦାନ, ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ସହ ନ୍ୟାୟିକ ତଦନ୍ତ ଦାବି କରିଛି ରାଜ୍ୟ ଆଇନଜୀବୀ ପରିଷଦ।


ଘଟଣା ଅନୁସାରେ, ଦୁଇଜଣ ଅଜଣା ଯୁବକ ବ୍ରହ୍ମପୁରସ୍ଥିତ ତାଙ୍କ ଘର ସାମ୍ନାରେ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରିବା ଆଇନଜୀବୀମାନଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ ଘଟଣା। ଆଇନ ସେବା ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ପ୍ରତି ଏହା ସିଧାସଳଖ ଶକ୍ତ ଧକ୍କା। ତେଣୁ ରାଜ୍ୟର ସବୁ ବାର୍‌ର ଆଇନଜୀବୀମାନେ କାର୍ଯ୍ୟରୁ ନିବୃତ୍ତ ରହି କଲମଛାଡ଼ ଜରିଆରେ ସ୍ୱର୍ଗତ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବେ ବୋଲି ରାଜ୍ୟ ଆଇନଜୀବୀ ପରିଷଦର ପ୍ରତିନିଧିଗଣ ବ୍ରହ୍ମପୁର ଗସ୍ତରୁ ଫେରିବା ପରେ ଦ୍ୱିବେଦୀ କହିଛନ୍ତି। ଦିବଂଗତ ଆତ୍ମାଙ୍କ ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ପରିଷଦର ସଦସ୍ୟମାନେ ସାନ୍ତ୍ୱନା ପ୍ରଦାନ କରିଛନ୍ତି। ପରିଷଦ ପକ୍ଷରୁ ମାମଲାର ଉଚ୍ଚସ୍ତରୀୟ ତଦନ୍ତ କରି ୩ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଦାବି କରାଯାଇଛି। ବିଶେଷ କରି ମୁଖ୍ୟମନ୍ତ୍ରୀ ଓ ପୋଲିସ ଡିଜି ଏହାକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରି ଆଇନଜୀବୀମାନଙ୍କ ସୁରକ୍ଷା ପ୍ରତି ତାଙ୍କର ଦାୟବଦ୍ଧତାକୁ ପାଳନ କରନ୍ତୁ ବୋଲି କୁହାଯାଇଛି। ଏ ନେଇ ପରିଷଦ ପକ୍ଷରୁ ଲିଖିତ ଭାବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି, ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ, ଆଇନ ମନ୍ତ୍ରୀ, ଆଡ୍‌ଭୋକେଟ ଜେନେରାଲଙ୍କୁ ଅବଗତ କରାଯାଇଛି।

# ହତ୍ୟାକାରୀଙ୍କୁ ଗିରଫ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## ଆଇନଜୀବୀଙ୍କୁ ଗୁଳି କରି ହତ୍ୟା ଘଟଣା

**ବ୍ରହ୍ମପୁର, ୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁରରେ କୁମାର ପୂର୍ଣ୍ଣିମା ରାତି ପ୍ରାୟ ୧୦ଟାରେ ଗଞ୍ଜାମ ଜିଲା ତଥା ବ୍ରହ୍ମପୁର ସହରର ଜଣାଶୁଣା ଆଇନଜୀବୀ ଓ ଭାଜପା ନେତା ପୀତବାସ ପଣ୍ଡାଙ୍କୁ ଅତି ନିକଟରୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାରେ ଯେ କେହି ସମ୍ପୃକ୍ତ ଥାଆନ୍ତୁ ନା କାହିଁକି ହତ୍ୟାକାରୀଙ୍କୁ ଖୁବ ଶୀଘ୍ର ଗିରଫ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କୁ ଧରିବାକୁ ସାଇଣ୍ଟିଫିକ ଟିମ୍ ସହ ପୋଲିସ ଦ୍ୱରିତ ପଦକ୍ଷେପ ନେଇଛି। ଏଥିପାଇଁ ୩ଟି ଟିମ୍ ଗଠନ କରାଯାଇଛି। ପୋଲିସକୁ ଫୁଟେଜ ମିଳିଛି। ଅଭିଯୁକ୍ତମାନେ ସ୍ଥାନୀୟ ଅପରାଧି ନୁହନ୍ତି, ସେମାନେ ବାହାରୁ ଆସି ଏଭଳି ଘଟାଇ ଫେରାର ହୋଇଯାଇଥିବା ପୋଲିସ ଅନୁମାନ କରୁଛି। ଇତିମଧ୍ୟରେ ପୀତବାସଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଗୋକର୍ଣ୍ଣେଶ୍ୱର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ବେଳେ ତାଙ୍କ ଛାତିରୁ ଗୁଳି ବାହାରିଛି। ୪ ଲିଟର ଜମାଟବନ୍ଧା ରକ୍ତ ମଧ୍ୟ ବାହାରିଥିବା ଏଫ୍ଏମ୍‌ଟି ବିଭାଗ ପକ୍ଷରୁ କୁହାଯାଇଛି। ବାର କାଉନସିଲ ଅଫ ଇଣ୍ଡିଆ, ରାଜ୍ୟ ବାର କାଉନସିଲ ଓ ଗଞ୍ଜାମ ଓକିଲ ସଂଘ ସହିତ ବିଭିନ୍ନ ଦଳର ନେତା ଦୋଷୀଙ୍କୁ ଖୁବ ଶୀଘ୍ର ଧରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଇତି ମଧ୍ୟରେ ଛୁଟିରେ ଯାଇଥିବା ଏସ୍‌ପି ସର୍ବଣା ବିବେକ ଏମ୍. କାର୍ଯ୍ୟରେ ଯୋଗଦେଇ ମଙ୍ଗଳବାର ଏହାର ତଦନ୍ତ ଦାୟିତ୍ୱ ନେଇଛନ୍ତି।


ପୀତବାସ ପଣ୍ଡା


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ସୋମବାର ପୀତବାସ ଏସ୍ଏନ୍‌ଟି ରୋଡ଼ରେ ଥିବା ତାଙ୍କ ଚ୍ୟାମ୍ବରରୁ ନିଜ ସ୍କୁଟିରେ ବାହାରିଥିଲେ। ରାତି ପ୍ରାୟ ୧୦ଟା ଭିତରେ ବୈଦ୍ୟନାଥପୁର ଥାନା ବୈକୁଣ୍ଠ ନଗରସ୍ଥିତ ନିଜ ଘର ନିକଟରେ ପହଞ୍ଚିବା ପୂର୍ବରୁ ହେଲମେଟ୍ ପିନ୍ଧି ଏକ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅତି ନିକଟରୁ ଛାତିକୁ ଗୁଳି କରିଥିଲେ। ସେ ଘଟଣା ସ୍ଥଳରେ ଟଳି ପଡ଼ିଥିଲେ। ତତକ୍ଷଣାତ ତାଙ୍କୁ ଏମ୍‌କେସିଜିକୁ ନିଆଯାଇଥିଲା। ସେଠାରେ ଡାକ୍ତର ପୀତବାସଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ, ଜିଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସମେତ ଭାଜପାର ବହୁ ନେତା, କର୍ମୀ ଏବଂ ଗଞ୍ଜାମ ଓକିଲ ସଂଘର ଆଇନଜୀବୀମାନେ ପହଞ୍ଚି କେଉଁ କାରଣରୁ ପୀତବାସଙ୍କୁ ହତ୍ୟା କରାଯାଇଥିଲା ତାହାର ତର୍ଜମା କରିଥିଲେ।

ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡକୁ ନେଇ ବିଭିନ୍ନ ବିଷୟ ଚର୍ଚ୍ଚା ହେଉଛି। ବାଲି ଚୋରାଚାଲାଣ ବିରୋଧରେ ପୀତବାସ ସ୍ୱର ଉତ୍ତୋଳନ କରୁଥିଲେ। ଏହି ଚୋରାଚାଲାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଏହା ଏକ ଷଡଯନ୍ତ୍ର ହୋଇଥାଇପାରେ ବୋଲି ଆଲୋଚନା ହେଉଛି। ବିଭିନ୍ନ ଅନ୍ୟାୟ ବିରୋଧରେ ସେ ଆରଟିଆଇରେ ତଥ୍ୟ ମାଗି ଲୋକଙ୍କୁ ନ୍ୟାୟ ଦେଉଥିଲେ। ତେଣୁ ଏହା ମଧ୍ୟ ତାଙ୍କୁ ହତ୍ୟା ପଛର ଅନ୍ୟ ଏକ କାରଣ ହୋଇଥାଇପାରେ ବୋଲି କୁହାଯାଉଛି।


# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିସିଆଇ ଅଧ୍ୟକ୍ଷ

## ତୁରନ୍ତ ଦୋଷୀଙ୍କୁ ଧରି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ

**ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)**

ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯିବା ଘଟଣାକୁ ନେଇ ସବୁ ଆଡୁ ନିନ୍ଦା କରାଯାଉଛି। ଜଣେ ଆଇନଜୀବୀଙ୍କୁ ଯେଭଳି ରାସ୍ତା ଉପରେ ଗୁଳି କରି ହତ୍ୟା କରାଯାଇଛି ତାକୁ ସବୁଆଡୁ ସମାଲୋଚନା କରାଯିବା ସହ ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଧରିବା ଲାଗି ଦାବି ଜୋର୍ ହୋଇଛି। ଏହି ଘଟଣାରେ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ(ବିସିଆଇ) ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଡିଜିପି ୱାଇ.ବି. ଖୁରାନିଆଙ୍କୁ ଚିଠି ଲେଖି ଏହି ଘଟଣାରେ ଦ୍ୱରିତ କାର୍ଯ୍ୟାନୁଷ୍ଠାନ, ବାର୍‌ର ସୁରକ୍ଷା ଏବଂ ନିର୍ଦ୍ଦିଷ୍ଟ ସମୟ ଭିତରେ ଦଣ୍ଡବିଧାନ ଦାବି କରାଯାଇଛି।

ଚିଠିରେ ଉଲ୍ଲେଖ କରାଯାଇଛି, ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ନିନ୍ଦନୀୟ ଏହାକୁ ଦୃଢ଼ ବିରୋଧ କରାଯାଉଛି। ଓଡ଼ିଶା ରାଜ୍ୟ ବାର୍ କାଉନସିଲର ସେ ସଦସ୍ୟ ଥିଲେ। ନିକଟରେ ବାର୍ କାଉନସିଲ୍ ନିର୍ବାଚନର ସେ ଟପ୍ପର ଥିଲେ। ଏଭଳି ଜଘନ୍ୟକାଣ୍ଡ କୌଣସି ସାଧାରଣ ବ୍ୟକ୍ତିଙ୍କ ବିରୋଧରେ ନୁହେଁ ବରଂ ଏହା ରାଜ୍ୟର ଆଇନଗତ ସେବା ଏବଂ ନିୟମର ସ୍ୱାଧୀନତା ଉପରେ ସିଧାସଳଖ ଆକ୍ରମଣ। ଏହି ସମ୍ପର୍କରେ ଭାରତର ବିଭିନ୍ନ ପ୍ରାନ୍ତର ସଦସ୍ୟ ଏବଂ ଓଡ଼ିଶା ବାର୍ ପକ୍ଷରୁ ସୂଚନା ଆସିଛି। ପ୍ରମାଣ ମିଳିଛି, ସ୍ୱର୍ଗତ ପଣ୍ଡାଙ୍କୁ କେତେଜଣ ସଶସ୍ତ୍ର ଦୁର୍ବୃତ୍ତ ଟାର୍ଗେଟ କରିଛନ୍ତି। ଏହା ଜାଣି ଆଇନଜୀବୀ ସମୁଦାୟ ଆଶ୍ଚର୍ଯ୍ୟ ଏବଂ ଶୋକାଭିମୁଖୀ ହୋଇଛନ୍ତି। ଏଭଳି ଦୁଃଖଦ ସମୟରେ ସମସ୍ତେ ତାଙ୍କ ପରିବାର ଏବଂ ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ନିକଟରେ ସମବେଦନା ଜଣାଉଛନ୍ତି।


As homes light up with diyas, light up your celebrations with the happiness of driving a Kia. With GST and additional festive benefits, this is your moment to start a journey filled with comfort, tech, and style. Visit your nearest Kia dealership today.

| Model | Old Ex-showroom | New Ex-showroom | GST Reduction | Additional festive benefits up to | Total benefits |
|---|---|---|---|---|---|
| Sonet | ₹7 99 900 | ₹7 30 138 | ₹69 762 | ₹1 15 000 | ₹1 84 762 |
| Syros | ₹9 49 900 | ₹8 67 053 | ₹82 847 | ₹1 58 000 | ₹2 40 847 |
| Seltos | ₹11 18 900 | ₹10 79 276 | ₹39 624 | ₹1 60 000 | ₹1 99 624 |
| Carens | ₹10 86 412 | ₹10 47 454 | ₹38 958 | ₹88 000 | ₹1 26 958 |
| Carens Clavis | ₹11 59 412 | ₹11 17 835 | ₹41 577 | ₹1 23 000 | ₹1 64 577 |

*Benefits available on other Kia cars as per applicability.

For more information, visit our dealership or contact: 1800 108 5000 | 093195 91407 | www.kia.com | Book Kia | kiacare@kiaindia.net | Look for "Kia India" @

*Terms & condition apply. Ex-showroom price mentioned is for the base variant (PAN India). Benefits shown are the combination of exchange, loyalty, corporate, scrappage and special benefits, which are applicable on select models and variants, may vary from model to model and region to region. The product shown is for representation purposes only. Actual features, colors, and specifications may not be part or standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/ discontinue any offer/ scheme/ service without prior notice. Kia urges you to follow traffic rules, these are meant to keep you safe on the roads. Visit your nearest Kia dealership for more details.

**Basanti Kia :** Balasore, Tel: 7077732182

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ମ୍ୟୁଜିକ୍ ସର୍କଲ ପକ୍ଷରୁ ଗଜଲ୍ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଲାବଣ୍ୟ ଥିଏଟର ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'କୁହୁଡ଼ି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### ପୁରୀ
- ଲିଟିଲଷ୍ଟାର ଗ୍ରୁପ ପକ୍ଷରୁ ୨୪ତମ କୁମାର ଉତ୍ସବ ଓ ସାଂସ୍କୃତିକ ସମାରୋହ 'ଫୁଲ ବଉଳବେଣୀ', ସ୍ଥାନ: ଦେବୀମଣ୍ଡପ ପଡ଼ିଆ, ସମୟ: ଅପରାହ୍ନ ୫ଟା।

### ବାଲେଶ୍ୱର
- ସ୍ମୃତିଚାରଣ ସଭା, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ଡୁଡ଼ିଗଡ଼ିଆ ଶହୀଦ ସ୍ମୃତି ଭବନ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଛକ, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

### ଭଦ୍ରକ
- ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦୁଝର
- ବନ୍ୟ ପ୍ରାଣୀ ସପ୍ତାହ-୨୦୨୫, ମଣିଷ ଓ ହାତୀ ଏକାଠି ବସବାସ ସମ୍ପର୍କିତ ଆଲୋଚନା ଏବଂ ସ୍ୱତନ୍ତ୍ର ସଚେତନ ଥିଏଟର ଶୋ', ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ:ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ରାବଣପୋଡ଼ି ଉତ୍ସବ,ସ୍ଥାନ:ରାଜାଲୋକା ରାବଣପୋଡ଼ି ପଡ଼ିଆ, ଝାରପୋଖରିଆ,ସମୟ: ସନ୍ଧ୍ୟା ୭ଟା୩୦।

### ବ୍ରହ୍ମପୁର
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଗୁଡ୍‌ସ ସେଡ ରୋଡ ଓ ରେଡକ୍ରସ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- ବୃନ୍ଦାବନ ନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଗୀତା ଭବନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

### କନ୍ଧମାଳ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ ଟା।

### ଢେଙ୍କାନାଳ
- ଲକ୍ଷ୍ମୀପୂଜା ଭସାଣି ଉତ୍ସବ ବୈଠକ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ୪୦ତମ ନଟରାଜ କୁମାରୋତ୍ସବ ଉଦଯାପନ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।
- କାଞ୍ଚନ ବଜାର ପ୍ଲାଟିନମ୍ ଜୟନ୍ତୀ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:, କାଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା୩୦।
- ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦଘାଟନ, ସ୍ଥାନ: ପଲ୍ଲିଶ୍ରୀ ମେଳା ପଡିଆ, ମହିଷାପାଟ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦।

### ଅନୁଗୋଳ
- କଲମ ଛାଡ଼ ଆନ୍ଦୋଳନ, ସ୍ଥାନ: ଅନୁଗୋଳ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ଅନୁଗୋଳ ଲକ୍ଷ୍ମୀବଜାର ପୂଜା କମିଟି, ସମୟ: ଅପରାହ୍ନ ୧ଟା।
- ତାଳଚେର କିଶୋର କ୍ଲବର ୬୦ତମ ଦଶହରା କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: କିଶୋର କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।
- ହାର୍ଟବିଟ ନୃତ୍ୟ, ସ୍ଥାନ: ଆଠମଲ୍ଲିକ ଗାନ୍ଧୀ ପାର୍କ ଲକ୍ଷ୍ମୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### ଜଗତ୍‌ସିଂହପୁର
- ଆଭାସୀ ମାଧ୍ୟମରେ ଜମି ବିନିଯୋଗ ସମ୍ପର୍କିତ ଏକଜିଟ୍ କନଫରେନ୍ସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ତାରିଣୀ ମାର୍କେଟ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ଭଜନ ସମାରୋହ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରିଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମଡ଼ିଆଳ, କେନ୍ଦ୍ରାପଡ଼ା, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡ଼ା, ନାରାୟଣପୁର, କୁହୁଡ଼ି ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ଇଟାମାଟି ତେଲିସାହି, ନାରାୟଣିସାହି, ଗୌଡସାହି ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦ ।
- ଗଜଲକ୍ଷ୍ମୀ ପୂଜାର ୩ୟ ଦିବସରେ ସଂକୀର୍ତ୍ତନ, ସ୍ଥାନ: ନୟାଗଡ ବ୍ଲକ ରାଜପାଟଣା, ସମୟ:ଅପରାହ୍ନ ୨ଟା ।
- ଗଜଲକ୍ଷ୍ମୀ ପୂଜାର ୩ୟ ଦିବସରେ ପାଲା, ସ୍ଥାନ: ନୟାଗଡ ବ୍ଲକ ରାଜପାଟଣା, ସମୟ:ଅପରାହ୍ନ ୫ଟା ।
- ଗଜଲକ୍ଷ୍ମୀ ପୂଜାର ୩ୟ ଦିବସ, ସ୍ଥାନ:ଓଡଗାଁ ଲକ୍ଷ୍ମୀବଜାର ଲକ୍ଷ୍ମୀ ମନ୍ଦିର ; ଖଣ୍ଡପଡା ବ୍ଲକ ବେଣାଗାଡିଆ ; ନୟାଗଡ ସହରର ବିଭିନ୍ନ ପୂଜା ମଣ୍ଡପ ; ନୟାଗଡ ବ୍ଲକର ଷଠିଆପଲ୍ଲୀ ; ଗୋଡିପଡା ଷଡଙ୍ଗୀ ସାହି ; ଦଶପଲ୍ଲା ମହାବୀର କ୍ଷେତ୍ର ପୂଜା ମଣ୍ଡପ, ସମୟ:ସନ୍ଧ୍ୟା ୭ଟା।

### କୋରାପୁଟ
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ୭୧ତମ ୱାଇଲଡ ଲାଇଫ ସପ୍ତାହ ପାଳନ, ସ୍ଥାନ : କୋରାପୁଟ ବନଖଣ୍ଡ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

### ମାଲକାନଗିରି
- ଚଳଚିତ୍ର ମାଧ୍ୟମରେ ବନ୍ୟପ୍ରାଣୀ ସୁରକ୍ଷା ସମ୍ବନ୍ଧୀୟ ପ୍ରଦର୍ଶନ ଓ ସଚେତନ, ସ୍ଥାନ: ଜଗନ୍ନାଥ ପାଲ୍ଲୀ ଉଚ୍ଚ ବିଦ୍ୟାଳୟ, ଏମ୍.ଭି. ୭, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ, ସ୍ଥାନ: ମୋଟୁ ବନବିଭାଗ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବନ୍ୟପ୍ରାଣୀ ସୁରକ୍ଷା ସମ୍ବନ୍ଧୀୟ ପ୍ରଦର୍ଶନ ଓ ସଚେତନ, ସ୍ଥାନ: ଗନ୍ଧିପାଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା ।
- ମହାମାୟା କମ୍ପ୍ୟୁଟର ଶୋରୁମ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ବୁଢ଼ାରଜା ହାଇସ୍କୁଲ ନିକଟ, ସମୟ : ପୂର୍ବାହ୍ନ ୧୦ଟା ।
- ବରିଷ୍ଠ ତୀର୍ଥ ଯାତ୍ରା ଯୋଜନା ଶୁଭାରମ୍ଭ, ସ୍ଥାନ : ସମ୍ବଲପୁର ରେଳ ଷ୍ଟେଶନ, ସମୟ : ପୂର୍ବାହ୍ନ ୧୧ଟା ।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ମୁଦିପଡା ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ, ସମୟ : ସନ୍ଧ୍ୟା ୭ଟା ।
- ମା' ଗଜଲକ୍ଷ୍ମୀ ପୂଜା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଗୋପାଳପାଲି, ସମୟ: ସନ୍ଧ୍ୟା ୭ଟା।

### ବଲାଙ୍ଗୀର
- ନଅଗାଁ(ଖ) ପଞ୍ଚଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ , ସ୍ଥାନ: ନଅଗାଁ(ଖ) ହାଇସ୍କୁଲ ପଡିଆ, ଆଗଲପୁର ବ୍ଲକ, ସମୟ: ଅପରାହ୍ନ ୨ଟା ୩୦।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଭାଲିଆମୁଣ୍ଡା ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ,ସ୍ଥାନ: ଭାଲିଆମୁଣ୍ଡା ସାପ୍ତାହିକ ବଜାର ପଡିଆ, ଲୋଇସିଂହା ବ୍ଲକ, ସମୟ: ଅପରାହ୍ନ ୩ଟା ।

### ରାଉରକେଲା
- ଭାଗବତ ପରାୟଣ ଉତ୍ସବ, ସ୍ଥାନ: କଳ୍ପତରୁ ଆଶ୍ରମ, ବାସନ୍ତୀ କଲୋନି, ସମୟ: ସକାଳ ୬ଟା।
- ହବିଷିଆଳିଙ୍କ ସାମୂହିକ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ସେକ୍ଟର-୧୫, ରାଧାକୃଷ୍ଣ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ଛେଣ୍ଡ ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।
- ଗଜଲକ୍ଷ୍ମୀ ପୂଜା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୭ଟା।

### ବରଗଡ଼
- ବିଜ୍ଞାନ, ଗଣିତ ଶିକ୍ଷକଙ୍କୁ ପ୍ରଶିକ୍ଷଣ, ସ୍ଥାନ: ଜନତା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ଜନତା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ଅପରାହ୍ନ ୩ଟା।

### କଳାହାଣ୍ଡି
- ବ୍ରହ୍ମପୁର ଆଇନଜୀବୀଙ୍କ ହତ୍ୟା ଘଟଣା ପ୍ରତିବାଦରେ କଲମ ଛାଡ଼ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଜିଲା ଓ ଦୌରାଜଜ୍ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।
- ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ଶ୍ରୀମଦ ଦେବୀ ଭାଗବତ ମହାପୁରାଣ, ସ୍ଥାନ: ଶ୍ରୀ ଚନ୍ଦ୍ରଚୁଡ ମହାନଦୀ ଆଳତି ଘାଟ, ବୌଦ୍ଧ, ସମୟ: ସକାଳ ୮ଟା।
- ଘଣ୍ଟାପଡ଼ା ଗଜଲକ୍ଷ୍ମୀ ପୂଜାର ଭସାଣୀ ଉତ୍ସବ, ସ୍ଥାନ:ଘଣ୍ଟାପଡା, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ମଣିଣାଗୋରାରେ ବରୁଳ ଯାତ୍ରା, ସ୍ଥାନ:ମଣିଣାଗୋରା ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

### ଦେବଗଡ଼
- ମହାଲକ୍ଷ୍ମୀ ପୂଜା ଅବସରରେ ପୁରୀ ଶ୍ରୀମନ୍ଦିର ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳସ୍ଥିତ ଅସ୍ଥାୟୀ ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମହାଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକ, ରିଆମାଳ ଅସ୍ଥାୟୀ ପେଣ୍ଡାଲ, ସମୟ: ରାତି ୮ଟା ୩୦।

### ସୁବର୍ଣ୍ଣପୁର
- ବାଘମାରି ଗଜଲକ୍ଷ୍ମୀ ପୂଜା ପାଇଁ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ପୂଜା ମଣ୍ଡପ ସମ୍ମୁଖ, ସମୟ: ସକାଳ ୮ଟା।
- ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ରାମାୟଣ ପାରାୟଣ, ସ୍ଥାନ: ଗଜଲକ୍ଷ୍ମୀ ପଡ଼ିଆ, ସମୟ: ସକାଳ ୮ଟା।
- ଗଜଲକ୍ଷ୍ମୀ ପୂଜାର ତୃତୀୟ ଦିବସ, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତୁଳସୀ ରାମାୟଣ ପାରାୟଣର ତୃତୀୟ ଦିବସ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ଟା।
- ସୁବର୍ଣ୍ଣପୁରରେ କୈବର୍ତ୍ତ ସମାଜର ଜୁଗାର ଯାତ୍ରା, ସ୍ଥାନ: ମହାନଦୀ ତେନ୍ତୁଳିଘାଟ, ସମୟ: ପୂର୍ବାହ୍ନ ୧୧ଟା।
- ହରଗୌରୀ ଯାତ୍ରା ଅବସରରେ ହରଙ୍କ ଆଗମନ, ସ୍ଥାନ: ସୁବର୍ଣ୍ଣପୁର ସହର ଢେରାପଡା ସ୍ଥିତ ସ୍ୱର୍ଗତ ଗୋଲେଖନାଥ ସାହୁଙ୍କ ବାସଭବନ, ସମୟ: ସନ୍ଧ୍ୟା ୭ଟା।
- ବିନିକା ଜୁହ୍ନାପଡାରେ ଗଜଲକ୍ଷ୍ମୀ ପୂଜା ଅବସରରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗଜଲକ୍ଷ୍ମୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- କଂସ ଦରବାର, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା
- ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୮ଟା ୩୦।
- ସାର୍ବଜନୀନ ଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ସକାଳ ୯ଟା।
- ୧୫ ତମ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁ, ସମୟ: ସକାଳ ୯ଟା।
- ମା'ଗଜଲକ୍ଷ୍ମୀ ପୂଜା ଆଳତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ କୁମୁଟିମୁଣ୍ଡା ଗାଁ, ସମୟ: ରାତି ୮ଟା ୪୫।
- ୪୧ତମ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ହାତିସରା ଗାଁ, ସମୟ: ରାତି ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରା ମନକୁ ଆନନ୍ଦ ପ୍ରଦାନ କରିବା ସହ ବନ୍ଧୁଙ୍କ ଆଦରଣୀୟ ହେବେ। କୃତ୍ତିକା ନକ୍ଷତ୍ରର ମନରେ ଅସ୍ଥିରତା ଲାଗି ରହିବାରୁ ଅନ୍ୟମାନଙ୍କ କଥା ଆପଣଙ୍କୁ ଭଲ ଲାଗିବ ନାହିଁ। ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବାରୁ ଚିନ୍ତା ପ୍ରକଟ କରିବେ।

**ବୃଷ** ବନ୍ଧୁ କିମ୍ବା ଗୁରୁଜନଙ୍କ ଅନୁପସ୍ଥିତି ମନରେ ଗଭୀର ଆଘାତ ଆଣିଦେଇପାରେ। ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ରୋହିଣୀ ନକ୍ଷତ୍ର କ୍ରୀଡ଼ା, ସାମ୍ବାଦିକତା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। ପୂର୍ବରୁ ଲାଗି ରହିଥିବା ଶାରୀରିକ ଅସୁସ୍ଥତାଜନିତ ପୀଡ଼ାରେ କଷ୍ଟ ପାଇପାରନ୍ତି।

**ମିଥୁନ** ଆନୁଷ୍ଠାନିକ କାମରେ ଜନ ସମର୍ଥନ ପାଇବା ସହ ପାରିବାରିକ ଜୀବନ ସୁଖପ୍ରଦ ରହିବ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ପାରନ୍ତି। ଆର୍ଦ୍ରା ନକ୍ଷତ୍ର ପାଇଁ ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଓ ମାମଲାମକଦ୍ଦମାରେ ସ୍ଥିତି ଅନୁକୂଳ ହେବ। ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷପୂର୍ଣ୍ଣ ସ୍ଥିତି ଲାଗି ରହିଲେ ମଧ୍ୟ ପଛକୁ ଫେରିବେ ନାହିଁ। ଅଶ୍ଳେଷା ନକ୍ଷତ୍ର ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ପାଇ ଖୁସି ହେବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ। ପ୍ରକୃତ ଘଟଣାକୁ ପଡ଼ୋଶୀ ଭଲରୂପେ ନ ବୁଝି ଅଯଥା ଦୋଷାରୋପ କରିପାରନ୍ତି।

**ସିଂହ** ବନ୍ଧୁଙ୍କ ପରାମର୍ଶରେ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ସମାଲୋଚିତ ହେବେ। ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି ବ୍ୟସ୍ତତା ବୃଦ୍ଧି ପାଇବ। ଆଜିର ଯାତ୍ରା, ରାଜନୀତି, ଅଦାଲତ, ସଙ୍ଗଠନ କ୍ଷେତ୍ରରେ ସୁଫଳ ପାଇବେ।

**କନ୍ୟା** ପାରିବାରିକ ଜୀବନରେ ସମସ୍ୟା ରହିଥିଲେ ମଧ୍ୟ କାମ ହାସଲ ସକାଶେ ଅସୁବିଧା ହେବନାହିଁ। ଚିତ୍ରା ନକ୍ଷତ୍ରର ଭ୍ରାତୃବର୍ଗରେ କିମ୍ବା ସହକର୍ମୀଙ୍କ ସହ ମନାନ୍ତର ଘଟିପାରେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବାରେ ପଡ଼ୋଶୀ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଖର୍ଚ୍ଚ ବୃଦ୍ଧିପାଇବା କାରଣରୁ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

**ତୁଳା** ଭାବପ୍ରବଣତାର ବଶବର୍ତ୍ତୀ ହୋଇ ବିଭିନ୍ନ ଦୁର୍ଭାବନା ମନରେ ବସା ବାନ୍ଧିପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ, ଆଲୋଚନା ଏବଂ ସୁପରାମର୍ଶରୁ ମନ ହାଲୁକା ରହିପାରେ। ବିଶାଖା ନକ୍ଷତ୍ର ପ୍ରଶଂସନୀୟ କାମ କରି ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିପାରନ୍ତି।

**ବିଛା** ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବାର ଆଶା ରହିଛି। । କର୍ମକ୍ଷେତ୍ରର ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ଆଜି ଅନୁରାଧା ନକ୍ଷତ୍ର ସକାଶେ କୌଣସି ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି।

**ଧନୁ** କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରିବା ଠିକ୍ ହେବନାହିଁ। ବନ୍ଧୁଙ୍କ ପ୍ରେରଣାରେ କେତେକ ନୂତନ କାମର ପରିକଳ୍ପନା କରିପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ମକର** ସାମାଜିକ ସ୍ତରରେ ଉଚ୍ଚ ବର୍ଗର ବ୍ୟକ୍ତିଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଅସହ୍ୟ ହେବ। ଶ୍ରବଣା ନକ୍ଷତ୍ରର ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ନିଜ ଲୋକଙ୍କ ସହ ଝଗଡ଼ା ଲାଗିପାରେ ଏଣୁ ସତର୍କ ରହିବା ଭଲ।

**କୁମ୍ଭ** କର୍ମକ୍ଷେତ୍ରର ସମସ୍ୟା ଓ ପରିବାରର କୌଣସି ଘଟଣା ବିବ୍ରତ କରିପାରେ। ଶତଭିଷା ନକ୍ଷତ୍ରର ଜମିଜମା, କଳକାରଖାନା, ପରିବହନରେ ସମସ୍ୟା ଜଟିଳ ହେବ। ଚିନ୍ତା କରିଥିବା ଯୋଜନା ବିଗିଡ଼ି ଯିବା କାରଣରୁ ମନ ଭଲ ରହିବ ନାହିଁ। ପରୋକ୍ଷ ଶତ୍ରୁତା କାରଣରୁ ଯେତେ ଭଲ କାମ କଲେ ମଧ୍ୟ ନିଜ ପରିସରରେ ସମାଲୋଚିତ ହୋଇପାରନ୍ତି।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ରହିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ଆଜି ବନ୍ଧୁଙ୍କ ଗହଣରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ସଭାସମିତିରେ, ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇପାରେ।

ଆଜି ଅକ୍ଟୋବର ୮ ତାରିଖ, ଭାରତୀୟ ବାୟୁସେନା ଦିବସ, କାର୍ତ୍ତିକ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ବୁଧବାର। ରାଶିନକ୍ଷତ୍ର- ଅଶ୍ୱିନୀ/ମେଷ, ସକାଳ ଘ.୦୫.୪୨ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୩ମି. ଗତେ ଘ.୧୧.୩୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୪ମି. ଗତେ ଘ.୦୧.୦୧ମି. ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅତି ଉତ୍ତୁଙ୍ଗ ହୁଅନା କରଡ଼ି**
**ବଢ଼ିଗଲେ ହେବୁ ବାଉଁଶ**
**ଚିରିଦେଲେ ହେବୁ କୁଲା ବାଉଁଶିଆ,**
**ପୋଡ଼ିଦେଲେ ହେବୁ ପାଉଁଶ ।**

କଣିଟିଏ ବଢ଼ି ବଢ଼ି ବାଉଁଶ ହେଉଥିବାବେଳେ ସେହି ବାଉଁଶକୁ ଚିରି ଉକ୍ତ ବାଉଁଶ ପାତିଆରେ କୁଲା, ପାଛିଆ ଆଦି ପ୍ରସ୍ତୁତ କରାଯାଇଥାଏ। ପରିଶେଷରେ ସେହି ବାଉଁଶ ଦ୍ୱାରା ପ୍ରସ୍ତୁତ ଉପକରଣକୁ ପୋଡ଼ିଦେଲେ ଏହା ମୁଠାଏ ପାଉଁଶରେ ପରିଣତ ହେବାଭଳି ବଡ଼ ଲୋକର ଆତ୍ମବଡ଼ିମା କିଭଳି ଦିନେ ପତନୋନ୍ମୁଖୀ ହୁଏ ଏହା ତାହାର ଏକ ନିଚ୍ଛକ ଉଦାହରଣ ଭାବେ ଏଠାରେ ବର୍ଣ୍ଣନା କରାଯାଇଛି।

**ଅଲଣା ମୁହଁକୁ ନାହିଁ ଲାଜ**
**କୁଲାରେ ପକାଇ ବିରି ଭାଜ ।**

ଯେଉଁମାନଙ୍କ ମୁହଁରେ ଲାଜସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବିଦ୍ୟୁତ୍ ନ ଥିବା ୧୧୬ ଅଙ୍ଗନୱାଡ଼ି କେନ୍ଦ୍ରକୁ ମିଳିଲା ଏଲ୍‌ଇଡି ଟିଭି

**ଭୋପାଳ, ୭।୧୦**

ମଧ୍ୟପ୍ରଦେଶର ଆଦିବାସୀବହୁଳ ଉମରିଆ ଜିଲାରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ 'ସକ୍ଷମ ଅଙ୍ଗନୱାଡ଼ି ଆଧୁନିକୀକରଣ ଡ୍ରାଇଭ୍' ଅନ୍ତର୍ଗତ ଜିଲାର ୧୧୬ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗ୍ୟ ତାଲିକାଭୁକ୍ତ କରାଯାଇ ଅଧିକାରୀମାନେ ସେଠାରେ ଏଲ୍‌ଇଡି ଟିଭି ଏବଂ ୱାଟର ଫିଲ୍ଟର ସେଟ୍ ବାଣ୍ଟିଥିଲେ। ତେବେ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ନେଇ ସେଠାରେ ଉପସ୍ଥିତ କର୍ମୀମାନେ କହିଥିଲେ। ବିଦ୍ୟୁତ୍ ସଂଯୋଗ ପାଇଁ କେବଳ ତାର ଟଣାଯାଇଛି ବୋଲି ସେମାନେ କହିଥିଲେ। ଘଟଣାକୁ ନେଇ ଉମରିଆ ଜିଲାରେ ଚର୍ଚ୍ଚା ଏବଂ କୌତୂହଳ ପ୍ରକାଶ ପାଇଛି।

ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ, ଉମରିଆ ଜିଲାରେ ୭୮୬ଟି ଅଙ୍ଗନୱାଡ଼ି କେନ୍ଦ୍ର ପରିଚାଳିତ ହେଉଥିବାବେଳେ ସେଥିରୁ କେବଳ ୩୨୨ଟିରେ ବିଦ୍ୟୁତ୍ ସଂଯୋଗ ହୋଇଛି। ଅନ୍ୟ ୪୬୪ଟି କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ସୋମବାର ବିଦ୍ୟୁତ୍ ସଂଯୋଗ ନ ଥିବା ଜିଲାର ୧୧୬ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ପୁଷ୍ଟିକର ଖାଦ୍ୟ ସହ ପିଲାମାନଙ୍କୁ ଅନ୍‌ଲାଇନରେ ପ୍ରାଥମିକ ଶିକ୍ଷା ପ୍ରଦାନ ପାଇଁ ଏଲ୍‌ଇଡି ଟିଭି ଏବଂ ବିଶୁଦ୍ଧ ପାଣି ନିମନ୍ତେ ୱାଟର ଫିଲ୍ଟର ସେଟ୍ ଯୋଗାଇ ଦିଆଯାଇଥିଲା। ତେବେ ଟିଭି ଏବଂ ଫିଲ୍ଟର ସେଟ୍ ଚଳାଇବା ପାଇଁ କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ ସଂଯୋଗ କରିବାକୁ ଅଧିକାରୀମାନେ ଭୁଲିଯାଇଥିଲେ। ସ୍ଥାନୀୟ କର୍ମୀ ବନ୍ଦନା ସିଂ କହିଛନ୍ତି, ଅଙ୍ଗନୱାଡ଼ି କେନ୍ଦ୍ରକୁ ଏଲ୍‌ଇଡି ଟିଭି ଯୋଗାଇ ଦିଆଯାଇଛି, ହେଲେ କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ ନାହିଁ। ତେଣୁ ବିଜୁଳି ନ ଆସିବା ପର୍ଯ୍ୟନ୍ତ ଏଲ୍‌ଇଡି ସେଟ୍‌ଗୁଡ଼ିକ କେବଳ ସାଜସଜ୍ଜା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି। ଘଟଣାକୁ ନେଇ ଜିଲା ମହିଳା ଓ ଶିଶୁ ବିକାଶ ଅଧିକାରୀ ଦିବ୍ୟା ଗୁପ୍ତା କହିଛନ୍ତି, ଯେଉଁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ ସେ ସମ୍ପର୍କରେ ମଧ୍ୟପ୍ରଦେଶ ବିଦ୍ୟୁତ୍ ବୋର୍ଡ ସହ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ଉକ୍ତ କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ଦିବ୍ୟା କହିଛନ୍ତି।

## ୧୩ରେ ଦିଲ୍ଲୀରେ ହେବ ମହାନଦୀ ସଂସଦ



ଖବରଦାତା ସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**ଭୁବନେଶ୍ୱର,୭।୧୦(ବନ୍ଦନା ସେଠୀ)**

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଅକ୍ଟୋବର ୧୩ରେ ମହାନଦୀ ସଂସଦ ବସିବ। ଏନେଇ ଆନ୍ଦୋଳନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଓଡ଼ିଶା, ଛତିଶଗଡ଼ରୁ ପ୍ରତିନିଧିମାନଙ୍କ ସମେତ ଦେଶର ବିଭିନ୍ନ ନଦୀ ସୁରକ୍ଷା ନେଇ କାର୍ଯ୍ୟରତ ନେତୃତ୍ୱ, ମହାନଦୀ ଟ୍ରିବ୍ୟୁନାଲରେ ନିଯୁକ୍ତ ବ୍ୟକ୍ତିବିଶେଷ, ହାଇକୋର୍ଟ ଏବଂ ସୁପ୍ରିମକୋର୍ଟର ଓକିଲ, ନଦୀ ବିଶେଷଜ୍ଞମାନେ ଏଥିରେ ଯୋଗଦେବେ। ଭାଜପା, ବିଜେଡି, କଂଗ୍ରେସ ତଥା ଅନ୍ୟାନ୍ୟ ରାଜନୈତିକ ଦଳର ନେତାମାନଙ୍କୁ ମଧ୍ୟ ଏଥିରେ ଯୋଗଦେବାକୁ ନିବେଦନ କରାଯାଇଥିବା ସୂଚନା ଦିଆଯାଇଛି। ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ସରକାର ମଧ୍ୟସ୍ଥତା ଭିତ୍ତିରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେବେ କେବଳ ସରକାରୀ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଏହାକୁ ସୀମାବଦ୍ଧ କଲେ ସୁଫଳ ମିଳିବ ନାହିଁ। ମହାନଦୀର ଜଳ ଓ ଏହାର ବେସିନ ସହିତ ଜଡ଼ିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀ, ସାମାଜିକ ସଂଗଠନ,ରାଜନୈତିକ ଦଳ ଏବଂ ବିଶେଷଜ୍ଞମାନଙ୍କ ଭିତରେ ମଧ୍ୟ ସହମତି ଆସିବା ଦରକାର। ସେଥିପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାର ପଦକ୍ଷେପ ନେବା ଜରୁରୀ ବୋଲି କୁହାଯାଇଛି। ସମ୍ମିଳନୀରେ ଭାରତର ଜଳମାନବ ଡ. ରାଜେନ୍ଦ୍ର ସିଂ, ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଯୁଗ୍ମଆବାହକ ବାସୁଦେବ ଭଟ୍ଟ, ଉପଦେଷ୍ଟା ଇଂ. ଲଳିତ ମୋହନ ପଟ୍ଟନାୟକ, ପ୍ରସନ୍ନ କୁମାର ବିଶୋଇ ପ୍ରମୁଖ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ୧୨୧ କୋଟିର ହିସାବ...

କୌଣସି ଠୋସ୍ ଉତ୍ତର ଦେଇପାରିନାହାନ୍ତି। ସୂଚନାଯୋଗ୍ୟ, ଶାଳପଡ଼ା ମୁଖ୍ୟ ବିତ୍ତ ଅଧିକାରୀ ୨୦୧୯ରୁ ୨୦୨୩ ଜାନୁଆରୀ ମଧ୍ୟରେ ୪ଥର ପତ୍ର ଲେଖିଥିଲେ ହେଁ ବିଭାଗୀୟ ଅଧିକାରୀମାନେ କାହିଁକି ଚୁପ୍ ବସିଥିଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୨୪ ଜାନୁଆରୀ ୧୨ରେ ମୁଖ୍ୟ ବିତ୍ତ ଅଧିକାରୀ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ଯଦି ଏହି ବିପୁଳ ପରିମାଣର ଆର୍ଥିକ ଅନିୟମିତତା ନେଇ ଠୋସ୍ ଉତ୍ତର ତ୍ୱରିତ୍ ନ ମିଳିବ ତେବେ ସମୀକ୍ଷକଙ୍କ ପକ୍ଷରୁ ତତ୍କାଳୀନ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯିବ। ଏହାକୁ ନେଇ ଚଳିତମାସ ୪ ତାରିଖରେ ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ସୁବ୍ରତ କୁମାର ନାୟକ ଶାଳପଡ଼ା ସ୍ୱତନ୍ତ୍ର ଭୂଅଧିଗ୍ରହଣ ଅଧିକାରୀଙ୍କୁ ପତ୍ର ଲେଖି ଏହି ଦୁର୍ନୀତି ସମ୍ପର୍କରେ ଟିକିନିଖି ରିପୋର୍ଟ ଦେବାକୁ ଦର୍ଶାଇଛନ୍ତି।

ଶାଳପଡ଼ା ମୁଖ୍ୟ ବିତ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୧୪-୧୫ରେ ୨୯.୦୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୦୧୫-୧୬ରେ ୨୬.୪୧ କୋଟି, ୨୦୧୬-୧୭ରେ ୩୦.୮୯ କୋଟି, ୨୦୧୭-୧୮ରେ ୫.୬୨ କୋଟି, ୨୦୧୮-୧୯ରେ ୯୦.୬୨ କୋଟି, ୨୦୧୯-୨୦ରେ ୧୨.୭୭ କୋଟି, ୨୦୨୦-୨୧ରେ ୧୨.୭୮ କୋଟି, ୨୦୨୧-୨୨ରେ ୯୯.୧୦ ଲକ୍ଷ, ୨୦୨୨-୨୩ରେ ୨.୩୭ କୋଟି ଏବଂ ୨୦୨୩-୨୪ରେ ୩.୬୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପୂର୍ବ ସରକାରଙ୍କ ହୋଇଥିବା ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଏହି ଅନିୟମିତତାର ଠୋସ୍ ଉତ୍ତର କେବେ ମିଳିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ହଟିଲା କର୍ଫ୍ୟୁ...

ଘୋଷଣା ଅନୁଯାୟୀ ମଙ୍ଗଳବାର ସକାଳ ୧୦ଟା ପର୍ଯ୍ୟନ୍ତ କଟକ ସହରରେ କର୍ଫ୍ୟୁ କଟକଣା ଥିଲା। ଦରଘାବଜାର ସମେତ ୧୩ଟି ଥାନା ଅଞ୍ଚଳରେ ଏହା ଲଗାଯାଇଥିଲା। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସୁପାରିସ ଅନୁସାରେ ଗୃହ ବିଭାଗ ପକ୍ଷରୁ ଇଣ୍ଟରନେଟ୍ କଟକଣା ବୃଦ୍ଧି ପାଇଁ ସୂଚନା ଦିଆଯାଇଥିଲା। ସିଏମ୍‌ସି, ସିଡିଏ, ୪୨ ମୌଜାରେ କଟକଣା ଲଗାଯାଇଥିଲା। ୪୮ ଘଣ୍ଟା ପରେ ଏବେ କଟକରେ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଛି।


AYODHYA
The Land Of RAMA
ଶ୍ରୀ ପୁରନ୍ଦର ଦାସ
ଶ୍ରୀ ତ୍ୟାଗରାଜ
ଶ୍ରୀ ଅରୁଣାଚଳ କବି
ପ୍ରଭୁ ଶ୍ରୀରାମଙ୍କ ନଗରୀ ଅଯୋଧ୍ୟାରେ
ଦକ୍ଷିଣ ଭାରତର ପ୍ରମୁଖ ସନ୍ଥମାନଙ୍କ
ପ୍ରତିମାର ଅନାବରଣ
୮ ଅକ୍ଟୋବର, ୨୦୨୫ ଅପରାହ୍ନ ୪.୦୦ ଘ. ବୃହସ୍ପତି କୁଣ୍ଡ ସ୍ଥଳ, ଅଯୋଧ୍ୟା
ଦ୍ୱାରା
ଯୋଗୀ ଆଦିତ୍ୟନାଥ
ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ
ନିର୍ମଳା ସୀତାରାମନ
ମନ୍ତ୍ରୀ, ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର, ଭାରତ ସରକାର
ଗରିମାମୟ ଉପସ୍ଥିତି
ସୁରେଶ କୁମାର ଖନ୍ନା
ମନ୍ତ୍ରୀ, ଅର୍ଥ ଏବଂ ସଂସଦୀୟ କାର୍ଯ୍ୟ, ଉତ୍ତରପ୍ରଦେଶ
ସୂର୍ଯ୍ୟ ପ୍ରତାପ ଶାହୀ
ମନ୍ତ୍ରୀ, କୃଷି, କୃଷି ଶିକ୍ଷା ଏବଂ କୃଷି ଗବେଷଣା, ଉତ୍ତରପ୍ରଦେଶ
ଜୟବୀର ସିଂହ
ମନ୍ତ୍ରୀ, ପର୍ଯ୍ୟଟନ ଏବଂ ସଂସ୍କୃତି, ଉତ୍ତରପ୍ରଦେଶ
ରୋଲି ସିଂହ
ଅଧ୍ୟକ୍ଷ, ଜିଲ୍ଲା ପଞ୍ଚାୟତ, ଅଯୋଧ୍ୟା
ଗିରୀଶ ପତି ତ୍ରିପାଠୀ
ମହାପୌର, ଅଯୋଧ୍ୟା
ବେଦ ପ୍ରକାଶ ଗୁପ୍ତା
ବିଧାୟକ, ଅଯୋଧ୍ୟା
ରାମଚନ୍ଦ୍ର ଯାଦବ
ବିଧାୟକ, ରୁଦୌଲି
ଚନ୍ଦ୍ରଭାନୁ ପାସୱାନ
ବିଧାୟକ, ମିଲ୍‌କିପୁର
ଡା. ଅମିତ ସିଂହ ଚୌହାନ
ବିଧାୟକ, ବିକାପୁର
ଅଭୟ ସିଂହ
ବିଧାୟକ, ଗୋସାଇଁଗଞ୍ଜ
ହରିଓମ୍ ପାଣ୍ଡେୟ
ସଦସ୍ୟ, ବିଧାନ ପରିଷଦ
ସାଂସ୍କୃତିକ କାର୍ଯ୍ୟକ୍ରମ
• ଦକ୍ଷିଣ ଭାରତର ୩୯ ପ୍ରସିଦ୍ଧ ସଙ୍ଗୀତକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ • ଦକ୍ଷିଣ ଭାରତୀୟ ଭାଷାରେ କର୍ନାଟକ ସଙ୍ଗୀତ ପରିବେଷଣ
• ଜଟିଳ ରାଗ ଓ ତାଳର ମଣିକାଞ୍ଚନ ସଂଯୋଗର ଅଦ୍ଭୁତ ପ୍ରଦର୍ଶନ • ମୃଦଙ୍ଗମ୍, କଞ୍ଜିରା, ଘାଟମ ଏବଂ ମୋର୍ସିଙ୍ଗ୍‌ର ବିଲକ୍ଷଣ ବାଦ୍ୟ ସଂଯୋଜନ
ଅପରାହ୍ନ ୪.୩୦ ଘ. ପିଏଫ୍‌ସି ଲନ୍, ଶ୍ରୀରାମ ଜନ୍ମଭୂମି ମନ୍ଦିର
ସିଧା ପ୍ରସାରଣ
DD NEWS ଓ Youtube.com/DDNEWS Youtube.com/dduttarpradesh
ସୂଚନା ଏବଂ ଲୋକସମ୍ପର୍କ ବିଭାଗ, ଉତ୍ତରପ୍ରଦେଶ
UPGovtOfficial
CMOUttarpradesh
CMOfficeUP

> ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି । କାରଣ– ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ । ସେ ମଧ୍ୟ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି । କାରଣ ସେ ତାକୁ ସତ୍ୟରେ ପରିଣତ କରିବେ । ସେ ମଧ୍ୟ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି । କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି । **–ଶ୍ରୀଅରବିନ୍ଦ**

# ଖାଲି ବାହୁସ୍ଫୋଟ

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ କରାଯାଇଥିବା 'ଅପରେଶନ ସିନ୍ଦୂର'କୁ ୫ ମାସ ପୂରିଛି । ତଥାପି ଭାରତୀୟ ନେତା ଓ ସେନା ଅଧିକାରୀ ଏ ସଂକ୍ରାନ୍ତରେ ଯେଉଁଠି ପାରୁଛନ୍ତି ସେଠି ମତ ଓ ମନ୍ତବ୍ୟ ଦେଉଛନ୍ତି । ଅକ୍ଟୋବର ୨ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁଜରାଟର ଭୁଜ୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ ଗୁଜରାଟର ରଣନୈତିକ କ୍ଷେତ୍ର ସାର୍ କ୍ରିକ୍‌ରେ ପାକିସ୍ତାନ ସାମରିକ ଭିତ୍ତିଭୂମି ବିସ୍ତାର କରିଚାଲିଛି । ଯଦି ପାକିସ୍ତାନ ସେନା ଏହି ଅଞ୍ଚଳରେ ଅତିକ୍ରମଣ ଉଦ୍ୟମ କରେ ଭାରତ ତାହାର ଏଭଳି ଜବାବ ଦେବ ଯେ, ଏହା ସେଠାକାର ଇତିହାସ ଓ ଭୌଗୋଳିକ ପରିବର୍ତ୍ତନ କରିଦେଇପାରେ । ରାଜନାଥଙ୍କ କହିବାର ଦିନକ ପରେ ୩ ଅକ୍ଟୋବରରେ ରାଜସ୍ଥାନର ଅନୁପଗଡ଼ସ୍ଥିତ ଆର୍ମି ପୋଷ୍ଟରେ ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଥିଲେ, ପାକିସ୍ତାନ ଯଦି ମାନଚିତ୍ରରେ ନିଜ ଭୌଗୋଳିକ ଅବସ୍ଥିତି ବଜାୟ ରଖିବାକୁ ଚାହେଁ, ତାହା ହେଲେ ରାଷ୍ଟ୍ର–ପ୍ରାୟୋଜିତ ଆତଙ୍କବାଦକୁ ବନ୍ଦ କରୁ । ଅପରେଶନ ସିନ୍ଦୂର ବେଳେ ଭାରତ ଯେଭଳି ସଂଯମ ରକ୍ଷା କଲା, ପରବର୍ତ୍ତୀ ସମୟରେ କୌଣସି ସାମରିକ ଦ୍ୱନ୍ଦ୍ୱ ଦେଖାଦେଲେ ତାହାର ପୁନରାବୃତ୍ତି ହେବାକୁ ଦେବ ନାହିଁ । ଏହା କହିଲା ବେଳେ ଦ୍ୱିବେଦୀ ମଧ୍ୟ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ଯବାନଙ୍କୁ ପରାମର୍ଶ ଦେଇଥିଲେ । ଭାରତୀୟ ସେନାମୁଖ୍ୟଙ୍କ କହିବା ପରେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ ଧମକ ଦେଇ କହିଛନ୍ତି ଯେ ଭାରତ ତା'ର ଯୁଦ୍ଧବିମାନର ଭଗ୍ନାବଶେଷ ତଳେ ଚାପି ହୋଇଯିବ । ସେ ଆହୁରି କହିଛନ୍ତି, ଭାରତୀୟ ରାଜନେତା ଓ ସେନାଙ୍କ ବୟାନ ଦର୍ଶାଉଛି ଯେ ସେମାନେ ହରାଇଥିବା ବିଶ୍ୱସନୀୟତାକୁ ପୁନସ୍ଥାପନ କରିବାର ଏହା ଏକ ବିଫଳ ପ୍ରୟାସ ଏବଂ ମେ'ରେ ଅପରେଶନ ସିନ୍ଦୂର ପରେ ସେମାନେ ଚାପରେ ଅଛନ୍ତି । ୦–୬ରେ ଏଭଳି ନିର୍ଣ୍ଣାୟକ ପରାଜୟ ପରେ ଭାରତର ସ୍କୋର ପୂର୍ବାପେକ୍ଷା ଆହୁରି ଖରାପ ହେବ ବୋଲି ସେ କହିଛନ୍ତି । ଅସିଫ୍‌ଙ୍କ କଟାକ୍ଷରେ ୦–୬ ସ୍କୋର ସମ୍ପର୍କରେ କିଛି ସ୍ପଷ୍ଟ କହି ନ ଥିଲେ ମଧ୍ୟ ଅପରେଶନ ସିନ୍ଦୂର ସମୟରେ ପାକିସ୍ତାନ ଭାରତର ୬ଟି ଯୁଦ୍ଧ ବିମାନ ଖସାଇ ଦେଇଥିବା କଥାକୁ ଇଙ୍ଗିତ କରୁଛି । ଏଠାରେ ସୂଚନା ଦିଆଯାଇପାରେ ଯେ ୨୨ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୫ ଭାରତୀୟ ଓ ଜଣେ ନେପାଳୀ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା । ତା' ପରେ ୭ ମେ'ରେ ଭାରତ ଅପରେଶନ ସିନ୍ଦୂର କରିଥିଲା । ସ୍ମରଣ କରାଇ ଦିଆଯାଇପାରେ ଯେ ଅପରେଶନ ସିନ୍ଦୂର ଅଭିଯାନ ପରେ ମେ' ଶେଷ ଆଡ଼କୁ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇ ଭାରତର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ ସିଙ୍ଗାପୁରରେ ଆୟୋଜିତ ଶାଙ୍ଗ୍ରି–ଲା ଡାଏଲଗ୍‌ରେ କହିଥିଲେ, ଭାରତ ଓ ପାକିସ୍ତାନ ମଧ୍ୟରେ ମେ ୭ରୁ ୧୦ ଯାଏ ହୋଇଥିବା ସଂଘର୍ଷରେ ଭାରତୀୟ ଯୁଦ୍ଧ ବିମାନ ଖସିଥିଲା । କେତେ ଲଢୁଆ ବିମାନ ଖସିଛି ସେହି ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ କାହିଁକି ଖସିଥିଲା ତାହା ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ସେ କହିବା ବେଳେ ଭାରତର ୬ ଯୁଦ୍ଧ ବିମାନକୁ ଖସାଇଥିବା ନେଇ ପାକିସ୍ତାନ ଦାବିକୁ ଖଣ୍ଡନ କରିଥିଲେ ।

**ଅପରେଶନ ସିନ୍ଦୂର କରିବା ପୂର୍ବରୁ ଭାରତ ସେଭଳି ପ୍ରସ୍ତୁତ ହୋଇ ଯାଇଥିଲେ ତାହା ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥାଆନ୍ତା । ତାହା ନ କରି ଏବେ ପାକିସ୍ତାନ ବିରୋଧୀ ମନ୍ତବ୍ୟ ଦିଆଯାଉଥିବାରୁ ଭାରତର ଭାବମୂର୍ତ୍ତି ବିଶ୍ୱସ୍ତରରେ କ୍ଷୁଣ୍ଣ ହେଉଛି । ଏହାର ଉର୍ଦ୍ଧ୍ୱକୁ ଯାଇ ଚିନ୍ତା କଲେ ହୁଏତ ସମ୍ମାନ ପାଇପାରନ୍ତା ।**

ପାକିସ୍ତାନ ପ୍ରତି ଏବେ ଭାରତୀୟ ସେନା ମୁଖ୍ୟ ଜେନେରାଲ ଦ୍ୱିବେଦୀ ଦେଇଥିବା ମନ୍ତବ୍ୟକୁ ଯଦି ଦେଖାଯାଏ ତାହା ଏକ ଲୁଜ୍ ଟକ୍ ବା ହାଲୁକା କଥା ଭାବରେ କୁହାଯାଇପାରେ । ଯଦି ସେ କହୁଛନ୍ତି ପରବର୍ତ୍ତୀ ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ହେଲେ ଭାରତ ସଂଯମ ରକ୍ଷା ନ କରି ମୁହଁତୋଡ଼ ଜବାବ ଦେବ, ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ ୭ ମେ'ରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ନ ହୋଇ ଭାରତ କାହିଁକି ଅପରେଶନ ସିନ୍ଦୂର କରିଥିଲା । ଏହା ଆରମ୍ଭ କଲା ଓ ୪ ଦିନ ପରେ ଶେଷ କରିଦେବାକୁ କିଏ କହିଥିଲା ବୋଲି ମଧ୍ୟ ସାଧାରଣରେ ପ୍ରଶ୍ନ ଉଠୁଛି । ଓଡ଼ିଆରେ ଢଗ ଅଛି–'ଅସରପା ଗୋଟେ ଚଢ଼େଇ' । ସେମିତି ପାକିସ୍ତାନ ଗୋଟେ କିଭଳି ଦେଶ ଯେ ତା' ପଛରେ ଭାରତ ପଡ଼ିବା ଆଦୌ ଶୋଭା ପାଉ ନାହିଁ । ଭାରତ ଯଦି ଇସ୍ରାଏଲ ଭଳି ପରାକ୍ରମ ଦେଖାଇପାରନ୍ତା, ତାହା ହେଲେ ତା'ର ସର୍ବୋଚ୍ଚ ସେନା କର୍ତ୍ତୃପକ୍ଷଙ୍କ କଥା ଗୁରୁତ୍ୱ ଲାଭ କରନ୍ତା । ଉଲ୍ଲେଖଯୋଗ୍ୟ, ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ଆତଙ୍କବାଦୀ ସଙ୍ଗଠନ ହମାସ ଆକ୍ରମଣ କରିଥିଲା । ସେବେଠୁ ଏବେ ଯାଏ ଦୀର୍ଘ ଦୁଇ ବର୍ଷ ହେବ ଇସ୍ରାଏଲ ସ୍ୱତନ୍ତ୍ର ରଣକୌଶଳ କରି ଗାଜା ଉପରେ ପ୍ରତିଆକ୍ରମଣ ଜାରି ରଖିଛି । ତେଣୁ ଅପରେଶନ ସିନ୍ଦୂର କରିବା ପୂର୍ବରୁ ଭାରତ ସେଭଳି ପ୍ରସ୍ତୁତ ହୋଇ ଯାଇଥିଲେ ତାହା ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥାଆନ୍ତା । ତାହା ନ କରି ଏବେ ପାକିସ୍ତାନ ବିରୋଧୀ ମନ୍ତବ୍ୟ ଦିଆଯାଉଥିବାରୁ ଭାରତର ଭାବମୂର୍ତ୍ତି ବିଶ୍ୱସ୍ତରରେ କ୍ଷୁଣ୍ଣ ହେଉଛି । ଏହାର ଉର୍ଦ୍ଧ୍ୱକୁ ଯାଇ ଚିନ୍ତା କଲେ ହୁଏତ ସମ୍ମାନ ପାଇପାରନ୍ତା ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 1 | 9 | | | 6 |
| | | 3 | | | 6 | | | 1 |
| | | | | | | | 4 | |
| | | | | | | 4 | | |
| | 8 | 6 | | | | | | 5 |
| 7 | 2 | | | 5 | | | 3 | |
| | 9 | | | | 3 | 1 | | |
| | | | | | | 2 | | 9 |
| | 5 | | | 8 | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 2 | 4 | 1 | 8 | 3 | 7 | 9 |
| 8 | 9 | 7 | 5 | 6 | 3 | 2 | 1 | 4 |
| 4 | 3 | 1 | 9 | 7 | 2 | 8 | 6 | 5 |
| 1 | 6 | 8 | 2 | 9 | 5 | 4 | 3 | 7 |
| 9 | 4 | 3 | 7 | 8 | 1 | 5 | 2 | 6 |
| 7 | 2 | 5 | 3 | 4 | 6 | 1 | 9 | 8 |
| 2 | 7 | 4 | 8 | 3 | 9 | 6 | 5 | 1 |
| 3 | 8 | 6 | 1 | 5 | 7 | 9 | 4 | 2 |
| 5 | 1 | 9 | 6 | 2 | 4 | 7 | 8 | 3 |

ଗତକାଲିର ଉତ୍ତର

# କାରଖାନା କୃଷି କେତେ ଉପଯୋଗୀ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜନସଂଖ୍ୟାର ବିସ୍ଫୋରଣ ତଥା ଜୀବନଶୈଳୀରେ ପରିବର୍ତ୍ତନ ପରିପ୍ରେକ୍ଷୀରେ ସମ୍ପ୍ରତି ବିଶ୍ୱରେ ଖାଦ୍ୟ ଚାହିଦା ଏବଂ ଭିନ୍ନତାରେ ଯଥେଷ୍ଟ ବୃଦ୍ଧି ହୋଇଛି । ଏପରି ଚିତ୍ରପଟରେ 'କାରଖାନା କୃଷି' ବା 'ସଘନ ପ୍ରାଣୀ କୃଷି' (ଫ୍ୟାକ୍ଟ୍ରି ଫାର୍ମିଂ) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି, ଯାହା ଖର୍ଚ୍ଚ ହ୍ରାସ ସହ ଉତ୍ପାଦନକୁ ସର୍ବାଧିକ କରିବା ଲକ୍ଷ୍ୟରେ କାର୍ଯ୍ୟରତ ଏକ ବୃହତ୍ ଶିଳ୍ପଭିତ୍ତିକ କୃଷି ପ୍ରଣାଳୀକୁ ବୁଝାଏ । ବିଗତ କିଛି ଦଶନ୍ଧି ମଧ୍ୟରେ ଦ୍ରୁତ ଗତିରେ ବୃଦ୍ଧି ପାଇଥିବା ଏହି ପଦ୍ଧତିରେ ପ୍ରାଣୀମାନଙ୍କୁ ସଂକୀର୍ଣ୍ଣ, ପ୍ରତିବନ୍ଧିତ ସ୍ଥାନରେ, ନିୟନ୍ତ୍ରିତ ପରିବେଶରେ ସୀମିତ କରି ରଖାଯାଏ, ଯେଉଁଠାରେ ବାୟୁଚଳନ କିମ୍ବା ପ୍ରାକୃତିକ ଆଲୋକର ଯଥେଷ୍ଟ ସୁବିଧା ଉପଲବ୍ଧ ନ ଥାଏ । ସେମାନେ ନିଷ୍ଠୁରତାର ଶିକାର ହେବା ସହ ସେମାନଙ୍କ ସୁସ୍ଥତା ପ୍ରତି ପ୍ରାୟତଃ ଧ୍ୟାନ ଦିଆଯାଇ ନ ଥାଏ । କାରଖାନା କୃଷି ସାଧାରଣତଃ ମାଂସ, କ୍ଷୀର ଏବଂ ଅଣ୍ଡାର ବହୁଳ ଉତ୍ପାଦନ ସହିତ ଜଡ଼ିତ, ଯଦିଓ ଏହା ମତ୍ସ୍ୟଚାଷ ଏବଂ ଫସଲ ପରି ଅନ୍ୟାନ୍ୟ କୃଷି ପଦ୍ଧତିକୁ ମଧ୍ୟ କ୍ରମେ ବିସ୍ତାରିତ ହୋଇଛି । ବିଂଶ ଶତାବ୍ଦୀର ପ୍ରାରମ୍ଭରୁ କାରଖାନା କୃଷିର ଅଭ୍ୟୁଦୟ ଘଟିଥିଲେ ସୁଦ୍ଧା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଯୁଗରେ ପ୍ରଯୁକ୍ତିବିଦ୍ୟା,ପରିବହନରେ ଅଗ୍ରଗତି ତଥା ରାସାୟନିକ ସାର ଓ କୀଟନାଶକର ବ୍ୟାପକ ବ୍ୟବହାର ସହିତ ଏହା ଲୋକପ୍ରିୟତା ହାସଲ କରିଥିଲା । ଏହାର ମୌଳିକ ଲକ୍ଷ୍ୟ ହେଉଛି, ବିଶେଷକରି ଦ୍ରୁତଗତିରେ ଜନସଂଖ୍ୟା ବଢୁଥିବା ସହରାଞ୍ଚଳରେ ଖାଦ୍ୟର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା । ଶିଳ୍ପ ବ୍ୟବସ୍ଥାର 'ବହୁଳ ଉତ୍ପାଦନ କୌଶଳ'କୁ ଅବଲମ୍ବନ କରି, କାରଖାନା କୃଷି ଏକା ସମୟରେ ଅନେକ ହଜାର ପ୍ରାଣୀଙ୍କୁ ଏକତ୍ର ରଖି ଅପେକ୍ଷାକୃତ ସ୍ୱଳ୍ପ ସମୟରେ, କମ୍ ଖର୍ଚ୍ଚରେ ପ୍ରଚୁର ପରିମାଣରେ ଖାଦ୍ୟ ଉତ୍ପାଦନ କରିବାରେ ସକ୍ଷମ ହୁଏ । ଏପରି କେନ୍ଦ୍ରୀକରଣର ଅର୍ଥ ହେଉଛି କାରଖାନା ଫାର୍ମଗୁଡ଼ିକ ପ୍ରଜନନଠାରୁ ହତ୍ୟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଯୋଗାଣ ଶୃଙ୍ଖଳକୁ ନିୟନ୍ତ୍ରଣ ଏବଂ ସୁବ୍ୟବସ୍ଥିତ କରିପାରିବେ ।

ଏପରି ସଘନ ପାଳନର ବିବାଦୀୟ ଦିଗ ହେଉଛି ଏଥିରେ ପଶୁମାନଙ୍କୁ ଅତ୍ୟଧିକ ଭିଡ଼, ସୀମିତ ଚଳପ୍ରଚଳ ସୁବିଧା ଏବଂ ଅପର୍ଯ୍ୟାପ୍ତ ଚିକିତ୍ସା ସେବାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଦୃଷ୍ଟାନ୍ତ ସ୍ୱରୂପ, ଘୁଷୁରିମାନଙ୍କୁ ପ୍ରାୟତଃ ଛୋଟ ଗର୍ଭଧାରଣ ଡାବଲରେ ସୀମିତ ରଖାଯାଏ, ଯେଉଁଠାରେ ସେମାନେ ଠିକ୍ ରୂପେ ବୁଲିପାରନ୍ତି ନାହିଁ । କୁକୁଡ଼ାମାନେ ବ୍ୟାଟେରି ପିଞ୍ଜରାରେ ଆବଦ୍ଧ ରୁହନ୍ତି, ଯେଉଁଠି ସେମାନଙ୍କ ଡେଣା ବିସ୍ତାର କରିବା ସମ୍ଭବପର ହୁଏନାହିଁ । ଏପରି ପରିସ୍ଥିତି ପ୍ରାଣୀଙ୍କ ପାଇଁ ମାନସିକ ଏବଂ ଶାରୀରିକ ଯନ୍ତ୍ରଣାର କାରଣ ହୁଏ, ଫଳରେସେମାନେ ବିଭିନ୍ନ ରୋଗ, ବିକୃତି ଏବଂ ଆଘାତ ସମେତ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିଥାନ୍ତି । ପ୍ରାଣୀମାନଙ୍କର ଶୀଘ୍ର ବୃଦ୍ଧି ଲକ୍ଷ୍ୟରେ ବାଛି ବାଛି ପ୍ରଜନନ କରାଯାଏ, ଯାହାର ପରିଣାମରେ ମାଂସପେଶୀର କ୍ଷତି ଏବଂ ବ୍ରଏଲର୍ କୁକୁଡ଼ାଙ୍କର ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି ହୁଏ । ଅଧିକନ୍ତୁ, ଏହି ଫାର୍ମଗୁଡ଼ିକ ପ୍ରାୟତଃ ଅମାନବୀୟ ହତ୍ୟା ପଦ୍ଧତି ଅବଲମ୍ବନ କରନ୍ତି, ଯେପରିକି ପ୍ରାଣୀମାନଙ୍କୁ ହତ୍ୟା କରିବା ପୂର୍ବରୁ ବିଦ୍ୟୁତ୍ ଆଘାତ କିମ୍ବା ଗ୍ୟାସ ପ୍ରୟୋଗ ଦ୍ୱାରା ଆତଙ୍କିତ କରିବା । ପ୍ରାଣୀ ଅଧିକାର ସଂଗଠନଗୁଡ଼ିକ କାରଖାନା କୃଷିନୀତିକୁ ସମାଲୋଚନାକରି ଯୁକ୍ତି ବାଢ଼ନ୍ତି ଯେ ମଣିଷ ପରି ପଶୁଙ୍କର ମଧ୍ୟ ଦୁଃଖ ଏବଂ ଶୋଷଣରୁ ମୁକ୍ତ ହୋଇ ବଞ୍ଚିବାର ଅଧିକାର ରହିଛି ।



ଏହି କୃଷି ପଦ୍ଧତିର କେତେକ ପରିବେଶଗତ ସମସ୍ୟା ରହିଛି । କାରଖାନା ଫାର୍ମଗୁଡ଼ିକର ମୌଳିକ ଆବଶ୍ୟକତା ହେଉଛି ପ୍ରଚୁର ପରିମାଣରେ ଜମି, ଜଳ ଏବଂ ଖାଦ୍ୟ । ଉଦାହରଣ ସ୍ୱରୂପ, ଗୋଟିଏ ଗାଈ ନିମନ୍ତେ ପ୍ରତିଦିନ ଶହ ଶହ ଲିଟର ପାଣି ଦରକାର ପଡ଼େ । ପଶୁମାନଙ୍କର ଖାଇବା ନିମନ୍ତେ ବିପୁଳ ପରିମାଣର ଖାଦ୍ୟଶସ୍ୟ ଦରକାର ପଡ଼େ । ଏହା ପ୍ରାକୃତିକ ସମ୍ପଦ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରେ, ଯାହା ଜଙ୍ଗଲ ହ୍ରାସ, ଜଳ ସଙ୍କଟ ଓ ପ୍ରଦୂଷଣ ଏବଂ ମୃତ୍ତିକା ଅବକ୍ଷୟ ଭଳି ସମସ୍ୟାର କାରଣ ହୁଏ । ଏହା ସହିତ କାରଖାନା ଫାର୍ମଗୁଡ଼ିକ ମିଥେନ ଭଳି ସବୁଜଗୃହ ଗ୍ୟାସ ନିର୍ଗମନର ପ୍ରମୁଖ ଉତ୍ସ । ଏହା ପଶୁପାଳନ, ବିଶେଷକରି ଗାଈ ଏବଂ ମେଣ୍ଢାଙ୍କ ଠାରୁ ପ୍ରଚୁର ପରିମାଣରେ ନିର୍ଗତ ହୁଏ । ଯନ୍ତ୍ରପାତି ଚଳାଇବାଠାରୁ ଆରମ୍ଭ କରି ପଶୁ ପରିବହନ ପର୍ଯ୍ୟନ୍ତ, କାରଖାନା କୃଷି କାର୍ଯ୍ୟରେ ଜୀବାଶ୍ମ ଇନ୍ଧନର ବ୍ୟାପକ ବ୍ୟବହାର ହୁଏ, ଯେଉଁଥିରୁ ନିର୍ଗତ ଅଙ୍ଗାରକାମ୍ଳ ଓ ଅନ୍ୟ ସବୁଜଗୃହ ବାଷ୍ପ ଜଳବାୟୁ ପରିବର୍ତ୍ତନକୁ ଆହୁରି ତୀବ୍ର କରେ ।

କାରଖାନା କୃଷି ଅନେକ ସାର୍ବଜନୀନ ସ୍ୱାସ୍ଥ୍ୟଗତ ବିପଦ ସହିତ ଜଡ଼ିତ । ଫାର୍ମଗୁଡ଼ିକର ସଂକୀର୍ଣ୍ଣ, ଅପରିଷ୍କାର ପରିସ୍ଥିତି ବିଭିନ୍ନ ରୋଗ ସୃଷ୍ଟି କରେ, ଯାହା ମଧ୍ୟରୁ କିଛି ରୋଗ ମଣିଷକୁ ବ୍ୟାପିବାର ସମ୍ଭାବନା ଥାଏ । ବାର୍ଡ଼ ଫ୍ଲୁ ଏବଂ ସ୍ୱାଇନ୍ ଫ୍ଲୁ ଭଳି ପ୍ରାଣୀଉତ୍ସ (ଜୁନୋଟିକ) ରୋଗର ପ୍ରାଦୁର୍ଭାବ ପ୍ରାୟତଃ କାରଖାନା ଫାର୍ମରୁ ଆରମ୍ଭ ହୋଇଛି । ପ୍ରାଣୀମାନଙ୍କର ଶାରୀରିକ ବୃଦ୍ଧି ଘଟାଇବା ଏବଂ ରୋଗ ସଂକ୍ରମଣ ରୋକିବା ନିମନ୍ତେ ଉଦ୍ଦିଷ୍ଟ ପଶୁଖାଦ୍ୟରେ ନିୟମିତ ଆଣ୍ଟିବାୟୋଟିକ୍‌ବ୍ୟବହାର, ଆଣ୍ଟିବାୟୋଟିକ୍–ପ୍ରତିରୋଧୀ ବୀଜାଣୁମାନଙ୍କର ଉତ୍ପତ୍ତିକୁ ପ୍ରଶ୍ରୟ ଦେଇଛି, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ବିପଦ ସୃଷ୍ଟିକରେ । ଏହା ସହିତ କାରଖାନା କୃଷି ପଦ୍ଧତି ଖାଦ୍ୟଜନିତ ରୋଗ ବୃଦ୍ଧି କରେ । ମାଂସର ବୃହତ୍ ପରିମାଣର ପ୍ରକ୍ରିୟାକରଣରେ ପ୍ରାୟତଃ ସତେଜତାର ସଂରକ୍ଷଣ ଏବଂ ପ୍ରଦୂଷଣର ପ୍ରତିରୋଧ ନିମନ୍ତେ କେତେକ ରାସାୟନିକ ପଦାର୍ଥ ଏବଂ ଏଡିଟିଭ୍ସ ବ୍ୟବହାର ହୋଇଥାଏ । ତଥାପି ଏହି ପଦକ୍ଷେପଗୁଡ଼ିକ ସର୍ବଦା ପ୍ରଭାବଶାଳୀ ହୋଇ ନ ପାରେ, ଯାହାର ପରିଣାମରେ ଇ. କୋଲାଇ ଏବଂ ସାଲମୋନେଲା ଭଳି ରୋଗର ପ୍ରାଦୁର୍ଭାବ ଘଟିଥାଏ ।

ଏହି ପ୍ରାଣୀ କୃଷିର ନକାରାତ୍ମକ ପ୍ରଭାବ ପ୍ରସଙ୍ଗରେ ସଚେତନତା ବୃଦ୍ଧି ପାଇବା ସହିତ ବିକଳ୍ପ ପନ୍ଥା ନିମନ୍ତେ ଆହ୍ୱାନ ସୃଷ୍ଟି ହୋଇଛି । ଏଥିମଧ୍ୟରୁ କେତୋଟି ହେଉଛି ଜୈବିକ କୃଷି, ମୁକ୍ତ–ପରିସର ପ୍ରାଣୀପାଳନ ଏବଂ ପ୍ରୟୋଗଶାଳାରେ ଉତ୍ପାଦିତ (କଲ୍‌ଚର୍ଡ) ମାଂସ, ଯାହା ପଶୁହତ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂରୀଭୂତ କରିବାର ଲକ୍ଷ୍ୟ ରଖେ । ଏହି ବିକଳ୍ପଗୁଡ଼ିକ ସାଧାରଣତଃ ପ୍ରାଣୀ କଲ୍ୟାଣ, ପରିବେଶୀୟ ସ୍ଥିରତା ଏବଂ ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଏ । ଯଦିଓ ଏଗୁଡ଼ିକ ଉତ୍ପାଦନ ଦୃଷ୍ଟିରୁ ଅଧିକ ମହଙ୍ଗା, ଅନେକ ଯୁକ୍ତି ବାଢ଼ନ୍ତି ଯେ ଦୀର୍ଘକାଳୀନ ହିତସାଧନ ହେଉଛି ବ୍ୟୟ ତୁଳନାରେ ଅଧିକ ଲାଭଜନକ । ଏହା ସହିତ ଉଦ୍ଭିଦ–ଆଧାରିତ ଖାଦ୍ୟ ଏବଂ ଉଦ୍ଭିଦ–ପ୍ରସ୍ତୁତ ବିକଳ୍ପର ବୃଦ୍ଧି ପ୍ରାଣୀ ଉତ୍ପାଦର ଚାହିଦାକୁ କ୍ରମେ ହ୍ରାସ କରୁଛି, ଯାହା କାରଖାନା କୃଷିର ପ୍ରଭାବକୁ ନିମ୍ନଗାମୀ କରିବା ନିମନ୍ତେ ଏକ ଉତ୍ତମ ଉପାୟ ପ୍ରଦାନ କରେ । ଅଧିକ ମାନବୀୟ ଏବଂ ସ୍ଥାୟୀ କୃଷି ପଦ୍ଧତିର ପ୍ରୋତ୍ସାହନ ଦିଗରେ ଆନ୍ଦୋଳନମାନ କ୍ରମେ ଗତିଶୀଳ ହେଉଛି । ଅନ୍ୟପକ୍ଷରେ କେତେକ ଉପଭୋକ୍ତା, କର୍ମୀ ଏବଂ ନୀତି ନିର୍ଦ୍ଧାରକ ବର୍ତ୍ତମାନର ଖାଦ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ଘଟାଇବା ନିମନ୍ତେ ଆହ୍ୱାନ ଦେଉଛନ୍ତି ।

କାରଖାନା କୃଷି ପ୍ରଣାଳୀ ଖାଦ୍ୟ ଉତ୍ପାଦନରେ ବିପ୍ଳବ ଆଣିଛି ସତ, କିନ୍ତୁ ଏହା ଘଟିଛି ଗୁରୁତ୍ୱପୂର୍ଣ୍ଣ ନୈତିକ, ପରିବେଶଗତ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମୂଲ୍ୟରେ । ସମାଜ ଏପରି ଆହ୍ୱାନସବୁର ସମ୍ମୁଖୀନ ହେଉଥିବା ପରିପ୍ରେକ୍ଷୀରେ, ଖାଦ୍ୟ ଉତ୍ପାଦନର ଭବିଷ୍ୟତକୁ ସୁଦୃଢ଼ କରିବା ନିମନ୍ତେ ଦକ୍ଷତା ସହିତ ସହନୀୟତା ଏବଂ କରୁଣାକୁ ସନ୍ତୁଳିତ କରୁଥିବା ସମାଧାନର ପନ୍ଥା ନିରୂପଣ ତାତ୍ପର୍ଯ୍ୟପୂର୍ଣ୍ଣ ହେବ । ଏହି ଶିଳ୍ପରେ ସଂସ୍କାର ମାଧ୍ୟମରେ ହେଉ, ଉଦ୍ଭିଦ–ଆଧାରିତ ଖାଦ୍ୟ ବ୍ୟବହାରରେ ବୃଦ୍ଧି ଦ୍ୱାରା ହେଉ ଅଥବା ଅଭିନବ ବିକଳ୍ପ ବିକାଶ ମାଧ୍ୟମରେ ହେଉ, କାରଖାନା କୃଷି ସହିତ ଜଡ଼ିତ ସମସ୍ୟାଗୁଡ଼ିକର ସମାଧାନ ଆଗାମୀ ବର୍ଷଗୁଡ଼ିକରେ ମଣିଷ ଏବଂ ପ୍ରାଣୀ ଉଭୟଙ୍କ କଲ୍ୟାଣ ସାଧନ ନିମନ୍ତେ ଅପରିହାର୍ଯ୍ୟ ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

# ଦେଶପ୍ରେମର ପରିଭାଷା



ସୁଧାଂଶୁ ରଞ୍ଜନ ଦାସ

ଦେଶପ୍ରେମ ବିନା କୌଣସି ଦେଶ କିମ୍ବା ରାଜ୍ୟ ପ୍ରଗତି କରିପାରେ ନାହିଁ । ସାରା ବିଶ୍ୱ ଗୋଟିଏ ସଂସ୍କୃତି, ଗୋଟିଏ ବିଚାରଧାରା ଓ ଗୋଟିଏ ପରିବାର ବୋଲି ଶୁଣିବାକୁ ଭଲ ଲାଗିଲେ ବି ତାହା ପ୍ରକୃତରେ ପ୍ରତିଫଳିତ ହୁଏ ନାହିଁ । ଫଳରେ ବିଶ୍ୱର ବିବିଧତା ନଷ୍ଟ ହୋଇ ଏକଚ୍ଛତ୍ରବାଦ, ବେରୋଜଗାର ଓ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ । ବିକଶିତ ଦେଶଗୁଡ଼ିକର ଉନ୍ନତ ଟେକ୍ନୋଲୋଜି ଓ କୌଶଳ ସହଜରେ ନିଜ ଦେଶର ସୀମା ଟପେ ନାହିଁ । ବିକାଶଶୀଳ ଦେଶଗୁଡ଼ିକୁ ଏହି ନୂତନ ଟେକ୍ନୋଲୋଜି ଓ କୌଶଳ ପାଇବାପାଇଁ ଅତ୍ୟଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡ଼େ । ତଥାପି ଏହି ସବୁଦେଶ ନୂତନ ଟେକ୍ନୋଲୋଜି ପାଇପାରନ୍ତି ନାହିଁ । ବିଶ୍ୱ ସଂସ୍କୃତି ଓ ଅର୍ଥନୀତି ଗୋଟିଏ କହି କେତୋଟି ଶକ୍ତିଶାଳୀ ଦେଶର ଧୂର୍ତ୍ତ ନେତାମାନେ ନିଜର ରାଜନୈତିକ ଓ ବ୍ୟବସାୟିକ ସାମ୍ରାଜ୍ୟ ବଢ଼ାଇଥାନ୍ତି କିମ୍ବା ଅନ୍ୟଦେଶକୁ ଜବର ଦଖଲ କରିଥାନ୍ତି । ପ୍ରକୃତ ଦେଶପ୍ରେମର ପରାକାଷ୍ଠା ଦେଖାଇ ଜାପାନ, ଜର୍ମାନ ଆଦି ଦେଶଗୁଡ଼ିକ ନିଜକୁ ସମୃଦ୍ଧ କରି ଶକ୍ତିଶାଳୀ ଦେଶଗୁଡ଼ିକ କବଳରୁ ମୁକ୍ତି ପାଇଛନ୍ତି । ତେଣୁ ସାମାଜିକ, ଆର୍ଥିକ, ବୌଦ୍ଧିକ, ରାଜନୈତିକ, ସାଂସ୍କୃତିକ ଓ ଧାର୍ମିକ କ୍ଷେତ୍ରର ନେତୃତ୍ୱ ନେଉଥିବା ଭାରତୀୟମାନେ ସଭା ସମିତି ଓ ଭାଷଣବାଜିରେ ସମୟ ନଷ୍ଟ ନ କରି ପ୍ରକୃତ ଦେଶପ୍ରେମର ପରାକାଷ୍ଠା ଦେଖାଇବା ଦରକାର ।

ପ୍ରକୃତ ଦେଶପ୍ରେମୀ ନେତା ସାଧାରଣ ଲୋକଙ୍କର ମୌଳିକ ସମସ୍ୟାକୁ ଲାଘବ କରିବାର ପାରଦର୍ଶିତା ଦେଖାଇଥାନ୍ତି । ଲୋକଙ୍କୁ ସୁସ୍ଥ, ଶିକ୍ଷିତ, ଦକ୍ଷ, ନିଷ୍ପାପର ଓ ସଚୋଟ ନାଗରିକରେ ପରିଣତ କରି ରାଷ୍ଟ୍ର ନିର୍ମାଣ ତଥା ଗଣତନ୍ତ୍ରର ସୁରକ୍ଷା ପାଇଁ ଉପଯୋଗୀ କରିଥାନ୍ତି । ପ୍ରକୃତ ନିଷ୍ପାପର ଓ ଦେଶପ୍ରେମୀ ନେତାମାନେ ଦେଶସେବା କଲାବେଳେ ନିଜ ଖାଇବା, ବେଶଭୁଷା ଓ ସ୍ୱାସ୍ଥ୍ୟ ପ୍ରତି ସମୟ ଦେଇ ପାରନ୍ତି ନାହିଁ । ମହାରାଣା ପ୍ରତାପ, ଛତ୍ରପତି ଶିବାଜୀ, ଗୁରୁ ଗୋବିନ୍ଦ ସିଂହ, ମହାତ୍ମା ଗାନ୍ଧୀ, ଲାଲବାହାଦୁର ଶାସ୍ତ୍ରୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଶ୍ରୀଅରବିନ୍ଦ ଓ ବିନୋବା ଭାବେ, ଡ. ବି ଆର୍ ଆମ୍ବେଡକର, ସର୍ଦ୍ଦାର ପଟେଲ ଆଦି ନେତାମାନେ ଦେଶପ୍ରେମର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଯାଇଛନ୍ତି ।

ଦେଶପ୍ରେମ ନିଜ ଗାଁ, ସହର ଓ ରାଜ୍ୟରୁ ଆରମ୍ଭ ହୋଇଥାଏ । ଆଜି ଓଡ଼ିଶା ଆର୍ଥିକ, ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସମସ୍ୟା ଭିତରେ ଗତିକରୁଛି । ପଡ଼ୋଶୀ ରାଜ୍ୟର ଅନେକ ମୁଷ୍ଟିମେୟ ଲୋକ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲାଗୁଡିକରେ ଜମି ଜବର ଦଖଲ କରୁଛନ୍ତି । ଏହା ସହ ସେଠାକାର ଗ୍ରାମବାସୀଙ୍କୁ ଭୟ ଓ ପ୍ରଲୋଭନ ଦେଖାଇ ଅନେକ ଶହ ଏକର ଜମି ଅକ୍ତିଆର କରିନେଲେଣି । କହିବାକୁ ଗଲେ ଜମିର ସୁରକ୍ଷା ଗ୍ରାମବାସୀଙ୍କର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିଥାଏ । ହେଲେ ଆଜି ସୀମବର୍ତ୍ତୀ ଜିଲ୍ଲାଗୁଡିକରେ ଅନେକ ଓଡ଼ିଆ ଆଦିବାସୀ ନିଜର ଜମି ହରାଇ ମୂଲ ଲାଗୁଛନ୍ତି କିମ୍ବା ବାହାର ରାଜ୍ୟକୁ କାମ ପାଇଁ ଚାଲିଯାଉଛନ୍ତି । ୨୦୨୩ରେ ଓଡ଼ିଶାରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଆ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଥିଲେ । ଆଜି ଓଡ଼ିଆ ଭାଷା ଓ ସଂସ୍କୃତି ଏହି ସୀମବର୍ତ୍ତୀ ଜିଲ୍ଲାଗୁଡିକରେ ଲୋପ ପାଇବାକୁ ବସିଲାଣି । ଏହା ବ୍ୟତୀତ ଓଡ଼ିଆ ଭାଷାର ବିକୃତୀକରଣ ଭୁବନେଶ୍ୱର ଓ କଟକର ଯୁବପିଢ଼ିଙ୍କ ମୁଖରୁ ଶୁଣିବାକୁ ମିଳୁଛି । ସତେ ଯେପରି ସେମାନେ ଓଡ଼ିଆ ଭାଷାକୁ ବିକୃତ କରି କହିବାରେ ଆନନ୍ଦ ପାଉଛନ୍ତି । ଓଡ଼ିଆ ଭାଷାର ବିକୃତୀକରଣ କେତେକ ଟିଭି ଚ୍ୟାନେଲରେ ମଧ୍ୟ ଶୁଭାଯାଉଛି । ପ୍ରକୃତ ଦେଶପ୍ରେମୀ ନେତା ଓ ବୁଦ୍ଧିଜୀବୀ ନିଜ ରାଜ୍ୟର ଜମି, ଭାଷା ଓ ସଂସ୍କୃତିକୁ ରକ୍ଷାକରି ଦେଶପ୍ରେମର ପରାକାଷ୍ଠା ଦେଖାଇବା ଦରକାର । ଯେଉଁ ରାଜ୍ୟର ନେତୃବୃନ୍ଦ ନିଜ ରାଜ୍ୟର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରିବେଶକୁ ସୁରକ୍ଷା ଦେଇପାରୁ ନାହାନ୍ତି ସେମାନେ ଦେଶର କୌଣସି କାମରେ ଆସିବେ ନାହିଁ ।



ସହରଗୁଡିକ ସ୍ୱଚ୍ଛ, ସୁନ୍ଦର ରହିବା ଏହାର ପରିବେଶ ଉପରେ ନିର୍ଭର କରେ । ସହରଗୁଡିକର ପରିପାର୍ଶ୍ୱର ଗାଁ, ଚାଷଜମି, ଜଙ୍ଗଲ, ପାହାଡ଼ ଓ ସବୁଜିମା ଏହାକୁ ଜୀବନ୍ତ ରଖିଥାଏ । ଅପରାଧ ନିରାକରଣ, ଉତ୍ତମ ଟ୍ରାଫିକ ବ୍ୟବସ୍ଥା, ଡ୍ରେନେଜ ସିଷ୍ଟମ, ଫୁଟପାଥ, ସାର୍ବଜନିକ ଖେଳ ପଡ଼ିଆ, ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ କାନୁନ ବ୍ୟବସ୍ଥା ସହରଗୁଡିକର ବିକାଶ କରିଥାଏ । ସହର ଓ ଗାଁ ଭିତରେ ଥିବା ସମ୍ପର୍କ କେଉଁ କାଳରୁ ଗଢ଼ିଆସୁଛି । ସହରଗୁଡିକର ବିକାଶ ଗାଁଗୁଡିକର ଆର୍ଥିକ ଓ ସାମାଜିକ ବିକାଶ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଏ । ଏହା ଦେଶପ୍ରେମୀ ନେତୃବୃନ୍ଦ ହୃଦୟଙ୍ଗମ କରିବା ଦରକାର । ତେଣୁ ବିକାଶ ନାଁରେ ସହରଗୁଡିକରେ ଅନାବଶ୍ୟକ ଭିତ୍ତିଭୂମି ବିକାଶ ପ୍ରକଳ୍ପ ଓ ଅତ୍ୟଧିକ କଂକ୍ରିଟ ଜଙ୍ଗଲ ସୃଷ୍ଟି କରି ସହରଗୁଡିକୁ ନଷ୍ଟ କରିବା ଉଚିତ ନୁହେଁ । ହାଇଦ୍ରାବାଦରେ ମେଟ୍ରୋ ରେଳ ପରିଚାଳନା କରୁଥିବା ଏଲ୍ ଆଣ୍ଡ ଟି କମ୍ପାନୀ ଆଜି ବହୁ କୋଟି ଟଙ୍କା କ୍ଷତି କରି ମେଟ୍ରୋ ରେଳ ଚଳାଇବା ଦାୟିତ୍ୱରୁ ଓହରି ଯାଇଛି । ଭୁବନେଶ୍ୱର ଭଳି ଛୋଟ ସହରରେ ମେଟ୍ରୋ ରେଳ କିଭଳି ଲାଭପ୍ରଦ ହେବ ଏହା ଆଲୋଚନାର ବିଷୟ ହୋଇଛି । ତେଣୁ ବଡ଼ ବଡ଼ ପ୍ରକଳ୍ପଗୁଡିକରେ ଅତ୍ୟଧିକ ଅର୍ଥ ବ୍ୟୟ ନ କରି ପ୍ରକୃତ ରାଜ୍ୟ ଉପଯୋଗୀ ବିକାଶ କରିବା ଉଚିତ ।

ଗାଁଗୁଡ଼ିକରେ ଥିବା ଜଳ ସମ୍ପଦ, ଫସଲ ବିବିଧତା, ହସ୍ତଶିଳ୍ପ କୌଶଳ, ବଜାର ସୁବିଧା, ସାମାଜିକ ଓ ସାଂସ୍କୃତିକ ପରିବେଶ ଏବଂ ସୂକ୍ଷ୍ମ ଆର୍ଥିକ ଗତିବିଧି ଇତ୍ୟାଦି କ୍ରିୟାଶୀଳ ରହିବା ଦରକାର । କମ୍ ଖର୍ଚ୍ଚରେ ଉତ୍ତମ ସ୍କୁଲ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ଲୋକଙ୍କୁ ଗାଁରେ ରହିବାକୁ ଉତ୍ସାହିତ କରିବ । ବ୍ୟାଙ୍କ ଋଣର ଉପଯୁକ୍ତ ବିନିଯୋଗ, ଆଇନ ବ୍ୟବସ୍ଥା ଓ ସରକାରୀ କର୍ମଚାରୀଙ୍କର ସକ୍ରିୟତା ଓ ସେବା ମନୋଭାବ ଗାଁଗୁଡିକରେ ଆର୍ଥିକ ଗତିବିଧି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ । ଓଡ଼ିଶାର ସୁରକ୍ଷା ଓ ଆତ୍ମନିର୍ଭରତା ପାଇଁ ଓଡ଼ିଆ ଜାତି ଏକଜୁଟ ହେବା ଦରକାର ଓ ତାହା ହିଁ ହେବ ପ୍ରକୃତ ଦେଶପ୍ରେମ ।

**ମୋ: ୭୭୦୨୩୮୩୮୮୦**

## ଏଇ ଭାରତରେ

କର୍ପୋରେଟ ଚାକିରି ଛାଡ଼ି ଜିଆଖତ ବ୍ୟବସାୟକରି ବର୍ଷକୁ ୨.୫ କୋଟି ଟଙ୍କାର କାରବାର କରୁଛନ୍ତି ରାଜ ସିଂ । ସେ ଇଞ୍ଜିନିୟରିଂ ସହ ଏମ୍‌ବିଏ ଶେଷ କରି ୧୦ ବର୍ଷରୁ ଅଧିକ ସମୟ କର୍ପୋରେଟ ସେକ୍ଟରରେ ଚାକିରି କରିଥିଲେ । ୨୦୧୭ରେ ତାହାକୁ ଛାଡ଼ି ସେ ଗାଜିଆବାଦରେ ୭ ଏକର ଜମି ଲିଜ୍‌ରେ ନେଇ ଡେଏରି ଫାର୍ମ ଆରମ୍ଭ କରିଥିଲେ । ପ୍ରଥମେ ୪୦ଟି ଗାଈ ରଖିଥିଲେ । ଧୀରେ ଧୀରେ ଗାଈ ସଂଖ୍ୟା ୨୫୦ରେ ପହଞ୍ଚିଥିଲା ଓ ଭଲ ବ୍ୟବସାୟ ମଧ୍ୟ ହେଉଥିଲା । କିନ୍ତୁ କୋଭିଡ୍–୧୯ ମହାମାରୀରେ ସେ ପାଖାପାଖି ୬୦ ଲକ୍ଷ ଟଙ୍କା କ୍ଷତି ସହିବା ପରେ ଗାଈଗୁଡ଼ିକୁ ବିକ୍ରି କରି ଡେଏରି ଫାର୍ମ ବନ୍ଦ କରିଦେଇଥିଲେ । ତଥାପି ଜଣେ ଉଦ୍ୟୋଗୀ ହେବା ପାଇଁ ସେ ଉଦ୍ୟମ ଜାରି ରଖିଲେ । ଏହି କ୍ରମରେ ଫାର୍ମରେ ଗଦା ହୋଇଥିବା ଗୋବର ଓ ଅନ୍ୟାନ୍ୟ ବର୍ଜ୍ୟକୁ ନେଇ ଜିଆଖତ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ । ସେ 'ଗ୍ରୋଇଂ ଟ୍ରି ଅର୍ଗାନିକ ପ୍ରାଇଭେଟ ଲିମିଟେଡ' ଗଠନ କରି ଉଚ୍ଚମାନର ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି । ବର୍ତ୍ତମାନ ସେ ଫାର୍ମରେ ୫୦୦ ଜିଆଖତ ବେଡ୍‌ରେ ମାସକୁ ୫୦୦ ଟନ୍ ଖତ ପ୍ରସ୍ତୁତ କରୁଛନ୍ତି । ୧ କେ.ଜି. ଖତକୁ ସେ ୩ରୁ ୪ଟଙ୍କାରେ ବିକ୍ରି କରୁଛନ୍ତି । ଏହି ଖତ ବିଶେଷକରି ଜମ୍ମୁକଶ୍ମୀର, ହିମାଚଳ ପ୍ରଦେଶ, ବେଙ୍ଗାଲୁରୁ , ପୁଣେ ଆଦି ସ୍ଥାନରେ ଅଧିକ ବିକ୍ରି ହେଉଛି । ସିଂ କହନ୍ତି, ଅନ୍ୟମାନେ ଯାହାକୁ ବର୍ଜ୍ୟ ମନେକରନ୍ତି ମୋ ଦୃଷ୍ଟିରେ ତାହା ଧନ ବା ମୂଲ୍ୟମାନ୍ ଜିନିଷ ।

## ଚିରନ୍ତନୀ

ଆଦିକାଳୁଁ ଯା'ର ଚଳେ ଆଲୋଚନା
ଅବିରାମ ସେହି ରୂପର ସାଧନା
ରଚେ ଅହରହ ନବ ନବ ଭାଷା
କେତେ ଯୁଗ ଯୁଗ ଧରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି !
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାରେ ସମାନ ସୁଯୋଗ ମିଳୁ

ମହାଶୟ,

ଜଣେ ୮୦ ପ୍ରତିଶତ ମାର୍କ ରଖୁଥିବା ସାଧାରଣ ବର୍ଗର ଛାତ୍ର ଓ ୩୦ ପ୍ରତିଶତ ମାର୍କ ରଖୁଥିବା ସଂରକ୍ଷିତ ବର୍ଗର ଛାତ୍ରଙ୍କ ମଧ୍ୟରେ ପ୍ରକୃତ ପାର୍ଥକ୍ୟକୁ ବୁଝିବା ପାଇଁ ସାମାଜିକ ଓ ଶିକ୍ଷାଗତ ଦିଗକୁ ଧ୍ୟାନ ଦେବା ଆବଶ୍ୟକ । ପ୍ରାୟତଃ ଅଧିକ ପ୍ରତିଶତ ମାର୍କ୍ସ ପାଇଥିବା ଜେନେରାଲ ଛାତ୍ରମାନେ ଅଧିକାଂଶ ସମୟରେ ପ୍ରାଇଭେଟ ସ୍କୁଲରେ ପଢ଼ିଥାନ୍ତି । ପ୍ରାଇଭେଟ ସ୍କୁଲରେ ସୁବିଧା, ଶିକ୍ଷକ–ଶିକ୍ଷୟିତ୍ରୀଙ୍କ ସହାୟତା, ଟ୍ୟୁଶନ, ଆଧୁନିକ ଶିକ୍ଷା ପ୍ରଣାଳୀ ଓ ମାତାପିତାଙ୍କ ଆର୍ଥିକ ସହଯୋଗ ରହିଥାଏ । ଫଳରେ ସେମାନେ ଅଧିକ ନମ୍ବର ପାଇପାରନ୍ତି । ଏପଟେ ୩୦% ମାର୍କ୍ସ ପାଇଥିବା ସଂରକ୍ଷିତ ବର୍ଗର ଛାତ୍ରମାନେ ଆର୍ଥିକ ସମସ୍ୟା ହେତୁ ସରକାରୀ ସ୍କୁଲରୁ ପଢ଼ିଥାନ୍ତି । ସରକାରୀ ସ୍କୁଲରେ ଶିକ୍ଷକ ଓ ପାଠ୍ୟସାମଗ୍ରୀ ଅଭାବ ଦେଖାଯାଏ । ଏହି ସବୁ ବାଧା ସତ୍ତ୍ୱେ ଏମାନେ ନିଜ ପରିଶ୍ରମ ଓ ସଂଘର୍ଷ ବଳରେ ପାସ୍ କରିଥାନ୍ତି । ଏଠାରେ ପ୍ରଶ୍ନ ମାର୍କ୍ସ ନୁହେଁ, ବାସ୍ତବରେ ପ୍ରଶ୍ନ ହେଉଛି ସୁଯୋଗ ଓ ପରିସ୍ଥିତିର । ସମାଜରେ ସଂରକ୍ଷିତ ବର୍ଗର ପିଲାମାନଙ୍କୁ କମ୍ ମାନିବା ଭୁଲ୍ । ବରଂ ସେମାନଙ୍କ ସଂଘର୍ଷକୁ ସମ୍ମାନ କରି, ଶିକ୍ଷାରେ ସମାନ ସୁଯୋଗ ଦେବା ଦରକାର । ୮୦% ମାର୍କ୍ସରେ ଲୁଚିଥିବା ସୁବିଧା ଓ ୩୦% ମାର୍କ୍ସରେ ଲୁଚିଥିବା ପରିଶ୍ରମ ଏହି ଦୁଇଟିକୁ ତୁଳନା କଲେ ଅସଲି ପାର୍ଥକ୍ୟଟି ସ୍ପଷ୍ଟ ହୋଇଥାଏ ।

**–ଭୋଜରାଜ ବରିହା, ବେନକେରା, ଖପ୍ରାଖୋଲ, ବଲାଙ୍ଗୀର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁଖ୍ୟମନ୍ତ୍ରୀ ବସ୍‌ରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

■ କଟୁରି ଆକ୍ରମଣରେ ୮ ଆହତ

■ ପୋଲିସ୍‌କୁ ବି ଛାଡ଼ିଲେନି

କଣାସ,୭।୧୦
(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ୍ କୋଟକଣା ଛକରେ ଏକ ଅଭାବନୀୟ ଘଟଣା ଘଟିଛି। ମୁଖ୍ୟମନ୍ତ୍ରୀ ବସ୍‌ରେ ମଙ୍ଗଳବାର ଜଣେ ଯୁବକ ପଶି କଟୁରିରେ ଯାତ୍ରୀଙ୍କୁ ହାଣିଥିଲେ। ଉକ୍ତ ଯୁବକ ଜଣଙ୍କ ହେଲେ ସତ୍ୟବାଦୀ ଥାନା ଶୁକଳ ବ୍ରାହ୍ମଣପଡ଼ାର ତୋଫାନ ଭୋଇ(୪୦)।

ସବୁଦିନ ପରି ମଙ୍ଗଳବାର କଣାସଠାରୁ ମୁଖ୍ୟମନ୍ତ୍ରୀ ବସ୍ ସକାଳେ ଗଡ଼ଖାରଦା ଯାଇ ଫେରୁଥିବାବେଳେ ଖଣ୍ଡାହତାଠାରୁ ତୋଫାନ ବସ୍‌ରେ ଚଢ଼ିଥିଲେ। ବସ୍‌ରେ ଥିବା ଅନ୍ୟଜଣେ ଯାତ୍ରୀ ତୋଫାନଙ୍କ ଦେହରେ ବାଜିଯିବାରୁ ସେ ଯାତ୍ରୀ ଜଣଙ୍କୁ ଗାଳିଗୁଲଜ କରିବା ସହ କଟୁରିରେ ଆକ୍ରମଣ କରିଥିଲେ। ଅନ୍ୟ ଯାତ୍ରୀମାନେ ଏହା ଦେଖି ଭୟଭୀତ ହେବାସହ ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ତୋଫାନଙ୍କ କଟୁରି ଚୋଟରେ ୬ଜଣ ଯାତ୍ରୀ ଆହତ ହୋଇଥିଲେ। ଖବରପାଇ ଘଟଣାସ୍ଥଳରେ କଣାସ ଥାନା ଏଏସ୍‌ଆଇ ସନ୍ତୋଷ କୁମାର ଉଦୟସିଂହ ଏବଂ ଏସ୍‌ଆଇ ଦେବୀପ୍ରସାଦ ଲେଙ୍କା ପହଞ୍ଚି ତୋଫାନଙ୍କୁ ଧରିବାପାଇଁ ଚେଷ୍ଟା କରିଥିଲା ବେଳେ ସେ ମଧ୍ୟ ସେମାନଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲା। ପରେ ସ୍ଥାନୀୟ ଲୋକେ ତୋଫାନଙ୍କୁ ମାର୍‌ପିଟ କରିବାରୁ ସେ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ୨ ଜଣଙ୍କୁ ଭୁବନେଶ୍ୱର ଓ ଅନ୍ୟ ୨ ଜଣଙ୍କୁ ପୁରୀ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ କଣାସ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶଥାଉକି, ବସ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ମାଧ୍ୟମରେ ତଥ୍ୟ ହସ୍ତାନ୍ତର ହୋଇଛି।

# ୩ ଦିନ ପରେ ଉଦ୍ଧାର

## ଶିଶୁକନ୍ୟା ବିକ୍ରି ଘଟଣା

ବାସୁଦେବପୁର,୭।୧୦
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦାବିନାୟକପୁର ପଞ୍ଚାୟତ ବଡ଼ମଲିକସାହିର ଏକ ୩ ଦିନର ଶିଶୁକନ୍ୟାଙ୍କୁ ବିକ୍ରି ନେଇ ଅଭିଯୋଗ ହୋଇଥିଲା। ଘଟଣାର ୩ଦିନ ପରେ ସୋମବାର ରାତିରେ ବାସୁଦେବପୁର ପୋଲିସ ସହାୟତାରେ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଛି। ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଶିଶୁକନ୍ୟାଙ୍କୁ ଉଦ୍ଧାର କରିବା ସହ ବୁଧବାର ଭଦ୍ରକ ଶିଶୁ ସୁରକ୍ଷା ବିଭାଗଠାରେ ପହଞ୍ଚାଯିବ ବୋଲି କହିଛନ୍ତି। ଶିଶୁକନ୍ୟା ତାଙ୍କ ମା' ବାପାଙ୍କ ସହ ସୁରକ୍ଷିତ ଭାବେ ବଡ଼ମଲିକସାହିରେ ସୁସ୍ଥ ଅବସ୍ଥାରେ ଥିବା ଆଇଆଇସି କହିବା ସହ ଏ ବାବଦରେ ସେ ତହସିଲଦାର, ବିଡିଓ ଏବଂ ଏସ୍‌ପିଙ୍କୁ ଅବଗତ କରିଛନ୍ତି। ଶିଶୁକନ୍ୟାଙ୍କୁ ବିକ୍ରି ନେଇ ତାଙ୍କ ବାପା ଅସ୍ୱୀକାର କରିଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଥିବା ଆଇଆଇସି କହିଛନ୍ତି। ସୂଚନାଯୋଗ୍ୟ, ଶିଶୁକନ୍ୟାଙ୍କୁ ତାଙ୍କ ବାପା ତିହିଡ଼ି ବ୍ଲକ ପୀରହାଟ ଅଞ୍ଚଳର ଜଣେ ସମ୍ପର୍କୀୟଙ୍କୁ ବେଆଇନ ଭାବେ ହସ୍ତାନ୍ତର କରିଥିଲେ। ଶିଶୁ ବିକ୍ରି ନେଇ କୌଣସି ସୂତ୍ରରୁ ଜଣାପଡ଼ିବା ପରେ ଗତ ଶନିବାର ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଚାଇଲ୍ଡ ଡେସ୍କ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶିଶୁକନ୍ୟାଙ୍କୁ ଠାବ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଯୋଗାଯୋଗ କରି ସୋମବାର ରାତିରେ ଉଦ୍ଧାର କରିଛି।

# ନିଆଁ ଲାଗି ଜଳିଗଲା ବାଇକ୍

ଢେଙ୍କାନାଳ,୭।୧୦
(ରତନ ନାୟାର)



ଜଳିଯାଉଥିବା ବାଇକ୍।

ଢେଙ୍କାନାଳ ସହର ଚନ୍ଦନ ବଜାରଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ବାଇକ୍ ନିଆଁ ଲାଗି ଜଳିଯାଇଛି। ଖବରପାଇ ଅଗ୍ନିଶମ ସେବା ସଂସ୍ଥା ଦଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ବାଇକ୍‌ରେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଏହି ଘଟଣାରେ କୌଣସି ଜୀବନହାନୀ ହୋଇନାହିଁ। ଘଟଣାର କାରଣ ଜାଣିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥିବା ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ ସୂଚନା ଦେଇଛନ୍ତି। ବାଇକ୍‌ଟି ଜଳିଯାଉଥିବା ଦେଖି ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଚଳାଚଳ ଓ ଲୋକମାନଙ୍କ ଚଳପ୍ରଚଳ ବାଧାପ୍ରାପ୍ତ ହୋଇଥିଲା। ବାଇକ୍ ଜଳିବା ସ୍ଥାନରୁ ଅଳ୍ପ ଦୂରରେ ପୂଜା ମଣ୍ଡପ ରହିଥିବା ବେଳେ ଦୋକାନ ବଜାର ମଧ୍ୟ ରହିଥିଲା। ଲୋକମାନେ ବହୁ ସଂଖ୍ୟାରେ ଚଳପ୍ରଚଳ କରୁଥିଲେ। ତେଣୁ ବଡ଼ ଧରଣର ଅଘଟଣା ଘଟିବାର ସମ୍ଭାବନା ରହିଥିଲା। କିଛିଦୂରରେ ଏକ ପେଟ୍ରୋଲ ପମ୍ପ ମଧ୍ୟ ରହିଥିଲା। ତେଣୁ ବାଇକ୍‌ରେ କିପରି ନିଆଁ ଲାଗିଲା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୧୧ ଯାଏ ଲାଗିରହିବ ବର୍ଷା

ଭୁବନେଶ୍ୱର, ୭।୧୦
(ବନ୍ଦନା ସେଠୀ)

ଉତ୍ତର-ପୂର୍ବ ଝାଡ଼ଖଣ୍ଡ ଏବଂ ଏହାର ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ସେହିପରି ଉତ୍ତର ଉପକୂଳ ଓଡ଼ିଶାରୁ ପୂର୍ବ ତେଲଙ୍ଗାନା ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶା, ଦକ୍ଷିଣ ଛତିଶଗଡ଼ ଦେଇ ସମୁଦ୍ର ପତ୍ତନଠାରୁ ୧.୫କି.ମି. ଉଚ୍ଚରେ ଏକ ଟ୍ରଫ୍ ଲାଇନ୍ ଗତି କରୁଛି। ଏହା ପ୍ରଭାବରେ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗିରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଟ୍ରଫ୍ ଲାଇନ୍ ପ୍ରଭାବରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲା ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ଜିଲାଗୁଡିକରେ ବର୍ଷା ସହିତ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହିତ ଝଟ୍‌କା ପବନ ବହିବାର ସମ୍ଭାବନା ରହିଛି। ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାରେ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଗୁରୁବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଜିଲାରେ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଉତ୍କର୍ଷର ପ୍ରଦର୍ଶନ

## ଆଜି ଭାରତୀୟ ବାୟୁସେନା ଦିବସ




ପ୍ରତିବର୍ଷ ଅକ୍ଟୋବର ୮ରେ ପାଳିତ ହୋଇଆସୁଛି ଭାରତୀୟ ବାୟୁସେନା (ଆଇଏଏଫ୍) ଦିବସ। ଏହା ଭାରତୀୟ ବାୟୁସେନା(ତତ୍କାଳୀନ ରୟାଲ ଇଣ୍ଡିଆନ ବାୟୁସେନା)ର ପ୍ରତିଷ୍ଠା(୧୯୩୨ମସିହା ଅକ୍ଟୋବର ୮)କୁ ସ୍ମରଣ କରାଇଥାଏ। ଏହି ପ୍ରତିଷ୍ଠା ଦିବସ ଭାରତୀୟ ବାୟୁସେନାର ଉତ୍ସର୍ଗୀକୃତ ସେବା, ସାହସ ଏବଂ ବୈଷୟିକ ଦକ୍ଷତାର ଏକ ଉତ୍ସବ। ତେବେ ଉକ୍ତ ଦିବସର ମୁଖ୍ୟ ଉଦ୍ଦେଶ୍ୟ କେବଳ ଶକ୍ତି ପ୍ରଦର୍ଶନ ନୁହେଁ ବରଂ ଏହି ମର୍ଯ୍ୟାଦାଜନକ ସେବାରେ ଯୋଗଦେବା ପାଇଁ ଯୁବପିଢ଼ିଙ୍କୁ ପ୍ରେରଣା ମଧ୍ୟ ଦେଇଥାଏ। ଏୟାର ଶୋ' ମାଧ୍ୟମରେ, ଯୁବପିଢ଼ି ବାୟୁସେନାର ଚ୍ୟାଲେଞ୍ଜିଂ, ସାହସିକ ଏବଂ ସମ୍ମାନଜନକ ଭୂମିକା ବିଷୟରେ ଶିଖନ୍ତି ଏବଂ ସେମାନଙ୍କ ମଧ୍ୟରେ ଦେଶ ସେବା କରିବାର ଉତ୍ସାହ ଜାଗ୍ରତ କରନ୍ତି। ଆଜି, ଭାରତୀୟ ବାୟୁସେନା କେବଳ ସୀମା ପ୍ରତିରକ୍ଷା ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିସ୍ଥିତିରେ ସହାୟତା କରିବାରେ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ବାୟୁସେନା ମୁଖ୍ୟ ଏୟାର ଚିଫ ମାର୍ଶାଲ ଏପି ସିଂହ କହିଛନ୍ତି, ଚଳିତ ବର୍ଷ ଉକ୍ତ ଦିବସ ପାଳନରେ 'ଅପରେସନ ସିନ୍ଦୂର' ଏକ ପ୍ରମୁଖ ବିଷୟବସ୍ତୁ ହେପାରିବ।

# ରାଇରଙ୍ଗପୁରରେ ଖୋଲିବ ଇଗ୍ନୁ ଆଞ୍ଚଳିକ କେନ୍ଦ୍ର

ଭୁବନେଶ୍ୱର,୭।୧୦(ସୁଚିସ୍ମିତା ସାହୁ)

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ) ଭାରତର କୋଣ ଅନୁକୋଣରେ ଥିବା ବିଦ୍ୟାର୍ଥୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରୁଛି। ଯେଉଁ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି, ସେମାନଙ୍କୁ ଇଗ୍ନୁ ପଢ଼ିବା ପାଇଁ ସୁଯୋଗ ଦେଇଥାଏ। ସେହିପରି ଚାକିରି କରୁଥିବା ବ୍ୟକ୍ତି, ଗୃହିଣୀ ଏବଂ ଉଚ୍ଚାକାଂକ୍ଷୀ ବିଦ୍ୟାର୍ଥୀମାନେ ଇଗ୍ନୁ ମାଧ୍ୟମରେ ଉଚ୍ଚଶିକ୍ଷା ଲାଭ କରିପାରୁଛନ୍ତି। ଓଡ଼ିଶାରେ ପିଲାମାନେ ଯେପରି ଏହିସବୁ ସୁବିଧା ପାଇପାରିବେ, ସେଥିପାଇଁ ଭୁବନେଶ୍ୱର ସମେତ କୋରାପୁଟ ଏବଂ ଅନୁଗୋଳରେ ଇଗ୍ନୁର ଆଞ୍ଚଳିକ କେନ୍ଦ୍ର ଖୋଲାଯାଇଥିଲା। ଓଡ଼ିଶାରେ ଉଚ୍ଚଶିକ୍ଷାର ଦ୍ରୁତ ପ୍ରସାରକୁ ଦୃଷ୍ଟିରେ ରଖି ଇଗ୍ନୁ କର୍ତ୍ତୃପକ୍ଷ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁରଠାରେ ଏକ ଆଞ୍ଚଳିକ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁରଜିଲାରେଇଗ୍ନୁରଉଚ୍ଚଶିକ୍ଷାସମ୍ପର୍କିତବିଭିନ୍ନଗତିବିଧି ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ର ଦ୍ୱାରା ପରିଚାଳିତ ହେବ ବୋଲି ଇଗ୍ନୁର ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏମ୍‌ଇସିଏଚ୍‌ସିକେପି-୨୫-୨୬-୧୫, ତାରିଖ: ୦୩।୧୦।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଫଳାଫଳ ଭିତ୍ତିରେ ତିନିବର୍ଷ ଅବଧି ପାଇଁ ରାଉରକେଲା ରେଳ ଷ୍ଟେଶନର ଯାନ୍ତ୍ରିକ ସଫେଇ ଏବଂ ରକ୍ଷଣାବେକ୍ଷଣ । **ଟେଣ୍ଡର ମୂଲ୍ୟ:** ₹୬,୪୬,୪୧,୭୪୦.୨୪ । **ବିଡ୍ ଅମାନତ:** ₹୪,୭୩,୨୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹୧୦,୦୦୦/-। **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ମଣ୍ଡଳ ମେକାନିକାଲ ଯନ୍ତ୍ରୀ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୯।୧୦।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-693)

# ବଳାତ୍କାର ଅଭିଯୋଗ, ଜଣେ ଅଟକ

ଛେଣ୍ଡିପଦା,୭।୧୦(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ପୋଲିସ ବଳାତ୍କାର ଅଭିଯୋଗରେ ଜଣଙ୍କୁ ଅଟକ ରଖିଛି। ପୋଲିସ ସୂତ୍ରରୁ ପ୍ରକାଶ, ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ମହିଳା ଘରେ ଏକୁଟିଆ ଥିବାବେଳେ ସେହି ଅଞ୍ଚଳର ଅଭିଯୁକ୍ତ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ .୫୦୫/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**କର୍ମଚାରୀ ଆବଶ୍ୟକ**

କଟକ ଓ ଭୁବନେଶ୍ୱରରେ (Well & Pile) ବ୍ରିକ୍ କାର୍ଯ୍ୟ ପାଇଁ Experience/Fresher Engineer, Supervisor, RMC Quality Er., Accountant, RMC/ Site Incharge ଏବଂ ଭୁବନେଶ୍ୱର ପଟିଆ ଅଫିସରେ କାର୍ଯ୍ୟ ପାଇଁ Data Entry Operator, Marketing, Office Manager & Other Staff ଆବଶ୍ୟକ ।
**Ph: 9937499625**

See Career Appointment on every **Wednesday & Saturday**

**WANTED**

| | No. of Posts |
|---|---|
| **Engineer (Instrument)** ( B Tech with minimum 07 years Experience / Diploma (Instrument) minimum 10 years Exp. | 04 Nos. |
| **Instrument Technician** (ITI/ Diploma with 10 years experience) | 15 Nos. |
| **AO / MIS / VSAP** (B-Tech (Instrument) with 07 years in similar field) | 01 Nos. |

Interested candidates send your resume immediately.
Location : SSL (VAL, LANJIGARH), Mobile : 9937718861
Email: soumyakant.mishra@sslegacy.co.in
Salary is not constraint for suitable candidates

**OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR**

Phone : 0680-2404096, E-Mail : eerwgmt@yahoo.co.in
No.O-868 Government of Odisha e-Procurement Notice
Bid Identification No. Online Tender/08/SERWD-II/2025-26
Memo No.7156/RWD-IIGB, Date : 23.09.2025

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.30.25 lakhs |
| 3 | Period of Completion | : | 2 (Two) Months as per Annexure |
| 4 | Date & Time of availability of Bid documents in the Portal | : | 09.10.2025 at 10.00 A.M. to 18.10.2025 up to 5.00 P.M. |
| 5 | Last Date/Time for receipt of Bids in the Portal | : | 18.10.2025 up to 5.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0030/2526

No.B-562

Government of Odisha

**OFFICE OF THE CHIEF CONSTRUCTION ENGINEER CUTTACK (R&B) CIRCLE, CUTTACK**

E-mail ID - sectcrb_2006@yahoo.co.in, Tel/Fax - 0671-2301751/2302751

('e'-PROCUREMENT NOTICE)

Bid Identification No.CCE.Ctc.(R&B) 7/2025-26

1. The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Building & Road works as mentioned below.
2. No. of work : 09 Nos.
3. Nature of work : Building & Road works
4. Class of contractor : **'B' & 'A' Class**
5. Tender paper cost : Rs. 10000/- **(online)**
6. Available of bid document in the website : **From 09.10.2025 to 17:30 hours of 24.10.2025**
7. Date of opening of bid : **Dt. 27.10.2025 at 11.00 hours**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer
Cuttack (R&B) Circle

OIPR-34012/11/0047/2526

GOVERNMENT OF ODISHA, "e"-PROCUREMENT NOTICE

**OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR**

E-mail : eeroads.khr@rediffmail.com
No. 5171 Date : 22.09.2025
No.B-560

Invitation For Bids

Bid Identification No. SER&BKHR-14/2025-26

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate Composite (Civil+EI+PH) bids in Double Cover system in **ONLINE MODE** only. | |
| 2 | Nature of work | Development of Water Sports at Haripur in Lower Indra dam/Renewal coat to Gotma Airstrip |
| 3 | No. of work | 02 Nos. works |
| 4 | Tender Paper cost | As specified in the notice for the respective Work, to be remitted online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 09.10.2025 to 17.00 hours of 23.10.2025 |
| 7 | Date of opening of Technical Bid | Dt.24.10.2025 at 11:00 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in **ONLINE** bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer,
Khariar (R&B) Division, Khariar

OIPR-34062/11/0044/2526

झारखण्ड सरकार
**पथ निर्माण विभाग, पथ प्रमण्डल, हजारीबाग**

अल्पकालीन ई-प्रोक्योरमेंट सूचना

ई–निविदा प्रसंग सं० :– RCD/HAZARIBAG/869/2025-26
दिनांक :– 06.10.2025

| | | |
|---|---|---|
| 1. | कार्य का नाम | पथ प्रमण्डल, हजारीबाग गैरयोजना मद अंतर्गत हजारीबाग–बड़कागाँव–टण्डवा–खेलारी–बीजुपाड़ा पथ SH-07 के कि0मी0 9+065, 28+238 & 32+045 पर अवस्थित उच्चस्तरीय सेतु के फाउण्डेषन, गार्डवॉल एवं एप्रोच पथ में Restoration कार्य (वित्तीय वर्ष 2025–26)'' |
| 2. | प्राक्कलित राशि (रूपये में) | रू० 1,40,00,000.00 (एक करोड़ चालीस लाख रूपये मात्र) |
| 3. | कार्य समाप्ति की अवधि | 03 (तीन) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 14.10.2025 10:30 AM |
| 5. | निविदा प्राप्ति की अंतिम तिथि एवं समय | 21.10.2025 12:00 Noon |
| 6. | निविदा खोलने की तिथि एवं समय | 24.10.2025 12:30 PM |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, हजारीबाग। |
| 8. | प्रोक्योरमेंट पदाधिकारी का सम्पर्क नं० | 8709320541 |
| 9. | ई–प्रोक्योरमेट सेल का हेल्प लाईन नं० | 0651–2446007 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in
E-mail ID : eercdhazari-jhr@nic.in
Tel. No. –06546-225818
PR 363429 Road (25-26)_D

कार्यपालक अभियंता,
पथ निर्माण विभाग, पथ प्रमण्डल, हजारीबाग

**ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ**
**ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର**
nbt.india एकः सूते सकलम्
www.nbtindia.gov.in, ଫୋନ୍ : +୯୧ ୭୮୨୭୫୦୯୬୨୨

**ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନକାରୀ ବିଜ୍ଞପ୍ତି**

ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ (ଏନ୍‌ବିଟି-ଭାରତ) ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ନୋଡାଲ୍ ନିକାୟ; ଭାରତରେ ପୁସ୍ତକ ଏବଂ ପଠନର ପ୍ରଚାରପ୍ରସାର କରିବା ଏହାର ଦାୟିତ୍ୱ ଅଟେ ।
ଏନ୍‌ବିଟି-ଭାରତ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା ୨୦୨୬ ଏବଂ ବର୍ଷସାରା ଆୟୋଜିତ ହେଉଥିବା ରାଷ୍ଟ୍ରୀୟ ପୁସ୍ତକ ମେଳା ଭଳି ବିଭିନ୍ନ **ପୁସ୍ତକ ସମ୍ବନ୍ଧିତ କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ପ୍ରଚାରମୂଳକ ସାମଗ୍ରୀ ପ୍ରଦର୍ଶନ କରିବା ପାଇଁ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ଡିଏଭିପି) ତାଲିକାଭୁକ୍ତ ଆଉଟ୍‌ଡୋର୍ ମିଡିଆ ଏଜେନ୍ସିଗୁଡ଼ିକଠାରୁ ଇଓଆଇ ଆହ୍ୱାନ କରୁଛି ।** ଏହି ଅଭିଯାନଗୁଡ଼ିକ **ଦିଲ୍ଲୀ/ଏନ୍‌ସିଆର୍, ମୁମ୍ବାଇ, ଲକ୍ଷ୍ନୌ, ନାଗପୁର, ପୁଣେ, ସମ୍ବଲପୁର, ଗୋରଖପୁର, ଅହମଦାବାଦ, ଉତ୍ତର-ପୂର୍ବ: ଗୁଆହାଟୀ, ଶିଲଂ, ଇମ୍ଫାଲ, ଆଇଜଲ** ଭଳି ସହରଗୁଡ଼ିକରେ ସଂଗଠନର ଆବଶ୍ୟକତା ଅନୁଯାୟୀ **ନଭେମ୍ବର ୨୦୨୫ ଓ ମାର୍ଚ୍ଚ ୨୦୨୬ ମଧ୍ୟରେ ୨ ସପ୍ତାହରୁ ୧ ମାସ ଅବଧି ଲାଗି ଆୟୋଜିତ ହେବାର ଆଶା କରାଯାଉଛି ।** ଆବେଦନ ଫର୍ମ ଏବଂ ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍ **www.nbtindia.gov.in** ପରିଦର୍ଶନ କରନ୍ତୁ । ଆହ୍ୱାନ କରାଯାଇଥିବା ଇଓଆଇକୁ ଆଗ୍ରହୀ ବିଡରଙ୍କ ଦ୍ୱାରା ୨୮ ଅକ୍ଟୋବର ୨୦୨୫ ଅପରାହ୍ନ ୫.୦୦ ଘଟିକା କିମ୍ବା ତାହା ପୂର୍ବରୁ ନିମ୍ନଦର୍ଶିତ ଠିକଣାରେ ଦାଖଲ କରାଯିବା ଆବଶ୍ୟକ । ଭବିଷ୍ୟତରେ ଇଓଆଇ ଦାଖଲରେ ଯଦି କୌଣସି ସଂଶୋଧନ/ସମୟ ବୃଦ୍ଧି କରାଯାଏ ତେବେ ତାହାକୁ ଉପରୋକ୍ତ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ ।
***ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ ଏବଂ କାର୍ଯ୍ୟର ଆବଣ୍ଟନ ସମ୍ବନ୍ଧରେ ନିର୍ଦ୍ଦେଶକ, ଏନ୍‌ବିଟି, ଭାରତଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଓ ବାଧ୍ୟତାମୂଳକ ହେବ ।***

**ଇଓଆଇ ଦାଖଲ ପାଇଁ ଠିକଣା:**
ଜନସମ୍ପର୍କ ବିଭାଗ,
ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ
୫, ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ବସନ୍ତ କୁଞ୍ଜ, ନୂଆଦିଲ୍ଲୀ – ୧୧୦୦୭୦
ଇମେଲ୍: **public-relations@nbtindia.gov.in, prnbtindia@gmail.com**

cbc 21103/12/0022/2526

**ଓଡ଼ିଶା ସରକାର**
**ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**ଅଧିସୂଚନା**

**File No.789,** **Dated 8.8.2025**

**No.XXXIV-03:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ହରିଡ଼ାପାଲୀ (ଅତିରିକ୍ତ), ଥାନା-ତରଭା, ନଂ.୬୨, ତହସିଲ-ତରଭା, ଜିଲ୍ଲା-ସୁବର୍ଣ୍ଣପୁରରେ ନିମ୍ନ ତଫସିଲ ମତେ ପ୍ରାୟ ୦.୨୫୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧.ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ –** ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –** ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବତଟ ରେଳବାଇ, ବଲାଙ୍ଗୀର ।
**୩.କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ –** ସାର୍ବଜନୀନ ଉଦ୍ଦେଶ୍ୟରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
**୪.ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ –** ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂ. ୨୫୮୧୪/R&DM ତା.୧୫.୦୭.୨୦୨୫ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮ (୨) ଧାରାରେ ଅନୁମୋଦନ ହୋଇଅଛି ।
**୫.ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ –** ଉପ ଜିଲ୍ଲାପାଳ, ସୋନପୁର ।
**୬.ଜମିର ବିବରଣୀ:**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ସୁବର୍ଣ୍ଣପୁର | ତରଭା | ହରିଡ଼ାପାଲି (ଅତିରିକ୍ତ) | ଗ୍ରାମାଞ୍ଚଳ | ୦୧ | ୧୨୫ | ୧.୮୦୦ | ୦.୨୫୦ | ମକାରୁ କର୍ଣ୍ଣ, ପି-ବୁଟୁଲ କର୍ଣ୍ଣ, ବା-ଝାରତରଭା |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ବଲାଙ୍ଗୀର, କଦମପଡ଼ା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ସୁବର୍ଣ୍ଣପୁର

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ସୂଚୀ)

ଜିଲ୍ଲା-ସୁବର୍ଣ୍ଣପୁର ତହସିଲ-ତରଭା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହରିଡ଼ାପାଲି (ଅତିରିକ୍ତ) | ଗ୍ରାମାଞ୍ଚଳ | ୦୧ | ୧୨୫ | ମାଳ ଅଣ ଜଳସେଚିତ | ୧.୮୦୦ | ୦.୨୫୦ | ମକାରୁ କର୍ଣ୍ଣ, ପି- ବୁଟୁଲ କର୍ଣ୍ଣ, ବା-ଝାରତରଭା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ସୁବର୍ଣ୍ଣପୁର ତହସିଲ-ତରଭା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ସୁବର୍ଣ୍ଣପୁର

OIPR-24429/14/0003/2526

## ସଂକ୍ଷେପରେ

### ଧାମରା ବନ୍ଦରରୁ ମାଲ୍ ପରିବହନ ଦାବି
#### ୨୫ ସୁଦ୍ଧା ସମାଧାନ ପାଇଁ ମହଲତ

ଭଣ୍ଡାରିପୋଖରୀ,୭।୧୦
(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ମା' କାଳିନ୍ଦ୍ରା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଧାମରା ବନ୍ଦରରୁ ମାଲ୍ ପରିବହନ ସୁଯୋଗ ଦିଆଯାଉ ନ ଥିବା ସମସ୍ୟାର ସମାଧାନ ପାଇଁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜିଲା ପ୍ରଶାସନକୁ ମହଲତ ଦିଆଯାଇଛି। ଭଣ୍ଡାରିପୋଖରୀ, ବନ୍ତ ଓ ଧାମନଗର ଟ୍ରକ୍ ମାଲିକମାନଙ୍କ ଦ୍ୱାରା ଗଠିତ ଏହି ସଂଘ ଅଭିଯୋଗ କରିଛି ଯେ, ସେମାନଙ୍କ ଟ୍ରକ୍‌ଗୁଡ଼ିକୁ ଧାମରା ବନ୍ଦରରୁ ପରିବହନ କ୍ଷେତ୍ରରେ ଉଦ୍ଦେଶ୍ୟମୂଳକ ଭାବେ ବାଧା ଦିଆଯାଉଛି। ଏହାକୁ ବିରୋଧ କରି ସଂଘ ପକ୍ଷରୁ ୨ଥର ଧାରଣା ଦିଆଯାଇଥିଲା। ଗତ ୩ ତାରିଖରେ ଜିଲାପାଳଙ୍କୁ ପତ୍ର ଲେଖାଯାଇ ସମାଧାନ ପାଇଁ ଆଗାମୀ ୨୫ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି। ଅନ୍ୟଥା ସଂଘ ପକ୍ଷରୁ ୩ୟ ପର୍ଯ୍ୟାୟ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

### ଶିକ୍ଷାବିତ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୭।୧୦
(ରବିନାରାୟଣ ଖିଲାର)


ବାଲେଶ୍ୱର ଜିଲା ସିମୁଳିଆ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ, ସାହିତ୍ୟିକ, ଆଇନଜୀବୀ, ଭଦ୍ରକ କ୍ରିକେଟ ଆସୋସିଏଶନର ସଭାପତି, ଚରମ୍ପା ପଥରଆଡ଼ି ନିବାସୀ ବିଜୟ ଜେନା(୬୮)ଙ୍କର ହୃଦ୍‌ଘାତରେ ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ବିଧାୟକ ନରେନ ପଲେଇ, ରାଜେନ୍ଦ୍ର କୁମାର ଦାସ, ତାଙ୍କ ବନ୍ଧୁ ଧୀରେନ ପଲେଇ, ଆଇନଜୀବୀ ପବନ ଶର୍ମା, ଚିତ୍ରଶିଳ୍ପୀ ପ୍ରଭାତ ଜେନା, ନାରୀନେତ୍ରୀ କଳ୍ପନା ଜେନା ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୭୮ ବର୍ଷରେ ବେତଡ଼ା ସାର୍ବଜନୀନ ମହାଲକ୍ଷ୍ମୀ ପୂଜା

ବାସୁଦେବପୁର,୭।୧୦
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ବେତଡ଼ା ବଜାର ଏକ ପୁରାତନ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାବେଳେ ଲକ୍ଷ୍ମୀପୂଜା ପାଇଁ ଏହି ବଜାର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ୬ ମଣ୍ଡପରେ ମା' ଲକ୍ଷ୍ମୀ ପୂଜା ପାଉଥିବା ବେଳେ ବେତଡ଼ା ବଜାର ସାର୍ବଜନୀନ ସର୍ବପୁରାତନ ମହାଲକ୍ଷ୍ମୀ ପୂଜା ୭୮ ବର୍ଷରେ ପଦାର୍ପଣ କରିଛି। ଏହି ମଣ୍ଡପରେ ମା' ଲକ୍ଷ୍ମୀ ସ୍ଥାୟୀ ଭାବେ ପୂଜା ପାଉଛନ୍ତି। ମାର୍ବଲରେ ନିର୍ମିତ ମା'ଙ୍କ ମୂର୍ତ୍ତି ଓ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ଏହି ମଣ୍ଡପରେ ପୂଜା ପାଉଛନ୍ତି। ରୁପା ଅଳଙ୍କାରରେ ମା' ବିଭୂଷିତ ହୋଇଛନ୍ତି। ଆକର୍ଷଣୀୟ ତୋରଣ, ଆଲୋକସଜ୍ଜା ସହ ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦର୍ଶନ ଓ ପୌରାଣିକ ଉପାଖ୍ୟାନ, ଶିବ ଉପାଖ୍ୟାନ, ସତୀଦାହ ଚିତ୍ରକଳ୍ପ ମଧ୍ୟ ବେଶ୍ ସୁନ୍ଦର ହୋଇଛି।

୧୯୪୭ରେ ବେତଡ଼ା ସଂଲଗ୍ନ ଅଞ୍ଚଳର କେତେଜଣ ଅଗ୍ରଣୀ ବ୍ୟକ୍ତି ଓ ବ୍ୟବସାୟୀଙ୍କ ସହଯୋଗରେ ଏଠାରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଥିଲା।


ମନ୍ଦିରରେ ପୂଜା ପାଉଥିବା ମା' ଲକ୍ଷ୍ମୀ।

ତତ୍କାଳୀନ ସମୟର ସ୍ୱର୍ଗତ ଉମାକାନ୍ତ ଦାସ, ପୁରୁଷୋତ୍ତମ ଦାସ, ଚେମାକାନ୍ତ ଦାସ, ନରେନ୍ଦ୍ର ପାଣିଗ୍ରାହୀ, ଶ୍ୟାମସୁନ୍ଦର ପାଣିଗ୍ରାହୀ, ସୁରେନ୍ଦ୍ର ପଣ୍ଡା, ସନାତନ ମହାନ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ପ୍ରଥମେ ଏକ ତାଳବରଡ଼ା ଘରେ କଳସ ପୂଜା ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ଝାଟିମାଟି ନଡ଼ାଛପର ଘରେ ମା'ଙ୍କୁ ପୂଜା କରାଯାଉଥିଲା। ପରେ ଶରତ ଚନ୍ଦ୍ର ପାଣିଗ୍ରାହୀ, ନଗେନ୍ଦ୍ର ପ୍ରସାଦ ବିଶ୍ୱାଳଙ୍କ ଭଳି ଅଗ୍ରଣୀ ବ୍ୟକ୍ତିଙ୍କ ଉଦ୍ୟମକ୍ରମେ ମା'ଙ୍କର ସ୍ଥାୟୀ ମନ୍ଦିର ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ୨୦୨୧ ମାର୍ଗଶିର ମାସ ଶେଷ ଗୁରୁବାର ଶ୍ରୀକ୍ଷେତ୍ର ପୁରୀରୁ ଆଜ୍ଞାମାଳ ଅଣାଯାଇ ମା'ଙ୍କର ସ୍ଥାୟୀ ମାର୍ବଲ ମୂର୍ତ୍ତି ପ୍ରତିଷ୍ଠା ପାଇଁ କାର୍ଯ୍ୟ କରାଯାଇଥିବା ବେଳେ ୨୦୨୨ରେ ଏହି ମନ୍ଦିରରେ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା ଚାଲିଛି। ପୂଜା କମିଟିରେ ସଭାପତି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଓ ସମ୍ପାଦକ ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ବେଜ ଦାୟିତ୍ୱ ତୁଲାଉଛନ୍ତି।

# ୨ ମଣ୍ଡପରେ ଗଜଲକ୍ଷ୍ମୀଙ୍କ ଆରାଧନା


ବନ୍ତ ଥାନା ଛକ ପୂଜା ମଣ୍ଡପ।

ବନ୍ତ,୭।୧୦(ହରିନାରାୟଣ ମହାନ୍ତି)

ବନ୍ତ ଥାନା ଛକ ଓ କେନ୍ଦୁଆପଦା ଛକର ୨ ମଣ୍ଡପରେ ସୋମବାର ରାତରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ଥାନା ଛକସ୍ଥିତ ପୂଜା ମଣ୍ଡପରେ ସଞ୍ଜୀବ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ ଓ ପୂର୍ଣ୍ଣଚନ୍ଦ୍ର ସାହୁ ନିକଟସ୍ଥ କପାଳୀ ନଦୀରୁ କଳସ ଆଣିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ଭାସ୍କର ଚନ୍ଦ୍ର ଶତପଥୀ ଓ ସନ୍ତୋଷ କୁମାର ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସେହିପରି କେନ୍ଦୁଆପଦା ଛକ ମଣ୍ଡପରେ କାହ୍ନୁ ଚରଣ ରାମ ଜଳସେଚନ ଅଫିସ ପୁଷ୍କରିଣୀରେ କଳସ ବୁଡ଼ାଇ ଆଣିବା ପରେ ପୂଜା ଆରମ୍ଭ ହୋଇଥିଲା । ପୂଜକ ଭଗବାନ ପତି ଓ ରାଷ୍ଟ୍ରପତି ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ୭ ଦିନ ଧରି ପୂଜା ଚାଲିବ। ମଙ୍ଗଳବାର ଅପରାହ୍ଣରେ ବର୍ଷା ହେବା ସତ୍ତ୍ୱେ ଦୁଇ ମଣ୍ଡପରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭଦ୍ରକ ଜିଲାରେ ଏଠାକାର ଏହି ପୂଜା ଉତ୍ସବ ପ୍ରସିଦ୍ଧ ହୋଇଥିବାରୁ ବିଭିନ୍ନ ସ୍ଥାନରୁ ଦର୍ଶକ ଆସୁଛନ୍ତି। ଅପରପକ୍ଷେ ବର୍ଷା ପାଗକୁ ଦେଖି ପୂଜା କମିଟି କର୍ମକର୍ତ୍ତା ଓ ବ୍ୟବସାୟୀମାନେ ଚିନ୍ତା ପ୍ରକଟ କରିଛନ୍ତି। ବୁଧବାରଠାରୁ ଅନୁକୂଳ ପାଗ ହେଲେ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ୭ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ପୂଜାରେ ପ୍ରତିବର୍ଷ ବହୁ ଦର୍ଶକଙ୍କ ସମାଗମ ହୁଏ। ଭଦ୍ରକ ସମେତ କେନ୍ଦୁଝର ଜିଲାର ହାଟଡିହୀ ବ୍ଲକରୁ ଦର୍ଶକମାନେ ଏହି ପୂଜା ଦେଖିବାକୁ ଆସିଥାନ୍ତି।

# ମନ୍ତ୍ରୀଙ୍କ ଜନ୍ମଦିନରେ ଚାରାରୋପଣ, ଦୀପଦାନ

ଧାମନଗର/ଧୁଷୁରୀ,୭।୧୦ (ସନ୍ତୋଷ କୁମାର ମହାପାତ୍ର/ ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ଅସୁରାଳି ଶହୀଦ ମଣ୍ଡଳ ଭାଜପା ପକ୍ଷରୁ ସୋମବାର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଏହି ଅବସରରେ ଅସୁରାଳି ଗିରି ଗୋବର୍ଦ୍ଧନ ଗୋଶାଳାରେ ଶତାଧିକ ଗୋମାତାଙ୍କୁ ବନ୍ଦାପନା କରାଯିବା ସହ ଚାରାରୋପଣ କରାଯାଇଥିଲା। ସନ୍ଧ୍ୟାରେ ଶତାଧିକ କର୍ମକର୍ତ୍ତା ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥ ପାର୍ଶ୍ୱ ଶକ୍ତିପୀଠ ବରୁଣାଇ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରିବା ସହ ସମୂହ ଦୀପଦାନ କରିଥିଲେ। ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ପୂର୍ବତନ ଜିଲା ପରିଷଦ ସଭ୍ୟା ଉମାମଣି ସାହୁ, ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ, ବରିଷ୍ଠ ନେତା ଅଜୟ ବଳ, ବୈକୁଣ୍ଠ ସାହୁ, ବସନ୍ତ ରାଉତ, ହୃଷୀକେଶ ରାଉତ, ସୁରଜ ସାହୁ, କ୍ଷୀରୋଦ ସ୍ୱାଇଁ, ପ୍ରଶାନ୍ତ ନାୟକ, ଗୟାଧର ନାୟକ, ସରପଞ୍ଚ ସରୋଜ ସ୍ୱାଇଁ, ଶେଷଦେବ ମଲ୍ଲିକ, ଯୁବ ମୋର୍ଚ୍ଚା ସଭାପତି ରଜତ ଲେଙ୍କା, ସନ୍ତୋଷ ନାୟକ, ଜୟ ପ୍ରକାଶ ବେହେରା, ନରେନ୍ଦ୍ର ରାଉତ, ଆକାଶ ବସନ୍ତିଆ ପ୍ରମୁଖ ଏଥିରେ ସାମିଲ ଥିଲେ। ସେହିପରି ବମକୁରା ପଞ୍ଚାୟତ ଭାଜପା ପକ୍ଷରୁ ଧୁଷୁରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଜିଲା ଉପସଭାପତି ଚତୁର୍ଭୁଜ ନାୟକ, କ୍ଷୀରୋଦ ଧଳ, ଫଣୀ ଭୂଷଣ ମଲ୍ଲିକ, ସଞ୍ଜୟ ମଲ୍ଲିକ, ଅଭିମନ୍ୟୁ ରାଉତ, ମହେଶ୍ୱର ମିଶ୍ର, ଜିତେନ୍ଦ୍ର ଦୋବାଇ, ଅଜୟ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାଳଦାରେ ଗଜଲକ୍ଷ୍ମୀ ପୂଜା


ମାଳଦା ଗଜଲକ୍ଷ୍ମୀ ପୂଜା ମଣ୍ଡପ।

ଭଣ୍ଡାରିପୋଖରୀ,୭।୧୦
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ମାଳଦାରେ ଜଗନ୍ନାଥ ବଜାର ବଣିକ ସଂଘ ଆନୁକୂଲ୍ୟରେ ଚାଲିଛି ମା' ଗଜଲକ୍ଷ୍ମୀଙ୍କ ୨୭ତମ ପୂଜା। କର୍ତ୍ତା ଅନୀଲ କୁମାର ଶତପଥୀ ଓ ସୁଦୀପ୍ତା ଶତପଥୀ ଘଟୋତ୍ତଳନ କରି ସଂକଳ୍ପ କରିଥିଲେ। ଶିଳ୍ପୀ କାଶୀନାଥ ପରିଡ଼ା ଓ ଖଗେଶ୍ୱର ପରିଡ଼ାଙ୍କ ଦ୍ୱାରା ପାରମ୍ପରିକ ଭାବେ ନିର୍ମିତ ହୋଇଛି ମା'ଙ୍କ ମୃଣ୍ମୟ ମୂର୍ତ୍ତି। ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ଅଞ୍ଚଳ ଝଲସୁଛି। ମୀନାବଜାର ପଡ଼ିଥିବା ବେଳେ ମଙ୍ଗଳବାର ବୈତରଣୀ ମହୋତ୍ସବ ଆରମ୍ଭ ହୋଇଛି। ସେହିପରି ବିଭିନ୍ନ ସନ୍ଧ୍ୟାରେ ଭଜନ ସମାରୋହ, ଶିଶୁନୃତ୍ୟ ଓ ପାଲା ପରିବେଷଣ ସହ ମେଲୋଡ଼ି କାର୍ଯ୍ୟକ୍ରମ ରହିଛି। ରାଜ୍ୟସ୍ତରୀୟ ମହୋତ୍ସବ କମିଟି ସଂଯୋଜକ ଉତ୍କଳ କେଶରୀ ମହାନ୍ତି, ବଜାର କମିଟି ସଭାପତି ଚନ୍ଦ୍ରଶେଖର ମହାନ୍ତି, ଅଜୟ ରାଉତ, କୁନା ସାହୁ, ଗୋପାଳ କୁଅଁର, ଦେବାଶିଷ ପଣ୍ଡା, ଅଜୟ ବାରିକ, ଶ୍ୟାମସୁନ୍ଦର ଦାସ, ଦୁର୍ଯ୍ୟୋଧନ ଦାସ, ସୁଦାମ ଦାସ, ନିଶିକାନ୍ତ ସୂତାର, ଗଣେଶ ସାମଲ ପ୍ରମୁଖ ପରିଚାଳନା କରୁଛନ୍ତି। ଆସନ୍ତା ୧୩ ତାରିଖରେ ଉତ୍ସବ ଉଦ୍‌ଯାପନ ହେବା ସହ ଭସାଣି ଅନୁଷ୍ଠିତ ହେବ।

## 'ନିରନ୍ତର ପ୍ରଚେଷ୍ଟା ସଫଳତାର ଚାବିକାଠି'



ବୈତରଣୀ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅତିଥି।

ଭଣ୍ଡାରିପୋଖରୀ,୭।୧୦(ରାଜେନ୍ଦ୍ର ଶତପଥୀ)

**ବୈତରଣୀ ମହୋତ୍ସବ ଉଦ୍‌ଘାଟିତ**

ନିରନ୍ତର ପ୍ରଚେଷ୍ଟା କଲେ ସଫଳତା ମିଳିବ ବୋଲି ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ବାର୍ଷିକ ଗଜଲକ୍ଷ୍ମୀ ପୂଜା ମଞ୍ଚରେ ବୈତରଣୀ ମହୋତ୍ସବକୁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିବା ଅବସରରେ ଜିଲାପାଳ ଏହା କହିଥିଲେ। ଅନ୍ୟତମ ଅତିଥି ଭାବେ ଡା. ଭାଗ୍ୟଶ୍ରୀ ପଣ୍ଡା, ଅଧ୍ୟାପକ ଅଶୋକ ପଣ୍ଡା, କବୟିତ୍ରୀ ମମତା ବଳ, ଖବରଦାତା ପ୍ରଦୀପ ବଳ, ବରିଷ୍ଠ ନାଗରିକ ନୃସିଂହ ଚରଣ ଖିଲାର, ଯୁବନେତା ପ୍ରତ୍ୟୁଷ ସାମଲ, ଭାଗୀରଥି ପରିଡ଼ା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କମିଟି ପକ୍ଷରୁ ଚିତ୍ରଶିଳ୍ପୀ କ୍ଷୀରୋଦ ଦାସ, କଣ୍ଠଶିଳ୍ପୀ ଭାସ୍କର ଦାସ, ଡାକ୍ତରୀ ଛାତ୍ରୀ ସୁନୀତା ରାଜେଶ୍ୱରୀ ପଣ୍ଡା, ଶିକ୍ଷକ ମନୋଜ ସାମଲ, ଗ୍ରାମ୍ୟ ବ୍ୟବସାୟୀ ନିରଞ୍ଜନ ବେହୁରିଆ ଓ ଯୁବ ସଙ୍ଗଠକ ଶିବା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି ମଞ୍ଚ ଆହ୍ୱାନ କରିଥିବା ବେଳେ ସମ୍ପାଦକ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ବ୍ୟବସାୟୀ ଧୀରେନ୍ଦ୍ର ନାୟକ, ଦେବାଶିଷ ପଣ୍ଡା, କମଳାକାନ୍ତ ସାମଲ, ନିରାକାର ବେହୁରିଆ ପ୍ରମୁଖ ପରିଚାଳନା କରିଥିଲେ।

# ୨୩ ଦିନ ବିତିଲା, ପୋଲିସ ହାତ ଖାଲି

**ଘର ଆଗରୁ ନାବାଳିକାଙ୍କୁ ଅପହରଣ ପରେ ହତ୍ୟା ମାମଲା**

ବାସୁଦେବପୁର,୭।୧୦(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଚୁଡ଼ାମଣି ସାମୁଦ୍ରିକ ଥାନା ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମରୁ ଘର ଆଗରୁ ୮ ବର୍ଷର ନାବାଳିକାଙ୍କୁ ଅପହରଣ ପରେ ହତ୍ୟା ଘଟଣାକୁ ଏହା ମଧ୍ୟରେ ୨୩ ଦିନ ବିତିଯାଇଛି। ହେଲେ ପୋଲିସ ହାତ ଖାଲି। ଏଯାଏ ଏହି ଘଟଣାରେ କେହି ଅଭିଯୁକ୍ତ ଗିରଫ ହୋଇନାହାନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଠାବ କରିପାରି ନାହିଁ। ପ୍ରକାଶ ଯେ, ଗତ ସେପ୍ଟେମ୍ବର ୧୪ ରାତିରେ କେହି ବ୍ୟକ୍ତି ନାବାଳିକାଙ୍କୁ ତାଙ୍କ ଘର ଆଗରୁ ଅପହରଣ କରି ନେଇଥିଲେ। ଅପହୃତା ନାବାଳିକାଙ୍କ ଭଉଣୀଙ୍କ କହିବା ଅନୁଯାୟୀ, ୨ଜଣ ଅଜଣା ଯୁବକ ଏକ ବାଇକ୍‌ରେ ତାଙ୍କ ସାନ ଭଉଣୀଙ୍କୁ ଉଠାଇ ନେଇଥିଲେ। ଏହି ଘଟଣାରେ ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ସମେତ ଜିଲା ପୋଲିସ ତନାଘନା ଚଳାଇଥିଲା। ଭଦ୍ରକ ଏସ୍‌ପି, ପୂର୍ବାଞ୍ଚଳ ଡିଆଇଜି ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ବିଧାୟକ ଅଶୋକ କୁମାର ଦାସ ମଧ୍ୟ ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଅପହରଣର ୬ଦିନ ପରେ ଇଷ୍ଟକୋଷ୍ଟ କେନାଲରୁ ଅପହୃତା ନାବାଳିକାଙ୍କ ଗଳିତ ମୃତଦେହ ମିଳିଥିଲା। ଏହି ଘଟଣାକୁ ୨୩ ଦିନ ବିତିଯାଇଥିଲେ ହେଁ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ହୋଇପାରି ନାହିଁ। ଏହି ଘଟଣାରେ ପୋଲିସ ବିଭିନ୍ନ ସମୟରେ ସନ୍ଦେହରେ କେତେଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରି ପରେ ଛାଡ଼ି ଦେଇଥିବା ବେଳେ ଅଦ୍ୟାବଧି କାହାରିକୁ ଗିରଫ କରାଯାଇପାରି ନାହିଁ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଘଟଣାର ପର୍ଦ୍ଦାଫାସ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ବୋଲି ଚୁଡ଼ାମଣି ସାମୁଦ୍ରିକ ଥାନାଧିକାରିଣୀ ବନାନୀ ବେହେରା କହିଛନ୍ତି।

## 'ଜୀବନ ଖୋଜୁଛି ଜିଇଁବା ରାହା' ନାଟକର ଆଖଡ଼ା ପୂଜା

ତିହିଡ଼ି,୭।୧୦(ସଞ୍ଜିତ ବଳ): ତିହିଡ଼ି ବ୍ଲକର ପ୍ରଦେଶ ସେବା ସଙ୍ଗଠନ ପକ୍ଷରୁ ମଞ୍ଚସ୍ଥ ହେବାକୁ ଥିବା ନାଟକ 'ଜୀବନ ଖୋଜୁଛି ଜିଇଁବା ରାହା'ର ଆଖଡ଼ା ପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏହି ନାଟକ ମଞ୍ଚସ୍ଥ ହେବ। ନାବାଳିକା ବିବାହ ପ୍ରଥା, ଆତ୍ମହତ୍ୟାର ପଥ ବଦଳାଇ ଯୁବପିଢ଼ିଙ୍କ ମଧ୍ୟରେ ସାମାଜିକ ସଚେତନତା ସୃଷ୍ଟି କରିବା ସହ ସାମ୍ପ୍ରତିକ ପରିସ୍ଥିତିରେ ଥିବା ରକ୍ତ ସଙ୍କଟ ସମସ୍ୟାର ସରଳ ସମାଧାନ ଏହି ନାଟକର ବିଷୟବସ୍ତୁ। ନାଟକର ନାଟ୍ୟକାର ସଙ୍ଗଠନ ସଭାପତି ରଞ୍ଜନ ମିଶ୍ର ଥିବାବେଳେ ସମ୍ପାଦିକା ସୁଭଦ୍ରା ଭାରତୀ ନିର୍ଦ୍ଦେଶନା ଦେଉଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ସୂର୍ଯ୍ୟ ମହାନ୍ତିଙ୍କ ସହ ସଦସ୍ୟ ସମୀର ଓଝା ନାଟ୍ୟ ପରିଚାଳନା ଦାୟିତ୍ୱ ନେଇଛନ୍ତି। କୋଷାଧ୍ୟକ୍ଷ ବସୁଶ୍ରୀ ଆର୍ତ୍ତ ବଲ୍ଲଭ ବାରିକ, ଗୌତମ ମିଶ୍ର, ସଞ୍ଜୟ ବୀର, କମଳାକାନ୍ତ ବାରିକ, ଧୀରେନ୍ଦ୍ର ବାରିକ, ଗଣେଶ ପାଢ଼ୀ, ଶୁଭମ ବାରିକ, ଅକ୍ଷୟ ରଣା, ସାଇକ୍ରୀଷ୍ଣା ବେହେରା, ଶୁଭସ୍ମିତା ପାଣିଗ୍ରାହୀ, ମିଲି ନାୟକ ପ୍ରମୁଖ ସଙ୍ଗଠନର ସଭ୍ୟାସଭ୍ୟ ନାଟକରେ ଅଭିନୟ କରୁଥିବା ଜଣାପଡ଼ିଛି। ପବିତ୍ର କୁମାର ପୂର୍ଣ୍ଣିମାରେ ବାମନବିନ୍ଧା ପଞ୍ଚାୟତ ଅଧୀନ କାନପୁର ଘୁଷୁରାସ୍ଥିତ ହନୁମାନ ମନ୍ଦିରରେ ନାଟକ ପୁସ୍ତକର ପୂଜା କରାଯାଇଛି। ଏହି ନାଟକ ଦର୍ଶକମାନଙ୍କୁ ବିଭୋର କରିବା ସହ ସମାଜ ସଂସ୍କାରରେ ସହାୟକ ହେବ ବୋଲି ଉପଦେଷ୍ଟା ଧ୍ରୁବ ଚରଣ ପାଣିଗ୍ରାହୀ ଆଶାପୋଷଣ କରିଛନ୍ତି।

# କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ ପାଇଁ ପ୍ରସ୍ତୁତି

ଚାନ୍ଦବାଲି,୭।୧୦(ରତିକାନ୍ତ ବାରିକ)

ଉପକୂଳ ଓଡ଼ିଶାର ନଦୀ ବଞ୍ଚାଅ ଆନ୍ଦୋଳନକୁ ନେଇ ଜନଜାଗରଣ ଓ ସଚେତନତା ପରିପ୍ରେକ୍ଷୀରେ ବୈତରଣୀର ସୁରକ୍ଷା, ସାମାଜିକ ସଂସ୍କୃତିର ବିକାଶ ଦିଗରେ କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲାର ସାଂସ୍କୃତିକ କାର୍ଯ୍ୟକ୍ରମ କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ-୨୦୨୬ ପାଇଁ ସୋମବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୈଳେନ୍ଦ୍ରନଗରସ୍ଥିତ ନୂଆବସ୍ତିଷ୍ଠାଣ୍ଠାରେ କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ ପରିଚାଳନା କମିଟିର ଅସ୍ଥାୟୀ ଅଫିସ ଅନନ୍ୟା ସାଂସ୍କୃତିକ ପ୍ରତିଷ୍ଠାନରେ ଆୟୋଜିତ ବୈଠକରେ କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ପଣ୍ଡା ସଭାପତିତ୍ୱ କରିଥିଲେ। ଆସନ୍ତା ଜାନୁଆରୀ ୨ୟ ସପ୍ତାହରେ ମହୋତ୍ସବ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏବର୍ଷ ଆହୁରି ଅଧିକ ସଂଖ୍ୟକ ଶୁଭେଚ୍ଛୁ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, କଳାକାର, ସାମାଜିକ କର୍ମୀ, ପରିବେଶବିତ୍ ଏବଂ ସର୍ବଦଳୀୟ ନେତୃବୃନ୍ଦଙ୍କୁ ସଭ୍ୟ ଭାବେ ନିଆଯାଇ କାର୍ଯ୍ୟକ୍ରମକୁ ଆଗକୁ ନିଆଯିବାକୁ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରାଯାଇଛି। ବିଭିନ୍ନ ବିଭାଗର ଦାୟିତ୍ୱକୁ ମୁଖ୍ୟ ଭାବେ ପରିଚାଳନା କରିବାକୁ ଉପ କମିଟି ଗଠନ କରାଯାଇଛି। ବୈଠକରେ ପରିଚାଳନା କମିଟିର ସମସ୍ତ ମୁଖ୍ୟ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ ଯୋଗ ଦେଇଥିଲେ। ସର୍ବଶ୍ରୀ ନିର୍ମଳ ଚନ୍ଦ୍ର ରାଉତ, ଆଦିତ୍ୟ କୁମାର ବିଶ୍ୱାଳ, ମଙ୍ଗୁଳି ଚରଣ ବେହେରା, ଅମିୟ କୁମାର ସାହୁ, ଦେବବ୍ରତ ଦାସ, ରଘୁନାଥ ସାହୁ, ଗଙ୍ଗାଧର ଦାସ, ରଞ୍ଜନ ଦାସ, ଅଶୋକ ସାହୁ, କେଦାର ଚନ୍ଦ୍ର ମହାନ୍ତି, ଶରତ ରାଉତ, ଚନ୍ଦ୍ରକାନ୍ତି ଦାସ, ସୁଶୀଲ କୁମାର ବାରିକ, ସୁକାନ୍ତ ସାହୁ, ପ୍ରକାଶ କୁମାର ସେଠୀ, ଦିଲୀପ କୁମାର ବେହେରା, ଶ୍ରୀରାମ ନାୟକ, ବିକ୍ରମ ଆଚାର୍ଯ୍ୟ, ବିଶ୍ୱକେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ ପରିଚାଳନା କମିଟିର କର୍ମକର୍ତ୍ତା।

# ଅସ୍ତ୍ରୋପଚାରରେ ତ୍ରୁଟି, ନଷ୍ଟ ହୋଇଗଲା ଆଖି

ଧାମନଗର,୭।୧୦(ସନ୍ତୋଷ କୁମାର ମହାପାତ୍ର)

**କାମ କରି ନ ପାରି ଭୋକ ଉପାସରେ ରବୀନ୍ଦ୍ରଙ୍କ ପରିବାର**

ବୟସାଧିକ ଯୋଗୁ ଆଖିର ଦୃଷ୍ଟିଶକ୍ତି କମିବା ସହ ପାଣି ଗଡ଼ିବା, ବିନ୍ଧିବା ଭଳି ସମସ୍ୟା ଦେଖାଯାଇଥିଲା। ଏନେଇ ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ କିଛିଦିନ ପରେ ବାମ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ଏହାକୁ ନେଇ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ବ୍ରହ୍ମପୁର ଗ୍ରାମର ରବୀନ୍ଦ୍ର କୁମାର ଦାସ(୭୨)ଙ୍କ ପରିବାର। ଅସ୍ତ୍ରୋପଚାରରେ ତ୍ରୁଟି ଯୋଗୁ ଆଖି ନଷ୍ଟ ହୋଇଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ରବୀନ୍ଦ୍ରଙ୍କ କହିବା ଅନୁଯାୟୀ, ସେ ଗତ ମାର୍ଚ୍ଚ ୨୫ରେ ଯାଜପୁର ଜିଲା ଚଣ୍ଡିଖୋଲ ନିକଟସ୍ଥ ସାଇନେତ୍ର ଚକ୍ଷୁ ଚିକିତ୍ସାଳୟରେ ଡାକ୍ତରଙ୍କ ପରାମର୍ଶ କରିଥିଲେ। ପରୀକ୍ଷା ନିରୀକ୍ଷା ପରେ ମୋତିଆବିନ୍ଦୁ ହୋଇଥିବା କହିବା ସହ ଅସ୍ତ୍ରୋପଚାର କରାଗଲେ ସମ୍ପୂର୍ଣ୍ଣ ଭାବେ ଠିକ୍ ହୋଇଯିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଡା. ବିଶ୍ୱଜିତ୍ ଦେ ଆଖିର ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରିଥିଲେ। ଏହାର ଅଳ୍ପଦିନ ପରେ ଏପ୍ରିଲ ୧ରେ ଆଖିର ଅବସ୍ଥା କିଭଳି ଅଛି ଦେଖିବାକୁ



ସ୍ତ୍ରୀଙ୍କ ସହ ରବୀନ୍ଦ୍ର ଦାସ।

ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ତାଙ୍କୁ ଡାକି ପରୀକ୍ଷା କରି ଔଷଧ ପତ୍ର ଦେବା ସହ ଆଖି ଭଲ ହୋଇଯିବ ବୋଲି କହିଥିଲେ। ହେଲେ ଔଷଧ ଖାଇବା ପରେ ମଧ୍ୟ ଆଖିରୁ ପାଣି ଗଡ଼ିବା, ବିନ୍ଧିବା ଭଳି ସମସ୍ୟା ଦୂର ହୋଇ ନ ଥିଲା। ପୁଣି ଥରେ ଡାକ୍ତରଙ୍କୁ ଦେଖାଇବାକୁ ଗତ ମେ ୭ରେ ସେହି ଚିକିତ୍ସାଳୟକୁ ଯାଇଥିଲେ। ଡାକ୍ତର ଔଷଧ ଲେଖିବା ସହ ଏଥର ଆଖି ଭଲ ହୋଇଯିବ ବୋଲି କହିଥିଲେ। ଆଖିର ସମସ୍ୟା ପୂର୍ବ ଭଳି ହେବାରୁ ମେ ୧୩ରେ ପୁନର୍ବାର ଡାକ୍ତରଙ୍କ ପରାମର୍ଶ କରିବାକୁ ଯାଇଥିଲେ। ସେଠାରେ ଡାକ୍ତର ଦେଖିବା ପରେ ନିଜର ଅକ୍ଷମତା ପ୍ରକାଶ କରି ଉନ୍ନତମାନର ଚିକିତ୍ସା ପାଇଁ ଭୁବନେଶ୍ୱର ପଟିଆସ୍ଥିତ ଡା. ଏଲ୍‌ଭି ପ୍ରସାଦଙ୍କୁ ଦେଖାଇବାକୁ ପରାମର୍ଶ ଦେଇଥିଲେ। ସେଠାରେ ଡା. ପ୍ରସାଦଙ୍କୁ ଦେଖାଇବା ପରେ ଭୁଲ୍ ଅସ୍ତ୍ରୋପଚାର ଯୋଗୁ ବାମ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଥିଲା। ନଷ୍ଟ ଆଖିକୁ ସମ୍ପୂର୍ଣ୍ଣ ବାହାର ନ କରାଗଲେ ପରବର୍ତ୍ତୀ ସମୟରେ ଏହା ଅନେକ କ୍ଷତି କରିବ ବୋଲି ଡାକ୍ତର କହିଥିଲେ। ସେଠାରେ ଦୁଇଦିନ ରହିବା ପରେ ନଷ୍ଟ ଆଖିକୁ ବାହାର କରି ଏକ ଲେନ୍ସ ଲଗାଇ ଦେଇଥିଲେ। ଫଳରେ ଆଖିରେ ଆଉ ପୂର୍ବ ଭଳି ଇନ୍‌ଫେକ୍ସନ ହେବନି ବୋଲି ଡାକ୍ତର କହି ଘରକୁ ଛାଡ଼ିଥିଲେ। ହେଲେ ଗରିବ ଦିନମଜୁରିଆ ରବୀନ୍ଦ୍ର ଏବେ କୌଣସି କାମ ଧନ୍ଦା କରି ନ ପାରିବାରୁ ଅଧିକାଂଶ ସମୟରେ ତାଙ୍କ ପରିବାର ଭୋକ ଉପାସରେ ରହୁଛନ୍ତି। ଚକ୍ଷୁ ଚିକିତ୍ସାଳୟର ଅନଭିଜ୍ଞ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ସରକାର ଏହାର ଠିକ୍ ତଦନ୍ତ କରାଇ ଗରିବ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ରବୀନ୍ଦ୍ରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଦାସ ଦାବି କରିଛନ୍ତି। ସାଇନେତ୍ର ଚକ୍ଷୁ ଚିକିତ୍ସାଳୟର ଅପ୍‌ଟ୍ରମେଟ୍ରିଷ୍ଟ ସନ୍ଧ୍ୟା ସାଗରିକା ଦାସ କହିଛନ୍ତି, ଏଠାରେ ଉକ୍ତ ବ୍ୟକ୍ତିଙ୍କର ଠିକ୍ ଚିକିତ୍ସା କରାଯାଇଥିଲା। ହେଲେ ଅସ୍ତ୍ରୋପଚାର ପରେ ବାରମ୍ବାର ଆଖିର ସମସ୍ୟା ଦେଖାଯିବାରୁ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଥିଲା।

## ୨୬ରେ ଜଳେଶ୍ୱରରେ ଆଦିବାସୀ ମେଳା

ଜଳେଶ୍ୱର, ୭।୧୦(ନବୀନ ସାହୁ)

ଜଳେଶ୍ୱରଠାରେ ଆଦିବାସୀ ମେଳା ଆୟୋଜନ ନେଇ ରବିବାର ସନ୍ଧ୍ୟାରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସମ୍ମୁଖରେ ଗୌରହରି ସାହୁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି। ମହିଳା ଯୁବଗୋଷ୍ଠୀଙ୍କୁ ଗୁରୁତ୍ୱ ଦେଇ ଆସନ୍ତା ୨୬ରୁ ୩୦ତାରିଖ ଯାଏ ୫ଦିନ ବ୍ୟାପୀ ଆଦିବାସୀ ମେଳା ସ୍ଥାନୀୟ ସାଇମନ୍ଦିର ପଡ଼ିଆରେ ହେବାକୁ ସ୍ଥିର ହୋଇଛି। ଆଦିବାସୀ ନେତା ସର୍ବେଶ୍ୱର ଟୁଡୁ, କୁଆଁର ସିଂ, ସନାଇ ହେମ୍ବ୍ରମ, ହରିଆ ମାରାଣ୍ଡି, ରଘୁନାଇ ମୁର୍ମୁ, ପ୍ରଭାକର ହାଁସଦା, ନିରଞ୍ଜନ ମାରାଣ୍ଡି, ବୁଦ୍ଧିରାମ ବାସ୍କେ ଓ ରତ୍ନାକର ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ୨ଦିନ କାର୍ଯ୍ୟକ୍ରମ ଚାଲିବ। ଆଦିବାସୀଙ୍କ କଳା, ସଂସ୍କୃତି, ପରମ୍ପରା, ନୃତ୍ୟ ସଙ୍ଗୀତ, ଭାଷା ପ୍ରତି ମେଳାରେ ଗୁରୁତ୍ୱ ବହନ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି। ଜଳେଶ୍ୱର ମ୍ୟୁନିସିପାଲିଟିର ବହୁ ଆଦିବାସୀ ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି। କାଉନସିଲର ଗୋବିନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

# ସରକାରୀ ଯୋଜନାରୁ ବାଦ୍ ପଡୁଛନ୍ତି ମତ୍ସ୍ୟଜୀବୀ

## ସହାୟତା ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୭।୧୦



ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ ଓ ମତ୍ସ୍ୟଜୀବୀ ସମବାୟ ସମିତି କର୍ମକର୍ତ୍ତା।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ ୯ଟି ପଞ୍ଚାୟତର ପ୍ରାୟ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ ମାଛ ଧରି ଜୀବିକା ନିର୍ବାହ କରିଥାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ମତ୍ସ୍ୟଜୀବୀମାନଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରୁଛନ୍ତି। ମାତ୍ର ମତ୍ସ୍ୟ ବିଭାଗରେ ଥିବା ଅଧିକାରୀମାନଙ୍କର ବୈମାତୃକ ମନୋଭାବ ପାଇଁ ସରକାରୀ ଯୋଜନାରୁ ବାଦ୍ ପଡୁଛନ୍ତି ମତ୍ସ୍ୟଜୀବୀ। ବ୍ଲକରୁ ଜିଲା ପର୍ଯ୍ୟନ୍ତ ଦୁର୍ନୀତିର ଚେର ଲମ୍ବିଛି ବୋଲି ବାଲିଆପାଳ ବ୍ଲକ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ମଙ୍ଗଳବାର ବାଲିଆପାଳ ଯୁବ କଂଗ୍ରେସ ଏବଂ ମତ୍ସ୍ୟଜୀବୀ ସମବାୟ ସମିତି ପକ୍ଷରୁ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ସରକାର ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ନିୟମ ଅନୁଯାୟୀ ସମୁଦ୍ରରୁ ମାଛ ମାରିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସହାୟତା ଦେଇଥାନ୍ତି। ଯୋଜନା ଗୁଡ଼ିକର ସଫଳ କାର୍ଯ୍ୟକାରୀ ନ ହେବା, ପ୍ରକୃତ ହିତାଧିକାରୀ ଚୟନ, ଠିକ୍ ସମୟରେ ସହାୟତା ନ ଦେବା, ସରକାରୀ ନିୟମ ମୁତାବକ ମତ୍ସ୍ୟଜୀବୀ ଚୟନ ନ କରି ଅନ୍ତରପାନ୍ତର ନୀତି ଗ୍ରହଣ କରିବା ଭଳି କାର୍ଯ୍ୟ ନେଇ ଅଭିଯୋଗ ହେବା ପରେ ଏକ ତଦନ୍ତକାରୀ ଟିମ୍ ୨୦୨୩ ମସିହାରେ ଆସିଥିଲେ। ମାତ୍ର କୌଣସି ସୁଫଳ ମିଳିଲାନି। ଏବେକାର ବାଲିଆପାଳ ଅଧିକାରୀ କ୍ଷୀରୋଦ ରାଉତ ସର୍ବମୋଟ ୮୮ ଟି ଜୀବନ ରକ୍ଷାକାରୀ ଉପକରଣ ଦିଆଯିବ ବୋଲି କହିଥିଲେ ମାତ୍ର ଅଦ୍ୟାବଧି ତାହା ପଞ୍ଜୀକୃତ ହିତାଧିକାରୀଙ୍କୁ ମିଳିପାରିନାହିଁ। ୬୮ ହିତାଧିକାରୀଙ୍କୁ ଉପକରଣ ବଣ୍ଟନ କରାଯାଇଛି। ଅନ୍ୟ ୨୦ହିତାଧିକାରୀଙ୍କୁ ଏଯାବତ ଦିଆଯାଇନାହିଁ। ୨୦୨୩-୨୦୨୪ ବର୍ଷ ପ୍ରଧାନମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ନୂଆ ବୋଟ୍, ଜାଲ, ଇଞ୍ଜିନ ପାଇଁ ବାଲିଆପାଳ ବ୍ଲକରୁ ୨୭ ଜଣ ହିତାଧିକାରୀଙ୍କୁ ଦିଆଯିବ ବୋଲି ଘୋଷଣା କରାଯାଇଥିଲା, ମାତ୍ର ଅଧିକାରୀଙ୍କ ଦ୍ୱାରା ତଦନ୍ତ ପରେ ଜଣେ ମଧ ହିତାଧିକାରୀ ଚୟନ ନ ହେବା ବିଡ଼ମ୍ବନାର ବିଷୟ। ତେବେ ୭ଦିନ ମଧ୍ୟରେ ହିତାଧିକାରୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଓ ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି କିଶାନ ସେଲ କମ୍ପ୍ଲେକ୍ସର ରାଜ୍ୟ ଉପସଭାପତି ଅରୁଣ ଜେନା, ବସ୍ତା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତୀର୍ଥ କୁମାର ନାଗ, ବ୍ଲକ ସଭାପତି ସୁବାସ ଦାସ, ବରିଷ୍ଠ ନେତା ସୁଶାନ୍ତ ପାତ୍ର, ମତ୍ସ୍ୟଜୀବୀ ସଂଘ ସଭାପତି ନାରାୟଣ ବେହେରା, ଯଦୁପତି ବିଶ୍ୱାଳ, ହରିପଦ ରାୟ, ଭାନୁଚରଣ ଜେନା ଓ ମନୋରଞ୍ଜନ ବାରିକ। ନ ହେଲେ ଆନ୍ଦୋଳନ ଚେତାବନୀ ଦିଆଯାଇଛି।

## ଅନ୍ୟାୟ, ଦୁର୍ନୀତି ବିରୋଧରେ ଲଢ଼ିବି: ସତ୍ୟଶିବ


କଂଗ୍ରେସ ଜିଲା ସଭାପତି ସତ୍ୟଶିବ ଦାସ ଉଦ୍‌ବୋଧନ ଦେଉଛନ୍ତି।

ଭୋଗରାଇ, ୭।୧୦(ପ୍ରଦୀପ ଦାସ)

ବିଜେଡିର ୨୪ବର୍ଷ ଓ ଭାଜପାର ୧୪ମାସ ଶାସନ କାଳରେ ଓଡ଼ିଶାର ପ୍ରଗତି ବଦଳରେ ବିନାଶ ଘଟିଛି। ନିର୍ବାଚନ ବେଳେ ଦୁଇ ଦଳ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ଏବେ ପାଣିରଗାର ସଦୃଶ ହୋଇଛି। ଭାଜପାର ନୀତିହୀନ ଶାସନର ଖୁବଶୀଘ୍ର ପତନ ଘଟିବାକୁ ଯାଉଥିବା ବେଳେ କଂଗ୍ରେସ ଏଣିକି ଚୁପ୍ ହୋଇ ବସିବ ନାହିଁ। ଭାଜପା ସରକାର ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ଗଣ ଆନ୍ଦୋଳନ ଗଢ଼ି ତୋଳିବି ଓ କଂଗ୍ରେସକୁ ଜିଲାରେ ଶକ୍ତିଶାଳୀ ଦୃଢ଼ତ ଦଳ ଭାବେ ନିଜକୁ ସମର୍ପିତ କରିବି ବୋଲି ବାଲେଶ୍ୱର ଜିଲାର ନୂତନ କଂଗ୍ରେସ ସଭାପତି ସତ୍ୟଶିବ ଦାସ ବାଲେଶ୍ୱର ଜିଲା ଭୋଗରାଇ ଥାନାଛକସ୍ଥିତ କମ୍ୟୁନିଟି ସେଣ୍ଟରରେ ସୋମବାର ସନ୍ଧ୍ୟାରେ ଭୋଗରାଇ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କହିଛନ୍ତି। ସମ୍ବର୍ଦ୍ଧନା ସଭାରେ ଜିଲା ପରିଷଦ ସଦସ୍ୟ ଓ ବରିଷ୍ଠ ନେତା ସନ୍ତୋଷ କୁମାର ଜେନା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ଜିଲା ଉପସଭାପତି ଗୋପବନ୍ଧୁ ମହାପାତ୍ର, ସମ୍ପାଦକ ଦୀପକ କୁମାର ନାୟକ, ମହିଳା ସଭାନେତ୍ରୀ ମୀନାରାଣୀ ସୁର, ବାଲିଆପାଳ ବ୍ଲକର କଂଗ୍ରେସ ନେତା ବିଜନ ନାୟକ, ଅରୁଣ କୁମାର ଜେନା, ବରିଷ୍ଠ ନେତ୍ରୀ ମମତା ସାହୁ, ବରିଷ୍ଠ ନେତା ସୁଦର୍ଶନ ଜେନା, ସୁମନ୍ତ ବେହେରା, କାର୍ତ୍ତିକ ଚନ୍ଦ୍ର ପାତ୍ର, ରାଜେନ୍ଦ୍ର ପଣ୍ଡା, ରାଜେନ୍ଦ୍ର ଦଳାଇ, ଶିଶିର ମହାପାତ୍ର, ବାଲିଆପାଳ ଜିଲା ପରିଷଦ ସଦସ୍ୟ ବାବାଜୀ ଦେଉରୀ, ଯୁବ ସଭାପତି ଜୟଦେବ ଦାସ, ରତନ ବାଗ, ଦୀପେଶ ଚନ୍ଦ୍ର ରାୟ ପ୍ରମୁଖ ନେତା ଓ କର୍ମୀମାନେ ଏକ ହୋଇ ବିଜେଡି ଓ ଭାଜପା ବିରୋଧରେ ଅଣ୍ଟା ଭିଡ଼ିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ମତପ୍ରକାଶ କରିଥିଲେ। ନୂତନ କଂଗ୍ରେସ ସଭାପତିଙ୍କୁ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥ ଭୋଗରାଇର ପ୍ରବେଶ ପଥ ବଡ଼ମାନ୍ଦାରୁଣୀ, କମର୍ଦ୍ଧା, ବାଉଁଶଡିହା, ଥାନାଛକ ଆଦି ସ୍ଥାନରେ ଶତାଧିକ କଂଗ୍ରେସ ନେତା ଓ କର୍ମୀମାନେ ସମ୍ବର୍ଦ୍ଧନା ଜ୍ଞାପନ କରି ଏକ ବାଇକ ରାଲିରେ ଥାନାଛକରେ ପହଞ୍ଚିଥିଲେ। ସଭାରେ ଭୋଗରାଇ କଂଗ୍ରେସ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୬ଟି ଜୋନ ସଭାପତି ଓ ଛାମୁଆ ନେତାମାନେ ସାମିଲ ଥିଲେ।

## ସହଯୋଗର ହାତ ବଢ଼ାଇଲେ ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସଙ୍ଗଠନ

### ଚୁଲି ନିଆଁରେ ପଡି ଗୁରୁତର ହେବା ଘଟଣା

ନୀଳଗିରି, ୭।୧୦(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ମିତ୍ରପୁର ନିକଟସ୍ଥ କାଠଗୋଛି ଗାଁରେ ରବିବାର ମଧ୍ୟାହ୍ନରେ ଜଣେ ନିରାଶ୍ରୟା ଯୁବତୀ ଭାସ୍କର ମହାଳିକଙ୍କ ଝିଅ ତିଲୋତ୍ତମା ଚୁଲି ନିଆଁରେ ପଡି ଗୁରୁତର ହୋଇ ଡାକ୍ତରଖାନାରେ ଏକାକୀ ସଂଗ୍ରାମ କରୁଛନ୍ତି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଖବରପାଇ ଏସ୍‌ଡିଏମ୍‌ଓ ସରୋଜିନୀ ପ୍ରଧାନଙ୍କ ସହ କଥା ହୋଇ ଚିକିତ୍ସା ପାଇଁ ଯାହା ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନୀଳଗିରି ଗୋପୀନାଥପୁର ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ମହାବୀର ଫାଉଣ୍ଡେଶନ କର୍ମକର୍ତ୍ତାମାନେ ମେଡିକାଲରେ ପହଞ୍ଚି ସେବା କରିଥିଲେ। ସୋମବାର ସକାଳେ ନୀଳଗିରି ଟ୍ରକ୍ ଆସୋସିଏଶନ ପକ୍ଷରୁ ଶିଶିର କୁମାର ରାଉତ, ମାନସ ବାରିକ ମେଡିକାଲରେ ପହଞ୍ଚି ତିଲୋତ୍ତମାଙ୍କ ଅବସ୍ଥା ପଚାରି ବୁଝିଥିଲେ। ଆବଶ୍ୟକସ୍ଥଳେ ଡାକ୍ତର ଯଦି ପ୍ଲାଷ୍ଟିକ ସର୍ଜରୀ ପାଇଁ ପରାମର୍ଶ ଦିଅନ୍ତି, ତା' ହେଲେ ଆସୋସିଏଶନ ପକ୍ଷରୁ ପ୍ଲାଷ୍ଟିକ ସର୍ଜରୀର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଘୋଷଣା କରିଥିଲେ। ପରେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ମେଡିକାଲରେ ପହଞ୍ଚି ତିଲୋତ୍ତମାର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ।

ଉଲ୍ଲେଖଯୋଗ୍ୟ, ତିଲୋତ୍ତମା ପିଲାବେଳୁ ମା'ଙ୍କୁ ହରାଇଥିଲା। ବାପା ଭାସ୍କର ମହାଳିକ ଦ୍ୱିତୀୟ ବିବାହ କରିବାରୁ ସାବତ ମା'ଙ୍କ ନିର୍ଯାତନା ସହି ନ ପାରି ଜେଜେଙ୍କ ସହ ଏକ କୁଡ଼ିଆ କରି ରହୁଥିଲେ। ଗତ ୩ ମାସ ତଳେ ଜେଜେ ବି ଆର ପାରିକୁ ଚାଲିଯାଇଥିଲେ। ନିରାଶ୍ରୟ ଯୁବତୀ ଜଣକ ଗତ ରବିବାର ରୋଷେଇ କରୁଥିବା ବେଳେ କୌଣସି କାରଣରୁ ଚୁଲିରେ ପଡ଼ି ମୁହଁର ୬୦ ଭାଗ ପୋଡ଼ିଯାଇଥିଲା। ଗାଁ ଲୋକଙ୍କ ସହଯୋଗରେ ନୀଳଗିରି ଡାକ୍ତରଖାନାରେ ଏହି ଯୁବତୀଙ୍କୁ ଭର୍ତ୍ତି କରାଯାଇଥିଲା।

# ଏନ୍‌ଏସି ଦାବିରେ ଧାରଣା ୨୩ ଦିନରେ



ଗଣଧାରଣାରେ ଉପସ୍ଥିତ ସ୍ୱାଭିମାନ ମଞ୍ଚର ସଦସ୍ୟ।

### ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନବାଚୀ

ଖଇରା, ୭।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲାର ଅନ୍ୟତମ ପ୍ରମୁଖ ସହର ଖଇରା ଏନଏସି ତାଲିକାରୁ ବାଦ୍ ପଡିବା ନେଇ ୧ମାସରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରତିବାଦ ଜାରି ରହିଛି। ପ୍ରଥମେ ସ୍ୱାଭିମାନ ମଞ୍ଚ ପକ୍ଷରୁ ଓ ପରେ ବିଜେଡି ପକ୍ଷରୁ ଖଇରା ବନ୍ଦ ପରେ ଏବେ ଗତ ସେପ୍ଟେମ୍ବର ୧୫ତାରିଖଠାରୁ ଖଇରା ବ୍ଲକ ସମ୍ମୁଖରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଗଣଧାରଣା ଅଦ୍ୟାବଧି ଜାରି ରହିଛି। ପ୍ରତ୍ୟେକ ଦିନ ଏହି ଗଣଧାରଣା ସମ୍ପର୍କରେ ବିଡିଓଙ୍କ ଜରିଆରେ ବ୍ଲକ, ଜିଲା ପ୍ରଶାସନ ତଥା ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅବଗତ କରାଯାଉଛି। ତେବେ ବ୍ଲକ ଓ ଜିଲା ପ୍ରଶାସନର ସ୍ଥାଣୁତାକୁ ନେଇ ମଞ୍ଚର ସଦସ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ଦରମା ନେଉଥିବା ଏହି ସରକାରୀ ଅଧିକାରୀମାନେ ୨୩ଦିନ ମଧ୍ୟରେ ଘଣ୍ଟାଏ କି ଓଳିଏ ଧାରଣାସ୍ଥଳକୁ ନ ଯିବା ବା ଆଲୋଚନା ନ କରିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଲୋକମାନେ ଯେଉଁ ଆଶା ଭରସା ନେଇ ଏହି ସରକାରଙ୍କୁ ଜିତାଇଥିଲେ ସେ ଆଶା ଧୂଳିସାତ ହୋଇଯାଇଛି ବୋଲି ସୋମବାର ଧାରଣାରେ ଯୋଗ ଦେଇଥିବା ମଞ୍ଚର ସଦସ୍ୟମାନେ ସରକାରଙ୍କୁ ସମାଲୋଚନା କରିବା ଅବସରରେ ପ୍ରକାଶ କରିଛନ୍ତି। ସେହିଭଳି ବିଧାୟକଙ୍କୁ ପରାମର୍ଶ ଦେଉଥିବା ସ୍ଥାନୀୟ ନେତାଙ୍କୁ ପରବର୍ତ୍ତୀ ପିଢି କେବେ କ୍ଷମା ଦେବେ ନାହିଁ ବୋଲି ଅନ୍ୟ କିଛି ସଦସ୍ୟ କହିଥିଲେ। ସୋମବାର ଗଣଧାରଣାରେ ମାନସ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଖଇରାକୁ ଏନଏସି ଘୋଷଣା ନ ହେବା ଯାଏ ଗଣଧାରଣା ଚାଲୁ ରହିବ ବୋଲି ମହାପାତ୍ର ପ୍ରକାଶ କରିଥିଲେ। ରାଜ୍ୟ ସରକାର ୩ ପର୍ଯ୍ୟାୟରେ ୩୦ଟି ସହରକୁ ଏନଏସି ମାନ୍ୟତା ପ୍ରଦାନ କରିଥିବା ବେଳେ ସବୁ ପ୍ରକାର ଭିତ୍ତିଭୂମି ଥାଇ ଖଇରା ବାଦ୍ ପଡିବା ନେଇ ଖଇରାର ସମସ୍ତ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ସ୍ୱାଭିମାନ ମଞ୍ଚ ବ୍ୟାନରରେ ଗଣଧାରଣାରେ ବସି ତୁରନ୍ତ ଏନଏସି ଘୋଷଣା କରିବାକୁ ଦାବି କରାଯାଇଛି।

## ଖଣି, ତହସିଲ, ପୋଲିସର ମିଳିତ ଚଢ଼ାଉ, ଜବତ ହେଲା ଇଞ୍ଜିନ

ବାଲିଆପାଳ(ଅମୂଲ୍ୟ କୁମାର ଦାସ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୭।୧୦

ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଚୋରାଚାଲାଣ ସମୟରେ ମଙ୍ଗଳବାର ଅପରାହ୍ନରେ ଅସ୍ତି ପଞ୍ଚାୟତ ବଡ଼ଖାନପୁର ଅଞ୍ଚଳରେ ଖଣି, ବାଲିଆପାଳ ତହସିଲ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ୩ଟି ଯନ୍ତ୍ର ଚାଳିତ ଡ଼ଙ୍ଗା ଜବତ କରାଯାଇଛି। ଡଙ୍ଗାରୁ ମେଶିନଗୁଡ଼ିକ ଉଠାଇ ନିଆଯାଇଛି।

## ଯାତ୍ରୀବାହୀ ବସ୍ ଓଲଟି ୨୦ ଆହତ, ୫ ଗୁରୁତର

ସିମୁଳିଆ, ୭।୧୦(ସନ୍ତୋଷ ନାୟକ)


ରାଜପଥରେ ଓଲଟି ପଡିଥିବା ବସ୍।

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ପ୍ରାୟ ୫କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ଜାମୁଝାଡ଼ି ତାରିଣୀ ଛକ ନିକଟରେ ମଙ୍ଗଳବାର ଭୋର୍ ସମୟରେ ପୁରୀରୁ ପଶ୍ଚିମବଙ୍ଗ ଯାଉଥିବା ଇନ୍ଦ୍ରାଣୀ ନାମକ ଏକ ତୀର୍ଥଯାତ୍ରୀ ବସ୍ (ନଂ. ଡବ୍ଲ୍ୟୁବି୩୯ବି-୩୦୪୪) ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨୦ଜଣ ଆହତ ଓ ୫ଜଣ ଗୁରୁତର ହୋଇ ପଡିଛନ୍ତି। ଆହତମାନଙ୍କୁ ସିମୁଳିଆ, ସୋର ଓ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଛି । ଅପରପକ୍ଷେ ବସ୍ ଚାଳକ ଓ ହେଲପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ।

ସୂଚନା ଯେ, ପଶ୍ଚିମବଙ୍ଗର ଦୀଘା ମୋହନପୁର ଥାନା ଅଧୀନ ବୋଇତା ଅଞ୍ଚଳର ୬୫ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ପୁରୀରୁ ଫେରୁଥିଲା। ତେବେ ବସ୍ ଚାଳକଙ୍କୁ ନିଦ ଆସିଯିବାରୁ ଭାରସାମ୍ୟ ହରାଇ ବସ୍‌ଟି ଡିଭାଇଡ଼ର ଉପରକୁ ଚଢିଯାଇ ଓଲଟି ପଡ଼ିଥିଲା। ପୋଲିସ ପହଞ୍ଚି ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଥିଲା ।

# ରାତ୍ରିକାଳୀନ କର୍ଫ୍ୟୁ ଖବର ମିଛ : ଏସ୍‌ପି

### ବାଲେଶ୍ୱରରେ ୨୧ ପର୍ଯ୍ୟନ୍ତ ରାତି ୧୦ରୁ ଦୋକାନ ବନ୍ଦ

ବାଲେଶ୍ୱର, ୭।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସହର ସମେତ ପୌରାଞ୍ଚଳରେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସୋମବାରଠାରୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ କଟକଣା ଜାରି ହୋଇଛି। ରାତି ୧୦ରେ ସମସ୍ତ ଦୋକାନ ବନ୍ଦ କରିବାକୁ ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଚିଠି ନଂ. ୨୪୮୩/୬।୧୦।୨୫ ଯୋଗେ ଅବଗତ କରାଇଛନ୍ତି। କେବଳ ଜରୁରୀ ସେବା ବ୍ୟତୀତ ଅନ୍ୟ ବ୍ୟବସାୟିକ ଅନୁଷ୍ଠାନ ଓ ଦୋକାନଗୁଡ଼ିକ ରାତି ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୧ ତାରିଖ ଦୀପାବଳି ପର୍ଯ୍ୟନ୍ତ ଏହି ନିୟମ ମାନିବା ପାଇଁ ଦୋକାନୀମାନଙ୍କୁ କୁହାଯାଇଛି। ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ମଧ ଘୋଷଣା କରାଯାଇଛି।

ପୂର୍ବରୁ ବହୁ ଦୋକାନୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୋକାନ ଖୋଲା ରଖୁଥିଲେ। ବହୁ ଗ୍ରାହକ ଓ ଜନସାଧାରଣଙ୍କ ଭିଡ଼ ଲାଗିରହୁଥିଲା। ଏପରିକି ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ଉପୁଜୁଥିଲା। ଏହି ବ୍ୟବସ୍ଥା ରାତ୍ରି ସମୟରେ ଅନାବଶ୍ୟକ ଭିଡ଼କୁ ବାରଣ କରିବା ଓ ଶାନ୍ତିପୂର୍ଣ୍ଣ ପରିବେଶ ରଖିବା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜିଲାପାଳ ବିକାଶ କହିଛନ୍ତି। ଅପରପକ୍ଷରେ କିଛି ଗଣମାଧ୍ୟମରେ ପ୍ରକାଶିତ ହୋଇଥିବା ବାଲେଶ୍ୱରରେ ରାତ୍ରିକାଳୀନ କର୍ଫ୍ୟୁ ଖବର ମିଛ ବୋଲି ଏସ୍‌ପି ପ୍ରତ୍ୟୁଷ ଦିବାକର ମଙ୍ଗଳବାର ଏକ୍ସ ଯୋଗେ ସୂଚନା ଦେଇଛନ୍ତି। କେବଳ ରାତିରେ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ପି କହିଛନ୍ତି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

### ସୋନମ୍ ୱାଙ୍ଗଚୁକ୍‌ଙ୍କ କାରାମୁକ୍ତ ଦାବି


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଦାବିପତ୍ର ଦେବାକୁ ଆସିଥିବା ସଂଗଠନର କର୍ମକର୍ତ୍ତା।

ବାଲେଶ୍ୱର, ୭।୧୦(ବାଞ୍ଛାନିଧି ଦେ)

ଲାଦାଖ୍‌ର ବାସିନ୍ଦା, ବିଶିଷ୍ଟ ପରିବେଶବିତ୍, ଶିକ୍ଷାବିତ୍, ସମାଜ ସଂସ୍କାରକ, ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ବହୁ ପୁରସ୍କାରପ୍ରାପ୍ତ, ଉଦ୍‌ଭାବକ ତଥା ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଗତ ସେପ୍ଟେମ୍ବର ୨୬ ତାରିଖରେ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ଆଇନ୍ ବଳରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ସେ ଏବେ ଯୋଧପୁର ଜେଲ୍‌ରେ ଅଛନ୍ତି। ସୋମବାର ବାଲେଶ୍ୱର 'ନାଗରିକ ଅଧିକାର ସୁରକ୍ଷା ଅଭିଯାନ' ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲିଖିତ ଭାବେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଘଟଣାରେ ରାଷ୍ଟ୍ରପତି ପ୍ରତ୍ୟକ୍ଷ ହସ୍ତକ୍ଷେପ କରି ଦେଶର ପ୍ରଚଳିତ ସମ୍ବିଧାନ ଓ ଆଇନ ବ୍ୟବସ୍ଥାକୁ ବିଚାରକୁ ନେଇ ଏବଂ ନାଗରିକର ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାରର ସୁରକ୍ଷା ନିମିତ୍ତ ବିନା ସର୍ତ୍ତରେ ୱାଙ୍ଗ୍‌ଚୁକ୍‌ଙ୍କୁ କାରାମୁକ୍ତ କରିବାକୁ ନିବେଦନ କରାଯାଇଛି। ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଏହି ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁଦର୍ଶନ ଜେନାଙ୍କ ସମେତ ଭାଗବତ ପ୍ରତିହାରୀ, ଶିଶିର ହୁଇ, ମନୋଜ ନାୟକ, ଅରୁଣ ଜେନା, ଗୌରାଙ୍ଗ ପାଣିଗ୍ରାହୀ, ତୁଷାରକାନ୍ତି ମହାପାତ୍ର, ଶ୍ୟାମସୁନ୍ଦର ଜେନା, ବନ୍ଦନା ବିଶ୍ୱାସ, ପ୍ରେମରଞ୍ଜନ ପାତ୍ର, ବିଧାନ ଚନ୍ଦ୍ର ରାୟ, ନିର୍ମଳ ନାୟକ, ଦେବାଶିଷ ସିଂହ, ଅଜଗର ଅଲ୍ଲି, କମଳାକାନ୍ତ ନାୟକ, ଯତୀନ୍ ପାତ୍ର ଓ କର୍ଣ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## 'ସ୍ୱାସ୍ଥ୍ୟ କେୟାର'ରେ ଅଲଟ୍ରାସାଉଣ୍ଡ କେନ୍ଦ୍ର ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ବିଧାୟକଙ୍କ ସହ ଅତିଥିଗଣ।

ବାଲେଶ୍ୱର, ୭।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସିନେମାଛକ ସ୍ଥିତ ଆର୍ତ୍ତକବିରାଜ ରୋଡ୍‌ଠାରେ ଥିବା 'ସ୍ୱାସ୍ଥ୍ୟ କେୟାର'ରେ ଗତ ବୁଧବାର ନୂତନ ତଥା ଉନ୍ନତମାନର ଅଲଟ୍ରାସାଉଣ୍ଡ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ରେଡିଓଲୋଜିଷ୍ଟ ଡା. ରାଜକିଶୋର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସିଡିଏମ୍‌ଓ ଡା. ପ୍ରଭାତ କୁମାର ବେହେରା, ପୂର୍ବତନ ସିଡିଏମ୍‌ଓ ଡା. ଗୋପୀନାଥ ପରିଡ଼ା ଓ ଡା. ସୁଶାନ୍ତ କୁମାର ନାୟକ, ସର୍ଜରୀ ବିଶେଷଜ୍ଞ ଡା. ଶୁଭେନ୍ଦୁ ଘଡ଼େଇ, ଚର୍ମରୋଗ ବିଶେଷଜ୍ଞ ଡା. ରାଜେନ୍ଦ୍ର କୁମାର ସାହୁ, ଡା. ଅମିତାଭ ଗିରିଙ୍କ ସମେତ ବହୁ ବରିଷ୍ଠ ଡାକ୍ତର ଓ ସାମାଜିକ କର୍ମୀ ଯୋଗଦେଇଥିଲେ।

ଜିଲାର ଏକ ନିର୍ଭରଯୋଗ୍ୟ ଓ ନିରବଚ୍ଛିନ୍ନ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ 'ସ୍ୱାସ୍ଥ୍ୟ କେୟାର' ସାଧାରଣରେ ବିଶ୍ୱାସଭାଜନ ହୋଇପାରିଛି। ୧୦ବର୍ଷ ଧରି ଏଠାରେ ହୃଦ୍‌ରୋଗଜନିତ ସେବା ଯୋଗାଇ ଦିଆଯାଉଛି। ପରିଚାଳନା ଦାୟିତ୍ୱରେ ଥିବା ଲଲାଟେନ୍ଦୁ ରାୟ, ମନୋଜ ପଦାର, ଅମିତ ଗୁପ୍ତାଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୦ ଗୋରୁ ସହିତ ପିକଅପ୍ ଭ୍ୟାନ ଜବତ, ଜଣେ ଗିରଫ

ବାହାନଗା, ୭।୧୦(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁର ଥାନା ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ୧୦ଟି ଗୋରୁ ସହିତ ଏକ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଗାଡ଼ି ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଗୋପାଳପୁର ଥାନା ପୋଲିସ ଖବରପାଇ ଜୁଣିଆ ବଜାରରୁ ଗୋରୁ ବୋଝେଇ ଗାଡିକୁ ଜବତ କରିଥିଲା। ଗୋରୁ ବୋଝେଇ ଗାଡିଟି ବାହାନଗା ବ୍ଲକ ସାହସପୁରା ଗ୍ରାମରୁ ବାଲେଶ୍ୱର ଆଡକୁ ଗୋରୁ ନେଇଯାଉଥିବା ବେଳେ ଗୋପାଳପୁର ଥାନା ଅଧିକାରୀ ଅଶୋକ ବାରିକ ସଦଳବଳେ ଚଢ଼ାଉ କରି ଗାଡ଼ି ଅଟକାଇବା ସହ ୧୦ଟି ଗୋରୁଙ୍କୁ ଜବତ କରି ରେମୁଣାସ୍ଥିତ ମା' ଭାରତୀ ଗୋଶାଳାରେ ରଖିଛନ୍ତି। ଗୋପାଳପୁର ଥାନାରେ ମାମଲା(ନଂ. ୧୭୧/୨୫) ରୁଜୁ ହୋଇଛି।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶତାବ୍ଦୀ ବର୍ଷ ସମାରୋହ | ଭବ୍ୟ ପଥ ସଞ୍ଚାଳନ, ଶରତ ପୂର୍ଣ୍ଣିମା ଉତ୍ସବ

ବାଲେଶ୍ୱର, ୭।୧୦(ବାଞ୍ଛାନିଧି ଦେ)


ପଥ ସଞ୍ଚାଳନରେ ସାମିଲ ସ୍ୱୟଂସେବକ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀବର୍ଷ ସମାରୋହ ଅବସରରେ ବାଲେଶ୍ୱର ନଗରରେ ସୋମବାର ଭବ୍ୟ ପଥ ସଞ୍ଚଳନ ଏବଂ ଶରତ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦର କ୍ଷେତ୍ରୀୟ ମନ୍ତ୍ରୀ ଗୌରୀପ୍ରସାଦ ରଥ ଏଥିରେ ଯୋଗଦେଇ କୁମାର ପୂର୍ଣ୍ଣିମା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ନଗରର ଶତାଧିକ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶରେ ଉପସ୍ଥିତ ରହି ଘୋଷବାଦ୍ୟ ସହ ନଗର ପରିକ୍ରମା କରିଥିଲେ। ମାନସିଂବଜାର ରାଧାକୃଷ୍ଣ ମନ୍ଦିରରୁ ପଥ ସଞ୍ଚଳନ ବାହାରି ହେମକାପଦା ଛକ, ଗଡ଼ଗଡିଆ, ଆର୍ତ୍ତକବିରାଜ ରୋଡ, ମୋତିଗଞ୍ଜରୁ ସିନେମା ଛକ, ହସ୍ପିଟାଲ ରୋଡ ଦେଇ ମିଶନ ପଡିଆରେ ଶେଷ ହୋଇଥିଲା।

ଶତାବ୍ଦୀ ବର୍ଷରେ ସଂଘ ସମାଜର ଉତ୍ଥାନ ପାଇଁ ୫ ସୂତ୍ରୀ କାର୍ଯ୍ୟକ୍ରମ ହାତକୁ ନେଇଛି। କୁଟୁମ୍ବ ପ୍ରବୋଧନ ମାଧ୍ୟମରେ ଭାରତୀୟ ପରିବାର ବ୍ୟବସ୍ଥାକୁ ସୁଦୃଢ଼ କରିବା, ପର୍ଯ୍ୟାବରଣ ସଂରକ୍ଷଣ ମାଧ୍ୟମରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ସହ ବୃକ୍ଷରୋପଣ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରିବା ବାର୍ତ୍ତା ପ୍ରଦାନ କରାଯିବ। ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ତଥା ସ୍ୱଦେଶୀ ବିଚାର ସମସ୍ତଙ୍କ ପାଖରେ ପହଞ୍ଚାଇବା, ସାମାଜିକ ସମରସତା ଦ୍ୱାରା ସମାଜରେ ଥିବା ବିଭିନ୍ନ ବିଷମତା ଯଥା ଉଚ୍ଚନୀଚ ଏବଂ ଛୁଆଁ ଅଛୁଆଁକୁ ଦୂର କରିବାକୁ ଯୋଜନା ହୋଇଛି। ନଗର ସଂଘ ଚାଳକ ଗୋପାଳ ନାୟକ ଭାରତ ମାତା ପୂଜନ କରିଥିଲେ। ନଗର କାର୍ଯ୍ୟବାହ ରମେଶ ମହାକୁଡ଼, ସହନଗର କାର୍ଯ୍ୟବାହ ରମାକାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଲଗାଣ ବର୍ଷାରେ ଘର ଭାଙ୍ଗିଲା

କେନ୍ଦୁଝର,୭।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

ଲଘୁଚାପ ଜନିତ ବର୍ଷାରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ତାରତଖମଣ ଗ୍ରାମର ବିଦ୍ୟାଧର ମହାନ୍ତଙ୍କ ମାଟିଘର କାନ୍ଥ ଭାଙ୍ଗି ଯାଇଛି। ସୌଭାଗ୍ୟ ବସତଃ କାହାରି କୌଣସି କ୍ଷତି ଘଟି ନ ଥିବାବେଳେ ଘର ଭିତରେ ଥିବା ଗୃହପାଳିତ ୩ଟି ମେଣ୍ଢା,୫ଟି ଛେଳି,୨୨ଟି କୁକୁଡ଼ାଙ୍କ ମୃତ୍ୟୁ ଘଟିଛି। ଘରେ ଥିବା ଧାନ,ଚାଉଳ ସମେତ ଆସବାବପତ୍ର ନଷ୍ଟ ହୋଇଯାଇଛି। ବାସହରା ହୋଇ ପରିବାର ଲୋକେ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ତୁରନ୍ତ ସରକାରୀ ସହାୟତା ସମେତ ଅନ୍ତ୍ୟୋଦୟ ଯୋଜନାରେ ବିଦ୍ୟାଧରଙ୍କୁ ଗୃହ ଯୋଗାଇ ଦେବାକୁ ଦାବି ହୋଇଛି।

### ଜୀବନ,ଫସଲ ସୁରକ୍ଷା ଦାବି

#### ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ଦାବିପତ୍ର

କେନ୍ଦୁଝର,୭।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭୁୟାଁ ଜୁଆଙ୍ଗପୀଢ଼ ବାଂଶପାଳ ବ୍ଲକ୍ ସାହାରପୁର ପଞ୍ଚାୟତ ପଦାକସଡ଼ା ଗ୍ରାମବାସୀ ବନ୍ୟପ୍ରାଣୀ କ୍ଷୟକ୍ଷତି କରୁଥିବା ଫସଲ ସମେତ ଧନଜୀବନ ସୁରକ୍ଷା ଦାବି କରିଛନ୍ତି। ଏ ନେଇ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତାବକ, ପଦାକସଡ଼ାଠାରେ ଭୁୟାଁ, ଜୁଆଙ୍ଗ, ମୁଣ୍ଡା ସମ୍ପ୍ରଦାୟର ଆଦିବାସୀ ବର୍ଗର ଲୋକେ ଜନବସତି ସ୍ଥାପନ କରି ରହି ଆସୁଛନ୍ତି। ଏମାନେ ଧାନ, ମକା, ବିରି, ସୋରିଷ ଆଦି ଫସଲ ଚାଷକରି ଖାଇବା ସହିତ ବିକ୍ରିବଟା କରି ଗୁଜୁରାଣ ମେଣ୍ଟାଉଛନ୍ତି। ହାତୀ, ବାରହା, ମାଙ୍କଡ ଆଦି ବନ୍ୟପ୍ରାଣୀ ଫସଲ ନଷ୍ଟ କରିବା ସମେତ ଘର ଭାଙ୍ଗି ଧନଜୀବନ ହାନୀ ଘଟାଉଛନ୍ତି। ଆଲୋକ ସୁବିଧା ନ ଥିବାରୁ ଲୋକେ ଶୌଚ ଏବଂ ଅନ୍ୟାନ୍ୟ କାମରେ ଘରୁ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ମାଟି ଛାଟି ଘରେ ରହୁଥିବା ଯୋଗୁ ହାତୀ କବାଟ ଭାଙ୍ଗି ଧାନ, ଚାଉଳ ଖାଇବା ସହିତ ଘର ଭାଙ୍ଗି ଦେଉଛନ୍ତି। ଏନେଇ ବାଂଶପାଳ ବନପାଳଙ୍କୁ ଅନେକ ଥର ଅଭିଯୋଗ ଦିଆଯାଇଥିଲେ ହେଁ କୌଣସି ଫଳ ମିଳୁନି। ଏଥିସହ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ରେବତୀ ଠାକୁର, କ୍ଷମା ଦେହୁରୀ, ପଦ୍ମିନୀ ପ୍ରଧାନ, କୁଶୁଳା ଜୁଆଙ୍ଗ, ହର ଦେହୁରୀ, ପଦ୍ମିନୀ ଦେହୁରୀ, କଲ୍ୟାଣୀ ଦେହୁରୀ, ଅକ୍ଷରୀ ଦେହୁରୀ, ଇନ୍ଦୁ ନାଏକ, ଶିବ ଦେହୁରୀ, ଲଖୁ ଦେହୁରୀ ସମେତ ଗାଁ ଲୋକେ ଅଭିଯୋଗ କରିଛନ୍ତି।

# କେନ୍ଦୁଝରରେ ନୂତନ ରୁଟ୍‌ରେ ମୁଖ୍ୟମନ୍ତ୍ରୀ ବସ୍‌ସେବା ଶୁଭାରମ୍ଭ

କେନ୍ଦୁଝର, ୭।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)




ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରି ଯାତ୍ରୀମାନଙ୍କୁ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ କେନ୍ଦୁଝର ଜିଲା ପ୍ରଶାସନ ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ସରକାରୀ ବସ୍‌ଷ୍ଟାଣ୍ଡରୁ ଧୋବାଡିଆ ଛକ ଦେଇ ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲ ପର୍ଯ୍ୟନ୍ତ ନୂତନ ରୁଟ୍‌ରେ ବସ୍ ସେବା ଆରମ୍ଭ କରିଛି। ଏହି ରୁଟ୍ ଦେଇ ବସ୍ ସେବା କାର୍ଯ୍ୟକ୍ଷମ ହେବା ପରେ ସହର ମଧ୍ୟରେ ପ୍ରମୁଖ ସାର୍ବଜନୀନ ସୁବିଧା କେନ୍ଦ୍ରଗୁଡ଼ିକୁ ସଂଯୋଗ କରୁଥିବା ଏକ ସୁବିଧାଜନକ ଏବଂ ସୁଲଭ ପରିବହନ ବ୍ୟବସ୍ଥା ସୁନିଶ୍ଚିତ ହୋଇପାରିଛି। ଏହି ନୂତନ ରୁଟ୍ ସରକାରୀ ବସଷ୍ଟାଣ୍ଡ, ଜିଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦୁଝରଗଡ଼ ରେଳଷ୍ଟେଶନ, ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ସଂଯୋଗ କରିବ। ଏହି ସେବା ପ୍ରତିଦିନ ୭ଟି ଭିନ୍ନ ଭିନ୍ନ ସମୟରେ ଉପଲବ୍ଧ ହେବ, ଯାହା ଛାତ୍ରୀଛାତ୍ର, ରୋଗୀ, ସ୍ୱାସ୍ଥ୍ୟସେବା କର୍ମୀ ଏବଂ ସାଧାରଣ ଯାତ୍ରୀମାନଙ୍କ ପାଇଁ ଦିନସାରା ନିୟମିତ ପରିବହନ ସୁବିଧା ସୁନିଶ୍ଚିତ କରିବ।

ଏହି ବସ୍‌ସେବା ସାରଣୀ ଅନୁଯାୟୀ, ଦିନର ପ୍ରଥମ ଯାତ୍ରା ସକାଳ ୫ଟା ୪୫ରେ ସରକାରୀ ବସ୍‌ଷ୍ଟାଣ୍ଡରୁ ଆରମ୍ଭ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟ ଦେଇ ସକାଳ ୬ଟା ୧୨ରେ ରେଳଷ୍ଟେଶନରେ ପହଞ୍ଚିବ। ତା'ପରେ ସକାଳ ୬ଟା ୨୪ରେ ଧରଣୀଧର ମେଡିକାଲ କଲେଜ ଓ ହସପିଟାଲରେ ପହଞ୍ଚିବ। ସେଠାରୁ ବାହାରି ଧରଣୀଧର ବିଶ୍ୱବିଦ୍ୟାଳୟ ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସକାଳ ୬ଟା ୫୮ରେ ସରକାରୀ ବସ୍‌ଷ୍ଟାଣ୍ଡକୁ ଫେରି ଯାତ୍ରା ଶେଷ କରିବ। ସେହିପରି ଦ୍ୱିତୀୟ ଯାତ୍ରା ସରକାରୀ ବସ୍‌ଷ୍ଟାଣ୍ଡରୁ ସକାଳ ୭ଟା ୧୫ରେ ଆରମ୍ଭ ହେବ। ତୃତୀୟ ଯାତ୍ରା ସରକାରୀ ବସ୍‌ଷ୍ଟାଣ୍ଡରୁ ସକାଳ ୯ଟାରେ ଆରମ୍ଭ ହୋଇ ଫେରିବ। ଚତୁର୍ଥ ଯାତ୍ରା ସରକାରୀ ବସ୍‌ଷ୍ଟାଣ୍ଡରୁ ସକାଳ ୧୦ଟା ୩୦, ପଞ୍ଚମ ଯାତ୍ରା ମଧ୍ୟାହ୍ନ ୧୨ଟା, ଷଷ୍ଠ ଯାତ୍ରା ଅପରାହ୍ଣ ୧ଟା ୪୫ରେ ଏବଂ ଶେଷ ଯାତ୍ରା ଅପରାହ୍ଣ ୩ଟା ୧୦ରେ ଶେଷ କରିବ। ଏହି ଅବସରରେ ଜିଲା ପ୍ରଶାସନର ଅଧିକାରୀମାନେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବସ୍‌ସେବା ଅଧୀନରେ ଏହି ପଦକ୍ଷେପ ରାଜ୍ୟ ସରକାରଙ୍କର ସାଧାରଣ ପରିବହନ ସୁବିଧା ବୃଦ୍ଧି, ଟ୍ରାଫିକ ଭିଡ଼ ହ୍ରାସ ଏବଂ କେନ୍ଦୁଝରର ବାସିନ୍ଦାଙ୍କ ପାଇଁ ସୁଲଭ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରୟାସର ଏକ ଅଂଶ। ନୂତନ ରୁଟ ଡିଡି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ଆସୁଥିବା ରୋଗୀ ଏବଂ ରେଳଷ୍ଟେଶନକୁ ଯାତାୟାତ କରୁଥିବା ଦୈନିକ ଯାତ୍ରୀଙ୍କ ପାଇଁ ବିଶେଷ ଭାବରେ ଲାଭଦାୟକ ହେବ।

# ବିଏସ୍ ମଲ୍ ପକ୍ଷରୁ ପାର୍ବଣ ଅଫର




କେନ୍ଦୁଝର, ୭।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ )

କେନ୍ଦୁଝର ଜିଲାର ଭରସାଯୋଗ୍ୟ ପ୍ରତିଷ୍ଠାନ ବିଏସ ମଲ୍ ପକ୍ଷରୁ ପାର୍ବଣ ଅଫର ତାର ଅଗଣିତ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଦୁର୍ଗାପୂଜା ପରେ ଲକ୍ଷ୍ମୀ ପୂଜା ପାଇଁ ସ୍ୱତନ୍ତ୍ର ଅଫର ପ୍ରତିଯୋଗିତାମୂଳକ ବ୍ୟବସାୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଚକିତ କରିଦେଇଛି। ବିଏସ ମଲ୍ ଗୋଟିଏ ଛାତ ତଳେ କନକ ଜୁଏଲେରୀ, କନକ ଗାର୍ମେଣ୍ଟସ ଏବଂ କନକ ବ୍ୟୁଟି ପାର୍ଲର। କନକ ଜୁଏଲେରୀରେ ୯୧୬ ହଲମାର୍କ ଏଚୟୁଆଇଡି ସୁନାର ବହୁ ଅତ୍ୟାଧୁନିକ ଡିଜାଇନର ହାରଠାରୁ ଆରମ୍ଭ କରି ଚେନ, କାନଫୁଲ, ଚୁଡି ଏବଂ ଅନ୍ୟାନ୍ୟ ଗହଣାର ବହୁ ଭେରାଇଟି ଉପଲବ୍ଧ ଅଛି। ୫ହଜାର ବର୍ଗଫୁଟ ଛାତ ତଳେ ଅତ୍ୟାଧୁନିକ ମନ ପସନ୍ଦର ଅଳଙ୍କାର କ୍ରୟ କରିବା ପାଇଁ ଏକ ସୁଯୋଗ ସୃଷ୍ଟି ହୋଇଛି। ଗ୍ରାହକଙ୍କ ଚାହିଦା ଅନୁସାରେ, ସୁନାଗହଣା ଗଢା ମଜୁରି ୧୦ଗ୍ରାମ୍‌ରେ ୬୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ଲାଗୁ କରାଯାଇଛି। ଏହି ଅଫର ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏଥସହିତ ସୁନା ଗହଣା କିଣିଲେ ପ୍ରତି ୫ ହଜାର ଟଙ୍କା ଉପରେ ଗୋଟିଏ ଲକି ଡ୍ର କୁପନ ପ୍ରଦାନ କରାଯାଉଛି। ଏହି ଲକି ଡ୍ର କୁପନ ପ୍ରଦାନ ବ୍ୟବସ୍ଥା ଆସନ୍ତା ଡିସେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ତା' ପରଦିନ ଅର୍ଥାତ ଡିସେମ୍ବର ୧୫ ତାରିଖରେ ଲକି ଡ୍ର ଉଠାଣ ହେବ। ଏଥିରେ ପ୍ରଥମ ପୁରସ୍କାର ହୁଣ୍ଡାଇ କାର୍, ଦ୍ୱିତୀୟ, ତୃତୀୟ ପୁରସ୍କାର ଇଲେକ୍ଟ୍ରିକ ସ୍କୁଟର, ଚତୁର୍ଥ ପୁରସ୍କାର ରେଫ୍ରିଜେରେଟର, ପଞ୍ଚମ ପୁରସ୍କାର ୱାସିଂମେଶିନ, ଷଷ୍ଠ ପୁରସ୍କାର ମୋବାଇଲ ଏବଂ ସପ୍ତମ ପୁରସ୍କାର ହାତ ଘଣ୍ଟା ରହିଛି। ସେହିପରି ରୁପା ଗହଣାର ଗଢା ମଜୁରି ଉପରେ ୫୦ ପ୍ରତିଶତ ଛାଡ ରହିଥିବା ବେଳେ ଡାଇମଣ୍ଡ ଜୁଏଲେରୀର ମୂଲ୍ୟ ଉପରେ ୨୫ ପ୍ରତିଶତ ଛାଡ ରହିଛି। ହାତ ଘଣ୍ଟାରେ ମଧ୍ୟ ୧୫ ପ୍ରତିଶତ ରିହାତି ରହିଛି। ସେହିପରି କନକ ଗାର୍ମେଣ୍ଟସରେ ମଧ୍ୟ ଆକର୍ଷଣୀୟ ଅଫର ରହିଛି। ପିଲାମାନଙ୍କ ଡ୍ରେସଠାରୁ ଆରମ୍ଭ କରି ମହିଳା, ପୁରୁଷ ଏବଂ ଶାଢି ଉପରେ ମଧ୍ୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ଛାଡ ରହିଛି। ଏଠାରେ ୧ହଜାର ଟଙ୍କାର କିଣାକିଣି ଉପରେ ମଧ୍ୟ ଲକି ଡ୍ର କୁପନ ପ୍ରଦାନ କରାଯାଉଛି। ଉକ୍ତ ଲକି ଡ୍ର ଆସନ୍ତା ଡିସେମ୍ବର ୧୫ ତାରିଖରେ ଉଠାଣ କରାଯିବ। ପ୍ରଥମ, ଦ୍ୱିତୀୟ ପୁରସ୍କାର ଇଲେକ୍ଟ୍ରିକ ସ୍କୁଟର, ତୃତୀୟ ପୁରସ୍କାର ରେଫ୍ରିଜେରେଟର, ଚତୁର୍ଥ ପୁରସ୍କାର ୱାଶିଂ ମେଶିନ ଏବଂ ପଞ୍ଚମ ପୁରସ୍କାର ହାତ ଘଣ୍ଟା ରହିଛି। ସେହିପରି କନକ ବ୍ୟୁଟି ପାର୍ଲରରେ ମୁଖ୍ୟ ଆକର୍ଷଣୀୟ ଅଫର ଲାଗୁ ହୋଇଛି ବୋଲି ବିଏସ ମଲ୍ ପରିଚାଳକ ବିଶ୍ୱନାଥ ରାଉଳ ସୂଚନା ଦେଇଛନ୍ତି।

# ପ୍ରେମିକ ସହ ଜେଲ ଗଲେ ସ୍ତ୍ରୀ

## ପରକୀୟା ପ୍ରୀତିରୁ ସ୍ୱାମୀଙ୍କ ତଣ୍ଟିଚିପି ହତ୍ୟା ଘଟଣା

ପାଟଣା, ୭।୧୦(ବୀରକିଶୋର ଦାଶ)

ବିବାହର ୧୦ବର୍ଷ ପରେ ଜଣେ ବିବାହିତା ମହିଳା ବୈବାହିକ ସମ୍ପର୍କ ଓ ୯ବର୍ଷର ପୁଅକୁ ଭୁଲିଯାଇ ପରକୀୟା ପ୍ରୀତିରେ ଲିପ୍ତ ରହିବା ପରେ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ତଣ୍ଟିଚିପି ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି। ଏହି ଘଟଣାରେ ପୋଲିସ ପ୍ରେମିକ ସହ ସମ୍ପୃକ୍ତ ମହିଳାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବର୍ଷାରାଣୀ ମହାନ୍ତ(୩୦) ଓ ତାଙ୍କ ପ୍ରେମିକ ପାଟଣା ଥାନା କମାରମରା ଗ୍ରାମର ପୁରେନ୍ଦ୍ର ମହାକୁଡ଼(୨୮) । ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟ କଲେଜ ସମ୍ମୁଖରେ।

ଗତ ସେପ୍ଟେମ୍ବର ୨୯ତାରିଖ ପୂର୍ବାହ୍ନରେ ଠାକୁରମୁଣ୍ଡା ଥାନା ଜଡ଼ିବିଲ ଗ୍ରାମର ବିରଞ୍ଚି ନାରାୟଣ ମହାନ୍ତ (୪୦)ଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଘଟଣାର ୮ଦିନ ପରେ ପୋଲିସ ଅଭିଯୁକ୍ତଙ୍କ ମୋବାଇଲ କଲ ଡିଟେକ୍ଟ ରେକର୍ଡ (ସିଡିଆର), ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ଏହି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଜଡ଼ିବିଲ ଗ୍ରାମର ବିରଞ୍ଚି ମହାନ୍ତ ଓ ସ୍ତ୍ରୀ ବର୍ଷାରାଣୀ ୨୦୨୨ରେ କରଞ୍ଜିଆସ୍ଥିତ ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଥିବା ପୁରେନ୍ଦ୍ରଙ୍କଠାରୁ ଲୋନ୍ ଆଣିବା ପାଇଁ ଯାଇଥିଲେ। ସେଠାରେ ପୁରେନ୍ଦ୍ରଙ୍କ ସଂସ୍ପର୍ଶରେ ଆସିଥିଲେ ବର୍ଷା। ଫୋନ ନମ୍ବର ଦିଆନିଆ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବିରଞ୍ଚିଙ୍କ ଅନୁପସ୍ଥିତିରେ ପୁରେନ୍ଦ୍ର ଜଡ଼ିବିଲ ଯାଇ ବର୍ଷାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ଏକଥା ବିରଞ୍ଚି ଜାଣିବା ପରେ ବିଭିନ୍ନ ସମୟରେ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଆସୁଥିଲା। ଉଭୟଙ୍କ ପ୍ରେମ ସମ୍ପର୍କ ବିଚ୍ଛିନ୍ନ କରିବା ପାଇଁ ବିରଞ୍ଚି ଗାଁ ଛାଡ଼ି ବର୍ଷାକୁ ସାଙ୍ଗରେ ନେଇ ଏକ ମାସ ତଳେ ଭୁବନେଶ୍ୱରର ଏକ ହୋଟେଲରେ କାମ କରୁଥିଲେ।

ତେବେ ପ୍ରେମ ସମ୍ପର୍କରେ ବିରଞ୍ଚି ବାଧକ ସୃଷ୍ଟି କରିବାରୁ ୪ମାସ ପୂର୍ବେ ପ୍ରେମୀଯୁଗଳ ତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ପୁରେନ୍ଦ୍ର ଭୁବନେଶ୍ୱର ଯାଇ ସେମାନଙ୍କୁ ଭେଟିଥିଲେ। ସେପ୍ଟେମ୍ବର ୨୮ତାରିଖ ବିଳମ୍ବିତ ରାତିରେ ବିରଞ୍ଚି, ବର୍ଷା ଓ ପୁରେନ୍ଦ୍ର ଭୁବନେଶ୍ୱରରୁ ଘରକୁ ଫେରିବା ସମୟରେ ବିରଞ୍ଚିଙ୍କୁ ହତ୍ୟା କରିବାର ଯୋଜନା ପ୍ରସ୍ତୁତ ହୋଇଥିଲା। ଭୁବନେଶ୍ୱରରୁ ଆସି କରଞ୍ଜିଆ ବସ୍‌ଷ୍ଟାଣ୍ଡରେ ୩ଜଣ ଓହ୍ଲାଇବା ପରେ ଚାଲିଚାଲି ମାଟିଆଗୁନି ଯାଉଥିଲେ। ଏହି ସମୟରେ ପୁରେନ୍ଦ୍ର ଓ ବର୍ଷା ମିଶି ବିରଞ୍ଚିଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ ବୋଲି ଏସଡିପିଓ ସୂଚନା ଦେଇଛନ୍ତି। ମୃତ ବିରଞ୍ଚିଙ୍କ ଭାଇ ସୁରେଶ ଚନ୍ଦ୍ର ମହାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୪୫/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓଙ୍କ ସହ ମାମଲାର ତଦନ୍ତକାରୀ ଅଧିକାରୀ ପାତ୍ରୋ ଓରାମ, ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୂଳ, ଏସ୍‌ଆଇ ଲକ୍ଷ୍ମଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ହତ୍ୟା ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।

# ଟେଲିଫୋନ୍ ଏକ୍ସଚେଞ୍ଜ କାଳୀପୂଜା କମିଟିର ପ୍ରସ୍ତୁତି


ବୈଠକରେ ଉପସ୍ଥିତ ପୂଜା କମିଟିର କର୍ମକର୍ତ୍ତା।

କେନ୍ଦୁଝର,୭।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସହରର ଟେଲିଫୋନ ଏକ୍ସଚେଞ୍ଜ ସମ୍ମୁଖରେ ଦୀର୍ଘ ୫୬ବର୍ଷ ଧରି ଅନୁଷ୍ଠିତ ହେଉଥିବା କାଳୀପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ କମିଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ତଥା ବରିଷ୍ଠ ଆଇନଜୀବୀ ଜ୍ଞାନେନ୍ଦ୍ର ଜେନାଙ୍କ ସଭାପତିତ୍ୱରେ କମିଟିର ବରିଷ୍ଠ ସଦସ୍ୟ ଜୟକୃଷ୍ଣ ପଣ୍ଡା ପରିଚାଳନା କରିଥିଲେ। ଚଳିତ ବର୍ଷ ପୂଜା ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ପାଇଁ ବହୁ ବରିଷ୍ଠ ସଦସ୍ୟ, ନିମନ୍ତ୍ରିତ ବ୍ୟକ୍ତିବିଶେଷ ନିଜର ମତ ରଖିଥିଲେ। ପ୍ରାରମ୍ଭରେ କମିଟିର ସମ୍ପାଦକ ପ୍ରମୋଦ କୁମାର ନନ୍ଦଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରାର୍ଥନା କରାଯାଇଥିଲା। ପୂଜାର ପ୍ରାଣ ପ୍ରତିଷ୍ଠାତା ନେତ୍ରାନନ୍ଦ ନାଏକ, ବରିଷ୍ଠ ଖବରଦାତା ସତ୍ୟନାରାୟଣ ମିଶ୍ର, ବରିଷ୍ଠ ସଦସ୍ୟ ଶିବଶଙ୍କର ସାହୁ, ବରିଷ୍ଠ ଆଇନଜୀବୀ ଆଶିଷ ଚକ୍ରବର୍ତ୍ତୀ, ସୁରେଶ ରାଉତ, ସତ୍ୟନାରାୟଣ ସାହୁ, ଦିଲ୍ଲୀପ ପଣ୍ଡା, ମନୋଜ ବାରିକ, ପ୍ରତାପ ପାତ୍ର, ନାରାୟଣ ନାଏକ, ଦେବାଶିଷ ମିଶ୍ର, ଲିଟୁ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ସହିତ ଯୁବ ସଦସ୍ୟଙ୍କ ଦ୍ୱାରା ଅନେକ ପ୍ରସ୍ତାବ ଗୃହୀତ ହୋଇଥିଲା।

# ବନାନୀ ବନ୍ଧୁ କାର୍ଯ୍ୟକ୍ରମ



ଛେନାପଦି, ୭।୧୦(ନିରାକାର ପରିଡା)

ହାଟଡିହୀ ବ୍ଲକର ସାମାଜିକ ନ୍ୟାସ ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ଅଷ୍ଟମ ବାର୍ଷିକ ଉତ୍ସବ ବନାନୀବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମୃତ୍ତିକା ,ବୃକ୍ଷ, ଗୋପୂଜନ ସହ ଗୀତା ଓ ଗୋ-ମହାତ୍ମ୍ୟ ଆବୃତ୍ତି ସହ ସଂସ୍କୃତି ଓ ପ୍ରକୃତି ସମ୍ପର୍କିତ ଶପଥପାଠ ଓ ଦସ୍ତଖତ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉମାକାନ୍ତ ପଣ୍ଡା ସଂଯୋଜନା କରିଥିଲେ। ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ଯେନା ଅତିଥି ଭାବେ ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଇଞ୍ଜୋଳ ବିକାଶ ମଞ୍ଚର ଏତାଦୃଶ କାର୍ଯ୍ୟକ୍ରମକୁ ପ୍ରଶଂସା କରି କହିଥିଲେ ଯେ, ଇଞ୍ଜୋଳରେ ସାମାଜିକ ସେବା ଓ ସବୁଜ କ୍ରାନ୍ତି ଆଣିବା ଦିଗରେ ବିକାଶ ମଞ୍ଚ ନିରବଚ୍ଛିନ୍ନ କାର୍ଯ୍ୟ କରିବା ସହ ସଦାସର୍ବଦା ନିଆରା ବାର୍ତ୍ତା ପ୍ରଦାନ କରୁଛି ଯାହା ପ୍ରେରଣାଦାୟୀ। ଏହି ଅବସରରେ ମାନବଶୃଙ୍ଖଳ ସହ ବିଭିନ୍ନ ସଚେତନତାଧର୍ମୀ ବାର୍ତ୍ତା ଧରି ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ସବୁଜ ଗ୍ରାମ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଶେଷରେ କେନାଲ ବନ୍ଧରେ ଚାରାରୋପଣ କରାଯାଇଥିଲା। ସଞ୍ଜିବ ପଣ୍ଡା, ମାନସ ଯେନା, ସାଇବ ପଣ୍ଡା, ଯୁବରାଜ ଜେନା, ଶ୍ରୀକାନ୍ତ ଜେନା, ମନୋଜ ଜେନା, ବିଶ୍ୱଜିତ ଯେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବର୍ଷା ତାଣ୍ଡବ: ଗଛ ପଡ଼ି ଯାତାୟାତ ଠପ୍

ଚମ୍ପୁଆ,୭।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ମଙ୍ଗଳବାର ଅପରାହ୍ନରେ ପବନ ସହ ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି। ଚମ୍ପୁଆ ଓ ରିମୁଳି ଜାତୀୟ ରାଜପଥର ନିକଲସନ ବନ ବିଦ୍ୟାଳୟ ନିକଟରେ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିବାରୁ ପ୍ରାୟ ୧ ଘଣ୍ଟା ଧରି ଯାତାୟାତ ଠପ୍ ହୋଇଯାଇଥିଲା। ନିକଲସନ ବନ ବିଦ୍ୟାଳୟ, ମା' ତାରିଣୀ ହସ୍‌ପିଟାଲ ନିକଟରେ ବଡ଼ ବଡ଼ ଗଛଗୁଡ଼ିକ ଉପୁଡ଼ି ରାସ୍ତା ଉପରେ ପଡ଼ି ରହିଥିଲା। ରିମୁଳି ଓ ଚମ୍ପୁଆ ଆଡୁ ଯାତାୟାତ କରୁଥିବା ଯାନବାହନଗୁଡ଼ିକ ରାସ୍ତାର ଉଭୟପାର୍ଶ୍ୱରେ ଅଟକି ରହିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛଗୁଡ଼ିକୁ କାଟି ରାସ୍ତା ସଫା କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।



ନିକଲସନ ବନ ବିଦ୍ୟାଳୟ ନିକଟରେ ଉପୁଡ଼ି ପଡ଼ିଥିବା ଗଛ କାଟି ରାସ୍ତା ସଫା କରୁଛନ୍ତି ଅଗ୍ନିଶମ କର୍ମଚାରୀ।

# ପାଟଣା, ହାଟଡିହୀରେ ଗଜଲକ୍ଷ୍ମୀ ପୂଜା


ଛେନାପଦି ତାରିଣୀଛକ ପୂଜା ମଣ୍ଡପ।


ହାଟଡିହୀ ଜଳକଳଙ୍ଗ ମଣ୍ଡପ ତୋରଣ।

ବଉଳା, ୭।୧୦(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ବିଭିନ୍ନ ସ୍ଥାନରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ। ହାଟଡିହୀ ବ୍ଲକଛକଠାରୁ ଛେନାପଦି ଛକ ପର୍ଯ୍ୟ ୧୦ ମଣ୍ଡପରେ ପୂଜା ଚାଲିଛି। ମଣ୍ଡପଗୁଡ଼ିକର ତୋରଣ ସାଙ୍ଗକୁ ରାସ୍ତାର ଦୁଇପାର୍ଶ୍ୱର ଆଲୋକମାଳାରେ ଏହି ଅଞ୍ଚଳ ଝଲସୁଛି। ହାଟଡିହୀ ବ୍ଲକ ନିକଟରେ ଜଳକଳଙ୍ଗ ଛକରେ ଏହି ପୂଜା ୪୩ ବର୍ଷରେ ପହଞ୍ଚିଛି। ସୋମବାର କଳସ ଶୋଭାଯାତ୍ରା କରାଯାଇଥିଲା। ଭଗବାନ ନାୟକ କର୍ତ୍ତା ଭାବେ ସଂକଳ୍ପ କରିଥିଲେ। ମୁଖ୍ୟ ପୂଜକ ବାବାଜୀ ତିଆଡ଼ି, ମାୟାଧର ଦାସ ଓ ବିଜୟ ଦେବତା ରିତିନୀତି ଅନୁଯାୟୀ ପୂଜାପାଠ କରିଥିଲେ। ସଭାପତି ଶଙ୍କର୍ଷଣ ନାୟକ, ସମ୍ପାଦକ ସଦାଶିବ ଚକ୍ର, କୋଷାଧକ୍ଷ ସୁଶାନ୍ତ ନାୟକ, ଉପଦେଷ୍ଟା କାମପାଳ ନାୟକ, ନରେନ୍ଦ୍ର ସା, ସନାତନ ଜେନା, ମନୋଜ ପାତ୍ର, ରୁଦ୍ରନାରାୟଣ ଜେନା, ଗୋପଳ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏଠାରେ ୭ଦିନ ଧରି ପୂଜା ଚାଲିବ। ମଣ୍ଡପ ନିକଟରେ ବିଭିନ୍ନ ପ୍ରକାର ଦୋକାନ ପଡ଼ିଥିବାରୁ ସନ୍ଧ୍ୟାରେ ଭିଡ଼ ଜମୁଛି। ସେହିପରି ଛେନାପଦି ଛକ, ଛେନାପଦି ବଉଳା ରୋଡ୍, ମାଣିକ କମ୍ପ୍ଲେକ୍ସ, ଛେନାପଦି କେନାଲ ଛକ, ଦଳେଇ ପେଟ୍ରୋଲ ଟାଙ୍କି, ରଣା ଛକ, ହାଟଡିହୀ ହାଇସ୍କୁଲ ଛକ, ମହିଳା କଲେଜ ଛକ ଆଦି ସ୍ଥାନରେ ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କୁ ପୂଜା କରାଯାଉଛି। ପଢିଆରିପଲ୍ଲୀ, ବାଙ୍ଗୋର, ସୋସୋ, କରବାଟି ଛକ, ଶାଳଣିଆଁ ଆଦି ସ୍ଥାନରେ ଲକ୍ଷ୍ମୀପୂଜା ପାଳନ କରାଯାଉଛି।

ପାଟଣା,୭।୧୦(ବୀର କିଶୋର ଦାଶ)

ପାଟଣା ବ୍ଲକ ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିର ସମ୍ମୁଖରେ କୁମାର ଉତ୍ସବ କମିଟି ତରଫରୁ ୫୬ତମ ଗଜ ଲକ୍ଷ୍ମୀ ପୂଜା ସୋମବାର ରାତିରେ ଅନୁଷ୍ଠିତ ହୋଇଛି। ପୂଜକ ରାମଚନ୍ଦ୍ର ଦାଶ ଓ ଜ୍ଞାନ ରଞ୍ଜନ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତାଭାବେ ଲିପକ କୁମାର ସାହୁ ଓ ସ୍ତ୍ରୀ ଲିପିକା ସାହୁ ଦେବନୀତି ସମ୍ପନ୍ନ କରିଛନ୍ତି। କମିଟିର ସଭାପତି ବିବେକାନନ୍ଦ ଦାଶ, ସମ୍ପାଦକ ଦକ୍ଷ ପ୍ରସାଦ ସାହୁ, ଲିପକ କୁମାର ସାହୁ, ଦେବୀ ଦତ୍ତ ମିଶ୍ର, ତାପସ ମିଶ୍ର, ସୌମ୍ୟ ରଞ୍ଜନ ଦାଶ, ବିକାଶ ଦାସ, ଅଭିଷେକ ଦାଶ, ସତ୍ୟବ୍ରତ ଦାଶ, ଅଜୟ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଓ ପ୍ରସାଦ ସେବନ ବ୍ୟବସ୍ଥା ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ପାଟଣା ମୁଖ୍ୟାଳୟ ସଁରାପଶି ମଣ୍ଡପରେ ୨୪ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ଏଥିରେ କର୍ତ୍ତାଭାବେ ଅୟଶ କାନ୍ତ ନାୟକ ଦାୟିତ୍ୱ ସମ୍ପନ୍ନ କରିଥିଲେ। ପୂଜକ ଭାବେ ପଣ୍ଡିତ ସୁଶାନ୍ତ ଶେଖର ଦାଶ ପୂଜା କରିଥିଲେ।



ଚେମେଣାରେ କର୍ତ୍ତାଭାବେ ରବିନ୍ଦ୍ର ମହାନ୍ତ ଦେବ ନୀତି ସମ୍ପାଦନ କରିଥିବା ବେଳେ ପୂଜକ ମହେଶ ଚାଟାର୍ଜୀ ପୂଜାର୍ଚ୍ଚନା କରିଛନ୍ତି। ତୁରୁମୁଙ୍ଗା ଗଜଲକ୍ଷ୍ମୀ କମିଟି ତରଫରୁ ୫୭ ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ପୂଜକ ଭାବେ ସୁଶାନ୍ତ କର ଓ ଅରୁଣ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ଅଧିକାରୀ ସାହୁ ଦେବ ନୀତି ସମ୍ପାଦନ କରିଥିଲେ। ଟାଙ୍ଗରପଡା ବଜାର କମିଟି ତରଫରୁ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ପୂଜକ ନୀଳମଣି ପଣ୍ଡା ପୂଜା କରିଥିବା ଭାବେ କର୍ତ୍ତାଭାବେ ଅଜୟ କୁମାର ସାହୁ ଦେବନୀତି ସମ୍ପନ୍ନ କରିଛନ୍ତି।

# ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ

ଯୋଡା, ୭।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ପୌରପାଳିକା ପକ୍ଷରୁ ସୋମବାର କଳାପାହାଡ଼ ଛକରୁ ରାସ୍ତାକଡ଼ରେ ଜବରଦଖଲ ହୋଇଥିବା ଦୋକାନକୁ ଉଚ୍ଛେଦ କରାଯାଇଛି। କଳାପାହାଡ଼ଠାରୁ ଯୋଡା ବସ୍‌ଷ୍ଟାଣ୍ଡ, ବାଂଶପାଣିରୁ ରଣାଶାଳ ପର୍ଯ୍ୟନ୍ତ ବେଆଇନ ଭାବେ ସରକାରୀ ଜମିକୁ ଜବରଦଖଲ କରି ଦୋକାନ ଘର ଓ ଗୃହଗୁଡ଼ିକୁ ଉଚ୍ଛେଦ କରାଯିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ଉଚ୍ଛେଦ ସମୟରେ ଯୋଡା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୱନ କୁମାର ସିଂ ରାଣା, ଯୋଡା ବିଡ଼ିଓ ଡେନିସ ବେହେରା ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବାଲିଆପାଳରେ ଗଜଲକ୍ଷ୍ମୀ ପୂଜା

ବାଲିଆପାଳ, ୭।୧୦
(ଗୋପାଳ ଚନ୍ଦ୍ର ସାହୁ)



ବାଲେଶ୍ୱର ଜିଲା ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ଖାଦ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ରାତିରେ ବାଲିଆପାଳ ବ୍ଲକ ଛକରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସଂଘର କର୍ମକର୍ତ୍ତାମାନେ ଏକ ଭକ୍ତିମୟ ପରିବେଶ ମଧ୍ୟରେ ରାତି ୧୦ଟାରେ ସୁବର୍ଣ୍ଣରେଖାର କୁଦମାନସିଂ ନଦୀଘାଟରୁ ଘଟ ଉତ୍ତୋଳନ କରିବା ପରେ ରାତି ସାରା ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଙ୍ଗଳବାର ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ବୁଧବାର ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ହେବ ବୋଲି କମିଟି ସଭାପତି ହରିହର ପ୍ରଧାନ କହିଛନ୍ତି। କମିଟିର ଉପସଭାପତି ସୁଜୟ କୁମାର ଦେ, ସମ୍ପାଦକ ବିଭୁରଞ୍ଜନ ରାଉତ, ସହସମ୍ପାଦକ ହରବନ୍ଧୁ ଜେନା, କୋଷାଧ୍ୟକ୍ଷ ନରେଶ ସାହୁ, ପୂଜା ସମ୍ପାଦକ ମହେଶ୍ୱର ସାହୁ, କମିଟିର ସଦସ୍ୟ ତପନ ସାହୁ, ବାବୁ ଦାସ, ରବି ଦାସ, ରଞ୍ଜନ ମାହାନା, ସୁଶାନ୍ତ ଗିରି, ଜୟନ୍ତ ଦାସଙ୍କ ସହିତ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ମନୋରଞ୍ଜନଙ୍କୁ 'ମୁଖ୍ୟମନ୍ତ୍ରୀ ବନ୍ୟଜୀବ ସମ୍ମାନ'

ନୀଳଗିରି, ୭।୧୦(ପ୍ରଶାନ୍ତ ବିଶ୍ୱାଳ)

## ବନ୍ୟପ୍ରାଣୀ ସପ୍ତାହ ପାଳନ



ଅତିଥିଙ୍କଠାରୁ ସମ୍ମାନିତ ହେଉଛନ୍ତି ଯୁବ ପରିବେଶବିତ୍।

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ୨୦୨୫ମସିହା ୭୧ତମ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ କୁରୁଡ଼ାସ୍ଥିତ ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ମୁଖ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୀଳଗିରିର ଯୁବ ଉଦ୍ୟୋଗୀ, ପରିବେଶବିତ୍ ତଥା ଫରେଷ୍ଟ ଗାଇଡ୍ ମନୋରଞ୍ଜନ ଦାସଙ୍କୁ ପରିବେଶ, ବନ୍ୟଜୀବ ସୁରକ୍ଷା ସହିତ ପ୍ରଜା ସଚେତନତା ଏବଂ ପରିବେଶ ସମ୍ବନ୍ଧୀୟ ତାଙ୍କର ଦୃଢ଼ ପଦକ୍ଷେପ ପାଇଁ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଜିଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସମ୍ମାନିତ କରିଛନ୍ତି। କୁଲଡିହା ଅଭୟାରଣ୍ୟ ଏବଂ ଆଖପାଖ ଅଞ୍ଚଳରେ ବନ୍ୟଜୀବ ସୁରକ୍ଷା ପ୍ରଜା ସଚେତନତା ଏବଂ ପରିବେଶ ସମ୍ବନ୍ଧୀୟ ଅତୁଳନୀୟ ଅବଦାନ ପାଇଁ ଦାସଙ୍କୁ 'ମୁଖ୍ୟମନ୍ତ୍ରୀ ବନ୍ୟଜୀବ ସମ୍ମାନ'ରେ ସମ୍ମାନିତ କରାଯାଇଛି।

ତେବେ ଆଜିର ଅସନ୍ତୁଳିତ ପରିବେଶକୁ ସୁଧାର ପାଇଁ ଯେଉଁମାନେ ପ୍ରକୃତି, ବନ୍ୟଜୀବ ସହ ସମନ୍ୱୟ ସୃଷ୍ଟି କରି ସୁସ୍ଥ ଏବଂ ସୁନ୍ଦର ପରିବେଶ ପାଇଁ ସର୍ବଦା ଚେଷ୍ଟିତ ଅଛନ୍ତି ସେମାନଙ୍କୁ ଏଭଳି ସମ୍ମାନ ମିଳିବା ପରେ ଅଧିକ ଉତ୍ସାହିତ କରିବ ବୋଲି ଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବନ୍ୟଜୀବ ସୁରକ୍ଷା, ଜୈବବିବିଧତା, ସଂରକ୍ଷଣ ଓ ମାନବ ପ୍ରକୃତି ସମନ୍ୱୟ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା ବେଳେ ଜିଲାପାଳଙ୍କ ସମେତ ଜିଲା ବନଖଣ୍ଡ ଅଧିକାରୀ, ଅତିରିକ୍ତ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ, ମତ୍ସ୍ୟବିଭାଗର ଅଧିକାରୀଙ୍କ ସହ ବହୁ ପରିବେଶପ୍ରେମୀ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ସୁନ୍ଦରପୁର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ଖଇରା, ୭।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁରସ୍ଥିତ ନୀଳସୁନ୍ଦରଜୀଉ ନବକିଶୋର ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର, ପୂର୍ବତନ ଶିକ୍ଷକ ଓ ବର୍ତ୍ତମାନ ଶିକ୍ଷକମାନଙ୍କ ଉପସ୍ଥିତିରେ ଆଗାମୀ ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ମାନସ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ୫୦ବର୍ଷ ପୂର୍ତ୍ତି ଅବସରରେ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକୁ ଆଗେଇ ନେବାପାଇଁ ଏକ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ବିଦ୍ୟାଳୟର ପ୍ରଥମବର୍ଷର ଛାତ୍ର ଦିବାକର ବାରିକଙ୍କୁ ସଭାପତି, ନିରଞ୍ଜନ ବେହେରାଙ୍କୁ ଉପସଭାପତି, ମାନସ କୁମାର ମହାପାତ୍ରଙ୍କୁ ସମ୍ପାଦକ, ଅଭିମନ୍ୟୁ ନାୟକଙ୍କୁ ସହସମ୍ପାଦକ, ଚନ୍ଦ୍ରକାନ୍ତ କୁଅଁରଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ବଛାଯାଇଥିଲା। ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ର, ଇନ୍ଦ୍ରମଣି ରାଉତ, ହରିହର ଜେନା, ପିତାମ୍ବର ନାୟକ, ଚନ୍ଦ୍ରକାନ୍ତ ଶତପଥି, ଗଜେନ୍ଦ୍ର ପ୍ରସାଦ ରାୟ, କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଯଶୋବନ୍ତ ନାୟକ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମାଝୀଙ୍କ ସମେତ ପୁରାତନ ଛାତ୍ର ଗୋବର୍ଦ୍ଧନ ପାଇକରାୟ, ଜୀବନ କିଶୋର ଦାସ, ସୁକୁମାର ମହାନ୍ତି, ଉପେନ୍ଦ୍ର ମିଶ୍ର, ନୃସିଂହ ରାୟ, ଅଲେଖ ବେହେରା, ସିଦ୍ଧାର୍ଥ ଶଙ୍କର ମହାପାତ୍ର, ପ୍ରଭାତ ନାୟକ, ଡ ହରେକୃଷ୍ଣ ରାଉତ, ବାଲ୍ମିକୀ ନାୟକ, ପ୍ରହଲ୍ଲାଦ ରାୟ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଲକ୍ଷ୍ମୀଧର ରାଉଳ, ଶ୍ରୀଧର ମହାରଣା, ବିକାଶ ରାଉତ, ସୁରଭି କୁସୁମ ନାୟକ, ଲକ୍ଷ୍ମୀଧର ବେହେରା, ବରେନ୍ଦ୍ର ନାୟକ, ଅଭୟ ପରିଡ଼ା, ଅଶୋକ କୁଣ୍ଡୁ, ଅମୀୟ ବେହେରା, ପରେଶ ମହାପାତ୍ରଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଦେବେଶ କୁମାର ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ସମାଜ ପକ୍ଷରୁ ପ୍ରତିବାଦ ସଭା

## ଆଦିବାସୀ ନାବାଳକଙ୍କୁ ପୋଲିସର ମାଡ଼ ଅଭିଯୋଗ




ଶୋଭାଯାତ୍ରାରେ ସାମିଲ ଆଦିବାସୀ ମହିଳା ଓ ପୁରୁଷ।

ବାଲେଶ୍ୱର, ୭।୧୦(ବାଞ୍ଛାନିଧି ଦେ): ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ପୋଲିସ ଚୋରି ମାମଲାରେ ୨ ଆଦିବାସୀ ନାବାଳକଙ୍କୁ ଥାନାକୁ ଆଣି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହା ପ୍ରତିବାଦରେ ଆଦିବାସୀଙ୍କ ପକ୍ଷରୁ ବିଶାଳ ସମାବେଶ ଆୟୋଜିତ ହୋଇଛି। ଉତ୍କଳ ସମାଜ ବାଲେଶ୍ୱର ଜିଲା ଶାଖା ପକ୍ଷରୁ ସଦର ବ୍ଲକ ଫୁଲାଡ଼ି ଛକଠାରେ ମଙ୍ଗଳବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦିବାସୀ ନେତା ବୁଲୁ ସିଂ ପୌରୋହିତ୍ୟ କରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ସମ୍ପୃକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଉତ୍କଳ ସମାଜ ରାଜ୍ୟ ସମ୍ପାଦକ ଭାସ୍କର ଚନ୍ଦ୍ର ଜେନା ଯୋଗଦେଇ ନାବାଳକଙ୍କ ପ୍ରତି ଅମାନବୀୟ ଅତ୍ୟାଚାରକୁ ତୀବ୍ର ନିନ୍ଦା କରିଥିଲେ। ଘଟଣା ସମ୍ପର୍କରେ ମାନବ ଅଧିକାର କମିଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ। ଗତ ୨ତାରିଖରେ ନଗ୍ରମ ଗ୍ରାମର ଦୁଇ ନାବାଳକଙ୍କୁ ଚୋରି ଅଭିଯୋଗରେ ପୋଲିସ ଉଠାଇ ନେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଥାନାରେ ଅଟକ ରଖି ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଆହତ ନାବାଳକଙ୍କ ମଧ୍ୟରୁ ଜଣେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟ ଜଣେ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଅବସରରେ ନଗ୍ରମ ପଞ୍ଚାୟତ ହାତୀମୁଣ୍ଡା ଗ୍ରାମରୁ ଏକ ଶୋଭାଯାତ୍ରା ବାହାରି ଫୁଲାଡ଼ି ଛକ ନିକଟରେ ପହଞ୍ଚିଥିଲା। ଏଥିରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଏ ସମ୍ପର୍କରେ ସଦର ଥାନା ଆଇଆଇସି ସାଲଖାନ ମୁର୍ମୁଙ୍କୁ ପଚରାଯିବାରୁ ଚୋରି ମାମଲାରେ ପୋଲିସ ସେମାନଙ୍କୁ ଆଣି ପଚରାଉଚରା କରିଛି। କୌଣସି ମାଡ଼ କିମ୍ବା ଶାରୀରିକ ନିର୍ଯାତନା ଦିଆଯାଇନାହିଁ ବୋଲି କହିଛନ୍ତି।

# ପ୍ରାକ୍ତନ ପ୍ରାଧ୍ୟାପକଙ୍କ ବିୟୋଗ

ସିମୁଳିଆ, ୭।୧୦
(ସନ୍ତୋଷ ନାୟକ)



ବିଜୟ କୁମାର ଜେନା।

ବାଲେଶ୍ୱର ଜିଲା ସିମୁଳିଆ କଲେଜର ପ୍ରାକ୍ତନ ପ୍ରାଧ୍ୟାପକ ଡ. ବିଜୟ କୁମାର ଜେନାଙ୍କ ମଙ୍ଗଳବାର ଅକାଳ ବିୟୋଗରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତଃ ଜେନା ସିମୁଳିଆ କଲେଜର ଇତିହାସ ବିଭାଗର ପ୍ରାଧ୍ୟାପକ ଥିଲେ। ସେ ଗତ ୧୫ବର୍ଷ ଧରି ସିମୁଳିଆ କଲେଜରେ କାର୍ଯ୍ୟରତ ରହିବା ସହିତ କିଛିଦିନ ଅଧ୍ୟକ୍ଷ ଦାୟିତ୍ୱରେ ମଧ୍ୟ ଥିଲେ। ଦୁଇବର୍ଷ ପୂର୍ବେ ଅବସର ନେଇଥିଲେ। ଡ. ଜେନା ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ରହିବା ସହିତ ଜଣେ ମେଳାପୀ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ତାଙ୍କ ଶେଷ ଦର୍ଶନ କରିଥିଲେ ।


## Panchasakha Shikhya Setu Sangathan
A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha-751007

RFP No.1560/PSSS/25 48 — Date 06.10.25

No.n-Request for Proposal (RFP) for Selection of Event Management Agency for Swapna ra Odisha 2036 theme Pavilion at SURA-VI-2025 under Panchasakha Shikhya Setu Sangathan (erstwhile Mo School Abhiyan), A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha-751007. The last date of submission of RFP is 27.10.2025 before 5.00 PM. For More details, please visit the website pss.odisha.gov.in.

By Order of Commissioner-Cum-Secretary to Govt. S & ME Dept. & Vice Chairperson, PSSS
Sd./- Officer on Special Duty
Panchasakha Shikhya Setu Sangathan
OIPR-27178/11/0025/2526

## ROURKELA SMART CITY LIMITED, Rourkela
Udit Nagar, Rourkela-769012, Email: rourkelascl@gmail.com
BID ID : RSCL/1414/2025 — DATE : 04/10/2025

### NOTICE INVITING TENDER NATIONAL COMPETITIVE BIDDING

No.C-1210 : The Chief Executive Officer, RSCL, invites bids from eligible contractors for the following project:

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Construction of roofing work in Panposh Market on Percentage Rate Basis. | 59.98Lakhs. |

The Tender Fees of Rs.11,800/-to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 07.10.2025 to 23.10.2025(upto 17:00 Hrs. IST). Pre- Bid Meeting will be held on 13.10.2025at 12.30 P.M. in the Conference Hall of RSCL. For queries, intending bidder may contact Ar.Sarthak Sourav Rath, Architect, RSCL Vide Phone No.8984353513, Email Id:rourkelascl@gmail.com.

Sd./- Chief Executive Officer
Rourkela Smart City Limited
OIPR-13080/11/0041/2526

## ODISHA HYDRO POWER CORPORATION LTD.
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA), PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-202/1/6654 — Date : 06.10.2025

### TENDER CALL NOTICE NO. HHEP-59/2025

No.CAD-1935 : Sealed tenders are invited on percentage rate basis in double cover system from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt. / MES / Raiway having valid EPF, ESI, GST, PAN etc for the following work.

| Sl. No. | Description of work | Cost of tender paper (Non-Refundable) in Rs. | EMD in Rs. (in shape of DD/BC) | Class of contractor |
|---|---|---|---|---|
| 1 | Construction of 01 No. of staff toilet at Equipment store, HHEP, Burla | Rs. 2360/- (Rs. 2000/- + GST @ 18%) | 4050/- | 'D' & 'C' |

- Sale of tender paper : 09.10.2025(11.00 AM) to 23.10.2025 upto 01.00 PM
- Receipt of tender paper : 23.10.2025 upto 01.30 PM
- Date & time of opening of tender : 23.10.2025 upto 04.30 PM
- Further details of tender documents, terms & conditions, corrigendum etc to the tender call notice, please visit our website www.ohpcltd.com

OIPR-04007/11/0074/2526 — Sd./- C&P Head, HHEP, Burla

## GOVERNMENT OF ODISHA, DEPARTMENT OF WATER RESOURCES
### OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR
No.A-702:
### 'e' Procurement Notice No. ACECIC-11/2025-26

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | Bid documents available online for bidding To | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| ACE,CIC, Bhubaneswar | PRD-3/ 2025-26 | Improvement to right bank service road of Lingipur Distributary from RD 8.276 Km to 10.12 Km. (Working Rd 8.276 Km to 9.876 Km) | 167.06 | 1,67,100/- (Online) | 10000/- (Online) | "B" & "A" Class | 10.10.2025 At 10.00 Hours | 24.10.2025 At 17.00 Hours | 27.10.2025 At 11.00 Hours | 6 (Six Calendar Months) |
| | PRD-4/ 2025-26 | Improvement to KSDR Embankment from RD 58.25 Km to 60.75 Km with slope protection work | 253.92 | 2,54,000/- (Online) | 10000/- (Online) | "B" & "A" Class | 10.10.2025 At 10.00 Hours | 24.10.2025 At 17.00 Hours | 27.10.2025 At 11.00 Hours | 8 (Eight Calendar Months) |
| | PRD-5/ 2025-26 | Improvement to Kushavadra Left Embankment from RD 13.600 Km. 16.60 Km | 254.04 | 2,54,100/- (Online) | 10000/- (Online) | "B" & "A" Class | 10.10.2025 At 10.00 Hours | 24.10.2025 At 17.00 Hours | 27.10.2025 At 11.00 Hours | 8 (Eight Calendar Months) |
| | NID-8/ 2025-26 | Construction of Road on Left Bank of Chandanpur Branch Canal from Balanga to Parbatipur | 420.00 | 4,20,100/- (Online) | 10000/- (Online) | "A" Class | 10.10.2025 At 10.00 Hours | 24.10.2025 At 17.00 Hours | 27.10.2025 At 11.00 Hours | 8 (Eight Calendar Months) |
| | KID-3/ 2025-26 | Improvement of service road of Daya right embankment from Gopinathpur to Badagoth Village | 237.00 | 2,37,000/- (Online) | 10000/- (Online) | "B" & "A" Class | 10.10.2025 At 10.00 Hours | 24.10.2025 At 17.00 Hours | 27.10.2025 At 11.00 Hours | 8 (Eight Calendar Months) |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-32160/11/0040/2526 — Sd./- Additional Chief Engineer, Central Irrigation Circle

## GOVERNMENT OF ODISHA
## DEPARTMENT OF WATER RESOURCES
## O/o THE SUPERINTENDING ENGINEER, ANGUL IRRIGATION DIVISION, ANGUL
No.A-672
e-Mail Id - eeangulirrigation@gmail.com

### 'e'-Procurement Notice No. SE-AID-6/2025-26

The Superintending Engineer, Angul Irrigation Division, Angul on behalf of the Governor of Odisha invites online **percentage rate basis bid in single cover** system through e-procurement for the work mentioned below.

| | | |
|---|---|---|
| 1 | Total No. of Works | : **12 (Twelve) Nos.** Civil work |
| 2 | Cost of work put to tender | : Approximately **Rs.9.48 Lakh & 34.79 Lakh** |
| 3 | Tender Paper Cost | : **Rs.4,000/- / Rs.6,000/-** (Non-Refundable) |
| 4 | Class of Contractor | : **'D' & 'C' / 'C' & 'B'** equivalent Grade / Class |
| 5 | Period of Completion | : 90 days |
| 6 | Availability of Bid Documents and receipt of bid through online | : From **11.00 A.M. of 08.10.2025 to 5.00 P.M. of 18.10.2025** in the website **(www.tendersodisha.gov.in)** |
| 7 | Date, time & place for opening of online tenders | : **20.10.2025** at **11.00 A.M.** and onwards in the O/o the SE, Angul Irrigation Division, Angul |
| 8 | Date, time & Place for finalization of tender through transparent lottery system (if required) | : 28.10.2025 at 11.00 A.M. in the O/o the SE, Angul Irrigation Division, Angul |
| 9 | Digital Signature Certificate | : The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and address of Officer Inviting Tender (OIT) | : Superintending Engineer, Angul Irrigation Division, Angul, At/PO : Hakimpada, Dist : Angul, Odisha. e-mail Id - **eeangulirrigation@gmail.com** |

Further details can be seen from the e-procurement portal of Government of Odisha at www.tendersodisha.gov.in.

Sd./- Superintending Engineer
Angul Irrigation Division, Angul
OIPR-32049/11/0025/2526

## Government Of Odisha
## Information & Public Relations Department
## Lok Sampark Bhawan, Bhubaneswar
No.Z-12
No.15037/IPR, Bhubaneswar, Dated 06.10.2025

### REQUEST FOR PROPOSAL

01- Director, I&PR Department, Government of Odisha (The Client) invites Request For Proposal (RFP) from the eligible bidders to Conceptualize, Design and Fabricate the Odisha Pavilion at India International Trade Fair (IITF)-2025, Bharat Mandapam, New Delhi.
02- Key objectives, scope of work, eligibility requirement, layout plan, technical specifications and other details may be seen in and downloaded from **https://inpr.odisha.gov.in/** or, **https://odisha.gov.in.**
03- Last date for receipt of sealed proposal is 20.10.2025 by 05:00 PM.
04- RFP will be opened on 22.10.2025 at 11:30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
05- Pre-Bid consultation with intending bidders is scheduled to be held on 13.10.2025 at 11:30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
06- The I&PR Department have the right to accept or reject the Tender(s) without assigning any reason thereof.

OIPR-15001/11/1213/2526 — Sd./- DIRECTOR, I&PR

## WATCO
## OFFICE OF THE GENERAL MANAGER, WATCO DIVISION-I, VANIVIHAR SQUARE, BHUBANESWAR, ODISHA, PIN-751022
Phone/Fax : 0674-2542821 / e-Mail - gmdivonewatco@gmail.com

### NATIONAL COMPETITIVE BIDDING THROUGH e-PROCUREMENT
No.C-1198
Invitation For Bids (IFB)
GMWATCO-I/53/ 2025-26 Dt.26.09.2025

| | | |
|---|---|---|
| 01 | Name of the work | : 1) Operation & maintenance of 2Nos. 1500KVA, 1No. 365KVA D.G set at clear water & 1No. 1250KVA DG Set at Raw water of WTP, Mundali for 1(One) year. 2) Supplying, Fitting & Fixing of Retrofit Emission Control Device (RECD) for 365KVA DG set installed at WTP, Mundali. |
| 02 | Estimate cost | : 1) Rs.20.43 lakh, 2) 9.55 lakh |
| 03 | Period of completion | : 1) 12 (Twelve Months) & 2) 02 (Two Month) |
| 04 | Date & Time of availability of bid document in the portal | : From 11.00 A.M. of Dt.09.10.2025 to 5.00 P.M. of 23.10.2025 |
| 05 | Last date / time of receipt of bids in the portal | : 5.00 P.M. of 23.10.2025 |
| 06 | Date & Time of opening of bids | : At 12.30 P.M. of 24.10.2025 |
| 07 | Name and address of the Officer Inviting Bid | : General Manager WATCO Division-I, BBSR |

**Name & Address of Officer Inviting Bid** : **The General Manager, WATCO Divsion-I, Vanivihar Square, BBSR, Odisha**

OIPR-13083/11/0019/2526

## OFFICE OF DISTRICT MANAGER
## ODISHA STATE CIVIL SUPPLIES CORPORATION LTD. KHORDHA
District Website : www.khordha.odisha.gov.in
Tender No. : **5438 to 5447** — Dt. 04.10.2025

**No.CAD-1931** : District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of Paddy from Mandi to Mill & CMR from Mill to Depot of 10 blocks in the Khordha district for the KMS 2025-26. |
| 2 | Availability of bid document in the portal | From 06.10.2025 |
| 3 | Last Date / Time for Receipt of bids in the portal | Dt.22.10.2025 upto 03:00 P.M. |
| 4 | Date/Time of Opening of Technical Bid | Dt.22.10.2025 up to 04.00 P.M. |
| 5 | Name and address of the Officer Inviting Tender | CSO-cum-District Manager, O.S.C.S.C Ltd., Khordha (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd./- CSO-cum-District Manager
O.S.C.S.C Ltd., Khordha
OIPR-07050/11/0007/2526

## Office of the Chief District Medical Officer, Sundargarh
## Dist. Program management Unit, NHM, Sundargarh (DPMU)
## Deptt. of Health & Family Welfare, Govt. Of Odisha

Advt No :3522 — Walk-in-interview (ଚାକିରି ସାକ୍ଷାତ୍କାର) — Date: 4 .10.2025

**For Empanelment of MO & Part-time Specialist in AAM-UPHCs under NHM, Sundargarh**

**No.E-424** : Expressions of Interest (EoI) is invited for empanelment of MO MBBS & Part time specialist to be engaged in Ama Clinic at UPHC under National Urban Health Mission, Sundargarh. The interested candidates have to apply as per the eligibility criteria mentioned below.

| Sl. | Name of the posts | vacancy | Qualification & Remuneration |
|---|---|---|---|
| 1 | **Medical Officer, (MBBS) in UAAM/ UPHC** | 2 | **Passed MBBS degree** having valid registration from OCMR. **Remuneration-Rs.70,918/-+PI (up to 25%)** |
| 2 | **Part -Time specialist (O&G, Pediatric, Skin & VD, Medicine, Surgery, Ophthalmology)** | 2 Nos in each specialist | **Passed MBBS degree with PG in Concern Subject/Branch** having valid registration from OCMR. Per Day -**Rs.3750/-**for 2 Sessions i.e. Morning & Evening |
| 3 | **Part- time specialist in UPHC (Physiotherapist)** | 1 | Passed BPT degree having valid registration from OCMR. Rs **750/-** Per Session (Maxm 32 session per month) |

The above positions are purely temporary and co-terminus with the scheme. Interested candidates can log on to www.sundargarh.odisha.gov.in for details of vacancy, eligibility criteria, age, application form etc. Candidates fulfilling the eligibility criteria may apply in the Prescribed format duly signed by the candidate along with self-attested copies of all supportive documents to attend the **Walk in Interview on Dt-16/10/25 at 11.00 A.M.** in the **"O/O CDM & PHO, DPMU, NHM,Sundargarh, At/Po-Sundargarh-770001,Dist-Sundargarh (Odisha)** .The authority reserves the right to cancel any or all application without assigning any reason thereof. The post may increase or decrease as per the requirement.

Sd./- Chief District Medical & Public Health Officer, Sundargarh
OIPR-10100/11/0033/2526

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION-II, SUNDARGARH
No.O-955
E-Mail : rw_rourkela@yahoo.co.in

### TENDER CALL NOTICE
### BID IDENTIFICATION NO. ONLINE-EERKL-10 of 2025-26

1. Name of the Work : Road Work
2. Total No. of works : 02 (Two) Nos.
3. Estimated cost : Rs.64.32 Lakhs to Rs.75.50 Lakhs
4. Class of contractor : "B" Class
5. Period of completion : 03 (Three) Calendar months
6. Type of Tender : Double Cover
7. Other details :

| Procurement Officer | Bid Identification No. | Availability of Tender on-line for bidding From | Availability of Tender on-line for bidding To |
|---|---|---|---|
| 1 | 2 | 3 | 4 |
| **Superintending Engineer, Rural Works Division-II, Sundargarh** | **Online - EERKL-10 of 2025-26** | **09.10.2025 from 10.00 AM** | **17.10.2025 upto 05.00 PM** |

Further details can be seen from the website www.tendersorissa.gov.in

Sd./- Executive Engineer
RW Division-II, Sundargarh
OIPR-25193/11/0089/2526

## ଭବାନୀପାଟଣା ପୌରପାଳିକା
### ନୋଟିସ୍

ନଂ.3016 — ତାରିଖ:06.10.2025

No.C-1220:ଭବାନୀପାଟଣା ପୌରପାଳିକା ଅଧୀନରେ ଥିବା ସମସ୍ତ ଜନସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି, ୨୦୧୭ ଅନୁସାରେ ନିମ୍ନଲିଖିତ ନିର୍ଦ୍ଦେଶଗୁଡିକ ଅନୁସରଣ କରିବା ବାଧ୍ୟତାମୂଳକ ଅଟେ ।

**୧.ଆବର୍ଜନା ବିଭାଜନ ଓ ସଞ୍ଚୟ:** ପ୍ରତ୍ୟେକ ଗୃହରେ ଦୁଇଟି ଡଷ୍ଟବିନ୍ (ସବୁଜ-ଓଦା ଆବର୍ଜନା ନୀଳ-ଶୁଖିଲା ଆବର୍ଜନା) ରଖିବା ବାଧ୍ୟତାମୂଳକ ।

**୨. ଆବର୍ଜନା ଏଣେତେଣେ ଫୋପାଡିବା ନିଷେଧ:** ସଡ଼କ, ଖୋଲାସ୍ଥାନ, ନାଳ କିମ୍ବା ସାଧାରଣ ସ୍ଥାନରେ ଅବଶିଷ୍ଟ/ଆବର୍ଜନା ପକାଇବା କଡାକଡି ଭାବରେ ନିଷିଦ୍ଧ ଅଟେ । ତେଣୁ ସମସ୍ତ ଆବର୍ଜନା କେବଳ ନିର୍ଦ୍ଦିଷ୍ଟ ପୌରପାଳିକାର ସଂଗ୍ରହ ଗାଡି ମାଧ୍ୟମରେ ନିଷ୍କାସନ କରିବା ବାଧ୍ୟତାମୂଳକ ଅଟେ । ଏହାସହ ପ୍ରତ୍ୟେକ ଆବାସିକ ଗୃହ ନିଜର ପରିସର ସଦା ପରିଚ୍ଛନ୍ନ ଓ ସୁସ୍ଥ ରଖନ୍ତୁ ।

**୩. ଏକକ ବ୍ୟବହାର ପ୍ଲାଷ୍ଟିକ ବନ୍ଦ କରିବା ସମ୍ବନ୍ଧରେ:** ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନ ମାଲିକମାନେ ତୁରନ୍ତ ଏକବାର ବ୍ୟବହାର ପ୍ଲାଷ୍ଟିକ (ଯଥା:ପ୍ଲାଷ୍ଟିକ ଥଳି, ପ୍ଲାଷ୍ଟିକ କପ, ଚାମଚ, ପ୍ଲେଟ) ବ୍ୟବହାର ବନ୍ଦ କରନ୍ତୁ ଏବଂ ଏହାର ବିକଳ୍ପ ଭାବରେ (ଯଥା-କାଗଜ, ପତ୍ର, କପଡ଼ାଥଳି) ବ୍ୟବହାର କରନ୍ତୁ ।

**୪. ଉପଭୋକ୍ତା ଶୁଳ୍କ ପରିଶୋଧ:** ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି, ୨୦୧୭ ଅନୁସାରେ ଉପଭୋକ୍ତା ମାସିକ ୪୦.୦୦ ଟଙ୍କା ଶୁଳ୍କ (User Fee) ନିଜ ଅଞ୍ଚଳର ସ୍ୱଚ୍ଛସାଥୀଙ୍କ ପାଖରେ ପଇଠ କରନ୍ତୁ ।

**୫. ଦଣ୍ଡାତ୍ମକ ବ୍ୟବସ୍ଥା/Penalty Provision:**
ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି, ୨୦୧୭ ଅନୁସାରେ
- ନିଜ ଗୃହ, ସଡ଼କ, ଖୋଲା ସ୍ଥାନ, ନାଳ କିମ୍ବା ସାଧାରଣ ସ୍ଥାନରେ ଅବଶିଷ୍ଟ/ଆବର୍ଜନା ପକାଇଲେ ଏବଂ ପ୍ରାଙ୍ଗଣ ପରିଚ୍ଛନ୍ନ ନ ରଖିଲେ ପ୍ରତିଦିନ ଟଙ୍କା ୫୦୦/- ରୁ ୨୫୦୦/- ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ ।

ଯଦି କୌଣସି ଦୋକାନୀ ଉପଭୋକ୍ତା ଶୁଳ୍କ (User Fee) ନ ଦିଅନ୍ତି କିମ୍ବା ଏହି ନିୟମର ଅବମାନନା କରନ୍ତି, ସେହି ଖିଲାପକାରୀଙ୍କ ଉପରେ ଆଇନ ଅନୁଯାୟୀ ବିଧିଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେଣୁ ସମସ୍ତଙ୍କୁ ଅନୁରୋଧ କି ଏହି ନିୟମକୁ ତୁରନ୍ତ ଅନୁସରଣ କରନ୍ତୁ ।

ସ୍ୱା./-ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌରପାଳିକା
OIPR-13100/11/0021/2526

## ଧନଦାତ୍ରୀଙ୍କୁ ଆରାଧନା

ରାଇରଙ୍ଗପୁର,(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ତଥା ସହରାଞ୍ଚଳ ସମେତ ପୁରପଲ୍ଲୀର ବିଭିନ୍ନ ପୂଜାମଣ୍ଡପରେ ଧନଦାତ୍ରୀ ମା'ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ସହରାଞ୍ଚଳସ୍ଥିତ କୁଚେଇବୁଡି ବସ୍ତି , କୁଚେଇବୁଡି ଦୁର୍ଗା ମଣ୍ଡପ, ମହୁଲଡିହା ବସ୍ତିରେ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ମେଢ଼ ସାଙ୍ଗକୁ ତୋରଣ ଏବଂ ରଙ୍ଗ ବେରଙ୍ଗ ଆଲୋକ ସାଜସଜ୍ଜା କରାଯାଇଛି। ସ ସେହିଭଳି ଗୋରୁମହିଷାଣି, ବାଦାମପାହାଡ଼,ହାଟବାଦଡା, ବଡ଼ଗାଁ ପ୍ରଭୃତି ବିଭିନ୍ନ ଅଞ୍ଚଳରେ ପୂଜା ଅନୁଷ୍ଠିତ ହୋଇଯାଇଛି।

**ମୟୂରଭଞ୍ଜ**

# ଜବରଦଖଲ ସ୍ଥାନରେ ଗଛ ଲଗାଇଲା ବନ ବିଭାଗ

■ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ପାତରଅନ୍ତର ନୀତି
■ ତେଜୁଛି ଅସନ୍ତୋଷ

ବାରିପଦା,୭।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ରେଞ୍ଜ ଅଧୀନ ଭାଗବତଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ଟସରଡ଼ା ମୌଜା ସଂରକ୍ଷିତ ଜଙ୍ଗଲକୁ କାଟି ବେଆଇନ ରାସ୍ତା ନିର୍ମାଣକାରୀଙ୍କ ବିରୋଧରେ ବନ ବିଭାଗ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ବିଭାଗର ପାତରଅନ୍ତର ନୀତିକୁ ନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ଦୋଷ ଲୁଚାଇବାକୁ ଯାଇ ଉଚ୍ଛେଦ ହୋଇଥିବା ସ୍ଥାନରେ ନୂତନ ଗଛ ଲଗାଇ ବନ ବିଭାଗ ଚୁପ୍ ବସିଛି ।

ସୂଚନାଯୋଗ୍ୟ, ସଂରକ୍ଷିତ ଜଙ୍ଗଲରୁ ଶତାଧିକ ମୂଲ୍ୟବାନ ଶାଳ ଗଛ ସହିତ ଦରକାରୀ ଗଛକୁ କାଟି ନୂତନ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତାଟି ଏକ ନବ ନିର୍ମିତ ଘରୋଇ ହସ୍ପିଟାଲକୁ ସଂଯୋଗ କରୁଥିବା ବେଳେ ବେଆଇନ ଗଛକଟାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଏହି ରାସ୍ତାକୁ ଏମ୍‌ଜିଏନ୍‌ଆର୍‌ଇଜିଏ ପ୍ରକଳ୍ପରେ ସାମିଲ କରାଯିବାକୁ ଥିବାବେଳେ ବ୍ଲକ୍ ପ୍ରଶାସନ ପକ୍ଷରୁ ଏହାକୁ ବାତିଲ କରାଯାଇଛି। ସେହିପରି ଉକ୍ତ ଜଙ୍ଗଲ ହାତୀମାନଙ୍କ ଚଳପ୍ରଚଳ ସ୍ଥାନ ହୋଇଥିବାରୁ ୧୧ କେଭି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ସଂଯୋଗ କରାଯାଇଛି। ବନ ଓ ବିଦ୍ୟୁତ୍ ବିଭାଗର ଜ୍ଞାତସାରରେ ଏଭଳି କାର୍ଯ୍ୟ କରାଯାଇଛି ବୋଲି ଅଞ୍ଚଳର ଲକ୍ଷ୍ମଣ ସୋରେନ୍, ପାଲୁ ସୋରେନ ଓ ଦୀପା ମହାକୁଡ଼ କହିଛନ୍ତି। ତେବେ ଏନେଇ 'ଧରିତ୍ରୀ'ରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ବନ ବିଭାଗ ପକ୍ଷରୁ ନୂତନ ରାସ୍ତାରେ ଟ୍ରେଞ୍ଚ ଖୋଳାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନରେ ନୂତନ ଭାବେ ଚାରା ରୋପଣ କରାଯାଇଛି। ତେବେ ଲକ୍ଷାଧିକ ଟଙ୍କାର ଗଛ କାଟି ନେଇଥିବା ବ୍ୟକ୍ତିଙ୍କ ବିରୋଧରେ କେବଳ ନୋଟିସ ଜାରି କରି ବିଭାଗ ଚୁପ୍ ବସିଛି। ଏ୦.୪୭ ଡେସିମିଲ ସଂରକ୍ଷିତ ଜଙ୍ଗଲକୁ କାଟିବା ଏବଂ ହସ୍ପିଟାଲ ପରିସରରୁ କଟାଗଛ ଜବତ ହେବା ପରେ ମଧ୍ୟ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏନେଇ ଅଞ୍ଚଳବାସୀ କ୍ଷୋଭ


ଜବରଦଖଲ ସ୍ଥାନରେ ଗଛ ଲଗାଯାଇଛି ।

ପ୍ରକାଶ କରିବା ସହ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

ଗ୍ରାମବାସୀଙ୍କ କହିବା ମୁତାବକ ଜଙ୍ଗଲରୁ ଶୁଖିଲା କାଠପତ୍ର ଆଣିବା ସମୟରେ ବିଭାଗୀୟ କର୍ମଚାରୀମାନେ ଫାଇନ କରିବା ସହ ମାମଲା ରୁଜୁ କରୁଛନ୍ତି। ସଂରକ୍ଷିତ ଜଙ୍ଗଲରୁ ପତ୍ର କିମ୍ବା ମାଟି ଆଣୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଥିବା ବେଳେ ବ୍ୟାପକ ଭାବେ ଗଛ କାଟିଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ପାତରଅନ୍ତର ନୀତିକୁ ସ୍ପଷ୍ଟ କରୁଛି। ଏ ସଂକ୍ରାନ୍ତରେ ଫରେଷ୍ଟର କୃଷ୍ଣଚନ୍ଦ୍ର ଦେଙ୍କୁ ପଚାରିବାରୁ ହସ୍ପିଟାଲ ମାଲିକଙ୍କ ନାମରେ ଓଆର୍ ୭୧/୨୫-୨୬, ଟ୍ରାକ୍ଟର ମାଲିକଙ୍କ ନାମରେ ୟୁଡି-୧୯ ବିଏ/୨୫-୨୬ ଓ ଜଣେ ବ୍ୟକ୍ତିଙ୍କ ନାମରେ ଓଆର୍ ୭୦/୨୫-୨୬ ନଂ.ରେ ମାମଲା ରୁଜୁ କରାଯାଇଛି। ଆଗାମୀ ଦିନରେ ବିଦ୍ୟୁତ୍ ସଂଯୋଗକୁ ନେଇ ମିଳିତ ତଦନ୍ତ ହେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ସଂରକ୍ଷିତ ଜଙ୍ଗଲର ପୁନରୁଦ୍ଧାର ପାଇଁ ଅଞ୍ଚଳର ରାଇମଣି ନାଏକ, ହେମେନ୍ଦ୍ର ମୁର୍ମୁ, ରବୀନ୍ଦ୍ର ମୁର୍ମୁ, ସୀତା ମୁର୍ମୁ ଓ ଦୀପ୍ତି ମହାକୁଡ଼ ପ୍ରମୁଖ ଦାବି କରିଛନ୍ତି।

# ୨୧ ମଣ୍ଡପରେ ପୂଜା ପାଉଛନ୍ତି ଗଜଲକ୍ଷ୍ମୀ



ଗୋପବନ୍ଧୁ ନଗର, ୭।୧୦
(ଶାନ୍ତନୁ କୁମାର ମଣ୍ଡଆଳ)

ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ମୋଟ ୨୧ଟି ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ସୋମବାର ରାତିରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଆରପଟା, ପାଳଶା, ହରିବଂଶ ସାହି, ଡଲିଷୋଳ, ଭୋଳ ପୋଖରୀ, ପୁରୁଣା ବାରିପଦା କଲଣିସାହି, ଆଗରପଡ଼ା, ଦାମାସାହି, କଣ୍ଟିସାହି, ପଶୁଦା, ହାଟ ନୂଆଗାଁ, ଶୀଳଘାଟୀ, କୁଶଳଦା, ଭଙ୍ଗାଚଟୁ ପ୍ରଭୃତି ପୂଜା ମଣ୍ଡପ ଗୁଡ଼ିକରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଭଙ୍ଗାଚଟୁଠାରେ ୧୫ ବର୍ଷରେ ପୂଜା ପଦାର୍ପଣ କରିଥିବା ବେଳେ ମୁଖ୍ୟ ପୂଜକ ଅନନ୍ତ ବାସୁଦେବ ଶତପଥଙ୍କେ ତତ୍ତ୍ୱାବଧାନରେ ୩ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। କମିଟିର ସଭାପତି ବୁଧିରାମ ସିଂ, ସଂପାଦକ ମହେନ୍ଦ୍ର ସିଂ, ହରେକୃଷ୍ଣ ସିଂ, ଗୌରହରି ସିଂ, କାଂଗାଳୀ ସିଂ, ମହେଶ୍ୱର ସିଂ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ପୁରୁଣା ବାରିପଦା କଲୁଣୀ ସାହିରେ ୪୨ ବର୍ଷରେ ପୂଜା ପଦାର୍ପଣ କରିଛି। କମିଟିର ସଭାପତି ଭବରଞ୍ଜନ ସାହୁ, ସମ୍ପାଦକ ଶଙ୍କର୍ଷଣ ସିଂ, ମହେନ୍ଦ୍ର ସାହୁ, ରବିନ୍ଦ୍ର ସାହୁ, ଜିତେନ୍ଦ୍ର ସାହୁ ପ୍ରମୁଖଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଜଗନ୍ନାଥ ପାଢ଼ୀଙ୍କ ସମେତ ୩ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ତୁଲାଇ ଥିଲେ। ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ସମସ୍ତ ପୂଜା ମଣ୍ଡପ ବୁଲି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମଙ୍ଗଳାବାରଠାରୁ ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେହିପରି ଖୁଣ୍ଟା ବ୍ଲକର ବାସିପିଠା, ମହ୍ଲାରପଦା, ଖୁଣ୍ଟା, କଇମିଗାଁ, ନଛିପୁର, ବଡ ଓଲିଆ, ନୂଆଗାଁ, କୁସୁମଘାଟି ପ୍ରଭୃତି ମୋଟ ୧୬ଟି ସ୍ଥାନରେ ପାରମ୍ପରିକ ଭାବେ ପୂଜା ଅନୁଷ୍ଠିତ ହୋଇଯାଇଛି।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ମୋରଡ଼ା,୭।୧୦(ସ୍ମାରକ ମାଝୀ)

ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ବଳାତ୍କାର କରିବା ସହିତ ଧମକ ଚମକ ଦେବା ଅଭିଯୋଗରେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଧୀନ ପାରୁଳିଆ ଗ୍ରାମର ଅମିନ ମୁର୍ମୁ। ସୂଚନା ଅନୁଯାୟୀ, ୨୦୨୩ରେ ଉକ୍ତ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ସହିତ ଅମିନଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥଲା। ଅମିନ ଉକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଗତ ୫ ତାରିଖରେ ଯୁବତୀ ଜଣକ ଗ୍ରାମରେ ଚାଲିଥିବା ଧୁଲାଟ ପର୍ବକୁ ଆସିଥିବା ବେଳେ ତାଙ୍କୁ ଦେଖି ଅମିନ ଗାଳିଗୁଲଜ କରିବା ସହିତ ମାରିଦେବାର ଧମକ ଦେଇଥିଲେ। ଏନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ. ୩୯୧/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# କଂଗ୍ରେସର କର୍ମୀ ସମ୍ମିଳନୀ


କର୍ମୀ ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

ବାରିପଦା,୭।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲାର ନବ ନିଯୁକ୍ତ (ପୂର୍ବ) ଜିଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ରାହୁଲ ଗାନ୍ଧୀଙ୍କ 'ଭୋଟ ଚୋର, ଗାଦି ଛାଡ଼' ନାରାକୁ ନେଇ ଏକ କର୍ମୀ ସମ୍ମିଳନୀ ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶତାଧିକ କଂଗ୍ରେସ କର୍ମୀଙ୍କ ସହିତ ବ୍ଲକ କଂଗ୍ରେସ ସଭପତି, କଂଗ୍ରେସର ଆଗଧାଡ଼ିର ସମସ୍ତ ନେତା ଉପସ୍ଥିତ ଥିଲେ। ଜିଲା ପର୍ଯ୍ୟବେକ୍ଷକ ଭାବେ ଯଶୋବନ୍ତ ସିଂ ଲାଗୁରୀ, ପୂର୍ବତନ ଏମ୍‌ପି ତଥା ଏଆଇସିସି ସଦସ୍ୟା ସୁଶିଳା ତିରିଆଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ କଂଗ୍ରେସ ଦଳକୁ ମଜବୁତ କରିବା ସହିତ ଆଗାମୀ ନିର୍ବାଚନ ପାଇଁ ନବ ନିଯୁକ୍ତ ସଭାପତି ବିଶ୍ୱାଳ ଗୁରୁମନ୍ତ୍ର ଦେଇଥିଲେ। ମୟୁରଭଞ୍ଜ (ପୂର୍ବ) ଜିଲାର ସମସ୍ତ ବ୍ଲକରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବ୍ଲକ ସଭାପତିଙ୍କୁ ଆହ୍ୱାନ ଦେଇଥିଲେ। ଆଡଭୋକେଟ ଜ୍ୟୋତି ପ୍ରକାଶ ରଥ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ହେମନ୍ତ ଦାଶ, ଚୈତନ ହାଁସଦା, କ୍ଷୀରୋଦ ପାତ୍ର, ପ୍ରଦୀପ ମିଶ୍ର, ଉତ୍ତମ ବେହେରା,ବିଜୟ ସିଂ, ଜୀବନ ବାରିକ, ବନମାଳୀ ବାରିକ, ମହମ୍ମଦ ରକିମ, ଅସିତ ଦାସ, ଅଶୋକ ଗିରି, ରବୀନ୍ଦ୍ର ସାହୁ, ଶାନ୍ତନୁ ପାଲ, ସତ୍ୟକାମ ସେନାପତି, ନଳିନ କୁମାର ପଟ୍ଟନାୟକ, ସମର ରଞ୍ଜନ ଦାସ, ସାଗନ ଦାସ ବିକାଶ ମହାଭୋଇ, ନିର୍ମଳ ପ୍ରଧାନ, ମାଣିକ ରଣା, କହ୍ନେଇଲାଲ ମହାନ୍ତ, ସୁଧିପ ମନ୍ତ୍ରୀ, ସର୍ବେଶ୍ୱର ପାତ୍ର, ମହିଳା କଂଗ୍ରେସ ନେତ୍ରୀ ରଶ୍ମିତା ମିଶ୍ର, ଇତିଶ୍ରୀ ମିଶ୍ର, ସୁନିତା ନାୟକ, ଭୁବନେଶ୍ୱରୀ ଜେନା, ସବିତା ସୋରେନ, ନାରାୟଣ ପଟ୍ଟନାୟକ, ମୀନକେତନ ବେହେରା, ଅଂଶୁମାନ ଦାଶ, ଗୌରୀ ନାୟକଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ। ନୂତନ ସଭାପତି ବିଶ୍ୱାଳଙ୍କୁ ନେଇ କଂଗ୍ରେସ ନେତା ଓ କର୍ମୀ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରଦୀପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋରଡ଼ାରେ ଗଜଲକ୍ଷ୍ମୀ ପୂଜା

ମୋରଡ଼ା,୭।୧୦(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ବିଭିନ୍ନ ସ୍ଥାନରେ କୁମାର ପୂର୍ଣ୍ଣିମା ଅବସରରେ ଧୁମଧାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ଚିତ୍ରଡ଼ା ବଜାର, ତଳସାହି ମା' ହାତୀଟପ କମିଟି, କଲଣି ଛକ, ଭୈରବୀ ମନ୍ଦିର ଛକ, ଭୈରବୀ ସ୍କୁଲ ଛକ, ମୋରଡ଼ା ବଜାର, ହଳଦୀପାଳ ପ୍ରଭୃତି ସ୍ଥାନରେ ପାରମ୍ପରିକ ରୀତିନୀତିରେ ପୂଜା ଅନୁଷ୍ଠିତ ହୋଇଯାଇଛି। ସୋମବାର ରାତିରେ ବାଜା ବଜାଇ, ବାଣ ଫୁଟାଇ ସ୍ଥାନୀୟ ରାଜାବନ୍ଧ, ମାର୍କେଟ ସାହି ଭକ୍ତା ଘାଟରୁ ଘଟ ଉତ୍ତୋଳନ ହେବା ପରେ ମା'ଙ୍କ ପୂଜା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ କାନିକା ଭୋଗ ବଣ୍ଟନ ହେବା ସହିତ ଦୀପ ଯଜ୍ଞ, ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ତେବେ ଚିତ୍ରଡ଼ା ଭୈରବୀ ମନ୍ଦିର ଛକ ନିକଟରେ ଦିନ ତମାମ ପ୍ରସାଦ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ପୂଜା ମଣ୍ଡପଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଥିବା ସୂଚନା ମିଳିଛି।

# ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ

**ବୁଢ଼ାମରା-ଚାକୁଳିଆ ନୂତନ ବ୍ରଡ୍‌ଗେଜ ରେଳ ଲାଇନ ପ୍ରକଳ୍ପ**

ବାରିପଦା,୭।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ବହୁ ପ୍ରତିକ୍ଷିତ ବୁଢ଼ାମରା-ଚକୁଳିଆ ନୂତନ ବ୍ରଡ୍‌ଗେଜ ରେଳ ଲାଇନ୍ ପ୍ରକଳ୍ପ ଲାଗି ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ସହଯୋଗ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ୧୯୮୯ ରେଲୱେ ଆଇନର ଧାରା ୨୦(କ) ଅନୁଯାୟୀ ପ୍ରାଥମିକ ଗେଜେଟ ନୋଟିଫିକେଶନରେ ସାରସକଣା ଓ ବାଙ୍ଗିରିପୋଷି ତହସିଲ ଅଧୀନରେ ବୁଢ଼ାମରା-ଚାକୁଳିଆ ନୂତନ ବ୍ରଡ୍‌ଗେଜ ରେଳ ଲାଇନ ସଂଯୋଗୀକରଣ ପ୍ରକଳ୍ପ କାର୍ଯ୍ୟ ଅନ୍ତର୍ଗତ ସମୁଦାୟ ୫୯. ୯୬ କିମି ମଧ୍ୟରୁ ମୟୂରଭଞ୍ଜର ୧୬.୨୦ କି.ମି. ଅଂଶ ଅନ୍ତର୍ଭୁକ୍ତ କରାଯାଇଛି। ଯେଉଁଥିରେ ବାଙ୍ଗିରିପୋଷି ଓ ସାରସକଣାର ୨୩ଟି ଗ୍ରାମର ଜମି ଅଧିଗ୍ରହଣ ଆବଶ୍ୟକତା ରହିଛି। ଉକ୍ତ ପ୍ରକଳ୍ପ ସମ୍ବନ୍ଧିତ ଅଧିଗୃହୀତ ହେବାକୁ ଥିବା ଜମିର କ୍ଷତିପୂରଣ ବଣ୍ଟନକୁ ସହଜ ଓ ସୁଗମ କରିବା ନିମନ୍ତେ ଗେଜେଟ ନୋଟିଫିକେଶନ ଅନୁସାରେ ଉକ୍ତ ଦୁଇ ତହସିଲ ଅଧୀନ ଗ୍ରାମଗୁଡ଼ିକର ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଆରଓଆର (ଖତିଆନ)ରେ ସ୍ୱ-ମଟୋ (ନିଜ ଇଚ୍ଛା ମୁତାବକ) କଲମ-୨ର ସଂଶୋଧନ ପ୍ରକ୍ରିୟା ରାଜସ୍ୱ ଆଇନ ଓ ନିୟମ ଅନୁପାଳନ ସହ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରି, ଏକ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ବାଙ୍ଗିରିପୋଷି ଓ ସାରସକଣା ତହସିଲଦାରଙ୍କୁ ଜିଲାପାଳ ହେମକାନ୍ତ ସୟ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ଜିଲାରେ ରେଳସେବାର ଉନ୍ନତି ନିମନ୍ତେ ଉକ୍ତ ଜମି ଅଧିଗ୍ରହଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

# ଅଭିଯୁକ୍ତ ଯୁବକ ଗିରଫ

**ନାବାଳିକା ଶିଶୁ କନ୍ୟା ଜନ୍ମ ଦେବା ଘଟଣା**

ବେତନଟୀ,୭।୧୦(ଧରଣୀଧର ମହାନ୍ତି)

ବୈଶିଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକା ସୋମବାର ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶିଶୁ କନ୍ୟା ଜନ୍ମଦେବା ଘଟଣାରେ ମଙ୍ଗଳବାର ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଶିବ ହେମ୍ବ୍ରମ (୨୦)। ଏନେଇ ନାବାଳିକାଙ୍କ ମା'ଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ବେତନଟୀ ଥାନାରେ ଏକ ମାମଲା(ନଂ.୩୫୫/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ବେତନଟୀର ଏକ ଘରୋଇ ମହାବିଦ୍ୟାଳୟ ଓ ଛାତ୍ରୀ ନିବାସରେ ରହି ପାଠ ପଢୁଥିଲେ। ସୋମବାର ଦେହ ଅସୁସ୍ଥ ହେବାରୁ ତାଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ତେବେ ଅଧିକ ଚିକିତ୍ସା ପାଇଁ ନାବାଳିକା ଓ ଶିଶୁ କନ୍ୟାଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ହିନ୍ଦୀକୁ ରାଷ୍ଟ୍ରଭାଷାର ମର୍ଯ୍ୟାଦା ପାଇଁ ପୂଜାର୍ଚ୍ଚନା



ମନ୍ଦିର ପରିସରରେ ରାଷ୍ଟ୍ରଭାଷା ପ୍ରଚାର ସମିତିର କର୍ମକର୍ତ୍ତାମାନେ।

ବାରିପଦା,୭।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭାରତବର୍ଷର ଭିନ୍ନଭିନ୍ନ ପ୍ରାନ୍ତରେ ଭିନ୍ନଭିନ୍ନ ଭାଷା ପ୍ରଚଳିତ। ସମସ୍ତଙ୍କ ସୁବିଧା ପାଇଁ ହିନ୍ଦୀକୁ ରାଷ୍ଟ୍ରଭାଷା କରିବା ପାଇଁ ବହୁ ଦିନରୁ ଆନ୍ଦୋଳନ ହୋଇଆସୁଛି। ସେହି ଧାରାକୁ ବଜାୟ ରଖିବା ପାଇଁ ଓଡ଼ିଶା ରାଷ୍ଟ୍ରଭାଷା ପ୍ରଚାର ସମିତିର ସମ୍ପାଦିକା, କର୍ମକର୍ତ୍ତା, ସଭ୍ୟସଭ୍ୟାମାନେ ହିନ୍ଦୀକୁ ରାଷ୍ଟ୍ରଭାଷାର ମର୍ଯ୍ୟାଦା ପ୍ରଦାନ ପାଇଁ ମା' ଅମ୍ବିକା ଓ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିବା ବୈଠକରେ ଓଡ଼ିଶା ରାଷ୍ଟ୍ରଭାଷା ପ୍ରଚାର ସମିତିର ସମ୍ପାଦିକା ପ୍ରଭାତ ମଞ୍ଜରୀ ଦାଶ ଶର୍ମା, ସଭ୍ୟ ଶମ୍ଭୁନାଥ ପାଣି, ଶଶଧର ବିଶ୍ୱାଳ, ମୋତିଲାଲ ଗୁପ୍ତା, ବିଶ୍ୱନାଥ ମୁର୍ମୁ, ଦୀପକ ହେମ୍ବ୍ରମ, ସଭ୍ୟା ଆଇନଜୀବୀ ପାର୍ବତୀ ବାରିକ, ପୂର୍ଣ୍ଣିମା ପଣ୍ଡା, ତାରାମଣି ମହାପାତ୍ର, ପ୍ରେମଲତା ବାରିକ, ଉର୍ମିଳା କମିଳା, ରତ୍ନ ମଞ୍ଜରୀ ବେହେରା, ବାସନ୍ତୀ ଦେ, କବିତା ଦ୍ୱାରୀ, ମଞ୍ଜଲୀ ଦେ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନ ଜାରି ରଖିବେ ବୋଲି ଶପଥ ନେଇଥିଲେ।

**ଜାତୀୟ ଯୋଗ ଚାମ୍ପିୟନଶିପ୍**

# ଭାଗ ନେବେ ମୟୂରଭଞ୍ଜର ୫ ପ୍ରତିଯୋଗୀ

ବାରିପଦା,୭।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କର୍ଣ୍ଣାଟକ ଯୋଗ ସ୍ପୋର୍ଟସ ଆସୋସିଏସନ ଓ ଯୋଗ ଫେଡେରେଶନ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୫୦ତମ ଜାତୀୟ ଯୋଗ ସ୍ପୋର୍ଟସ ଚାମ୍ପିୟନଶିପରେ ମୟୂରଭଞ୍ଜର ୫ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ଚଳିତ ମାସ ୯ରୁ ୧୨ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଚାମ୍ପିୟନଶିପରେ ବାରିପଦାର ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ କେନ୍ଦ୍ରର ପ୍ରକାଶ ବେହେରା, ଦେବାଶିଷ ବାରିକ, ରେଖା ବେହେରା, ଆରତୀ ସିଂ ଓ ସୀତାଦେବୀ ହେମ୍ବ୍ରମ ଯୋଗଦେବେ ବୋଲି କେନ୍ଦ୍ରର ପ୍ରତିଷ୍ଠାତା ତଥା ଯୋଗଗୁରୁ ଜ୍ୟୋତି ରଞ୍ଜନ ଦାସ ଜଣାଇଛନ୍ତି । ଯିବା ପୂର୍ବରୁ ନିଜ କାର୍ଯ୍ୟାଳୟରେ ଜିଲା କ୍ରୀଡ଼ା ଅଧିକାରୀ ସୁଭାଶିଷ ନାୟକ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତ। ପ୍ରକାଶଥାଉକି ,ଦୀର୍ଘ ବର୍ଷଧରି ଏହି କେନ୍ଦ୍ରର ଛାତ୍ରୀଛାତ୍ର ବହୁବାର ରାଜ୍ୟ ଏବଂ ଜାତୀୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି ।


ଜାତୀୟ ଯୋଗ ଚାମ୍ପିୟନଶିପ୍‌ରେ ଯୋଗ ଦେବାକୁଥିବା ପ୍ରତିଯୋଗୀମାନେ।

# ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ବେତନଟୀ,୭।୧୦(ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଧୀନ ମର୍ଶର୍ଦା ଗ୍ରାମ ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାରତୀ କାଳନ୍ଦୀ (୬୦)। ସେ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ପରିବାର ଲୋକ ଓ ଗ୍ରାମବାସୀ ଖୋଜାଖୋଜି କରି ତାଙ୍କୁ ପୋଖରୀରୁ ଉଦ୍ଧାର କରି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବେତନଟୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ରତିକାନ୍ତ ବିଏଲ୍‌ଏସ୍ ଟିମ୍ ଚାମ୍ପିୟନ

**ରଣଜିତ ସିଂ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଝାରପୋଖରିଆ,୭।୧୦(ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ୍ ଅଧୀନ ଝାରପୋଖରିଆ ପଞ୍ଚାୟତର ଡାହିକାରିକର (ଅର୍ଜୁନଡିହା)ସ୍ଥିତ ହୋ ଏଭେନ ମାର୍ଶାଲ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ୨ ଦିନିଆ ୨୭ତମ ରଣଜିତ ସିଂ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। କ୍ଲବ୍ ସଭାପତି ବିଶ୍ୱଜିତ ସିଂ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାର ରାଜ୍ୟରୁ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବିରିଡିହିର ମାରାଣ୍ଡି ଆଣ୍ଡ ମାରାଣ୍ଡି ଦଳକୁ ୪-୩ ଗୋଲରେ ପରାସ୍ତ କରି ଭାଦୁସାହିର ରତିକାନ୍ତ ବିଏଲ୍‌ଏସ୍ ଟିମ୍ ଚାମ୍ପିୟନ ହୋଇଥିଲା। ପଶ୍ଚିମବଙ୍ଗ ଝାଡ଼ଗ୍ରାମର ଗୀତା ମୁର୍ମୁ ରେଫରି ଭାବେ ଖେଳ ପରିଚାଳନା କରିଥିବା ବେଳେ ସୋନାମଣୀ ମୁର୍ମୁ ଓ ଚିରଜିନୀ ମଣ୍ଡଳ ସହଯୋଗ କାରିଥିଲେ। କ୍ଲବ୍ ସଭାପତି ସିଂଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ମୁଖ୍ୟବକ୍ତା ଭାବେ ଧାଙ୍ଗୁଡ଼ିଶୋଳ ସରପଞ୍ଚ ଲକ୍ଷେଶ୍ୱର ନାଏକ, ସମ୍ମାନିତ ଅତିଥି ଝାରପୋଖରିଆ ନାଏବ ସରପଞ୍ଚ ମଣି ଶଙ୍କର ବାରିକ, ଡା.ଚୂଡ଼ାମଣି ପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ୨୦ହଜାର ଏକ ଟଙ୍କା, ରନରଅପ୍ ଦଳ ଦଳକୁ ୧୫ହଜାର ଏକ ଟଙ୍କା ଏବଂ ତୃତୀୟ ଦଳ ଝାଡ଼ଖଣ୍ଡ ରାଜ୍ୟ ଚାକୁଳିଆ ଆରସି ଫୁଟବଲ ଦଳ ଓ ରାଣିଆ ସ୍ପୋର୍ଟିଂ କ୍ଲବ ବଡ଼ ଯୋଗୀବନ୍ଧ ଦଳକୁ ସାନ୍ତ୍ୱନା ମୂଳକ ଭାବେ ୬ହଜାର ଏକ ଟଙ୍କା ଲେଖାଏ ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। କ୍ଲବର ସମ୍ପାଦକ ରମେଶ ସିଂ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଫୁଲ ବଉଳବେଣୀ ଗୀତରେ କମ୍ପିଲା ଗାଁ ଦାଣ୍ଡ



ସାଂସ୍କୃତିକ ମଞ୍ଚରେ ନୃତ୍ୟ ପରିବେଷଣ କରାଯାଉଛି।

ଉଦଳା,୭।୧୦
(ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ଅଧୀନ ଡିହିରାକୁଳ ଗ୍ରାମରେ କୁମାର ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ କୁଆଁର ପୁନେଇ ଜହ୍ନଲୋ ଫୁଲ ବଉଳବେଣୀ ଗୀତ ଏବଂ ନୃତ୍ୟରେ ଗାଁଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଭରପୁର ଦର୍ଶକ ଉପସ୍ଥିତ ରହି ବେଶ ମନଭରି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। କଳା ସଂସ୍କୃତିର ଗାଁ ଭାବେ ଡିହିରାକୁଳ ବେଶ ପରିଚିତ ଗାଁର କୁମାରୀ ଝିଅମାନେ ସନ୍ଧ୍ୟାରେ ତୁଳସୀ ଚଉରା ମୂଳରେ ଏକାଠି ହେଶଇ ପୂଜା କରିଥିବା ଦେଖିବାକୁ ମିଳିଥିଲା। ପରେ ଆୟୋଜିତ ଏକ ସାଂସ୍କୃତିକ ମଞ୍ଚରେ କୁଆଁର ପୁନେଇ ଜହ୍ନ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଝିଅ ଏକତ୍ରିତ ହୋଇ ନୃତ୍ୟ ପରିବେଷଣ କରିଥିଲେ। ଯାହାକି ସମସ୍ତଙ୍କ ମଧ୍ୟରେ ଆନନ୍ଦ ଭରି ଦେଇଥିଲା। ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ କୁଆଁରୀ ଝିଅମାନେ ସଙ୍ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିର କମିଟିର ସଭାପତି ମଧୁସୂଦନ ହାତୀ, ପ୍ରଶାନ୍ତ ପାତ୍ର, ଜୟନ୍ତ ବେହେରା, ଦୟାନିଧି ପୃଷ୍ଟି, କୈଳାସ ଚନ୍ଦ୍ର ହାତୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ।

## ଖଣି ଲିଜ୍‌ରେ ଚଞ୍ଚକତା

# ଶତାଧିକ କୋଟି ଅନାଦେୟ

ଭୁବନେଶ୍ୱର,୭।୧୦ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ରାଜସ୍ୱ ଉତ୍ସର ପ୍ରମୁଖ ତଥା ସିଂହଭାଗ ଆସୁଛି ଖଣିଜ କ୍ଷେତ୍ରରୁ। ହେଲେ ଏହି କ୍ଷେତ୍ର ପ୍ରତି ସରକାରୀ ଅଧିକାରୀମାନେ ଯେତିକି ସଚେତନ ଓ ଯତ୍ନବାନ୍ ରହିବା କଥା ତାହା ଦେଖିବାକୁ ମିଳୁନାହିଁ। କେତେଜଣ ଅଧିକାରୀ ସରକାରୀ ନିର୍ଦ୍ଦେଶନାମାକୁ ଠିକଣା ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ସରକାରଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡୁଛି। କେଉଁଠି ଖଣି ଲିଜ୍‌ଧାରୀ ଓ ଅଧିକାରୀଙ୍କ ସଲାସୁତରା ଯୋଗୁ ଷ୍ଟାମ୍ପ୍‌ଡ୍ୟୁଟି ଠିକ୍ ଭାବେ ଆଦାୟ ହୋଇପାରୁ ନ ଥିବାବେଳେ ଆଉ କେତେକ କ୍ଷେତ୍ରରେ ଲିଜ୍‌ଧାରୀ ଟଙ୍କା ନ ଦେଇ ସମୟ ଗଡ଼ାଇ ଚାଲିଛନ୍ତି। ଫଳରେ ରାଜ୍ୟ ସରକାରଙ୍କୁ ଶତାଧିକ କୋଟି ଟଙ୍କାର ରାଜସ୍ୱ ହାନି ପହଞ୍ଚିଛି ବୋଲି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ପକ୍ଷରୁ କୁହାଯାଇଛି।

ସିଏଜି ତଥ୍ୟ ଅନୁଯାୟୀ, ବଣାଇ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ନଥିପତ୍ର ଯାଞ୍ଚରୁ ଜଣାଯାଇଛି ଯେ, ମାର୍ଚ୍ଚ ୨୦୧୯ରୁ ୨୦୨୩ ମଧ୍ୟରେ ଖଣି ଯୋଜନାରେ ପରିବର୍ତ୍ତନ ମାଧ୍ୟମରେ ୭ଟି ଖଣିରେ ପ୍ରମୁଖ ଖଣିଜ ପଦାର୍ଥର ବାର୍ଷିକ ଉତ୍ପାଦନସ୍ତର ବୃଦ୍ଧି ପାଇଛି। ବୃଦ୍ଧି ତାରିଖରୁ ୪ ବର୍ଷ ଅବଧି ବିତିଯାଇଥିଲେ ହେଁ ୫ଟି ଖଣିର ଲିଜ୍‌ଧାରୀମାନେ ଷ୍ଟାମ୍ପ୍‌ଡ୍ୟୁଟି ଓ ପଞ୍ଜୀକରଣ ଶୁଳ୍କ ପଇଠ କରିନାହାନ୍ତି। ମାତ୍ର ୨ଟି ଖଣିର ଲିଜ୍‌ଧାରୀମାନଙ୍କ ଦ୍ୱାରା ପାର୍ଥକ୍ୟ ଷ୍ଟାମ୍ପ୍‌ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ଜମା କରାଯାଇଛି। ଏହି ୭ଟି ଖଣିର ଷ୍ଟାମ୍ପ୍‌ଡ୍ୟୁଟି ଓ ପଞ୍ଜୀକରଣ ମୂଲ୍ୟ ୧୭୯.୬୩ କୋଟି ଟଙ୍କା ବୋଲି ସିଏଜିଙ୍କ ପକ୍ଷରୁ କୁହାଯାଇଛି। ତେବେ ଏନେଇ ବଣାଇ ଉପନିବନ୍ଧକ ୩ଟି ଖଣିର ପାର୍ଥକ୍ୟ ଷ୍ଟାମ୍ପ୍‌ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ବାବଦକୁ ୯୬.୯୨ କୋଟି ଟଙ୍କା ଆଦାୟ କରିଥିବା ଦର୍ଶାଇଥିଲେ। ହେଲେ ଅବଶିଷ୍ଟ ଖଣିର ୮୨.୭୧ କୋଟି ଟଙ୍କା ସମ୍ପର୍କରେ ଉପନିବନ୍ଧକ କୌଣସି ଉତ୍ତର ଦେଇପାରିନାହାନ୍ତି।

ସେହିପରି ୨୦ଟି ଖଣିର ଖାଦାନ ଲିଜ୍ ଦଲିଲ ସମୀକ୍ଷାବେଳେ ପରିଲକ୍ଷିତ ହୋଇଛି ଯେ, ଷ୍ଟାମ୍ପ୍‌ଡ୍ୟୁଟି ଓ ପଞ୍ଜୀକରଣ ଦେୟ ୧୩.୬୯ କୋଟି ଟଙ୍କା ଥିଲା। ମାତ୍ର ଯେତିକି ଟଙ୍କା ଉପନିବନ୍ଧକଙ୍କ ପକ୍ଷରୁ ଆଦାୟ କରାଯିବା କଥା ତାହା କରାଯାଇନାହିଁ। ୯୫.୮୬ ଲକ୍ଷ ରାଜସ୍ୱ ଆଦାୟ ହେବା ସ୍ଥଳେ ମାତ୍ର ୩୫ ଲକ୍ଷ ଟଙ୍କା ଆଦାୟ ହୋଇଥିଲା। ସମୀକ୍ଷାବେଳେ ଜଣାପଡ଼ିଥିଲା ଯେ, ଭୁଲ୍ ଷ୍ଟାମ୍ପ୍‌ଡ୍ୟୁଟି ଓ ପଞ୍ଜୀକରଣ ଶୁଳ୍କ ଆକଳନ କରିବା ଯୋଗୁ ସରକାରଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଛି। ସେହିପରି କେତେକ ଜମି ଲିଜ୍ ଫଇସଲା ନ ହେବା ଯୋଗୁ ସରକାରଙ୍କୁ ୨୨.୯୯ କୋଟି ଟଙ୍କାର ରାଜସ୍ୱହାନି ସହିବାକୁ ପଡ଼ିଛି। ସିଏଜିଙ୍କ ପକ୍ଷରୁ ପୁଣି କୁହାଯାଇଛି ରାଜସ୍ୱ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁ ୧୯୯୨ରୁ ୧୯୯୭ ମଧ୍ୟରେ ରୁଜୁ ହୋଇଥିବା ମାମଲା ପ୍ରକ୍ରିୟା ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରିନାହିଁ। ଫଳରେ ସରକାରଙ୍କୁ ୨୨.୯୯ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡ଼ିଛି।

## ଭାଜପା ସରକାର ଆସିବା ଦିନରୁ ଗଞ୍ଜାମରେ ୧୨୮ ହତ୍ୟାକାଣ୍ଡ ଘଟିଲାଣି: ବିଜେଡି



ଭୃଗୁ ବକ୍ସିପାତ୍ର

ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)

ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଗତ ସପ୍ତାହକରେ ଅଣାୟତ୍ତ ହୋଇପଡ଼ିଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି, ଗତ ସପ୍ତାହରେ ଧାରାବାହିକ ଭାବେ ଘଟିଥିବା ଅପରାଧଗୁଡିକ ଉପରେ ଅବଲୋକନ କଲେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସ୍ପଷ୍ଟ ହୁଏ। କିନ୍ତୁ ରାଜ୍ୟ ଭାଜପା ସରକାର ନିଦାବିଷ୍ଟୁ ସାଜି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ବିରୋଧୀ ଦଳର ଚିତ୍କାର ସେମାନଙ୍କ କର୍ଣ୍ଣପାତ ହେଉନାହିଁ। ସୋମବାର ସନ୍ଧ୍ୟାରେ ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହରରେ ଭାଜପାର ଜଣେ ଆଗଧାଡ଼ିର ନେତା ତଥା ଜଣେ ରାଜ୍ୟ ବାର୍ କାଉନସିଲର ସଦସ୍ୟ ପୀତବାସ ପଣ୍ଡାଙ୍କୁ ୨ ଜଣ ଦୁର୍ବୃତ୍ତ ଅତି ନିକଟରୁ ଗୁଳିକରି ହତ୍ୟାକରିଛନ୍ତି। ଏହି ଘଟଣାକୁ ୨୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଅପରାଧୀଙ୍କ କୌଣସି ଟେର୍ ପୋଲିସ ପାଇନାହିଁ। ଗତ ୨୪ ଘଣ୍ଟାରେ ଗଞ୍ଜାମ ଜିଲାରେ ୩ଟି ହତ୍ୟାକାଣ୍ଡ ଘଟିଛି। ଭାଜପା ସରକାର ଆସିବା ପରଠାରୁ କେବଳ ଗଞ୍ଜାମରେ ୧୨୮ ହତ୍ୟାକାଣ୍ଡ ଘଟିଲାଣି। ଗଞ୍ଜାମ ଜିଲାରେ ଲଘୁ ଖଣିଜ ସମ୍ପଦ ଯଥା ବାଲି, ଚିପ୍ସ ଇତ୍ୟାଦି ଜିନିଷର ଚୋରି ଲୁଟତରାଜ ଅହେତୁକ ବୃଦ୍ଧିପାଇଛି। ଏହା ଯୋଗୁ ଅପରାଧ ଦିନକୁ ଦିନ ବୃଦ୍ଧି ପାଇଛି। ରାଜ୍ୟ ଭାଜପା ସରକାରଙ୍କ ପ୍ରାୟୋଜନରେ ଏହି ଲୁଟତରାଜ ଚାଲିଛି ଓ ଏଥିଯୋଗୁ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ ପାଲଟିଛି ବୋଲି ଭୃଗୁ କହିଛନ୍ତି।

## ବିଚାରାଧୀନ କଏଦୀଙ୍କ ମୃତ୍ୟୁ

### ଗଞ୍ଜେଇ ଚୋରାଚାଲାଣ ମାମଲାରେ ଜେଲରେ ଥିଲେ

ଫୁଲବାଣୀ, ୭।୧୦
(ରାକେଶ କୁମାର ରାଉତ)

ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇ ଫୁଲବାଣୀ ମଣ୍ଡଳ କାରାଗାରରେ ଥିବା ଜଣେ ବିଚାରାଧୀନ କଏଦୀଙ୍କ ମଙ୍ଗଳବାର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଫିରିଙ୍ଗିଆ ଥାନା କେଲାପ ପଞ୍ଚାୟତ କମଡକାମ୍ଭା ଗ୍ରାମର ଯଶୋବନ୍ତ ଅମାତ।



ଯଶୋବନ୍ତ ଅମାତ

ମିଳିଥିବା ସୂଚନା ଅନୁସାରେ ଗତ ସେପ୍ଟେମ୍ବର ୫ରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଫିରିଙ୍ଗିଆ ଶନି ମନ୍ଦିର ନିକଟରେ ଯଶୋବନ୍ତ ଏବଂ ତାଙ୍କ ସ୍ତ୍ରୀ ଅମ୍ବିକାଙ୍କୁ ଦେଖି ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ସେମାନଙ୍କ ପାଖରୁ ୨୧ କିଲୋ ଗଞ୍ଜେଇ ମିଳିଥିଲା। ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଫୁଲବାଣୀ ମଣ୍ଡଳ କାରାଗାରକୁ ପଠାଯାଇଥିଲା। ସୋମବାର ଯଶୋବନ୍ତଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ଭୋର ୪ଟାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଜେଲ ପକ୍ଷରୁ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଏକ ଏତଲା ହୋଇଛି। ଏ ନେଇ ଜେଲ ଅଧୀକ୍ଷକ ବୀରେନ୍ଦ୍ର କୁମାର ମାହାଲିଙ୍କୁ ପଚାରିବାରୁ ସେ କହିଛନ୍ତି, ଯଶୋବନ୍ତ ଜେଲକୁ ଆସିବା ପୂର୍ବରୁ ତାଙ୍କର ମୁଣ୍ଡରେ ଅସ୍ତ୍ରୋପଚାର ହୋଇଥିଲା। କିଛିଦିନ ତଳେ ସେ ଅସୁସ୍ଥ ହୋଇ ମେଡିକାଲକୁ ଯାଇ ଭଲ ହୋଇ ଫେରିଥିଲେ। ସୋମବାର ପୁଣି ଦେହ ଖରାପ ହେବାରୁ ଆମେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲୁ।

## କୋମ୍ବିଂବେଳେ ଧରାପଡ଼ିଲେ ୩ ମାଓବାଦୀ

ମାଲକାନଗିରି, ୭।୧୦ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦନ୍ତେୱାଡା ଜିଲାରେ କୋମ୍ବିଂ ବେଳେ ଯବାନମାନେ ୩ଜଣ ମାଓବାଦୀଙ୍କୁ ଧରିଛନ୍ତି। ସେମାନେ ହେଲେ ସନ୍ତୁ ମାଡ଼ବୀ, ମଣିରାମ ଓରଫ ମନିଷ ଓ ସୁଖମନ ମାଡ଼ବି। ସାତଧାର ପୋଲ ନିକଟରେ ଆଇଇଡି ବିସ୍ଫୋରଣରେ ୨ ଯବାନ ଶହୀଦ ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିଲା। ତେବେ ଏହି ତିନିଜଣଙ୍କ ନିକଟରୁ ଗୋଟିଏ ୫ କେଜି ଓଜନର ଆଇଇଡି, ଏହାକୁ ଖଞ୍ଜିବା ନିମନ୍ତେ ବ୍ୟବହାର ହେଉଥିବା ଶାବଳ ଓ ଅନ୍ୟ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଜବତ ଆଇଇଡିକୁ ନିଷ୍କ୍ରିୟ କରାଯାଇଥିବା ପୋଲିସ ସୂଚନା ଦେଇଛି। ସିଆର୍‌ପିଏଫ୍ ୧୯୫ ବାହିନୀ ଦନ୍ତେୱାଡା ଜିଲା ବାରସୁର ଓ ମାଲେବାହୀ ଥାନା ପୋଲିସ ମିଳିତଭାବେ ମାଲେବାହୀ କ୍ୟାମ୍ପରୁ ସାତଧାର ଜଙ୍ଗଲ ଅଭିମୁଖେ କୋମ୍ବିଂ ଅପରେସନକୁ ବାହାରିଥିଲେ। ଏହି ସମୟରେ କିଛି ବ୍ୟକ୍ତି ସନ୍ଦେହଜନକ ଭାବେ ଏଣେତେଣେ ବୁଲୁଥିବା ଦେଖି ସେମାନଙ୍କୁ ଧରି ପଚରାଉଚରା କରିଥିଲେ। ଉକ୍ତ ବ୍ୟକ୍ତିମାନେ ନିଜକୁ ମାଓବାଦୀ ବୋଲି ପରିଚୟ ଦେଇଥିଲେ। ତୁରନ୍ତ ସୁରକ୍ଷା ବାହିନୀ ସେମାନଙ୍କୁ ଗିରଫ କରିଥିଲେ।

## ୨୪ ଶିକ୍ଷକଙ୍କ ବଦଳି ବାତିଲ କଲେ ଜିଲା ଶିକ୍ଷାଧିକାରୀ

### ବେଆଇନ ଭାବେ ବଦଳି ନେଇ ହୋଇଥିଲା ଅଭିଯୋଗ

ପାଲଲହଡ଼ା,୭।୧୦ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ୨୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ଆଦେଶ ବାତିଲ ହୋଇଛି। ଗତ ଅଗଷ୍ଟ ୧୮ରୁ ସେପ୍ଟେମ୍ବର ୧୩ ମଧ୍ୟରେ ପାଲଲହଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅନ୍ୟ ୨୪ଟି ବିଦ୍ୟାଳୟକୁ ଡେପୁଟେଶନ ମାଧ୍ୟମରେ ବଦଳି ପାଇଁ ୨୧ ଗୋଟି ବଦଳି ଆଦେଶ ବାହାରିଥିଲା। ତତ୍କାଳୀନ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ର ସିଂ ଏହି ବଦଳି କରିଥିଲେ। ହେଲେ ଏପରି ବଦଳିକୁ ବେଆଇନ ଓ ଅର୍ଥ କାରବାର ହୋଇଥିବା ଦର୍ଶାଇ କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାର ତଦନ୍ତ କରିବା ପରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ସମସ୍ତ ବଦଳି ଆଦେଶକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ବର୍ତ୍ତମାନର ବ୍ଲକ ଶିକ୍ଷାଧିକାରୀ ସତ୍ୟବାଦୀ ସାମଲ ଚିଠି ସଂଖ୍ୟା ୨୦୩୦/୨୫।୯।୨୦୨୫ରେ ସମସ୍ତ ବଦଳି ଆଦେଶକୁ ବେଆଇନ ଦର୍ଶାଇ ବାତିଲ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ଜୁଲାଇ ୩୧ରେ ପାଲଲହଡ଼ା ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜଳିପ୍ରିୟା ପ୍ରଧାନ ଅବସର ନେଇଥିଲେ। ଏହାପରଠାରୁ ୧୫ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ର ସିଂ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ରହିଥିଲେ। ଏହି ସମୟ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ସିଂ ୨୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବଦଳି କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନୂତନ ବିଦ୍ୟାଳୟରେ ଯୋଗଦାନ ମଧ୍ୟ କରିଥିଲେ। ବଦଳି ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଜଣେ ବୁଥ୍ ଲେବଲ ଅଫିସର (ବିଏଲ୍ଓ) ଦାୟିତ୍ୱରେ ଥିବା ଶିକ୍ଷକ ମଧ୍ୟ ସାମିଲ ଥିଲେ। ନିୟମ ଅନୁସାରେ ବିଏଲ୍ଓ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ନିର୍ବାଚନ ଅଧିକାରୀ ତଥା ପାଲଲହଡ଼ା ଉପଜିଲାପାଳଙ୍କ ଅନୁମତିରେ ହେବା କଥା। କିନ୍ତୁ ବଦଳି ଆଦେଶରେ ତାହା ପାଳନ କରାଯାଇ ନ ଥିଲା। ଏପରି ବେଆଇନ ବଦଳି ନେଇ କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ଜିଲା ଶିକ୍ଷା ଅଧିକାରୀ ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ଜିଲା ଶିକ୍ଷାଅଧିକାରୀ ଏହାର ତଦନ୍ତ କରିବା ପରେ ଚିଠି ସଂଖ୍ୟା ୮୦୭୪/୨୦।୦୯।୨୦୨୫ରେ ସମସ୍ତ ବଦଳି ଆଦେଶ ବାତିଲ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମା ଆଧାରରେ ନୂତନ ବ୍ଲକ ଶିକ୍ଷାଧିକାରୀ ସତ୍ୟବାଦୀ ସାମଲ ସମସ୍ତ ବଦଳି ଆଦେଶକୁ ବେଆଇନ ଦର୍ଶାଇ ବାତିଲ କରିଥିଲେ। ଫଳରେ ବଦଳି ହୋଇଥିବା ୨୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ମୂଳ ବିଦ୍ୟାଳୟକୁ ଫେରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ର ସିଂ କହିଛନ୍ତି, ବିଦ୍ୟାଳୟଗୁଡ଼ିକର ସୁପରିଚାଳନା ପାଇଁ ବଦଳିର ଆବଶ୍ୟକତା ଥିଲା। ତେଣୁ ବଦଳି କରାଯାଇଥିଲା। କୌଣସି ଅର୍ଥ କାରବାର ହୋଇନାହିଁ। ଜିଲା ଶିକ୍ଷା ଅଧିକାରୀ ସାହୁ କହିଛନ୍ତି, ବେଆଇନ ଭାବେ ଏହି ବଦଳି ହୋଇଥିଲା। ତେଣୁ ଅଭିଯୋଗ ଆସିବା ପରେ ତଦନ୍ତ କରାଯାଇ ସମସ୍ତ ବଦଳି ବାତିଲ କରାଯାଇଛି।

## ମହୁମାଛି ଆକ୍ରମଣରେ ପଦ୍ମଶ୍ରୀ ଦୈତାରି ନାଏକଙ୍କ ଜ୍ୱାଇଁ ମୃତ

କେନ୍ଦୁଝର,୭।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକର ତଳବୈତରଣୀ ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଦ୍ମଶ୍ରୀ ଦୈତାରି ନାଏକଙ୍କ ବଡ଼ଜ୍ୱାଇଁ ହିରୋ ସାଆନ୍ତ(୫୫)। ତାଙ୍କ ଘର କାଇପୁର ଗ୍ରାମରେ ହୋଇଥିବା ବେଳେ ସେ ତଳବୈତରଣୀ ଗ୍ରାମରେ ରହି ଗୋରୁ ଚରାଇ ପରିବାର ଚଳାଉଥିଲେ। ସୋମବାର ଅପରାହ୍ଣରେ ସେ ଅନ୍ୟମାନଙ୍କ ସହ ଉକ୍ତ ସାହିରେ ମହୁ ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ ମହୁମାଛି ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ବକ୍ସିବାରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରୁ ରାତିରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ମୃତ ହିରୋଙ୍କ ସ୍ତ୍ରୀ ଦ୍ରୌପଦୀ ସାଆନ୍ତ ଓ ୪ ପୁଅ ଝିଅ ଅଛନ୍ତି। ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଶ୍ରୀକାନ୍ତ ଜୁଆଙ୍ଗ ଦାବି କରିଛନ୍ତି।

## ଅପରାଧ

## ଟ୍ରେନ୍ ଲାଇନ କଡ଼ରେ ମହିଳାଙ୍କୁ ବଳାତ୍କାର

ରାଉରକେଲା, ୭।୧୦(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅଧୀନ ରଘୁନାଥପାଲୀ ଥାନା ଅଞ୍ଚଳରେ ସୋମବାର ରାତି ପ୍ରାୟ ୯ଟାରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୋଏଲବ୍ୟାଙ୍କ ଅଞ୍ଚଳର କାହ୍ନୁ ଚରଣ ଜେନା(୩୨)। ତାଙ୍କୁ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଛି। ପୋଲିସ ଅନ୍ୟ ୨ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସେହିପରି ପୂର୍ବାହ୍ନ ୧୧ଟାରେ



ଗିରଫ ଅଭିଯୁକ୍ତ

ପୀଡ଼ିତା ମହିଳାଙ୍କ ଡାକ୍ତରୀ ମାଇନା ପରେ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ଏ ନେଇ ରଘୁନାଥପାଲୀ ଥାନାରେ ଏକ ମାମଲା (ନଂ.୫୬୪/୨୫) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ମହିଳା ଜଣଙ୍କ ପାନପୋଷ ଅଞ୍ଚଳରେ ଘରୋଇ କାମ କରନ୍ତି। ଗିରଫ ଅଭିଯୁକ୍ତ, ଅଟକ ଯୁବକ ଦ୍ୱୟ ଏବଂ ପୀଡ଼ିତା ମହିଳା ପରସ୍ପର ପରିଚିତ ଅଟନ୍ତି। ମହିଳା ଜଣଙ୍କ ମଙ୍ଗଳବାର ରାତି ପ୍ରାୟ ୯ଟାରେ କାମ ସାରି ଘରକୁ ଫେରୁଥିବା ବେଳେ ଏସ୍‌ଟିଆଇ ଓଭରବ୍ରିଜ୍ ଖରିଆବାହାଲ ବସ୍ତି ରେଳ ଲାଇନ ପାର୍ଶ୍ୱରେ ଅଭିଯୁକ୍ତ କାହ୍ନୁ ଚରଣ ତାଙ୍କୁ ପ୍ରଲୋଭିତ କରି ବଳାତ୍କାର କରିଥିଲେ। ତାଙ୍କ ସହଯୋଗୀମାନେ ବଳାତ୍କାର କରିବାକୁ ଉଦ୍ୟମ କଲାବେଳେ ମହିଳା ଜଣଙ୍କ ସେଠାରୁ କୌଣସି ପ୍ରକାରେ ଖସିଆସି ରଘୁନାଥପାଲୀ ଥାନାରେ ରାତି ପ୍ରାୟ ୨ଟା ୪୫ ମିନିଟ୍‌ରେ ଅଭିଯୋଗ କରିଥିଲେ। ପୋଲିସ ତନାଘନା କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଅନ୍ୟ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ସେମାନଙ୍କ ସମ୍ପୃକ୍ତି ଥିଲେ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ଗ୍ରହଣ କରାଯିବ ବୋଲି ପାନପୋଷ ଏସ୍‌ଡିପିଓ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

## ବୋଲେରୋ ସହ ୧୦ କୁଇଣ୍ଟାଲ ୨୩ କେଜି ଭାଙ୍ଗ ଜବତ

ନୟାଗଡ, ୭।୧୦(ଲୋକନାଥ ମିଶ୍ର)

ଇଟାମାଟି ପୋଲିସ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ କଡ଼ରୁ ୧୦ କୁଇଣ୍ଟାଲ ୨୩ କେଜି ଭାଙ୍ଗ ମଙ୍ଗଳବାର ଜବତ କରିଛି। ଜବତ ଭାଙ୍ଗ ୩୩ଟି ଜରି ବସ୍ତାରେ ପିକ୍‌ଅପ୍ ଭ୍ୟାନ୍‌ରେ ରହିଥିଲା। ଭ୍ୟାନ୍‌ଟିକୁ ରଖି ଡ୍ରାଇଭର ଫେରାର ହୋଇଯାଇଥିଲେ। ଖବର ପାଇ ଇଟାମାଟି ଥାନା ପୋଲିସ ମୟୂର ହୋଟେଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଓଆର୦୭ୟୁ ୪୨୪୭ ନଂ. ବୋଲେରୋ ସହ ଭାଙ୍ଗ ଜବତ କରିଛି। ନଂ. ୩୬୬/୨୫ରେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ କରୁଛି।

## ଡକାୟତି ଯୋଜନା ବେଳେ ୬ ଗିରଫ

ରାଉରକେଲା, ୭।୧୦(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ସେକ୍ଟର-୨୧ କଂଗ୍ରେସ ଭବନ ପଛପଟେ ସୋମବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜଗାଙ୍ଗପୁର ରାୱାନି ଛକର ଅସରାଫ ଅଂସାରୀ(୨୬), ରାଜଗାଙ୍ଗପୁର ସିନ୍ଧିପଡାର ଦୀପକ ମହତୋ(୩୧), ବିଶ୍ରା ବ୍ଲକର କର୍ମା ଗୁଆଲା(୩୮), ଟିମ୍ବର କଲୋନିର ଆଶୁତୋଷ ରଥ(୨୫), ରେଳବାଇ କଲୋନିର ଶେଖର ମୁଖୀ(୨୦) ଏବଂ ଗୋପବନ୍ଧୁପାଲୀ ୱାର୍ଡ ନଂ. ୪ର ଲଙ୍ଗଟୁ ଯାଦବ(୨୪)। ସେମାନଙ୍କ ଠାରୁ ଲୁହାରଡ୍, ଭୁଜାଲି, ଛୁରି ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୭୯୦/୨୫) ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ଅପରାହ୍ନ ୪ଟାରେ କୋର୍ଟଚାଲାଣ କରିଛି। ପୂର୍ବରୁ ଅସରାଫ୍‌ଙ୍କ ନାଁରେ ୭ଟି, ଦୀପକଙ୍କ ନାଁରେ ୫ଟି, କର୍ମାଙ୍କ ନାଁରେ ୨ଟି, ଆଶୁତୋଷଙ୍କ ନାଁରେ ୭ଟି, ଶେଖରଙ୍କ ନାଁରେ ୪ଟି, ଲଙ୍ଗଟୁଙ୍କ ନାଁରେ ବିଭିନ୍ନ ଥାନାରେ ୪ଟି ଆପରାଧିକ ମାମଲା ରହିଛି।

## ହାଇପ୍ରୋଫାଇଲ ଠକ ଗିରଫ

### ଏସ୍‌ପିଜି କମାଣ୍ଡୋ ଚିଫ୍ ପରିଚୟ ଦେଇ ଠକୁଥିଲେ

ରାଉରକେଲା,୭।୧୦(ସଙ୍ଗୀତା ଜେନା)

ଜାମଶେଦପୁର ଅଞ୍ଚଳରୁ ରାଉରକେଲା ଆସି ନିଜକୁ ଏସ୍‌ପିଜି କମାଣ୍ଡୋ ଚିଫ୍ ପରିଚୟ ଦେଇ ବହୁତାରକା ହୋଟେଲରେ ରହୁଥିଲେ। ବିଭିନ୍ନ ହୋଟେଲ, ଶୋ ରୁମ୍‌କୁ ଯାଇ ଅସଲି ସ୍କାନରରେ ଏଡିଟ୍ କରି ଫେଲ୍ ପେମେଣ୍ଟକୁ ସମ୍ପୂର୍ଣ୍ଣ ହୋଇଥିବା ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରୁଥିଲେ। ଏପରି ଜଣେ ହାଇପ୍ରୋଫାଇଲ ଠକଙ୍କୁ ରାଉରକେଲା ଉଦିତନଗର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ପି. ବରଦା ସୁଧୀର(୨୧)। ତାଙ୍କଠାରୁ ସ୍କାନର ଏଡିଟ୍ ସ୍କ୍ରିନ୍‌ଶର୍ଟ, ବିଭିନ୍ନ ହୋଟେଲ ଏବଂ ଶୋ ରୁମ୍‌ର ବିଲ୍ ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୩୨୬/୨୫) ରୁଜୁ କରି ମଙ୍ଗଳବାର ଅପରାହ୍ନ ୫ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

ପୋଲିସ ସୂଚନା ଅନୁସାରେ, ସୋମବାର ସନ୍ଧ୍ୟାରେ ଉକ୍ତ ଠକ ବ୍ୟକ୍ତି ଜାମଶେଦପୁରରୁ ରାଉରକେଲା ଆସି ନିଜକୁ ଏସ୍‌ପିଜି କମାଣ୍ଡୋ ଚିଫ୍ ଭାବେ ପରିଚୟ ଦେଇଥିଲେ। ସେ ଛେଣ୍ଡସ୍ଥିତ ମେ ଫେୟାର ହକି ଭିଲେଜ୍‌ରେ ରହିବାକୁ ଯାଇ ସେଠାରେ ମିଥ୍ୟା ପରିଚୟ ଦେଇଥିଲେ। ତାଙ୍କୁ ପରିଚୟ ପତ୍ର ମଗାଯିବାରୁ ସେ ପ୍ରୋଟୋକଲ ଭାଙ୍ଗିବା ଦ୍ୱାହିଦେଇ ତାହା ଦେଇ ନ ଥିଲେ। ବୁଲିବାକୁ ଯିବା ପାଇଁ ଏକ ଘରୋଇ କାର୍ ମଧ୍ୟ ସେ ଭଡାରେ ନେଇଥିଲେ। ପରେ ସେ ସିଭିଲ ଟାଉନଶିପ୍ ସ୍ଥିତ ମେ ଫେୟାରକୁ ଯାଇ ସେଠାରେ ଖାଦ୍ୟ ଅର୍ଡର ଦେଇ ଚଞ୍ଚକତା କରିଥିଲେ। ଏହାପରେ ବିଭିନ୍ନ ଶୋ ରୁମ୍‌ରୁ ସାର୍ଟ ପ୍ୟାଣ୍ଟ କିଣି ଅନ୍‌ଲାଇନ ପେମେଣ୍ଟରେ ଠକିଥିଲେ। ପରବର୍ତ୍ତୀ ସମୟରେ ପେମେଣ୍ଟ ନ ଆସିବାରୁ ଶୋ ରୁମ୍ କର୍ମଚାରୀମାନେ ତାଙ୍କୁ ପିଛାକରି କାବୁ କରିବା ପରେ ପୋଲିସକୁ ହସ୍ତାନ୍ତର କରିଥିଲେ। ତେବେ ଗିରଫ ଅଭିଯୁକ୍ତଙ୍କ ରେକର୍ଡ ଯାଞ୍ଚ କରାଯାଉଛି ବୋଲି ଉଦିତନଗର ଥାନାଧିକାରୀ ଦିଲୀପ ଲାକ୍ରା ସୂଚନା ଦେଇଛନ୍ତି।

## ଗାଡ଼ି ଧକ୍କାଦେଇ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ

ବଲାଙ୍ଗୀର/ଟିଟିଲାଗଡ଼,୭।୧୦
(ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)

- ଠିକାଦାର ଅଙ୍କୁର ଅଗ୍ରୱାଲ ଗିରଫ
- ସ୍କୁଟିକୁ ଧକ୍କା ଦେଇଥିଲା ନମ୍ବରବିହୀନ ବୋଲେରୋ
- ସିସିଟିଭି ଫୁଟେଜ୍, ସାଇବର ଇନ୍‌ପୁଟ୍ ଆଧାରରେ ମିଳିଲା ସୁରାକ

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ଜଣେ ବ୍ୟବସାୟୀ ସ୍କୁଟିରେ ଯାଉଥିବା ବେଳେ ତାଙ୍କୁ ଏକ ନମ୍ବରବିହୀନ ବୋଲେରୋ ପଛପଟୁ ଧକ୍କା ଦେଇ ହତ୍ୟା ଉଦ୍ୟମ କରିଥିବା ନେଇ ଟିଟିଲାଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ କରି ପୋଲିସ ଟିଟିଲାଗଡ ସହରର ଜଣାଶୁଣା ଠିକାଦାର ଅଙ୍କୁର ଅଗ୍ରୱାଲଙ୍କୁ ଗିରଫ କରି ମଙ୍ଗଳବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ, ଗତ ୨୮ ତାରିଖ ରାତି ପ୍ରାୟ ୯ଟା ୧୫ ମିନିଟ ସମୟରେ ଏକ ଧଳା ରଙ୍ଗର ନମ୍ବରବିହୀନ ବୋଲେରୋ ଟିଟିଲାଗଡ଼ ସହରର ଏକ ହୋଟେଲ ନିକଟରେ ଆସି ଅଟକି ଥିଲା। ଏହି ହୋଟେଲରୁ ଶିବଦୟାଲ ତାଙ୍କର ସ୍କୁଟି (ନଂ ଓଡି୦୩ଟି ୩୯୫୬)ରେ ନିଜ ଘରକୁ ଫେରୁଥିଲେ। ଘରେ ପହଞ୍ଚିବାକୁ ଆଉ ପ୍ରାୟ ୧ କିଲୋମିଟର ଥିବା ବେଳେ ଶିବଦୟାଲଙ୍କ ସ୍କୁଟିକୁ ପଛରୁ ପିଛା କରୁଥିବା ଉକ୍ତ ନମ୍ବରବିହୀନ ବୋଲେରୋ ପଛପଟୁ ଧକ୍କା ଦେଇଥିଲା। ଫଳରେ



ଗିରଫ ଅଭିଯୁକ୍ତ ଅଙ୍କୁର ଅଗ୍ରୱାଲ।

ସେ ପଡିଯାଇ ଆହତ ହୋଇଥିଲେ। ସ୍କୁଟିଟି ଭାଙ୍ଗି ଯାଇଥିଲା। ଧକ୍କା ଦେବା ପରେ ବୋଲେରୋଟି ସେଠାରୁ ଫେରାର ହୋଇଯାଇଥିଲା। ଏହାପରେ ଆହତ ଶିବଦୟାଲ ଟିଟିଲାଗଡ ହସ୍ପିଟାଲ ଯାଇ ଚିକିତ୍ସିତ ହୋଇଥିଲେ। ଏ ନେଇ ଗତ ୪ ତାରିଖ ଦିନ ସେ ଟିଟିଲାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କୁ କେହି ଗାଡ଼ି ଧକ୍କା ଦେଇ ହତ୍ୟା ଉଦ୍ୟମ କରିଥାଇପାରେ ବୋଲି ସନ୍ଦେହ କରିଥିଲେ। ଅଭିଯୋଗ ପାଇଲା ପରେ ପୋଲିସ ସିସିଟିଭି ଫୁଟେଜ୍, ସାଇବର ଇନ୍‌ପୁଟର ତଥ୍ୟକୁ ଆଧାର କରି ପୋଲିସ ବିଏନ୍‌ଏସ୍‌ର ଧାରା ୧୦୯ ଦଫାରେ ଏକ ମାମଲା (୩୪୭/୨୫) ରୁଜୁ କରିଥିଲା। ତଦନ୍ତ ପରେ ପୋଲିସ ଟିଟିଲାଗଡ ସହରର ଜଣାଶୁଣା ଠିକାଦାର ଅଙ୍କୁରଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ତେବେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଟିଟିଲାଗଡ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଅଙ୍କୁରଙ୍କୁ ସ୍ଥାନୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। କେଉଁ କାରଣରୁ ଅଭିଯୁକ୍ତ ଜଣଙ୍କ ଗାଡି ଧକ୍କା ଦେଇ ଅଭିଯୋଗକାରୀଙ୍କୁ ହତ୍ୟା ଉଦ୍ୟମ କରିଥିଲେ ସେନେଇ ତଦନ୍ତ ଜାରି ରହିଛି। ବଲାଙ୍ଗୀର ଏସ୍‌ପି ଅଭିଲାଷ ଜୀଙ୍କୁ ଘଟଣା ସଂକ୍ରାନ୍ତରେ ପଚରାଯିବାରୁ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି।

## ଶିକାରୀ ଗିରଫ, ବନ୍ଧୁକ ଜବତ

ବନ୍ତଲା,୭।୧୦(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ ପମ୍ପାସର ସେକ୍ସନ ବଲଙ୍ଗ ପଞ୍ଚାୟତ ଲବଙ୍ଗି ଡିପିଏଫ୍ ତଳି ଅଞ୍ଚଳରୁ ବନ୍ତଲା ବନ ବିଭାଗ କର୍ମଚାରୀ ସୋମବାର ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଶିକାରୀ ହେଲେ ଉକ୍ତ ଅଞ୍ଚଳର ବାବୁଲା ଦେହୁରୀ(୨୪)। ତାଙ୍କ ଠାରୁ ଏକ ବନ୍ଧୁକ ଜବତ କରାଯାଇଛି। ବନ ବିଭାଗ ସୂତ୍ରରୁ ପ୍ରକାଶ, ଅପରାହ୍ନରେ ଫରେଷ୍ଟର ତ୍ରିନାଥ ଭୋଇ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିବାବେଳେ ଲବଙ୍ଗି ଗାଁ ଜଙ୍ଗଲ ଭିତରେ ବାବୁଲା ବନ୍ଧୁକ ଧରି ବୁଲୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ କାବୁ କରି ପଚରାଉଚରା କରାଯିବା ବେଳେ ବାବୁଲା ପାଲଟା ଆକ୍ରମଣ କରିଥିଲେ। ଫରେଷ୍ଟ ଗାର୍ଡ ଆଦିକନ୍ଦ ପ୍ରଧାନ, ଚିନ୍ମୟ ତରାଇ, ଗଜସାଥୀ ମାୟାଧର ବେହେରା ପ୍ରମୁଖ ତାଙ୍କୁ କାବୁକରି ବନ୍ତଲା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ନେଇଥିଲେ।



ବନ୍ଧୁକ ଜବତ ସହ ଗିରଫ ହୋଇଥିବା ଶିକାରୀ।

ସେଠାରେ ସ୍ୱତନ୍ତ୍ର ଟିମ୍ ତାଙ୍କୁ ପଚରାଉଚରା କରିବା ସହ ଅଧିକ ତଦନ୍ତ ଜାରି ରଖିଥିବା ବନାଞ୍ଚଳ ଇନ୍‌ଚାର୍ଜ ଅଧିକାରୀ ଶ୍ରୀନିବାସ ସାହୁ ପ୍ରକାଶ କରିଛନ୍ତି।

## ଥାନାରୁ ଅଭିଯୁକ୍ତ ଫେରାର, ପୋଲିସର ଅସ୍ୱୀକାର

ନୟାଗଡ,୭।୧୦(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ଭିତରୁ ପୋଲିସକୁ ଚକ୍‌ମା ଦେଖାଇ ଜଣେ ଅଭିଯୁକ୍ତ ମଙ୍ଗଳବାର ଫେରାର ହୋଇଯାଇଥିବା ଚର୍ଚ୍ଚା ହେଉଛି। ତେବେ ସଦର ଥାନା ଆଇଆଇସି ଶରତ ଚନ୍ଦ୍ର ସେଠୀ ଏହାକୁ ଅସ୍ୱୀକାର କରିଛନ୍ତି।

ସୂଚନାଯୋଗ୍ୟ, ଇଟାମାଟି ଥାନା ଶରଧାପୁର ଅଞ୍ଚଳର ଜଣେ ମହିଳା ନିଖୋଜ ହୋଇଯାଇଛନ୍ତି। ତାଙ୍କୁ ନୟାଗଡ଼ ସଦର ଥାନା ପଥୁରିପଡ଼ା ଗାଁର ଜଣେ ଯୁବକ ଭଲ ପାଇ ନେଇଯାଇଥିବା କୁହାଯାଉଛି। ଏଭଳିସ୍ଥଳେ ମହିଳାଙ୍କ ବାପଘର ଓ ଶ୍ୱଶୁରଘର ଲୋକେ ପ୍ରେମିକଙ୍କ ଭାଇଙ୍କୁ କୁଆଡେ ଅପହରଣ କରି ନେଇଥିବା ଅଭିଯୋଗ ହେଉଛି। ଅପହରଣ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜଣକୁ ଅଟକ ରଖି ପଚରାଉଚୁରା କରୁଥିଲା। ତେବେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ପରେ ପୋଲିସ ଧରପଗଡକୁ ତ୍ୱରାନ୍ୱିତ କରିଥିଲେ ମଧ୍ୟ ସୁଫଳ ପାଇନାହିଁ।

ଦିଲ୍ଲୀରେ ଆଜି



ପ୍ରଧାନ ବିଚାରପତି ବି.ଆର୍. ଗବଇଙ୍କ ଉପରେ ଜୋତା ପକାଇଥିବା ଆଇନଜୀବୀ ରାକେଶ କିଶୋରଙ୍କ ଦିଲ୍ଲୀର ମୟୂରବିହାରସ୍ଥିତ ବାସଭବନ ସମ୍ମୁଖରେ ମଙ୍ଗଳବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) କର୍ମୀମାନେ ବିକ୍ଷୋଭ କରୁଛନ୍ତି। (ଫଟୋ- ଚମନ ଗୌତମ)

# ସରକାର ମୁଖ୍ୟ ଭାବେ ମୋଦିଙ୍କ ୨୫ତମ ବର୍ଷ ଆରମ୍ଭ

ନୂଆଦିଲ୍ଲୀ,୭।୧୦(ପି.ଟି.)



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ମୁଖ୍ୟ ଭାବେ ମଙ୍ଗଳବାର ୨୫ତମ ବର୍ଷ ଆରମ୍ଭ କରିଛନ୍ତି। ଜନସାଧାରଣଙ୍କ ଜୀବନଶୈଳୀର ବିକାଶ ସୁନିଶ୍ଚିତ କରିବା ସହ ରାଷ୍ଟ୍ରର ପ୍ରଗତି ପାଇଁ ତାଙ୍କର ନିରନ୍ତର ପ୍ରୟାସ ରହିଆସିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ୨୦୦୧ ଆଜିର ଦିନରେ ମୋଦି ପ୍ରଥମ ଥର ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ସେ ପ୍ରଥମେ ନିଜ ରାଜ୍ୟର ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେବା ପରେ ସାରା ଦେଶରେ ପରିବର୍ତ୍ତନ ଆଣିଛନ୍ତି। ତାଙ୍କ ଉପରେ ଦେଶବାସୀଙ୍କ କ୍ରମାଗତ ଆଶୀର୍ବାଦ ପାଇଁ ପ୍ରଧାନମନ୍ତ୍ରୀ ଏହି ଅବସରରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସରକାରର ମୁଖ୍ୟ ଭାବେ ସେବା କରିବାର ୨୫ତମ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ଦେଶବାସୀଙ୍କୁ ମୋର କୃତଜ୍ଞତା ବୋଲି ମୋଦି Xରେ ଲେଖିଛନ୍ତି। ସେ କହିଛନ୍ତି, ଯେଉଁ ଭାରତ ଉପା ସରକାର ସମୟରେ ଦୁର୍ନୀତି, ବଂଶବାଦ ଏବଂ ନୀତି ସ୍ଥାଣୁତାର ସବୁଠୁ ଖରାପ ସ୍ଥିତିରେ ପହଞ୍ଚିଥିଲା, ଏବେ ସେଠାରେ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ସୁରକ୍ଷା ଯୋଜନା ରହିଛି। ଭାରତୀୟ କୃଷକ ଦେଶକୁ ଆତ୍ମନିର୍ଭର କରିଥିବାବେଳେ ଦେଶକୁ ସବୁ କ୍ଷେତ୍ରରେ ଆତ୍ମନିର୍ଭର କରାଇବା ପାଇଁ ସରକାର ଅନେକ ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି ଓ ସ୍ୱଦେଶୀ ଆପଣାଇବାକୁ ଦେଶବାସୀଙ୍କ ମଧ୍ୟରେ ଭାବନା ଜାଗ୍ରତ ହୋଇଛି। ବିଗତ ୧୧ ବର୍ଷରେ ଆମେ ଭାରତବାସୀ ଏକାଠି କାର୍ଯ୍ୟ କରି ଅନେକ ପରିବର୍ତ୍ତନ ହାସଲ କରିଛୁ। ଆମର ଐତିହାସିକ ଉଦ୍ୟମ ସାରା ଦେଶର ଲୋକଙ୍କୁ ବିଶେଷ କରି ଆମ ନାରୀ ଶକ୍ତି, ଯୁବ ଶକ୍ତି ଏବଂ ଅନ୍ନଦାତାଙ୍କୁ ସଶକ୍ତ କରିଛି। ଦାରିଦ୍ର୍ୟ କବଳରୁ ୨୫ କୋଟିରୁ ଊର୍ଦ୍ଧ୍ୱ ଲୋକ ମୁକ୍ତ ହୋଇଛନ୍ତି। ବୃହତ୍ ବୈଶ୍ୱିକ ଅର୍ଥନୀତି ମଧ୍ୟରେ ଭାରତ ଏବେ ଏକ ଉଜ୍ଜ୍ୱଳ ସ୍ଥାନରେ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ଆଜି ଆସିବେ ଷ୍ଟାର୍ମର

ନୂଆଦିଲ୍ଲୀ,୭।୧୦

ବ୍ରିଟିଶ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ବୁଧବାର ପ୍ରଥମ ଭାରତ ଗସ୍ତରେ ଆସୁଛନ୍ତି। ମୁମ୍ବାଇରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏଥିରେ ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ପ୍ରଯୁକ୍ତି ସମ୍ପର୍କ ଆଦି ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇବ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗତ ଜୁଲାଇରେ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଥିଲା। ଏଥିସହିତ ଆଗାମୀ ୧୦ ବର୍ଷ ପାଇଁ ଭାରତ-ବ୍ରିଟେନ୍ ବିସ୍ତୃତ ରଣନୀତିକ ସହଭାଗିତା ଉପରେ 'ଭିଜନ ୨୦୩୫'ର ସମସ୍ତ ଦିଗ ଉପରେ ହୋଇଥିବା ଅଗ୍ରଗତିର ସମୀକ୍ଷା ଉଭୟ ନେତା କରିବେ ବୋଲି ଜଣାପଡ଼ିଛି।

# ପାଲେଷ୍ଟାଇନ୍ ସପକ୍ଷରେ ବିଭିନ୍ନ ଦେଶରେ ବିକ୍ଷୋଭ

ଆଙ୍କାରା,୭।୧୦




ଗାଜା ଯୁଦ୍ଧକୁ ୨ ବର୍ଷ ପୂରିବା ଅବସରରେ ମଙ୍ଗଳବାର ଜାକର୍ତ୍ତାସ୍ଥିତ ଆମେରିକା ଦୂତାବାସ ବାହାରେ ଲୋକେ ପୋଷ୍ଟର ଧରି ବିକ୍ଷୋଭ କରୁଛନ୍ତି।

ଇସ୍ରାଏଲ-ହମାସ୍ ଯୁଦ୍ଧ ମଙ୍ଗଳବାର ୨ ବର୍ଷ ପୂରଣ କରିଥିବାବେଳେ ଏହାକୁ ନିନ୍ଦା କରି ବିଭିନ୍ନ ଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ଥିବା ଆମେରିକା ଦୂତାବାସ ଅଭିମୁଖେ ୧,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ସପକ୍ଷବାଦୀ ବିକ୍ଷୋଭକାରୀ ଶୋଭାଯାତ୍ରାରେ ଯାଇ ଗାଜା ଯୁଦ୍ଧ ବନ୍ଦ ପାଇଁ ଦାବି କରିଥିଲେ। ଗାଜାକୁ ସହାୟତା ସାମଗ୍ରୀ ପ୍ରେରଣକୁ ଅବରୋଧ କରାଯିବା ସହ ଆକ୍ଟିଭିଷ୍ଟମାନଙ୍କୁ ଅଟକ ରଖାଯାଇଥିବାରୁ ବିକ୍ଷୋଭକାରୀ ଏଥିପାଇଁ ଇସ୍ରାଏଲ୍‌କୁ ନିନ୍ଦା କରିଛନ୍ତି। ପାଲେଷ୍ଟାଇନ୍‌କୁ ମୁକ୍ତ କରିବା ସହ ଆକ୍ଟିଭିଷ୍ଟମାନଙ୍କୁ ମୁକ୍ତ କରିଦେବାକୁ ବିକ୍ଷୋଭକାରୀ ସ୍ଲୋଗାନ ଦେଇଥିଲେ। ସେହିପରି ଜାପାନ ରାଜଧାନୀ ଟୋକିଓରେ ପାଲେଷ୍ଟିନୀୟଙ୍କ ସମେତ ଅନେକ ଶହ ବିକ୍ଷୋଭକାରୀ ଗାଜାରେ ଯୁଦ୍ଧବିରତି ଓ ପଣବନ୍ଦୀଙ୍କ ମୁକ୍ତି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଓସାକା ଓ ଅନ୍ୟ ବୃହତ୍ ସହରଗୁଡ଼ିକରେ ମଧ୍ୟ ଅନୁରୂପ ବିକ୍ଷୋଭ ହୋଇଛି। ପାଲେଷ୍ଟାଇନ୍ ସପକ୍ଷରେ ତାଇୱାନରେ ଲୋକେ ମହମବତୀ ଧରି ସଚେତନତା ଶୋଭାଯାତ୍ରା କରିଛନ୍ତି। ବ୍ରିଟେନର ବିଶ୍ୱବିଦ୍ୟାଳୟଗୁଡ଼ିକରେ ପାଲେଷ୍ଟାଇନ୍ ସପକ୍ଷରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ଏହାକୁ ସମାଲୋଚନା କରିଛନ୍ତି। ଇସ୍ତାନବୁଲ୍‌ରେ ପାଲେଷ୍ଟାଇନ୍ ପ୍ରତି ଜନସମର୍ଥନ ଜାରି ରହିଥିବାବେଳେ ସେଠାର ଗାଲାଟା ଟାୱାରକୁ ପାଲେଷ୍ଟାଇନ୍ ପତାକା ରଙ୍ଗରେ ଆଲୋକିତ କରାଯାଇ ଗାଜାର ମାନବୀୟ ସ୍ଥିତି ସମ୍ପର୍କରେ ବିଶ୍ୱର ଦୃଷ୍ଟି ଆକର୍ଷଣ କରାଯାଇଛି। ଏଥିସହିତ ଇସ୍ତାନବୁଲସ୍ଥିତ ଇସ୍ରାଏଲୀ ବାଣିଜ୍ୟିକ ଦୂତାବାସ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯିବା କାର୍ଯ୍ୟକ୍ରମ ରହିଛି।

୨୦୨୩ ଅକ୍ଟୋବର ୭ରେ ଗାଜାର ଶାସକ ହମାସ୍ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ୧,୨୦୦ ଜଣଙ୍କ ମୃତ୍ୟୁ ଘଟିବା ସହ ହମାସ୍ ୨୫୧ ଜଣଙ୍କୁ ପଣବନ୍ଦୀ କରିନେଇଥିଲା। ଏହାର ଜବାବରେ ଇସ୍ରାଏଲ୍ ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ କରିଥିଲା। ଯୁଦ୍ଧକୁ ୨ ବର୍ଷ ପୂରିଥିବାବେଳେ ଗାଜାର ୬୭ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ୨୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଗାଜାର ୯୦ ପ୍ରତିଶତ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ସେଠାରେ ମାନବୀୟ ସଙ୍କଟ ସୃଷ୍ଟି ହେବା ସହ ଗାଜା ସିଟିରେ ଦୁର୍ଭିକ୍ଷ ଦେଖାଦେଇଛି। ହମାସ୍ ଉପରେ ଆକ୍ରମଣକୁ ବିରୋଧ କରି ଲେବାନନ୍‌ର ହେଜ୍‌ବୁଲ୍ଲା ସଂଗଠନ, ୟେମେନ୍‌ର ହୁତି ବିଦ୍ରୋହୀ ଏବଂ ଇରାକ ଓ ସିରିଆର ଉଗ୍ରପନ୍ଥୀ ସଂଗଠନଗୁଡ଼ିକ ଇସ୍ରାଏଲ୍ ଉପରେ ଆକ୍ରମଣ କରିଛନ୍ତି। ଗତ ଜୁନ୍‌ରେ ଇରାନ ମଧ୍ୟ ଇସ୍ରାଏଲ୍ ସହ ୧୨ ଦିନ ଯୁଦ୍ଧ କରିଥିଲା, ଯେଉଁଥିରେ ଉଭୟ ପକ୍ଷର ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

ଇତିମଧ୍ୟରେ ଆମେରିକା, କାତାର ଓ ଇଜିପ୍ଟ ମଧ୍ୟସ୍ଥତାରେ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଚାଲିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦-ସୂତ୍ରୀ ଶାନ୍ତି ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ଇସ୍ରାଏଲୀ ଅଧିକାରୀମାନେ ଇଜିପ୍ଟର ଶାର୍ମ ଏଲ୍-ଶେଖ୍‌ସ୍ଥିତ ରେଡ୍ ସି ରିସର୍ଟରେ ୨ ଦିନ ହେଲା ଆଲୋଚନା ଜାରି ରଖିଛନ୍ତି।

## ଭାରତର ଅଭିବୃଦ୍ଧି ୬.୫% ରହିବ: ବିଶ୍ୱବ୍ୟାଙ୍କ

ନୂଆଦିଲ୍ଲୀ,୭।୧୦(ପି.ଟି.)

ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତ ରହିବ ବୋଲି ବିଶ୍ୱବ୍ୟାଙ୍କ ପୂର୍ବରୁ ଆକଳନ କରିଥିବାବେଳେ ମଙ୍ଗଳବାର ଏହାକୁ ୬.୫ ପ୍ରତିଶତକୁ ବଢ଼ାଇଛି। ଭାରତର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତି ମଧ୍ୟରେ ରହିବ ବୋଲି ବିଶ୍ୱବ୍ୟାଙ୍କ ଆଶାବ୍ୟକ୍ତ କରିଛି। ଘରୋଇ ସ୍ଥିତି ବିଶେଷ କରି କୃଷି ଉତ୍ପାଦନ ଏବଂ ଗ୍ରାମାଞ୍ଚଳରେ ମଜୁରୀ ବୃଦ୍ଧି ଭଲ ରହିଛି। ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ସରକାର ସଂସ୍କାର ଆଣିଥିବାରୁ ଲୋକଙ୍କ କ୍ରୟ କ୍ଷମତା ବୃଦ୍ଧିରେ ସହାୟକ ହେବ। ଅନ୍ୟପକ୍ଷରେ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାରୁ ଏହାର ପ୍ରଭାବ ଆଗାମୀ ବର୍ଷରେ ଦେଖିବାକୁ ମିଳିବ ବୋଲି ବିଶ୍ୱବ୍ୟାଙ୍କ ସତର୍କ କରାଇଛି। ୨୦୨୬-୨୭ ବର୍ଷରେ ଅଭିବୃଦ୍ଧି ୬.୩ ପ୍ରତିଶତକୁ ହ୍ରାସ ପାଇବା ନେଇ ଆକଳନ କରାଯାଇଛି।

## ନିଜକୁ ଗୁଳିକରି ଆତ୍ମହତ୍ୟା କଲେ ହରିୟାଣା ଆଇଜିପି

ଚଣ୍ଡିଗଡ଼, ୭।୧୦

ହରିୟାଣା ଆଇଜିପି ୱାଇ ପୁରନ କୁମାର ମଙ୍ଗଳବାର ଚଣ୍ଡିଗଡ଼ ସେକ୍ଟର-୧୧ସ୍ଥିତ ବାସଭବନର ବେସ୍‌ମେଣ୍ଟରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି।



ୱାଇ ପୁରନ କୁମାର

ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁରନଙ୍କ ସ୍ତ୍ରୀ ତଥା ଆଇଏଏସ୍ ଅଧିକାରୀ ଅମନିତ କୁମାର ସମ୍ପ୍ରତି ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନି ଓ ରାଜ୍ୟର କିଛି ବରିଷ୍ଠ ମନ୍ତ୍ରୀଙ୍କ ସହ ବିଦେଶ ଗସ୍ତରେ ରହିଛନ୍ତି। ସପ୍ତାହେ ତଳେ ରୋହତକର ସୁନାରିଆ ଜେଲରେ ପୁରନଙ୍କ ପୋଷ୍ଟିଂ ହୋଇଥିଲା। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

## ଭାଜପା ନେତାଙ୍କୁ ଆକ୍ରମଣର ଏନ୍‌ଆଇଏ ତଦନ୍ତ ଦାବି

କୋଲ୍‌କାତା, ୭।୧୦ (ପି.ଟି.)

**ବାଂଲାଦେଶୀ ଆପ୍ରବାସୀଙ୍କ ହାତ ଥିବା କହିଲେ ପଶ୍ଚିମବଙ୍ଗ ଭାଜପା ସଭାପତି**

ପଶ୍ଚିମବଙ୍ଗ ଜଲ୍‌ପାଇଗୁଡ଼ି ଜିଲା ନାଗ୍ରାକାଟାଠାରେ ବନ୍ୟା ଏବଂ ଭୂସ୍ଖଳନ ପ୍ରଭାବିତ ଲୋକଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିବାକୁ ଯାଇଥିବା ରାଜ୍ୟର ଭାଜପା ଏମ୍‌ପି ଖାଗେନ ମୁର୍ମୁ ଏବଂ ବିଧାୟକ ଶଙ୍କର ଘୋଷଙ୍କୁ ସୋମବାର ଆକ୍ରମଣ ହୋଇଥିଲା। ଏହି ଆକ୍ରମଣ ପଛରେ ବେଆଇନ ବାଂଲାଦେଶୀ ଆପ୍ରବାସୀ ଏବଂ ରୋହିଙ୍ଗ୍ୟାଙ୍କ ହାତ ଥିବା ନେଇ ମଙ୍ଗଳବାର ରାଜ୍ୟ ଭାଜପା ସଭାପତି ସମିକ୍ ଭଟ୍ଟାଚାର୍ଯ୍ୟ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଘଟଣାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ୨ ଭାଜପା ନେତାଙ୍କୁ ଆକ୍ରମଣ ପଛରେ ଟିଏମ୍‌ସି ସମର୍ଥିତ ଜିହାଦୀ ତତ୍ତ୍ୱମାନେ ରହିଛନ୍ତି। ରାଜ୍ୟରେ ଅରାଜକ ତତ୍ତ୍ୱଙ୍କ ଦ୍ୱାରା ଭାଜପା ନେତାମାନଙ୍କ ଉପରେ ଆକ୍ରମଣ ମାମଲା ବଢ଼ିବାରେ ଲାଗିଛି। ପଶ୍ଚିମବଙ୍ଗର ଏପରି ସ୍ଥିତି ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନଜର ରହିଥିବା ସେ କହିଛନ୍ତି।

# କଫ୍ ସିରପ୍ ମୃତ୍ୟୁର ସିବିଆଇ ତଦନ୍ତ ପାଇଁ ପିଆଇଏଲ୍

ନୂଆଦିଲ୍ଲୀ,୭।୧୦(ପି.ଟି.)

ମଧ୍ୟପ୍ରଦେଶ ଓ ରାଜସ୍ଥାନରେ କଫ୍ ସିରପ୍ ପିଇ ଅନେକ ଶିଶୁଙ୍କ ମୃତ୍ୟୁ ଘଟିବା ପରେ ଏହାର ସିବିଆଇ ତଦନ୍ତ ସମେତ ଔଷଧ ନିରାପତ୍ତା ବ୍ୟବସ୍ଥାରେ ସଂସ୍କାର ପାଇଁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ଆଇନଜୀବୀ ବିଶାଲ ତିୱାରୀ ଦାଖଲ କରିଥିବା ଉକ୍ତ ପିଆଇଏଲ୍‌ରେ ଘଟଣାର ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଯିବାକୁ ନିବେଦନ କରିଛନ୍ତି। ଏଥିସହିତ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଜାତୀୟ ନ୍ୟାୟିକ କମିଶନ କିମ୍ବା ବିଶେଷଜ୍ଞ କମିଟି ଗଠନ କରାଯିବାକୁ ତିୱାରୀ ଅନୁରୋଧ କରିଛନ୍ତି। ବିଭିନ୍ନ ରାଜ୍ୟରେ କଫ୍ ସିରପ୍ ପିଇ ପିଲାଙ୍କ ମୃତ୍ୟୁ ଘଟଣାରେ ଦାଏର ହୋଇଥିବା ସମସ୍ତ ଏତଲା ଏବଂ ତଦନ୍ତକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରାଯିବା ଲାଗି ନିର୍ଦ୍ଦେଶ ଦେବାକୁ ପିଆଇଏଲ୍‌ରେ ନିବେଦନ କରାଯାଇଛି।




ସୂଚନାଯୋଗ୍ୟ, ମଧ୍ୟପ୍ରଦେଶରେ କଫ୍ ସିରପ୍ ଖାଇ ୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ରାଜସ୍ଥାନରେ ୪ ଜଣଙ୍କ ଜୀବନ ଯାଇଥିଲା। ଏହା ପରେ ମଧ୍ୟପ୍ରଦେଶ, ରାଜସ୍ଥାନ ସମେତ ଉତ୍ତରାଖଣ୍ଡ, ପଞ୍ଜାବ, ହିମାଚଳପ୍ରଦେଶ ଆଦି ରାଜ୍ୟ କୋଲ୍ଡରିଫ୍ କଫ୍ ସିରପ୍ ବିକ୍ରି ଉପରେ ନିଷେଧାଦେଶ ଲଗାଇଛନ୍ତି। ତାମିଲନାଡୁର କାଞ୍ଚିପୁରମ୍ ଜିଲାରେ ଥିବା ସ୍ରେସାନ ଫାର୍ମା ପ୍ରସ୍ତୁତ କରିଥିବା ଏହି ସିରପ୍‌ରେ ବିଷାକ୍ତ ଉପାଦାନ ଡାଇଇଥାଇଲିନ୍ ଗ୍ଲିକୋଲ (ଡିଇଜି) ଅପମିଶ୍ରଣ ହୋଇଥିବା ଅଭିଯୋଗ ହୋଇଛି। ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବା ସହ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କଂଗ୍ରେସ ମଙ୍ଗଳବାର ଦାବି କରିଛି।

**ଫୁର୍‌ସତ୍**

# ସର୍ବାଧିକ କ୍ଷୀର ଦେଇ ମଇଁଷିର ରେକର୍ଡ

ହିସାର

ହରିୟାଣାର ହିସାର ଜିଲା ସିଂଘୱା ଗ୍ରାମରେ ମୁରାହ ପ୍ରଜାତିର ମଇଁଷି ରାଧା ସବୁଠାରୁ ଅଧିକ କ୍ଷୀର ଦେଇ ରେକର୍ଡ ସ୍ଥାପନ କରିଛି। ହିସାର ଜିଲାରେ ମଇଁଷିମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସିଂଘୱା ଗ୍ରାମର ଗୋପାଳକ ଈଶ୍ୱର ସିଂଘୱାଙ୍କ ମଇଁଷି ରାଧା ୩୫.୬୬୯ କେ.ଜି. କ୍ଷୀର ଦେଇ ରେକର୍ଡ କରିଥିଲା। ପଶୁପାଳନ ବିଭାଗର ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରାଣୀ ଚିକିତ୍ସାଳୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଈଶ୍ୱର କହିଛନ୍ତି, ଏହି ପ୍ରତିଯୋଗିତା ପାଇଁ ସେ ପ୍ରଥମେ ସରକାରୀ ପୋର୍ଟାଲରେ ଆବେଦନ କରିଥିଲେ। ଏହାପରେ ପଶୁପାଳନ ବିଭାଗର ଏକ ଦଳ ତାଙ୍କ ସହ ଯୋଗାଯୋଗ କରିଥିଲେ। ଡେପୁଟି ଡାଇରେକ୍ଟର ରବି ସେରାୱତ୍, ଏସ୍‌ଡିଓ ଜଗବୀର ହାଂସି, ସିଂଘୱା ସରପଞ୍ଚ ଓମପ୍ରକାଶଙ୍କ ନେତୃତ୍ୱରେ ଏକ ଟିମ୍ ଆସି ତାଙ୍କ ମଇଁଷି ରାଧା ଦେଇଥିବା କ୍ଷୀରକୁ ୩ ଥର ମାପିଥିଲେ। ୩୫.୬୬୯ କେ.ଜି. କ୍ଷୀର ଦେଇ ରାଧା ନୂତନ ରେକର୍ଡ କରିଥିବା ନେଇ ଅଧିକାରୀମାନେ ଈଶ୍ୱରଙ୍କୁ କହିଥିଲେ। ପୂର୍ବରୁ କୈଥଲର ମଇଁଷି ରେଶମା ୩୩.୮୦୦ କେ.ଜି. କ୍ଷୀର ଦେଇ କରିଥିବା ରେକର୍ଡକୁ ରାଧା ଭାଙ୍ଗିବାରେ ସଫଳ ହୋଇଥିବା ଈଶ୍ୱର କହିଛନ୍ତି। ଏହାସହ ରାଧା ମୁରାହ ପ୍ରଜାତିର ସର୍ବାଧିକ କ୍ଷୀର ଦେଉଥିବା ମଇଁଷି ହୋଇପାରିଥିବା ସେ ସୂଚନା ଦେଇଛନ୍ତି।



ଗୋପାଳକ ଈଶ୍ୱର ସିଂଘୱା ଓ ତାଙ୍କ ମଇଁଷି ରାଧା।

ଈଶ୍ୱର ଫତେହାବାଦର କନଡି ଗ୍ରାମରୁ ରାଧାକୁ ୪ ଲକ୍ଷ ୧ ହଜାର ଟଙ୍କାରେ କିଣିଥିଲେ। ଏବେ ରାଧାର ବଜାର ମୂଲ୍ୟ ୧୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ତେବେ ସର୍ବାଧିକ କ୍ଷୀର ଦେଇ ରେକର୍ଡ ସୃଷ୍ଟି କରିଥିବାରୁ ସେ ରାଧାକୁ ବିକ୍ରି କରିବେ ନାହିଁ ବୋଲି ମନସ୍ଥ କରିଥିବା ଈଶ୍ୱର କହିଛନ୍ତି। ତାଙ୍କ ଗୋପାଳନ କେନ୍ଦ୍ରରେ ରାଧାର ସ୍ୱତନ୍ତ୍ର ଯତ୍ନ ନିଆଯାଇଥାଏ। ରାଧାକୁ ଦୈନିକ ୩ ଥର ଗାଧୋଇ ଦିଆଯାଇଥାଏ। ସେହିପରି ମଇଁଷି ରାଧା ସବୁବେଳେ କୁଲରର ପବନ ସମ୍ମୁଖରେ ରହିଥାଏ ଏବଂ ପ୍ରତିଦିନ ଏହାକୁ ସୋରିଷ ତେଲରେ ମାଲିସ୍ କରାଯାଇଥାଏ। ରାଧାକୁ ଅତ୍ୟନ୍ତ ପରିଷ୍କାର ପରିଚ୍ଛନ୍ନ ପରିବେଶ ମଧ୍ୟରେ ରଖାଯିବା ସହ ଖାଇବାକୁ ସ୍ୱତନ୍ତ୍ର ଔଷଧୀୟ ଖାଦ୍ୟ ଦିଆଯାଇଥାଏ ବୋଲି ଈଶ୍ୱର କହିଛନ୍ତି। ଗତ ୨୧ରେ ପଶୁପାଳନ କ୍ଷେତ୍ରରେ ନିଜର କାର୍ଯ୍ୟ ପାଇଁ ଈଶ୍ୱର ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନିଙ୍କଠାରୁ ସମ୍ମାନିତ ହୋଇଥିଲେ।

## ୨ ଓଟିଟି ପ୍ଲାଟ୍‌ଫର୍ମରେ ଷ୍ଟ୍ରିମିଂ ହେବ 'ଜଲି ଏଲ୍‌ଏଲ୍‌ବି ୩'

ମୁମ୍ବାଇ

ଗତମାସ ୧୯ ତାରିଖରେ ରିଲିଜ୍ ହୋଇଥିବା ଅଭିନେତା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ସିଙ୍କ କୋର୍ଟ ରୁମ୍ ଡ୍ରାମା ଫିଲ୍ମ 'ଜଲି ଏଲ୍‌ଏଲ୍‌ବି ୩' ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିବା ଜାରି ରଖିଛି। ସମ୍ପ୍ରତି ଦର୍ଶକ ଏହି ଫିଲ୍ମର ଓଟିଟି ରିଲିଜ୍‌କୁ ନେଇ ଅପେକ୍ଷାରେ ରହିଛନ୍ତି। ମଙ୍ଗଳବାର ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆସନ୍ତା ନଭେମ୍ବର ୧୪ରୁ 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମ ୨ଟି ପ୍ରମୁଖ ଓଟିଟି ପ୍ଲାଟ୍‌ଫର୍ମ 'ଜିଓ ହଟ୍‌ଷ୍ଟାର' ଏବଂ 'ନେଟ୍‌ଫ୍ଲିକ୍ସ'ରେ ଷ୍ଟ୍ରିମିଂ ହେବ। ତେବେ ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଘୋଷଣା ହୋଇନାହିଁ। ରିପୋର୍ଟ ଅନୁଯାୟୀ, ୧୨୦ କୋଟି ଟଙ୍କାର ବଜେଟରେ 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମ ନିର୍ମିତ ହୋଇଥିଲା। ତେବେ ସୋମବାର ସୁଦ୍ଧା ଏହି ଫିଲ୍ମ ଭାରତୀୟ ସିନେମା ହଲ୍‌ଗୁଡ଼ିକରୁ ୧୨୮.୨୬ କୋଟି ରୋଜଗାର କରିଥିବା ବେଳେ ବିଶ୍ୱବ୍ୟାପୀ ଏହାର ମୋଟ୍ ବ୍ୟବସାୟ ୧୫୭.୭ କୋଟିରେ ପହଞ୍ଚିଛି। ସୁଭାଷ କପୁରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅକ୍ଷୟ ଆଇନଜୀବୀ ଜଲି ମିଶ୍ରାଙ୍କ ଭୂମିକାରେ ଓ ଅର୍ଶଦ ଆଇନଜୀବୀ ଜଲି ତ୍ୟାଗୀଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ଅଭିନେତା ସୌରଭ ଶୁକ୍ଲାଙ୍କୁ ଫିଲ୍ମର ପୂର୍ବ ଭାଗ ପରି ପୁଣିଥରେ ବିଚାରପତିଙ୍କ ଭୂମିକାରେ ଦେଖିବାକୁ ମିଳିଥିଲା।



ଅକ୍ଷୟ କୁମାର

# ୮୯୪ କି.ମି. ରେଳଲାଇନ ପାଇଁ ୨୪,୬୩୪ କୋଟି

ଭୁବନେଶ୍ୱର,୭।୧୦(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ୪ଟି ରେଳଲାଇନ ସମ୍ପ୍ରସାରଣ ବା ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏଥିପାଇଁ ଆନୁମାନିକ ୨୪,୬୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପ୍ରକଳ୍ପଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରର ୱାର୍ଦ୍ଧା-ଭୁସାୱଲ - ତୃତୀୟ ଓ ଚତୁର୍ଥ ଲାଇନ (୩୧୪ କିମି), ମହାରାଷ୍ଟ୍ର ଏବଂ ଛତିଶଗଡ଼ର ଗୋନ୍ଦିଆ-ଡଙ୍ଗରଗଡ଼ - ଚତୁର୍ଥ ଲାଇନ (୮୪ କିମି), ଗୁଜରାଟ ଏବଂ ମଧ୍ୟପ୍ରଦେଶର ଭଦୋଦରା-ରତଲାମ - ତୃତୀୟ ଓ ଚତୁର୍ଥ ଲାଇନ (୨୫୯ କିମି) ଏବଂ ମଧ୍ୟପ୍ରଦେଶର ଇଟାରସୀ-ଭୋପାଳ - ବିନା ଚତୁର୍ଥ ଲାଇନ (୨୩୭ କିମି) ଆଦି ପ୍ରକଳ୍ପ ରହିଛି । ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ର ୧୮ଟି ଜିଲ୍ଲା ଦେଇ ଅତିକ୍ରମ କରିଥିବା ଏହି ପ୍ରକଳ୍ପ ଭାରତୀୟ ରେଳପଥର ବର୍ତ୍ତମାନର ରେଳ ନେଟୱର୍କରେ ପ୍ରାୟ ୮୯୪ କିଲୋମିଟର ରେଳଲାଇନ ନିର୍ମାଣ କରିବ । ଏହି ମଲ୍ଟିଟ୍ରାକ୍ ପ୍ରକଳ୍ପ ଦ୍ୱାରା ପ୍ରାୟ ୩,୬୩୩ ଗ୍ରାମକୁ ସଂଯୋଗରେ ସୁଧାର ଆସିବ । ଏହାଦ୍ୱାରା ବିଦିଶା ଏବଂ ରାଜନନ୍ଦଗାଁ ଆକାଂକ୍ଷୀ ଜିଲ୍ଲା ସମେତ ପ୍ରାୟ ୮୫.୮୪ ଲକ୍ଷ ଲୋକ ଉପକୃତ ହେବେ । ପର୍ଯ୍ୟଟନସ୍ଥଳୀ ସାଞ୍ଚି, ସତପୁରା ବ୍ୟାଘ୍ର ସଂରକ୍ଷଣ, ଭୀମବେଟକାର ପଥର ଆଶ୍ରୟସ୍ଥଳ, ହଜାରା ଜଳପ୍ରପାତ, ନଓଗାଓଁ ଜାତୀୟ ଉଦ୍ୟାନ ଆଦି ପ୍ରମୁଖ ସ୍ଥାନଗୁଡ଼ିକୁ ମଧ୍ୟ ଏସବୁ ପ୍ରକଳ୍ପ ଦ୍ୱାରା ରେଳ ସଂଯୋଗ ସୁଗମ ହୋଇପାରିବ । ଏହା କୋଇଲା, କଣ୍ଟେନର, ସିମେଣ୍ଟ, ଫ୍ଲାଏ ଆଶ, ଖାଦ୍ୟଶସ୍ୟ, ଇସ୍ପାତ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ । କ୍ଷମତା ବୃଦ୍ଧି ଫଳରେ ବାର୍ଷିକ ୭୮ ନିୟୁତ ଟନ ଅତିରିକ୍ତ ମାଲ ପରିବହନ ସୁବିଧା ହେବ । ରେଳପଥ ପରିବେଶ ଅନୁକୂଳ ଏବଂ ପରିବହନର ଶକ୍ତି ସଂରକ୍ଷଣକାରୀ ପଦ୍ଧତି ହୋଇଥିବାରୁ, ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ ଖର୍ଚ୍ଚକୁ ହ୍ରାସ କରିବାରେ, ତୈଳ ଆମଦାନୀ ୨୮ କୋଟି ଲିଟର କମାଇବାରେ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ୧୩୯ କୋଟି କିଲୋଗ୍ରାମ ହ୍ରାସ କରିବାରେ ସାହାଯ୍ୟ କରିବ ଯାହା ୬ କୋଟି ଗଛ ଲଗାଇବା ସହିତ ସମାନ ।

# ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ସଖୀ

ଭୁବନେଶ୍ୱର,୭।୧୦



ବେଦାନ୍ତ ଆଲୁମିନିୟମ ପକ୍ଷରୁ ୨୦୧୫ରେ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ସଖୀ' କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରୁଛି । ଏହା ୪୪୪ଟି ଏସ୍ଏଚ୍‌ଜିରେ ୪,୬୦୦ରୁ ଅଧିକ ମହିଳାଙ୍କ ପାଇଁ ୫ କୋଟିରୁ ଅଧିକ ଆର୍ଥିକ ସହାୟତା ସଂଗ୍ରହ କରିଛି । ଉଦ୍ୟୋଗ ଆରମ୍ଭ, ଆର୍ଥିକ ସାକ୍ଷରତା, ଋଣ ସୁବିଧା, ବୃତ୍ତିଗତ ତାଲିମକୁ ଗୁରୁତ୍ୱ ଦେଉଥିବାବେଳେ ମହିଳାମାନଙ୍କୁ କୃଷିଭିତ୍ତିକ ଏବଂ ଅଣ କୃଷିଭିତ୍ତିକ ଆୟର ସୁଯୋଗ ଦିଆଯାଉଛି । ଛତୁଚାଷ, ଛେଳିପାଳନ, ତେଜରାତି ଦୋକାନ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ପ୍ରିଣ୍ଟ ଦୋକାନ ଆଦି କ୍ଷେତ୍ରରେ ମହିଳା ପ୍ରୋତ୍ସାହିତ କରୁଛନ୍ତି । ଗତବର୍ଷ ଏସଏଚଜିଗୁଡ଼ିକ ପାଇଁ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକରୁ ପ୍ରାୟ ୩.୮ କୋଟି ଟଙ୍କା ସଂଗ୍ରହ ହୋଇଥିଲା । ପ୍ରକଳ୍ପ ୧୮୮୦ରୁ ଅଧିକ ମହିଳାଙ୍କୁ ୧୩୦୦ରୁ ଅଧିକ ଛୋଟ ଉଦ୍ୟୋଗ ଆରମ୍ଭ କରିବାକୁ ସକ୍ଷମ କରିଛି । ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମେ ଆତ୍ମନିର୍ଭରଶୀଳତାର ଏକ ନୂତନ ଯୁଗର ଆରମ୍ଭ ଦେଖୁଛୁ, ଯେଉଁଠାରେ ମହିଳାମାନେ ସେମାନଙ୍କ ଜୀବନର ପ୍ରାଥମିକ ସ୍ଥପତି ।

# ନବରାତ୍ରି ସମୟରେ ୩୪% ଗାଡ଼ି ବିକ୍ରି ବୃଦ୍ଧି

ଭୁବନେଶ୍ୱର,୭।୧୦

ନବରାତ୍ରି ସମୟରେ ଦେଶରେ ଯାନବାହନ ବିକ୍ରି କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି । ଫେଡେରେସନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏସନ(ଫାଡା) ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ, ନୂଆ ଜିଏସ୍ଟି ସଂସ୍କାର ଯୋଗୁ ଯାନବାହନ ଦାମ୍ କମିବା ଫଳରେ ଲୋକମାନେ କାର୍ ଏବଂ ଦୁଇଚକିଆ ଗାଡ଼ି କିଣିବାକୁ ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି । ନବରାତ୍ରି ସମୟରେ ବିକ୍ରିରେ ୩୪ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି । ସେହିପରି ସେପ୍ଟେମ୍ବର ମାସରେ ମୋଟ ବିକ୍ରି ଗତ ବର୍ଷ ତୁଳନାରେ ୫.୨୨ ପ୍ରତିଶତ ବଢ଼ିଛି । ସେପ୍ଟେମ୍ବରର ପ୍ରଥମ ୩ ସପ୍ତାହରେ ବିକ୍ରି କମ୍ ଥିଲା । ଜିଏସ୍ଟି ହ୍ରାସ ହେତୁ ଗାଡ଼ି ଦାମ୍ କମିବାକୁ ଲୋକମାନେ ଅପେକ୍ଷା କରିଥିଲେ । ନବରାତ୍ରିର ଶେଷ ସପ୍ତାହରେ ନୂଆ ଜିଏସ୍ଟି ହାର ଲାଗୁ ହୋଇଥିବାରୁ ମାସର ଶେଷ ସପ୍ତାହରେ ବିକ୍ରି ବହୁତ ବଢ଼ିଛି । ବର୍ଷ ଅନୁସାରେ, ଦୁଇଚକିଆରେ ୬.୫ ପ୍ରତିଶତ, ଯାତ୍ରୀବାହୀ ଯାନରେ ୫.୮ ପ୍ରତିଶତ, ଟ୍ରାକ୍ଟରରେ ୩.୬ ପ୍ରତିଶତ ଏବଂ ବାଣିଜ୍ୟିକ ଯାନରେ ୨.୬ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି । ମାତ୍ର ୩ ଚକିଆରେ ୭.୨ ପ୍ରତିଶତ ଏବଂ ନିର୍ମାଣ ଯନ୍ତ୍ରରେ ୧୯ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି । ସେପ୍ଟେମ୍ବର ୨୦୨୫ର ଅଟୋ ବିକ୍ରି ବିଷୟରେ ଫାଡା ଉପାଧ୍ୟକ୍ଷ ସାଇ ଗିରିଧର କହିଛନ୍ତି, ଭାରତର ଅଟୋ ବିକ୍ରି ଇତିହାସରେ ଚଳିତ ବର୍ଷ ନବରାତ୍ରି ସମୟ ଏକ ଅବିସ୍ମରଣୀୟ ଅଧ୍ୟାୟ ହେବ । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଘୋଷିତ ନୂଆ ଜିଏସ୍ଟି ୨.୦ ସଂସ୍କାରର ଏକ ବାସ୍ତବ ସଞ୍ଚୟ ଉତ୍ସବ । ପ୍ରଥମ ଥର ପାଇଁ ଦେଶର ସବୁ ଡିଲରଶିପରେ ରେକର୍ଡ ସଂଖ୍ୟକ ଗ୍ରାହକ ଆସିବା ସହ ଅନୁରୂପ ଭାବେ ବିକ୍ରି ହୋଇଛି । ମୋଟ ବିକ୍ରି ୩୪ ପ୍ରତିଶତ ବୃଦ୍ଧି ପାଇବା କୌଣସି ଉତ୍ସବଠାରୁ କମ୍ ନୁହେଁ ବୋଲି ଗିରିଧର କହିଛନ୍ତି ।


## ଓଡ଼ିଶା ସରକାର
## ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No.771, No.XXXIV-04: Dated 8.8.2025

[illegible] (RFCTLAR & R Act, 2013) [illegible]

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ [illegible]

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ସୁବର୍ଣ୍ଣପୁର

ଜିଲ୍ଲା-ସୁବର୍ଣ୍ଣପୁର
ତପସିଲ-କ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ସୂଚୀ)
ତହସିଲ-ସୋନପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସିଂହାରି (ଅତିରିକ୍ତ) | ଗ୍ରାମାଞ୍ଚଳ | [illegible] | | | | | |

ଜିଲ୍ଲା-ସୁବର୍ଣ୍ଣପୁର
ତପସିଲ-ଖ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ତହସିଲ-ସୋନପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

### ଜମିର ତାଳିକା

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ସୁବର୍ଣ୍ଣପୁର

ଖୋର୍ଦ୍ଧା ରୋଡ଼-ବଲାଙ୍ଗିର ନୂତନ ରେଳପଥ ପ୍ରକଳ୍ପ ପାଇଁ ବଲାଙ୍ଗିର ଜିଲ୍ଲାର ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ
ମୌଜା-ସିଂହାରି (ଅତିରିକ୍ତ), ତହସିଲ-ସୋନପୁର, ଜିଲ୍ଲା-ସୁବର୍ଣ୍ଣପୁର

| କ୍ରମିକ ନଂ | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ଅଭିଲେଖ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୬୮/୧୮୮ | ୫୪/୭୬୭ | ୦.୦୫୦ | ୦.୦୫୦ | [illegible] | [illegible] |
| ୨ | ୬୮/୨୨୦ | ୫୪/୮୨୭ | ୦.୦୫୦ | ୦.୦୫୦ | [illegible] | [illegible] |
| | | ମୋଟ | | ୦.୧୦୦ | | |

OIPR-24429/14/0002/2526
Sd./- Collector, Subarnapur



## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୧୧୦/୨୦୨୧
ଭୂମି ଅଧିଗ୍ରହଣ ଅଧିକାରୀ ଓ କଲେକ୍ଟର, ଖୋର୍ଦ୍ଧା....ଆବେଦନକାରୀ
ବନାମ

No.XXXIII:୧. ବିକଳି ଜେନା, ପିତା-କସ୍ତୁରୀ ଜେନା, ସା-ପଥରଗାଡିଆ, ୨.ଆକୁଳି ଜେନା, ପିତା-କସ୍ତୁରୀ ଜେନା, ୩.ଗୁମାଣୀ ଜେନା, ସ୍ୱାମୀ-କସ୍ତୁରୀ ଜେନା, ସା-ପଥରଗାଡିଆ, ୪.ମଙ୍ଗୁଳି ଜେନା, ପିତା-ପଙ୍କଜ ଜେନା, ସା-ପଥରଗାଡିଆ, ୫.ଉଗ୍ରସେନ ଜେନା, ପିତା-ପଙ୍କଜ ଜେନା, ସା-ପଥରଗାଡିଆ, ୬.ଅଲେଖ ବେହେରା,ପିତା-ପଣ୍ଣୁ ବେହେରା, ସା-ପଥରଗାଡିଆ, ପୋ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୭.ଗଗନି ବଡଜେନା, ସ୍ୱାମୀ-ବନମାଳୀ ବଡଜେନା, ସା/ପୋ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୮.ହଙ୍ଗ ପାଲଟାସିଂହ, ପିତା-ହରି ପାଲଟାସିଂହ, ୯.ଚନ୍ଦ୍ରମଣି ପାଲଟାସିଂହ, ୧୦.ବାମଦେବ ପାଲଟାସିଂହ, ୧୧.ଧ୍ରୁବନାଥ ପାଲଟାସିଂହ, ୧୨.ଅଭିରାମ ପାଲଟାସିଂହ, ୧୩.ପ୍ରହଲ୍ଲାଦ ପାଲଟାସିଂହ, ପିତା-ବାନାମ୍ବର ପାଲଟାସିଂହ, ୧୪.ଭ୍ରମର ପାଲଟାସିଂହ, ପିତା-ଶରଥ ପାଲଟାସିଂହ, ୧୫.ବୈଷ୍ଣବ ପାଲଟାସିଂହ, ପିତା-ସାଧୁ ପାଲଟାସିଂହ, ସା/ପୋ-ଦାରୁଠେଙ୍ଗ, ୧୬.ଉଦୟନାଥ ମହାକୁଡ, ପିତା-ଗଦାଧର ମହାକୁଡ, ସା-ନୟାପଲ୍ଲୀ, ଥା-ସହିଦନଗର, ଜିଲ୍ଲା-ଖୋର୍ଦ୍ଧା......... ବିରୋଧୀ ପକ୍ଷମାନେ ।

ଏତଦ୍ଵାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟର ପ୍ଲାନ୍ ରୋଡ୍ର ନିର୍ମାଣ ପାଇଁ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି, ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ.କେସ୍ ନଂ-୧୧୦/୨୦୨୧, ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ଜିଲ୍ଲା-ଖୋର୍ଦ୍ଧା, ଥାନା-ଚନ୍ଦକା, ମୌଜା-ପଥରଗାଡିଆ, ଖାତା ନଂ-୩୧୯, ପ୍ଲଟ୍ ନଂ.-୭୨୮, ରକବା ଏ ୦.୦୦୮ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୫.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୨୫୧/୨୦୧୯
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ
ବନାମ

୧. ପଠାଣି ଓଦଣ୍ଡରାୟ, ପିତା-ବିହାରୀ ଓଦଣ୍ଡରାୟ, ସା-ସିକୋ, ୨.ଚନ୍ଦ୍ରମଣି ପ୍ରଧାନ, ପିତା-ନୀଳମଣି ପ୍ରଧାନ, ୩.ତ୍ରିନାଥ ବଳିଆରସିଂ, ୪.କୈଳାଶ ବଳିଆରସିଂ, ପିତା-କୁମର ବଳିଆରସିଂ, ୫.ମାଗୁଣି ସେଠୀ, ପିତା-ବୁଲା ସେଠୀ, ସା-ଚନ୍ଦ୍ରଶେଖରପୁର....ବିରୋଧୀ ପକ୍ଷମାନେ ।

ଏତଦ୍ଵାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ସିକୋ ମୟୂରଖାଲିଆ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ.କେସ୍ ନଂ.୨୫୧/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ଚନ୍ଦ୍ରଶେଖରପୁର, ଖାତା ନଂ.-୨୪୪, ପ୍ଲଟ୍ ନଂ.-୧୫୫୫, ଅଧିଗୃହିତ ରକବା ଏ ୦.୦୬୦ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୫.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ.ଏ.କେସ୍ ନଂ-୧୪୫/୨୦୧୯
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ
ବନାମ

୧. ପ୍ରଶନ୍ନ କୁମାର ଦାଶ, ପିତା-ବଟକୃଷ୍ଣ ଦାଶ, ସା-ପଲ୍ଲୀକଣ୍ଠା, ଥା-ଏରସମା, ଜି-ଜଗତସିଂହପୁର, ୨.ସୁଜାତା ମିଶ୍ର, ସ୍ୱାମୀ-ଭବତୋଷ ମିଶ୍ର, ସା-ପ୍ଲଟ ନଂ.୪୫୫୫, ଭି.ଏସ୍.ଏସ୍. ନଗର, ଥା-ସହିଦନଗର, ଭୁବନେଶ୍ୱର, ୩.ଦେବବ୍ରତ ଧିର, ପିତା-ନୃସିଂହଚରଣ ଧିର, ସା-ଏନ-୩/୩୩୮, ଆଇ.ଆର.ସି.ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ୪.ପ୍ରତିମା ମହାନ୍ତି, ସ୍ୱାମୀ-ବିଜୟ କୁମାର ମହାନ୍ତି, ସା/ପୋ-ବଣ୍ଡମୁଣ୍ଡା, ଜି-ସୁନ୍ଦରଗଡ-୭୭୦୦୩୨, ୫.ସତ୍ୟବ୍ରତ ଧିର, ପିତା-ନୃସିଂହଚରଣ ଧିର, ସା-ଏନ-୩/୩୩୮, ଆଇ.ଆର.ସି.ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର,୬. ପ୍ରଦୀପ୍ତ କୁମାର ମହାପାତ୍ର, ପି-ବୈକୁଣ୍ଠନାଥ ମହାପାତ୍ର, ସା-ସତ୍ୟନଗର, ପ୍ଲଟ ନଂ.-୩୬, ଫ୍ଲାଟ ନଂ.୨୦୩, ଜାପାନିଜ୍ ପ୍ୟାଲେସ୍, ଭୁବନେଶ୍ୱର-୭୫୧୦୦୭, ୭.ଅକ୍ରୁର ଦେହୁରୀ, ୮.ନେତ୍ରାନନ୍ଦ ଦେହୁରୀ, ପିତା-ଦାମ ଦେହୁରୀ, ୯.ନେତ ଦେହୁରୀ, ସ୍ୱାମୀ-ଭୋଳି ଦେହୁରୀ, ୧୦.ପ୍ରହଲ୍ଲାଦ ଦେହୁରୀ, ୧୧.ବାସୁଦେବ ଦେହୁରୀ, ୧୨.ଦ୍ରୌପଦୀ ଦେହୁରୀ, ୧୩.ପଦ୍ମା ଦେହୁରୀ, ୧୪.ମଣି ଦେହୁରୀ, ପି-ଭୋଳି ଦେହୁରୀ, ୧୫.ପ୍ରତାପ ଦେହୁରୀ, ୧୬.ଆକୁଳାନନ୍ଦ ଦେହୁରୀ, ୧୭.ଗୋକୁଳ ଦେହୁରୀ, ୧୮.ବଣି ଦେହୁରୀ, ୧୯.ଅଂଜନା ଦେହୁରୀ, ପିତା-ବଳରାମ ଦେହୁରୀ, ୨୦.ଶଶି ଦେହୁରୀ, ପିତା-ପଂଚୁ ଦେହୁରୀ, ୨୧.ଉଷା ଦେହୁରୀ, ୨୨.ବଚି ଦେହୁରୀ, ପିତା-ପାଣ୍ଡବ ଦେହୁରୀ, ୨୩.ବିଜୁ ଦେହୁରୀ, ସ୍ୱାମୀ ହରି ଦେହୁରୀ, ୨୪.ତ୍ରିଲୋଚନ ଦେହୁରୀ, ୨୫.ଚିନ୍ମୟ ଦେହୁରୀ, ୨୬.ଝିଲି ଦେହୁରୀ, ପିତା-ହରି ଦେହୁରୀ, ୨୭.ଦାମ ଦେହୁରୀ, ପିତା ରାମ ଦେହୁରୀ, ସା-ପଥରଗାଡିଆ, ୨୮.ସନ୍ଧ୍ୟାରାଣୀ ନାୟକ, ସ୍ୱାମୀ-କବିସୂର୍ଯ୍ୟ ନାୟକ, ସା-ଏଫ-୧୯/୧, ରେଲୱେ କଲୋନୀ, ପୋ/ଥା-ମଞ୍ଚେଶ୍ୱର, ଭୁବନେଶ୍ୱର, ୨୯.ମନୋରଞ୍ଜନ ମହାନ୍ତି, ପି-ଚିନ୍ତାମଣି ମହାନ୍ତି, ସା-ଏମ.ଆଇ.ଜି.୧-୧୬/୧୨, ବିଡିଏ କଲୋନୀ, ଥା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ୩୦.ପ୍ରତାପ ମହାପାତ୍ର, ପି-ବୃନ୍ଦାବନ ମହାପାତ୍ର, ସା-ରଣପୁର, ଜି-ନୟାଗଡ, ୩୧.ଜ୍ୟୋତିରଂଜନ ରାଉତ, ପି-କୃଷ୍ଣଚନ୍ଦ୍ର ରାଉତ, ସା/ପୋ-ଗଣ୍ଡରପୁର, ଥା-ନନ୍ଦନକାନନ, ଜି-ଖୋର୍ଦ୍ଧା, ୩୨.ତଅପୋଇ ଦେହୁରୀ, ସ୍ୱା-ପ୍ରତାପ ଦେହୁରୀ, ସା-ବାରମାଣ, ପଥରଗାଡିଆ, ପୋ-ଦାରୁଠେଙ୍ଗ, ଥା-ଚନ୍ଦକା, ଜି-ଖୋର୍ଦ୍ଧା........ ବିରୋଧୀ ପକ୍ଷମାନେ ।

ଏତଦ୍ଵାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟର ପ୍ଲାନ ରୋଡ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.୧୪୫/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ସୁନ୍ଦରପୁର, ଖାତା ନଂ.୧୨୨, ପ୍ଲଟ ନଂ.-୫୩୫/୮୯୫, ରକବା ଏ ୦.୧୨୨ ଡି. ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୦.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୦୯.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ.ଏ.କେସ୍ ନଂ-୨୧୮/୨୦୧୯
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ
ବନାମ

୧. କୁମର ବେହେରା, ୨.ରାଜକିଶୋର ବେହେରା, ୩.ସୁଦର୍ଶନ ବେହେରା, ପିତା-କାଙ୍ଗାଳି ବେହେରା, ସା-ପଥରଗାଡିଆ, ୪.ତିଳୋତ୍ତମା ବେହେରା, ପିତା-କାଙ୍ଗାଳି ବେହେରା, ସ୍ୱାମୀ-ରମେଶ ବେହେରା, ସା/ପୋ-ଝାରପଡା, ଥା-ଲକ୍ଷ୍ମୀସାଗର, ଜିଲ୍ଲା-ଖୋର୍ଦ୍ଧା......... ବିରୋଧୀ ପକ୍ଷମାନେ ।

ଏତଦ୍ଵାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟର ପ୍ଲାନ୍ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ.କେସ୍ ନଂ-୨୧୮/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ପଥରଗାଡିଆ, ଖାତା ନଂ-୩୮, ପ୍ଲଟ ନଂ.-୧୬୨, ରକବା ଏ ୦.୦୦୧ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୭.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୭.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily news papers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୨୬୨/୨୦୧୯
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା....ଆବେଦନକାରୀ
ବନାମ

୧. ପାବନ ପ୍ରଧାନ, ପିତା-ନରସିଂହ ପ୍ରଧାନ, ସା-ଚନ୍ଦ୍ରଶେଖରପୁର......... ବିରୋଧୀ ପକ୍ଷ । ଏତଦ୍ଵାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ସିକୋ ମୟୂରଖାଲିଆ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ.କେସ୍ ନଂ.୨୬୨/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ଚନ୍ଦ୍ରଶେଖରପୁର, ଖାତା ନଂ.-୨୫୨, ପ୍ଲଟ ନଂ.-୭୦୦, ଅଧିଗୃହୀତ ରକବା ଏ ୦.୦୦୧ଡି ଅଟେ । **ଉକ୍ତ ବିରୋଧୀ ପକ୍ଷ ଯଦି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେ ଧାର୍ଯ୍ୟ ତା.୧୪.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୦୮.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୬୧/୨୦୧୯
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା....ଆବେଦନକାରୀ
ବନାମ

୧. ସସ୍ମିତା ବେହେରା, ସ୍ୱାମୀ-ଲଳିତ କୁମାର ବେହେରା, ସା-ଡି-୧୨, ମାରୁତି ଭିଲ୍ଲା, ନିଅର କିଟ୍ ୟୁନିଭରସିଟି, ପୋ-କିଟ୍, ଥାନା-ଇନଫୋସିଟି, ଭୁବନେଶ୍ୱର, ଖୋର୍ଦ୍ଧା, ୨.ପ୍ରତିମା ମହାନ୍ତି, ସ୍ୱାମୀ-ପ୍ରସନ୍ନ ମହାନ୍ତି, ସା-କବେରା, ପୋ-ନଟିମ, ଥାନା/ଜିଲ୍ଲା-ଢେଙ୍କାନାଳ, ୩.ପ୍ରଫୁଲ୍ଲ କୁମାର ସାହୁ, ପିତା-ଲକ୍ଷ୍ମଣ ସାହୁ, ସା-ବିଷ୍ଣୁପୁର, ପୋ-ବରଡା, ଥାନା/ଜିଲ୍ଲା-ବାଲେଶ୍ୱର, ୪.ନିରଞ୍ଜନ ସାମନ୍ତ, ପିତା-ଗୋବିନ୍ଦ ଚନ୍ଦ୍ର ସାମନ୍ତ, ସା-ଚଶାହୀ, ପୋ-ପୋତାଗଡ, ଥାନା/ଜିଲ୍ଲା-ଯାଜପୁର, ୫.ପ୍ରଦୀପ କୁମାର ମହାନ୍ତି, ପିତା-ଉପେନ୍ଦ୍ର ମହାନ୍ତି, ଗ୍ରା/ପୋ/ଥାନା/ଜିଲ୍ଲା-ଢେଙ୍କାନାଳ, ୬. ପ୍ରଦୀପ କୁମାର ମହାପାତ୍ର, ପିତା-ଧୀରେନ୍ଦ୍ର ମହାପାତ୍ର, ପ୍ଲଟ ନଂ.୫୮, ସା-ସତ୍ୟନଗର, ଥାନା-ସହୀଦନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୭. ପ୍ରହଲ୍ଲାଦ ଦେହୁରୀ, ୮. ବାସୁଦେବ ଦେହୁରୀ, ୯.ଦ୍ରୌପଦୀ ଦେହୁରୀ, ୧୦.ପଦ୍ମା ଦେହୁରୀ, ୧୧.ମଣି ଦେହୁରୀ, ପିତା-ଭୋଳି ଦେହୁରୀ, ୧୨.ନେତ ଦେହୁରୀ, ସ୍ୱାମୀ-ଭୋଳି ଦେହୁରୀ, ୧୩.ଅକ୍ରୁର ଦେହୁରୀ, ୧୪.ନେତ୍ରାନନ୍ଦ ଦେହୁରୀ, ପିତା-ଦାମ ଦେହୁରୀ, ୧୫.ପ୍ରତାପ ଦେହୁରୀ, ୧୬. ଆକୁଳାନନ୍ଦ ଦେହୁରୀ, ୧୭.ଗୋକୁଳ ଦେହୁରୀ, ୧୮.ବଣି ଦେହୁରୀ, ୧୯.ଅଂଜନା ଦେହୁରୀ, ପିତା-ବଳରାମ ଦେହୁରୀ, ୨୦.ଶଶୀ ଦେହୁରୀ, ପିତା-ପଂଚୁ ଦେହୁରୀ, ୨୧.ତ୍ରିଲୋଚନ ଦେହୁରୀ, ୨୨.ଚିନ୍ମୟ ଦେହୁରୀ, ୨୩.ଝିଲି ଦେହୁରୀ, ପିତା-ହରି ଦେହୁରୀ, ୨୪.ବିଜୁ ଦେହୁରୀ, ସ୍ୱାମୀ-ହରି ଦେହୁରୀ, ୨୫.ଉଷା ଦେହୁରୀ, ୨୬.ବଚି ଦେହୁରୀ, ପିତା-ପାଣ୍ଡବ ଦେହୁରୀ, ୨୭.ଦାମ ଦେହୁରୀ, ପିତା-ରାମ ଦେହୁରୀ, ସା-ପଥରଗାଡିଆ, ୨୮.ପ୍ରଦୀପ୍ତ କୁମାର ମହାପାତ୍ର, ପିତା-ବୈକୁଣ୍ଠନାଥ ମହାପାତ୍ର, ସା-ପ୍ଲଟ ନଂ.୩୬, ଫ୍ଲାଟ ନଂ.୨୦୩, ଜାପାନିଜ୍ ପ୍ୟାଲେସ୍, ସତ୍ୟନଗର-୭୫୧୦୦୭, ୨୯.ସତ୍ୟବ୍ରତ ଧିର, ପିତା-ନୃସିଂହ ଚରଣ ଧିର, ସା-ଏନ-୩/୩୩୮, ଆଇ.ଆର.ସି.ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ୩୦. ପ୍ରତାପ ମହାପାତ୍ର, ପିତା-ବୃନ୍ଦାବନ ମହାପାତ୍ର, ସା/ପୋ/ଥା-ରଣପୁର, ଜିଲ୍ଲା-ନୟାଗଡ, ୩୧.ଜ୍ୟୋତି ରଂଜନ ରାଉତ, ପିତା-କୃଷ୍ଣଚନ୍ଦ୍ର ରାଉତ, ସା/ପୋ-ଗଣ୍ଡରପୁର, ଥାନା-ନନ୍ଦନକାନନ, ଜିଲ୍ଲା-ଖୋର୍ଦ୍ଧା, ୩୨. ସନ୍ଧ୍ୟାରାଣୀ ନାୟକ, ସ୍ୱାମୀ-କବିସୂର୍ଯ୍ୟ ନାୟକ, ସା-କ୍ୱାଟର ନଂ.ଏଫ-୧୯/୧, ରେଲୱେ କଲୋନୀ, ପୋ-ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ୩୩. ମନୋରଂଜନ ମହାନ୍ତି, ପିତା-ଚିନ୍ତାମଣି ମହାନ୍ତି, ସା-ଏମ.ଆଇ.ଜି. ୧-୧୬/୨, ବି.ଡି.ଏ. କଲୋନୀ, ପୋ ?ଥାନା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା......... ବିରୋଧୀ ପକ୍ଷମାନେ । ଏତଦ୍ଵାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟରପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.-୬୧/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ଜିଲ୍ଲା-ଖୋର୍ଦ୍ଧା, ମୌଜା-ସୁନ୍ଦରପୁର, ଖାତା ନଂ.-୧୨୨, ପ୍ଲଟ ନଂ.-୫୬୯, ଅଧିଗୃହିତ ରକବା ଏ ୦.୧୦୩ ଡି. ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୦.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୦୯.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ-୦୨/୨୦୨୧
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ
ବନାମ

୧. ଗଗନ ବିହାରୀ ବେହେରା, ପିତା-ଲୋକନାଥ ବେହେରା, ସା-ସାମପୁର, ୨.କନକ ବେହେରା, ପିତା-ଲୋକନାଥ ବେହେରା, ସ୍ୱାମୀ-ପବିତ୍ର ବେହେରା, ସା/ପୋ/ଥା-ଚନ୍ଦକା, ଜି-ଖୋର୍ଦ୍ଧା, ୩.ଗୋଲାପ ବେହେରା, ପିତା-ଲୋକନାଥ ବେହେରା, ସ୍ୱାମୀ-ଅଲେଖ ସାମନ୍ତରାୟ, ସା-ତଳଖୁଣ୍ଟିଆ, ଥାନା-ଜଟଣୀ, ଜି-ଖୋର୍ଦ୍ଧା, ୪.କନକ ବେହେରା,ପିତା- ଲୋକନାଥ ବେହେରା, ସ୍ୱାମୀ-ଦେବେନ୍ଦ୍ର ବେହେରା, ସା-ବରକୁଦ, ଥାନା-ଜଟଣୀ, ଜି-ଖୋର୍ଦ୍ଧା, ୫. ପଦ୍ମାବତୀ ବେହେରା, ୬.ମଣ୍ଟି ବେହେରା, ପିତା-ଘନ ବେହେରା, ୭.ନୀଳ ବେହେରା, ପିତା-ଲକ୍ଷ୍ମଣ ବେହେରା, ୮.ନଛି ଦେଈ, ସ୍ୱାମୀ-ରତନ ବେହେରା, ୯. ମଞ୍ଜୁ ବେହେରା, ପିତା-ରତନ ବେହେରା, (ପୋଷ୍ୟା କନ୍ୟା) ୧୦. ରମେଶ ଚନ୍ଦ୍ର ବେହେରା, ପିତା-ଭୋଳି ବେହେରା, (ପୋଷ୍ୟ ପୁତ୍ର) ୧୧. ଗଣେଶ୍ୱର ବେହେରା, ୧୨.ମାତା ବେହେରା, ୧୩. ଗୀତା ବେହେରା, ୧୪.ସୀତା ବେହେରା, ପିତା-ନରୁତ୍ତମ ବେହେରା, ସା-ସାମପୁର, ୧୫.ବ୍ରାହ୍ମଣୀ ବେହେରା, ପିତା-ନରୁତ୍ତମ ବେହେରା, ସା-ସାମପୁର, ଥା-ଚନ୍ଦକା, ଜି-ଖୋର୍ଦ୍ଧା...... ବିରୋଧୀ ପକ୍ଷମାନେ । ଏତଦ୍ଵାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ନାକା ଗେଟ କାଟେଣୀ ରାସ୍ତାର ଉନ୍ନତିକରଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.୦୨/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ସାମପୁର, ଖାତା ନଂ-୬୬ ପ୍ଲଟ ନଂ-୯୮୭, ରକବା ଏ.୦.୦୦୧ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୯.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୯.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୩୫୭/୨୦୨୧
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା....ଆବେଦନକାରୀ
ବନାମ

୧. ବିଧୁମୁଖୀ ମିଶ୍ର, ୨.ବିଳାସିନୀ ମିଶ୍ର, ପିତା-ନଟବର ଦାଶ, ୩.ବାସନ୍ତୀ ଦାଶ, ସ୍ୱାମୀ-ନବୀନ ଦାଶ, ୪.ସ୍ୱର୍ଣ୍ଣରଶ୍ମି ମିଶ୍ର, ୫.ରାଜଲକ୍ଷ୍ମୀ ମିଶ୍ର, ୬.ମିହିର ରଞ୍ଜନ ଦାଶ, ପିତା-ନବୀନ ଦାଶ, ସା/ପୋ-ଘାଟିକିଆ, ଥା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ୭.ସୌଭାଗ୍ୟ ଶଙ୍କର ଦେଓ, ପିତା-ଦୁର୍ଗାମାଧବ ଦେଓ, ସା/ପୋ-ମଳିପଡା, ଜିଲ୍ଲା-ଖୋର୍ଦ୍ଧା......... ବିରୋଧୀ ପକ୍ଷମାନେ । ଏତଦ୍ଵାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ନାକାଗେଟ୍ କାଟେଣୀ ରାସ୍ତାର ଉନ୍ନତୀକରଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ.କେସ୍ ନଂ.୩୫୭/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ଗୋଠପାଟଣା, ଖାତା ନଂ-୨୫୬, ପ୍ଲଟ ନଂ-୨୦୨୯, ରକବା ଏ -୦.୦୧୭ ଡି. ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୦୩.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୨୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୪୬/୨୦୨୦
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା....ଆବେଦନକାରୀ
ବନାମ

୧. (ଏ) ପ୍ରତିମା ବେହେରା, ସ୍ୱାମୀ-ସ୍ୱର୍ଗତ ଭ୍ରମର ବେହେରା, ୧(ବି) ସତ୍ୟବ୍ରତ ବେହେରା, ୧(ସି) କୁବୁଲି ଦାସ, ପିତା-ସ୍ୱର୍ଗତ ଭ୍ରମର ବେହେରା, ସା-ଯୋଗେଶ୍ୱରପୁର, ପୋ/ଥାନା-ଗୋପ, ଜିଲ୍ଲା-ପୁରୀ.............. ବିରୋଧୀ ପକ୍ଷମାନେ । ଏତଦ୍ଵାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ.କେସ୍ ନଂ.-୪୬/୨୦୨୦ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ମୁକୁନ୍ଦପ୍ରସାଦ, ଖାତା ନଂ-୫୨୬/୮୪୩, ପ୍ଲଟ ନଂ.-୨୩୨୮/୨୭୦୭, ରକବା ଏ.୦.୦୯୦ ଡି. ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୦୩.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୨୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ.ଏ.କେସ୍ ନଂ-୨୫୩/୨୦୧୯
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ
ବନାମ

୧. ଭିକାରୀ ସ୍ୱାଇଁ, ୨.ପଞ୍ଚୁ ସ୍ୱାଇଁ, ପିତା-ଲୋକନାଥ ସ୍ୱାଇଁ, ସା-ଚନ୍ଦ୍ରଶେଖରପୁର, କିସ୍ମତ-ଦଶଅଣାଆଠପାହି, ୩.କୁମର ବଳିଆରସିଂ, ପିତା-ଅନ୍ତର୍ଯ୍ୟାମୀ ବଳିଆରସିଂ, ସା-ଚନ୍ଦ୍ରଶେଖରପୁର, କିସ୍ମତ୍-ପାଞ୍ଚଅଣାଚାରିପାହି.......... ବିରୋଧୀପକ୍ଷମାନେ । ଏତଦ୍ଵାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ସିକୋ ମୟୂରଖାଲିଆ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.୨୫୩/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ଚନ୍ଦ୍ରଶେଖରପୁର, ଖାତା ନଂ-୩୬୨, ପ୍ଲଟ ନଂ.-୧୫୩୬, ଅଧିଗୃହିତ ରକବା ଏ ୦.୦୪୦ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୦୩.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୨୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ.ଏ.କେସ୍ ନଂ-୨୧୨/୨୦୧୯
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ
ବନାମ

୧. ସୁରେନ୍ଦ୍ର ନାଥ ନାୟକ, ପିତା-ଆନନ୍ଦ ନାୟକ, ସା-କ୍ୱାର୍ଟର ନଂ-ଇ/୪, ବ୍ଲକ ନଂ.-୧, ସରକାରୀ ଆୟୁର୍ବେଦିକ୍ ହସ୍ପିଟାଲ, ନାଗେଶ୍ୱରଟାଙ୍ଗି, ପୋ-ବି.ଜେ.ବି. ନଗର, ଭୁବନେଶ୍ୱର-୭୫୧୦୧୪......... ବିରୋଧୀପକ୍ଷ ।

ଏତଦ୍ଵାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟରପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.୨୧୨/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ସୁନ୍ଦରପୁର, ଖାତା ନଂ.-୨୫, ପ୍ଲଟ ନଂ.-୭୧୯ (ପି), ଅଧିଗୃହିତ ରକବା ଏ.୦.୦୬୫ ଡି., କିସମ-ବଗାୟତ-୨ ଅଟେ । **ଉକ୍ତ ବିରୋଧୀ ପକ୍ଷ ଯଦି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେ ଧାର୍ଯ୍ୟ ତା.୦୩.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୨୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0090/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଯାସିକା [illegible] ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଦ୍ରଷ୍ଟବ୍ୟ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ସତ୍ୟନଗର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।

# ଇଂଲଣ୍ଡକୁ ଜିତାଇଲେ ନାଇଟ୍


ଶଟ୍ ଖେଳିବା ଅବସରରେ ଇଂଲଣ୍ଡର ହିଥର ନାଇଟ।

## ଆଇସିସି ମହିଳା ବିଶ୍ୱକପ୍

**ଗୌହାଟୀ,୭।୧୦**

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଇଂଲଣ୍ଡ ୪ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ସ୍ପିନକୁ ସୁହାଉଥିବା ପିଚ୍‌ରେ ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୧୭୯ ରନର ଟାର୍ଗେଟ୍‌କୁ ଇଂଲଣ୍ଡ ୪୬.୧ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଜୟୀ ଦଳ ପାଇଁ ହିଥର ନାଇଟ୍ ଅପରାଜିତ ୭୯ ରନର ଦର୍ଶନୀୟ ଇନିଂସ ଖେଳିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୯.୪ ଓଭରରେ ୧୭୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ସୋଭନା ମୋଷ୍ଟାରି ସର୍ବାଧିକ ୬୦, ରାବେୟା ଖାନ ୨୭ ବଲରେ ଦ୍ରୁତ ୪୩ (୬ ଚୌକା ଓ ୧ ଛକା) ଓ ଶାର୍ମିନ ଆଖତର ୩୦ ରନ କରିଥିଲେ। ବୋଲିଂରେ ଇଂଲଣ୍ଡ ପାଇଁ ସୋଫି ଇକଲେଷ୍ଟୋନ ୩ ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ଦଳ ୧୦୩ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ନାଇଟ୍ ଓ ଚାର୍ଲଟ ଅବିଭାଜିତ ସପ୍ତମ ଉଇକେଟରେ ୭୯ ରନ ଯୋଡ଼ି ଦଳକୁ ଜିତାଇଥିଲେ। ନାଇଟ୍ ୮ ଚୌକା ଓ ୧ ଛକା ସହିତ ୭୯ ଏବଂ ଚାର୍ଲଟ ୨୭ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୪୯.୪ ଓଭରରେ ୧୭୮/ଅଲଆଉଟ୍ (ସୋଭନା ମୋଷ୍ଟାରୀ-୬୦, ରାବେୟା ଖାନ-୪୩*, ଶାର୍ମିନ ଆଖତର ୩୦, ସୋଫି ଇକଲେଷ୍ଟୋନ-୩/୨୪, ଚାର୍ଲି ଡିନ-୨/୨୮, ଏଲିସ କ୍ୟାପ୍ସି-୨/୩୧)। ଇଂଲଣ୍ଡ: ୪୬.୧ ଓଭରରେ ୧୮୨/୬ (ହିଥର ନାଇଟ୍-୭୯*, ନାଟ ସ୍କିଭର-ବ୍ରଣ୍ଟ-୩୨, ଫାହିମା ଖାତୁନ-୩/୧୬, ମାରୁଫା ଅକତର-୨/୨୮)।

# ଓଡ଼ିଶାର ୪ ଦୃଷ୍ଟିବାଧିତ ଖେଳାଳି ସମ୍ବର୍ଦ୍ଧିତ

## ଟି୨୦ ବିଶ୍ୱକପ୍

**ଭୁବନେଶ୍ୱର, ୭।୧୦(ବିଜୟ ରଣା)**

ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ୍ ବିଶ୍ୱକପ୍ ପାଇଁ ୧୬ ଜଣିଆ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୪ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ଫୁଲ ସୋରେନ, ବାସନ୍ତୀ ହାଂସ୍‌ଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାରାଣ୍ଡି। ଦୃଷ୍ଟିବାଧିତ କ୍ରିକେଟ୍ ଆସୋସିଏଶନ(କାଭି) ତରଫରୁ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ମଙ୍ଗଳବାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଯାଜପୁର ଏମ୍‌ପି ଡ. ରବିନାରାୟଣ ବେହେରା ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନର ପ୍ରତିଷ୍ଠାତା ସମ୍ପାଦକ ସନ୍ନ୍ୟାସୀ କୁମାର ବେହେରା, ସଭାପତି ଇକ୍‌ବାଲ କାସିମ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳାଦ୍ରି ଚାମ୍ପିୟନ, ତପନ ରନରଅପ୍



କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

## କେଟି ଗ୍ଲୋବାଲ ଫିଡେ ରେଟିଂ ଚେସ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୭।୧୦(ତପନ ସ୍ୱାଇଁ)**

କେଟି ଗ୍ଲୋବାଲ ସ୍କୁଲ୍ ଅନ୍ତର୍ଜାତୀୟ ଫିଡେ ରେଟିଂ ଚେସ୍ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଏବଂ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସହଯୋଗରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗର ନୀଳାଦ୍ରି ବାନାର୍ଜୀ ଚାମ୍ପିୟନ ହୋଇଛନ୍ତି। ୯ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ନୀଳାଦ୍ରି ୮.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶାର ତପନ ବଡ଼ମୁଣ୍ଡି ଓ ସାତ୍ତ୍ୱିକ ସ୍ୱାଇଁ ୭.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ରନରଅପ୍ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚାମ୍ପିୟନ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ଟ୍ରଫି ସହ ୨୫,୦୦୦, ରନରଅପ୍‌ଙ୍କୁ ୨୦,୦୦୦ ଓ ତୃତୀୟ ସ୍ଥାନ ପାଇଁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମନିନ୍ଦ୍ର କାର୍ଜୀ, ରଚିଷ୍ଣୁ ଦତ୍ତ, ରନିତ ମାଇତି, ମନୀଷ ମିଶ୍ର, ଶ୍ରୀହନ ସାବତ, ପୂର୍ଣ୍ଣ ଖିଲୋ (ସମସ୍ତେ ୭ ପଏଣ୍ଟ ଲେଖାଏ) ଏବଂ ରଙ୍ଗିତ୍ ମଜୁମ୍‌ଦାର (୬.୫) ଟପ୍-୧୦ ଫିନିଶ୍ କରିଛନ୍ତି। ଜିମ୍ବାୱେରୁ ଜଣେ ଏବଂ ୧୩ ରାଜ୍ୟରୁ ମୋଟ ୨୭୬ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଓସିଏ ସଭାପତି ତଥା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ବିଶିଷ୍ଟ କୋଚ୍ ସତ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ସଭାପତି ଜି.ସି. ମହାପାତ୍ର, କେଟି ଗ୍ଲୋବାଲ ସ୍କୁଲ ସିଓଓ ସିଦ୍ଧାର୍ଥ ଶଙ୍କର ରାଉତ, ପ୍ରିନ୍ସିପାଲ ରିଙ୍କୁ ଷଡ଼ଙ୍ଗୀ, ସ୍ପେଶାଲ ଅଲିମ୍ପିକ୍ସ ଭାରତର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ୮୯ଟି ଟ୍ରଫି ସହ ଟୁର୍ନାମେଣ୍ଟ ପାଇଁ ମୋଟ୍ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଥିଲା।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

## ଜାତୀୟ ସିନିୟର ମହିଳା ଫୁଟ୍‌ବଲ

**ଭୁବନେଶ୍ୱର, ୭।୧୦(ତପନ ସ୍ୱାଇଁ)**

ଛତିଶଗଡ଼ର ନରେନପୁରଠାରେ ରାଜମାତା ଜୀଜାବାଈ ଟ୍ରଫି ପାଇଁ ଚାଲିଥିବା ୩୦ତମ ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚ୍‌ରେ ଓଡ଼ିଶା ୩-୦ ଗୋଲରେ ଘରୋଇ ଛତିଶଗଡ଼କୁ ପରାସ୍ତ କରିଛି। ଖେଳର ପ୍ରଥମ ୨୦ ମିନିଟ୍‌ରେ ଛତିଶଗଡ଼ ଖେଳାଳିମାନେ ଓଡ଼ିଶାକୁ ଟକ୍କର ଦେବାକୁ ସକ୍ଷମ ହୋଇଥିଲେ ହେଁ ୨୩ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋରକରି ଦଳକୁ ଅଗ୍ରଣୀ କରାଇଥିଲେ ଯଶୋଦା ମୁଣ୍ଡା। ପ୍ରଥମାର୍ଦ୍ଧର ଅଳ୍ପ କିଛି ସମୟ ପୂର୍ବରୁ ଅର୍ଥାତ୍ ୪୫ତମ ମିନିଟ୍‌ରେ ଇପ୍ସିତା ରାଉତ ଆଉ ଏକ ଗୋଲ ଦେଇ ଓଡ଼ିଶା ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଚାପର ବଶବର୍ତ୍ତୀ ହୋଇଥିଲେ ମଧ୍ୟ ଛତିଶଗଡ଼ ଦ୍ୱିତୀୟାର୍ଦ୍ଧରେ କଡ଼ା ଟକ୍କର ଦେଇଥିଲା। ଗୋଲ୍ ପରିଶୋଧ କରିବାକୁ ସୁଯୋଗ ସୃଷ୍ଟି କରିଥିଲେ ହେଁ ଓଡ଼ିଶା ରକ୍ଷଣଭାଗ ତାହା ହେବାକୁ ଦେଇ ନ ଥିଲା। ୯୦ ମିନିଟ୍ ପର୍ଯ୍ୟନ୍ତ ଆଉ ଗୋଲ ହୋଇପାରି ନ ଥିବାବେଳେ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୫ ମିନିଟ୍‌ରେ ଅଧିନାୟିକା ପ୍ୟାରୀ ଖାଖା ଗୋଟିଏ ଗୋଲ ଦେବାରୁ ଓଡ଼ିଶା ୩-୦ ବ୍ୟବଧାନରେ ବିଜୟ ହାସଲ କରିଥିଲା। ଓଡ଼ିଶା ପକ୍ଷରୁ ପ୍ରଥମ ଗୋଲ ସ୍କୋର କରି ଛତିଶଗଡ଼ ଉପରେ ଚାପ ସୃଷ୍ଟି କରିଥିବା ଯଶୋଦା ମୁଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ। ପ୍ରକାଶଯୋଗ୍ୟ, ନିଜର ପ୍ରଥମ ମ୍ୟାଚ୍‌ରେ ପଶ୍ଚିମବଙ୍ଗଠାରୁ ୦-୧ ଗୋଲରେ ପରାଜିତ ହୋଇଥିବା ଓଡ଼ିଶା ଗୋଆ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ୪-୨ରେ ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ପ୍ରକାଶ ଯେ, ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ଓ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ପକ୍ଷରୁ ଜାତୀୟ ଚୟନକର୍ତ୍ତାଭାବେ ଗୁରୁଦାୟିତ୍ୱ ବହନ କରୁଛନ୍ତି। ଭାରତୀୟ ଦଳ ଆଗାମୀ ଦିନରେ ଖେଳିବାକୁଥିବା ପ୍ରତିଯୋଗିତା ପାଇଁ ଶ୍ରଦ୍ଧାଞ୍ଜଳି ଓ ଅନ୍ୟ ଚୟନକର୍ତ୍ତାମାନେ ଏହି ଟୁର୍ନାମେଣ୍ଟରୁ ଖେଳାଳି ଚୟନ କରିବେ।

# ପୁରସ୍କାର ଦୌଡ଼ରେ ୩ ଭାରତୀୟ

**ଦୁବାଇ, ୭।୧୦(ପି.ଟି.):** ସେପ୍ଟେମ୍ବର ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ତରଫରୁ ଦିଆଯିବାକୁଥିବା ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ଦୌଡ଼ରେ ୩ ଭାରତୀୟ ଖେଳାଳି ଅଛନ୍ତି। ସେମାନେ ହେଲେ ପୁରୁଷ ବିଭାଗରେ ଅଭିଷେକ ଶର୍ମା ଓ କୁଲଦୀପ ଯାଦବ ଏବଂ ମହିଳା ବିଭାଗରେ ସ୍ମୃତି ମନ୍ଧାନା। ବାମହାତୀ ଟି୨୦ ସ୍ପେଶାଲିଷ୍ଟ ୟୁଏଇରେ ଭାରତର ଏସିଆ କପ୍ ବିଜୟ ଅଭିଯାନରେ ଚମତ୍କାର ଫର୍ମରେ ରହିଥିଲେ। ସେ ୭ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ୩୧୪ ରନ୍ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ତାଙ୍କର ୩ ଅର୍ଦ୍ଧଶତକ ସାମିଲ ଥିଲା। ତାଙ୍କର ଷ୍ଟ୍ରାଇକ୍‌ରେଟ୍ ମଧ୍ୟ ୨୦୦ ରହିଥିଲା। ଏହି ୨୫ ବର୍ଷୀୟ ପୁରୁଷ ଅନ୍ତର୍ଜାତୀୟ ଟି୨୦ ଇତିହାସରେ ୯୩୧ ପଏଣ୍ଟ ସହ ବ୍ୟାଟିଂ ରେଟିଂରେ ଏକ ରେକର୍ଡର ଅଧିକାରୀ ହୋଇପାରିଥିଲେ। ଏଥିଯୋଗୁ ସେ ପୁରସ୍କାରର ପ୍ରମୁଖ ଦାବିଦାର ଅଟନ୍ତି। ରିଷ୍ଟ ସ୍ପିନର କୁଲଦୀପ ଏହି ଟୁର୍ନାମେଣ୍ଟରେ ଚମତ୍କାର ବୋଲିଂ କରିଛନ୍ତି। ସେ ୬.୨୭ ଇକୋନୋମି ରେଟ୍‌ରେ ୧୭ ଉଇକେଟ ଅକ୍ତିଆର କରିଛନ୍ତି। ସେ ୟୁଏଇ ବିପକ୍ଷରେ ୪/୭ ଫିଗର ସହ ଏସିଆ କପ୍ ଅଭିଯାନ ଆରମ୍ଭ କରିଥିଲେ। ପାକିସ୍ତାନ ବିପକ୍ଷ ଟାଇଟଲ ବିଜୟରେ ତାଙ୍କ ବୋଲିଂ ଫିଗର ୪/୩୦ ରହିଥିଲା।

# ମଡର୍ନ ପେଣ୍ଟାଥଲନ୍‌ରେ ଓଡ଼ିଶାକୁ ୨ ରୌପ୍ୟ, ୧ ବ୍ରୋଞ୍ଜ୍

**ଭୁବନେଶ୍ୱର, ୭।୧୦(ତପନ ସ୍ୱାଇଁ)**



ମହମ୍ମଦ ଆଜମଙ୍କ ସହ ପଦକ ବିଜେତା ୩ ଖେଳାଳି।

ମଧ୍ୟପ୍ରଦେଶର ଇନ୍ଦୋରଠାରେ ମଡର୍ନ ପେଣ୍ଟାଥଲନ୍ ବାଇଥେଲ/ଟ୍ରାଇଥେଲ ଜାତୀୟ ଚାମ୍ପିୟନଶିପ୍ ଚଳିତ ମାସ ୪ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଉଦ୍‌ଯାପିତ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୩ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ୍ ସାମିଲ। ବାଇଥେଲ(ରନିଂ/ଫ୍ରିଷ୍ଟାଇଲ ସୁଇମିଂ) ସିନିୟର ବ୍ୟକ୍ତିଗତ ବର୍ଗରେ ପ୍ରଣବ ଦାସ ରୌପ୍ୟ ଓ ଅମିୟ କୁମାର ପ୍ରଧାନ ବ୍ରୋଞ୍ଜ୍ ପଦକ ପାଇଛନ୍ତି। ସେହିପରି ବାଇଥେଲ ୧୯ ବର୍ଷରୁ କମ୍ ବ୍ୟକ୍ତିଗତ ବର୍ଗରେ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ରୌପ୍ୟ ପଦକ ଜିତିଛନ୍ତି। ପ୍ରତିଯୋଗିତା ପାଇଁ ପ୍ରଣବ ଦଳର ଅଧିନାୟକ ମନୋନୀତ ହୋଇଥିବାବେଳେ ମହମ୍ମଦ ଅମନ ଉପ-ଅଧିନାୟକ, ଆକାଶ ମିର୍ଦ୍ଧା, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ଆରବ ଚିଦାନନ୍ଦ ସ୍ୱାଇଁ, ଅମିୟ କୁମାର ପ୍ରଧାନ, କୁନା ବାଗ୍, ସ୍ୱସ୍ତିକ ସିଂ, ପ୍ରତୀକ ଦାସ, ଦେବଜିତ ପୁରୋହିତ, ଭରତ କୁମ୍ଭାର, ରଞ୍ଜିତ କୁମାର ସାହୁ, ବିଶ୍ୱଜିତ ତରାଇ, ନର୍ମଦା କର୍ନଲ, ଓସେନ, ସାବିତ୍ରୀ ଭୋକ୍ତା ସଦସ୍ୟ ରହିଥିଲେ। ମଡର୍ନ ପେଣ୍ଟାଥଲନ୍ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ମହମ୍ମଦ ଆଜମ କୋଚ୍ ଓ ଗୋପାଳ କୃଷ୍ଣ ସାହୁ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିଥିଲେ। ପଦକ ବିଜୟୀ ପ୍ରତିଯୋଗୀଙ୍କୁ ମଡର୍ନ ପେଣ୍ଟାଥଲନ୍ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟଙ୍କୁ ଭେଟିଲେ ଯୁବରାଜ

**ନୂଆଦିଲ୍ଲୀ, ୭।୧୦(ପି.ଟି.):** କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟଙ୍କୁ ମଙ୍ଗଳବାର ପୂର୍ବତନ ଭାରତୀୟ କ୍ରିକେଟର ତଥା ଇଣ୍ଡିଆନ୍ ଗଲ୍ଫ ପ୍ରିମିୟର ଲିଗ୍ (ଆଇଜିପିଏଲ)ର ସହପ୍ରତିଷ୍ଠାତା ଯୁବରାଜ ସିଂ(ଯୁବି) ଭେଟିଛନ୍ତି। ଏହି ଅବସରରେ ସେମାନଙ୍କ ମଧ୍ୟରେ ଭାରତରେ ଗଲ୍ଫ ଖେଳର ବିକାଶ ଉପରେ ଆଲୋଚନା ହୋଇଥିଲା। ଇଣ୍ଡିଆନ୍ ଗଲ୍ଫ ୟୁନିୟନ(ଆଇଜିୟୁ), ଓମେନ୍ସ ଗଲ୍ଫ ଆସୋସିଏଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଜିଏଆଇ) ଓ ପିଜିଏ ଅଫ୍ ଇଣ୍ଡିଆ ମିଳିତ ସହଭାଗୀଦାରିତାରେ ଦେଶର ପ୍ରଥମ ଫ୍ରାଞ୍ଚାଇଜ୍‌ଭିତ୍ତିକ ଗଲ୍ଫ ଲିଗ୍ ଆଇଜିପିଏଲ୍ ଆସନ୍ତା ଜାନୁଆରୀରେ ୬ଟି ଦଳକୁ ନେଇ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଉଭୟ ପ୍ରଫେଶନାଲ ଓ ଆମେଚର ଗଲ୍ଫର୍ସ ଭାଗନେବେ।

# ବୋଲରଙ୍କୁ ବ୍ୟାଟ୍‌ରେ ପିଟିବାକୁ ପୃଥ୍ୱୀଙ୍କ ଉଦ୍ୟମ

**ମୁମ୍ବାଇ, ୭।୧୦**

ଦୀର୍ଘଦିନ ହେଲା ଭାରତୀୟ ଦଳରୁ ବାଦ୍ ପଡ଼ିଥିବା ପୃଥ୍ୱୀ ଶ' ୨୦୨୫-୨୬ ଘରୋଇ ସିଜନ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ବିପକ୍ଷ ଏକ ଅଭ୍ୟାସ ମ୍ୟାଚ୍‌ରେ ମାରାଥନ ଶତକୀୟ ପାଳି ଖେଳିଛନ୍ତି। ସେ ୧୪୪ ବଲ୍‌ରେ ଶତକ ପୂରଣ କରିଥିଲେ ଏବଂ ମୋଟ ଉପରେ ୧୮୧ ରନ୍‌ର ଇନିଂସ ଖେଳି ମୁଶିର ଖାନ୍‌ଙ୍କ ବଲରେ ଆଉଟ୍ ହୋଇଥିଲେ। ଆଉଟ୍ ହେବା ପରେ ମୁଶିରଙ୍କ ସହ ପୃଥ୍ୱୀଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେ ମୁଶିରଙ୍କୁ ପିଟିବା ପାଇଁ ବ୍ୟାଟ୍ ଉଠାଇଥିଲେ। ଶେଷରେ ଅମ୍ପାୟରଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

# ଅଷ୍ଟ୍ରେଲିଆ ଦଳ ଘୋଷିତ ; ଷ୍ଟାର୍କ ଫେରିଲେ

## ଭାରତ ବିପକ୍ଷ ସିରିଜ୍

**ମେଲ୍‌ବୋର୍ନ, ୭।୧୦(ପି.ଟି.)**

ଆସନ୍ତା ୧୯ ତାରିଖରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁଥିବା ହ୍ୱାଇଟ୍ ବଲ୍ କ୍ରିକେଟ୍ ସିରିଜ୍ ଲାଗି ମଙ୍ଗଳବାର ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ଭେଟେରାନ୍ ପେସର ମିଚେଲ ଷ୍ଟାର୍କ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ଅନୁପସ୍ଥିତିରେ ମିଚେଲ ମାର୍ଶ ଦଳର ନେତୃତ୍ୱଭାର ସମ୍ଭାଳିବେ।

ଗତମାସରେ ଟି୨୦ ଅନ୍ତର୍ଜାତୀୟରୁ ଅବସର ଘୋଷଣା କରିଥିବା ଷ୍ଟାର୍କଙ୍କୁ ଅଗଷ୍ଟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରୁ ବିଶ୍ରାମ ଦିଆଯାଇଥିଲା। ଆଗକୁ ଆସେସ୍ ଥିବାରୁ ତାଙ୍କ ୱାର୍କଲୋଡ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସେ ଅନ୍ତିମଥର ୨୦୨୪ ନଭେମ୍ବରରେ ଦିନିକିଆ ମ୍ୟାଚ୍ ଖେଳିଥିଲେ। ମାଥ୍ୟୁ ରେନଶ୍, ମ୍ୟାଟ୍ ଶର୍ଟ ଓ ମିଚ ଓୱେନ ନୂଆ ଚେହେରା ଭାବେ ଦଳରେ ସ୍ଥାନ ପାଇଛନ୍ତି।

**ଅଷ୍ଟ୍ରେଲିଆ ଦିନିକିଆ ଦଳ:** ମିଚେଲ ମାର୍ଶ(ଅଧିନାୟକ), ଜାଭିଅର ବାର୍ଟଲେଟ, ଆଲେକ୍ସ କାରୀ, କୁପର କନୋଲି, ବେନ୍ ଡ୍ୱାରଶୁଇସ, ନାଥନ ଏଲିସ, କାମେରନ ଗ୍ରୀନ, ଜୋଶ୍ ହାଜେଲଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଙ୍ଗ୍‌ଲିସ, ମିଚେଲ ଓୱେନ, ମାଥ୍ୟୁ ରେନଶ୍, ମାଥ୍ୟୁ ଶର୍ଟ, ମିଚେଲ ଷ୍ଟାର୍କ ଓ ଆଡାମ ଜାମ୍ପା।

**ଅଷ୍ଟ୍ରେଲିଆ ଟି୨୦ ଦଳ:** ମିଚେଲ ମାର୍ଶ(ଅଧିନାୟକ), ସିନ୍ ଆବଟ, ଜାଭିଅର ବାର୍ଟଲେଟ, ଟିମ୍ ଡେଭିଡ୍, ବେନ ଡ୍ୱାରଶୁଇସ, ନାଥନ ଏଲିସ, ଜୋଶ୍ ହାଜେଲଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଙ୍ଗ୍‌ଲିସ, ମାଥ୍ୟୁ କୁହ୍ନେମାନ, ମିଚେଲ ଓୱେନ, ମାଥ୍ୟୁ ଶର୍ଟ, ମାର୍କସ ଷ୍ଟୋଇନିସ, ଆଡାମ ଜାମ୍ପା।

# ଏଫ୍‌ସି ଗୋଆକୁ ଦଣ୍ଡିତ କଲା ଏଏଫ୍‌ସି

**ନୂଆଦିଲ୍ଲୀ, ୭।୧୦(ପି.ଟି.):** ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ(ଏଏଫ୍‌ସି) ଡିସିପ୍ଲିନାରି ଆଣ୍ଡ ଏଥିକ୍ସ କମିଟି ଆଇଏସ୍‌ଏଲ୍ କ୍ଲବ ଏଫ୍‌ସି ଗୋଆକୁ ୧୦ ହଜାର ଡଲାର (ପ୍ରାୟ ୮.୮ ଲକ୍ଷ) ଅର୍ଥଦଣ୍ଡରେ ଦଣ୍ଡିତ କରିଛି। ମାର୍ଗାଓସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅଲ୍ ସିବ ବିପକ୍ଷରେ ଖେଳାଯାଇଥିବା ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ କ୍ୱାଲିଫାୟର ମ୍ୟାଚ୍ ବେଳେ ଷ୍ଟାଡିୟମରେ ଉପସ୍ଥିତ ଏଫ୍‌ସି ଗୋଆର ସମର୍ଥକମାନେ ଜ୍ୱଳନଶୀଳ ଯନ୍ତ୍ର ବ୍ୟବହାର କରି ଏଏଫ୍‌ସିର ନିୟମ ଉଲ୍ଲଂଘନ କରିଥିଲେ। ଏଥିଲାଗି ଏଏଫ୍‌ସି ଡିସିପ୍ଲିନାରି ଆଣ୍ଡ ଏଥିକ୍ସ କମିଟି ପକ୍ଷରୁ କ୍ଲବକୁ ଆଗାମୀ ୩୦ ଦିନ ମଧ୍ୟରେ ୧୦ ହଜାର ଡଲାର ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଏଫ୍‌ସି ଗୋଆ ଫ୍ୟାନ୍ କ୍ଲବ ପକ୍ଷରୁ କୁହାଯାଇଛି ଯେ, କ୍ଲବ ଉପରେ ଲଗାଯାଇଥିବା ଆର୍ଥିକଦଣ୍ଡ ସହ ଆମେ ଏକମତ ନୁହେଁ। ଷ୍ଟାଡିୟମରେ କଦାପି କୌଣସି ଜ୍ୱଳନଶୀଳ ଯନ୍ତ୍ର ବ୍ୟବହାର କରାଯାଇନାହିଁ। କେବଳ ଚାପ ଦ୍ୱାରା ପରିଚାଳିତ କଲର ଓ ସ୍ମୋକ୍ ଇଫେକ୍ଟ ବ୍ୟବହାର କରାଯାଇଥିଲା।

**Classified Everyday**
**0674-2580101, 9692975378**



**GROOM WANTED**

Beautiful Khandayat girl 24+ 5'5" MBA (Hyderabad) serving Tech Mahindra Hyderabad"Sunasansar" 9937512659. D-2188

Govt, ଚାକିରିଆ 58 ବୟସ୍କା, ଜାତିରେ Brahmin Unmrd ଏକାକୀ ରହୁଥିବା ଝିଅଙ୍କୁ Anycasteର ବରପାତ୍ର ଆବଶ୍ୟକ। 7873141286. D-2178

ବୟସ 28, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2179



**REAL ESTATE**
**SALE**

ଭୁବନେଶ୍ୱର ପିତାପଲ୍ଲିଛକ **NH sideରେ immediate** ଘରବାଲା ଭଳି ପ୍ଲଟ୍ **Boundary,** ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- **9337166296.** D-1941

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। (owner)- 9090963952. D-02

Car washing Centre available on lease, Maruti Gypsy King, steel body for sale. Nayapali, Bhubaneswar. Contact No.- 9437637168. D-2184

Plot for sale near Railwaystation Bhawanipatna, Kalahandi, no broker. Contact:- 8658579717. D-2201

Centrally located housing plot for sale at Medinipur near Bhawanipatna, Kalahandi. Contact-: 9437148590, 8658579717. D-2202

Gharabari bounded plot 10000sqft, and 2400sqft, for sale adjacent to Meera's Courtyard at Kurunti near Kuranga footballfield, 200 mtrs, from Niali-Nakhara SH, Cuttack Sadar. Contact: 7008815552. D-76862

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




The massage felt totally professional & comfortable at all times-7978109255. D-76495

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।

**AFFIDAVIT**

SUNAJHARI SABAR, wife of late GABARDHAN SABAR, declare by this affidavit No.- 258, dated- 06.10.2025, before the Executive Magistrate, Gunupur, that now onwards I want to correction my minor daughter's name from Jageswari Sabar (Old name) to JOSMINE SABAR (New name) bearing Aadhaar card No.- xxxx xxxx 6629 as my Address as At- Srirampur, P.O.- Bagasala, P.S.- Gunupur, Dist.- Rayagada for all future purposes. D-2203

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ନିବେଦିତା ବିଶ୍ୱାଳ (ନିତା)**
ଧରାବତରଣ 14/06/1966 | ସ୍ୱର୍ଗାରୋହଣ 30/10/2023
(Ex Technical Officer, C.R.R.I, Cuttack)
କେଶପୁର C.R.R.I, କଟକ-୬

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ!
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ!!

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା, ଆମ ସମସ୍ତଙ୍କ ପାଇଁ ପାଥେୟ ହେଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ : ପ୍ରଭାକର ସ୍ୱାଇଁ ଏବଂ ପରିବାରର ସମସ୍ତ ବୃନ୍ଦ।**
ଧ-୭୬୮୬୧

## ଫଳ ଚାଷ



**ଫ**ଳବଗିଚାରେ ପାଣି ଜମିବାର ଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ । ଅଦରକାରୀ ଡାଳଗୁଡ଼ିକୁ କାଟଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ। ଉଇ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୫ ମି.ଲି. / ଲିଟର ପାଣିରେ) ମାଟିରେ ସିଞ୍ଚନ କରନ୍ତୁ କିମ୍ବା ଗଛ ପ୍ରତି ୫୦ ଗ୍ରାମ୍ ହିସାବରେ କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଗଛମୂଳରେ ପ୍ରୟୋଗ ପରେ ମାଟି ଟେକିଦିଅନ୍ତୁ। କଲମୀ ଗଛର କାଟଛାଣ୍ଟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଆମ୍ବଗଛରେ ଜଳସେଚନ ବନ୍ଦ କରନ୍ତୁ।

## ସୂର୍ଯ୍ୟମୁଖୀର ଉନ୍ନତ କିସମ

ଉନ୍ନତକିସମ ସୂର୍ଯ୍ୟମୁଖୀ ଯଥା–ମଡର୍ନ, ଇସି–୬୮୪୧୪, ଇସି–୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପିଏସି–୩୬, କେବିଏସ୍ଏଚ୍–୧, କେବିଏସ୍ଏଚ୍–୪୪ ଓ ଏମ୍ଏସ୍ଏଫ୍ଏଚ୍–୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ଏକ କି.ଗ୍ରା. ବିହନରେ କାର୍ବୋକ୍ସିନ୍ ସହ ଥିରାମ୍ କିମ୍ବା ଟେବୁକୋନାଜୋଲ୍ ୨% ଡିଏସ୍ ୨ ଗ୍ରାମ୍‌ରୁ ୨.୫ ଗ୍ରାମ୍ ହିସାବରେ ୨ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।



## ଫୁଲ ଚାଷ



**ତ**ରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

# କୁକୁଡ଼ା ଫାର୍ମରେ ଜଳ ଆବଶ୍ୟକତା



ଡା. ବୀରକିଶୋର ପରିଡ଼ା

**ଜ**ଳ ପୃଥିବୀର ସମସ୍ତ ଜୀବଜଗତର ଜୀବନଧାରଣ ପାଇଁ ସବୁଠାରୁ ମୂଲ୍ୟବାନ୍ ଓ ଶସ୍ତା ଖାଦ୍ୟସାର ବା ପୋଷକ ରୂପେ ପରିଗଣିତ ହୁଏ । ସାଧାରଣତଃ କୁକୁଡ଼ାଙ୍କ ଶରୀରରେ ସମୁଦାୟ ଜଳ ଅଂଶ ୫୫–୮୫ ପ୍ରତିଶତ ମଧ୍ୟରେ ସୀମିତ ଥାଏ । କମ୍ ବୟସ୍କ କୁକୁଡ଼ାଙ୍କ ଶରୀରରେ ଜଳ ସଂରକ୍ଷଣ ଶକ୍ତି ବୟସ୍କ କୁକୁଡ଼ାଙ୍କ ଅପେକ୍ଷା ବେଶି ଥାଏ। କାରଣ ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କର ଚର୍ବି ଅଂଶ ସମାନୁପାତିକ ଶରୀରର ଜଳରୂପକ ଭାବେ ଯତ୍ନ ନେଇଥାଏ। ତେଣୁ ମୋଟ ଉପରେ କହିବାକୁ ଗଲେ, କୁକୁଡ଼ାଙ୍କ ସମୁଦାୟ ଶରୀର ଓଜନର ତିନି ଚତୁର୍ଥାଂଶ ହେଉଛି ଜଳ । ଏତଦ୍‌ବ୍ୟତୀତ ଶରୀରରେ ବଳକା ଜଳ ଅଂଶ ପରିସ୍ରା, ମଳ, ଫୁସ୍‌ଫୁସ୍‌ର ବାଷ୍ପୀକରଣ ପ୍ରକ୍ରିୟା ଏବଂ ଜୀବକୋଷ ଗଠନ ମାଧ୍ୟମରେ ନିର୍ଗତ ହୋଇଥାଏ । କୁକୁଡ଼ାମାନେ ପ୍ରତ୍ୟକ୍ଷ ଭାବେ ଜଳ ପିଇବା ମାଧ୍ୟମରେ ଏବଂ ଆଂଶିକ ଭାବେ ଖାଦ୍ୟପଦାର୍ଥରୁ ସେମାନଙ୍କର ଜଳର ଚାହିଦା ମେଣ୍ଟାଇଥାନ୍ତି ।

**କୁକୁଡ଼ାଙ୍କ ଶରୀରରେ ଜଳର ଆବଶ୍ୟକତା :** ରକ୍ତର ମୁଖ୍ୟ ଅଂଶ ହେଉଛି ଜଳ ବା ଜଳୀୟ ପଦାର୍ଥ ଏବଂ ଶରୀରର ଜୀବକୋଷଗୁଡ଼ିକର ଭିତର ଓ ବାହାର ଜଳୀୟ ପଦାର୍ଥ ରୂପେ ଅନ୍ତର୍ନିହିତ କରିଥାଏ । ତେଣୁ ଏହା ଶରୀରର ବିଭିନ୍ନ ଖାଦ୍ୟସାର ଏବଂ ଶରୀରରୁ ଉତ୍ପନ୍ନ ବିଭିନ୍ନ ଦୂଷିତ ବିଷାକ୍ତ ପଦାର୍ଥ ନିଷ୍କାସନ କରିବାର ବାହକ ରୂପେ କାର୍ଯ୍ୟ କରିଥାଏ । ଏହା ଶରୀରରେ ଉତ୍ତାପ ନିୟନ୍ତ୍ରଣର ଏଜେଣ୍ଟ ରୂପେ ସହାୟକ ହୋଇଥାଏ । ଏହା ଶରୀରରେ କ୍ଷାରୀୟ–ଅମ୍ଳତା ଭାରସାମ୍ୟ ସହ ପରାସାରଣୀ ଚାପ ଓ ଧାତବଲବଣର ଭାରସାମ୍ୟ ରକ୍ଷା କରିଥାଏ । ଏହା ଶରୀରର ବିଭିନ୍ନ ତରଳ ରାସାୟନିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥାଏ । ଏହା ରକ୍ତରୁ ସାରାଂଶ ଗ୍ରହଣ ରୂପକ ଦୈହିକ କ୍ରିୟାର ଜଳୀୟ ପଦାର୍ଥ ବା ମେଟାବୋଲିକ୍ ଜଳ ଉତ୍ପନ୍ନ କରିବାରେ ସହାୟକ ହୋଇ କୁକୁଡ଼ାଙ୍କ ଶରୀରର ବିଭିନ୍ନ ଶାରୀରିକ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ । ସାଧାରଣତଃ କୁକୁଡ଼ାଙ୍କ ଖାଦ୍ୟରେ ୧୦%ରୁ ଅଧିକ ଜଳୀୟ ଅଂଶ ନ ଥାଏ । ତେଣୁ କୁକୁଡ଼ାଙ୍କୁ ପିଇବା ପାଇଁ ଯଥେଷ୍ଟ ପରିମାଣରେ ପରିଷ୍କାର ଥଣ୍ଡା ଜଳ ଯୋଗାଇବା ଏକାନ୍ତ ଅପରିହାର୍ଯ୍ୟ । ଜଳବାୟୁର ଉତ୍ତାପ ଏବଂ ଦାନାର ଉପାଦାନଗୁଡ଼ିକ ଉପରେ କୁକୁଡ଼ାଙ୍କ ଜଳର ଆବଶ୍ୟକତା ନିର୍ଭର କରିଥାଏ । ଏହି ଜଳ ପରିଚାଳନା ଉପରେ ହିଁ କୁକୁଡ଼ା ଫାର୍ମର କେତେକ ଆର୍ଥିକ କାରକ ନିର୍ଭର କରିଥାଏ । ଉଦାହରଣ – ଅଣ୍ଡାର ଆକାର, ଅଣ୍ଡାର ଖୋଳ ଝିଲ୍ଲି, କୁକୁଡ଼ା ମାଂସର କ୍ୱାଲିଟି ଏବଂ କୁକୁଡ଼ା ଘରର ଲିଟର ଅବସ୍ଥା ଇତ୍ୟାଦି । କୁକୁଡ଼ାଙ୍କ ଜଳ ପିଇବା ଉପରେ ହିଁ ମଳର ଗଠନ ନିର୍ଭର କରିଥାଏ । ବାହ୍ୟ ଜଳବାୟୁର ଉତ୍ତାପ ବୃଦ୍ଧିରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବାର ଚାହିଦା ବଢ଼ିଥାଏ । କୁକୁଡ଼ାଙ୍କ ଜଳ ପିଇବା ବିଶେଷକରି ଜଳବାୟୁର ଆପେକ୍ଷିକ ଆର୍ଦ୍ରତା ଉପରେ ନିର୍ଭର କରେ । କୁକୁଡ଼ା ଚିଆଁଠାରୁ ଆରମ୍ଭକରି ଅଣ୍ଡାଦେବା ପର୍ଯ୍ୟନ୍ତ ସେମାନଙ୍କର ପାଣି ପିଇବାର ଚାହିଦା ବଢ଼ି ବଢ଼ି ଯାଇଥାଏ । ବଡ଼ ଉନ୍ନତ ଧରଣର କୁକୁଡ଼ା ଅଧିକ ପାଣି ପିଇଥାନ୍ତି । କୁକୁଡ଼ାଙ୍କ ଯୌନାଙ୍ଗ ବୟୋପ୍ରାପ୍ତ ହେବା ପରେ ପରେ ମଧ୍ୟ ଅଧିକ ପାଣି ପିଇଥାନ୍ତି । ଫାର୍ମରେ ଅଣ୍ଡା ଉତ୍ପାଦନର ହାର ମଧ୍ୟ କୁକୁଡ଼ାଙ୍କ ପାଣି ପିଇବା ଉପରେ ପ୍ରଭାବ ପକାଇଥାଏ ।

ଜଳର ଗଠନ ବା ଉପାଦନରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବା ନିର୍ଭର କରେ । ଉଦାହରଣ, ଯଦି ପାଣିରେ ବିଭିନ୍ନ ଲବଣ ଯୌଗିକ ପଦାର୍ଥ ଥାଏ । ଯଥା – ସୋଡିୟମ କ୍ଲୋରାଇଡ୍, ସୋଡିୟମ୍ ସଲ୍‌ଫେଟ୍ ଆଦି ନିହିତ ଥାଏ, ତେବେ କୁକୁଡ଼ାଙ୍କ ପାଣି ପିଇବା ଦକ୍ଷତା ହ୍ରାସ ପାଇଥାଏ । କୁକୁଡ଼ାଙ୍କ ପିଇବା ପାଣିର କ୍ଷାରୀୟ ଅମ୍ଳତା ଅନୁପାତ ୬.୭ରେ ରହିବା ଦରକାର । ଔଷଧ ବ୍ୟବହୃତ ପାଣିର ପିଏଚ୍ ମଧ୍ୟରେ ସୀମିତ ରହିବା ଉଚିତ । ପିଇବା ପାଣିରେ ଯଦି କୁକୁଡ଼ାଙ୍କ ମଳ ମିଶେ, ତେବେ ସେହି ପାଣିରେ ନାଇଟ୍ରେଟ୍ ଏବଂ ଆମୋନିଆ ଅଂଶ ବୃଦ୍ଧି ପାଇ ଶରୀରରେ ପ୍ରଭୂତ କ୍ଷତି ଘଟାଇଥାଏ । ପିଇବା ପାଣିରେ ବିଭିନ୍ନ ନିର୍ଜୀବ ମୌଳିକ ପଦାର୍ଥ ଯଥା – ସୋଡିୟମ, ପୋଟାସିୟମ ଏବଂ କ୍ଲୋରିନ୍ ଉପସ୍ଥିତିକୁ ପରୀକ୍ଷା କରିବା ଦରକାର । ଏହି ଧାତବ ଲବଣ କୁକୁଡ଼ାଙ୍କ ପାଣି ପିଇବା ଶକ୍ତି ବଢ଼ାଇଥାଏ । ଫଳରେ କୁକୁଡ଼ାମାନେ ତରଳ ଝାଡ଼ା ବା ମଳତ୍ୟାଗ କରନ୍ତି ଏବଂ ଏହା ଲିଟରକୁ ଓଦା ଅବସ୍ଥା ସୃଷ୍ଟି କରିଥାଏ । ଫଳରେ କୁକୁଡ଼ାଘରର ବିଛଣା ବା ଲିଟର ଓଦା ଓ ସନ୍ତସନ୍ତିଆ ରହେ ଏବଂ ବିଭିନ୍ନ ରୋଗ ଯଥା ରକ୍ତଝାଡ଼ା, କୃମି, ନିମୋନିଆ ଇତ୍ୟାଦି ସୃଷ୍ଟିକରିବା ସହ କେତେକ ଆମୋନିଆ ଗ୍ୟାସ୍ ସଂଘଟିତ ହେବାରୁ କୁକୁଡ଼ାଙ୍କ ବିଭିନ୍ନ ଶ୍ୱାସରୋଗ ଯଥା – ଫାଉଲ୍ କରିଜା, ଇନ୍‌ଫେକ୍ସିଅସ୍ ବ୍ରୋଙ୍କାଇଟିସ୍ ବା ସିଆର୍‌ଡି ଇତ୍ୟାଦି ସୃଷ୍ଟି ହୋଇଥାଏ । ଅଣ୍ଡାଗୁଡ଼ିକ ତରଳ ମଳରେ ଲାଗି ଅପରିଷ୍କାର ଦିଶେ । ଡ୍ରେନ୍‌ର ଯଦି କୌଣସି ଦୂଷିତ ପାଣି ପିଇବା ପାଣି ପାଇପରେ ମିଶେ, ତେବେ ଅଧିକାଂଶ କୁକୁଡ଼ା ଇ.କୋଲାଇ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇ ମୃତ୍ୟୁମୁଖରେ ପଡ଼ନ୍ତି ।

ପକ୍ଷୀମାନେ ଅନାହାର ହୁଏତ ସମ୍ଭାଳି ପାରିବେ, କିନ୍ତୁ ପିଇବାପାଣି ଅଭାବରେ ସେମାନଙ୍କ ପକ୍ଷେ ବଞ୍ଚିବା କଷ୍ଟକର ହୋଇପଡ଼େ । ଅନ୍ତପୁଟରୁ ଖାଦ୍ୟ ପରିବହନରେ ବିଳମ୍ବ ଘଟିଲେ କୁକୁଡ଼ାଙ୍କ ଖାଦ୍ୟ ବିନିଯୋଗ ଦକ୍ଷତା କମିଯାଏ । ଅନ୍ତପୁଟରୁ ପେଷଣାକୁ ଖାଦ୍ୟପଦାର୍ଥ ପରିବହନ ଶରୀରର ଜଳୀୟ ପଦାର୍ଥ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । କୁକୁଡ଼ାଙ୍କ ଅଧିକ ସମୟ ଅନାହାର ବା ଖାଦ୍ୟ ପଦାର୍ଥରୁ ବଞ୍ଚିତ ହେବା ଓ ରୁଗ୍‌ଣ ଶରୀରରେ ଜଳଶୁଷ୍କତା ଭାବ ପ୍ରକାଶ କରିଥାଏ । ପ୍ରାପ୍ତବୟସ୍କ କୁକୁଡ଼ାଙ୍କର ଅଣ୍ଡାଶୟ ଜୀବକୋଷ ନଷ୍ଟହେବା, ଗ୍ରନ୍ଥିଳ ଜଠର ଏବଂ କିଡ୍‌ନୀରେ ପ୍ରଦାହ ସୃଷ୍ଟିହେବା ସହ କୁକୁଡ଼ାଙ୍କ ଅଣ୍ଡା ଉତ୍ପାଦନ ଶକ୍ତି କମିଯାଇଥାଏ ।

“ଜଳବାୟୁର ଉତ୍ତାପ ଏବଂ ଦାନାର ଉପାଦାନଗୁଡ଼ିକ ଉପରେ କୁକୁଡ଼ାଙ୍କ ଜଳର ଆବଶ୍ୟକତା ନିର୍ଭର କରିଥାଏ । ଏହି ଜଳ ପରିଚାଳନା ଉପରେ ହିଁ କୁକୁଡ଼ା ଫାର୍ମର କେତେକ ଆର୍ଥିକ କାରକ ନିର୍ଭର କରିଥାଏ । ଉଦାହରଣ - ଅଣ୍ଡାର ଆକାର, ଅଣ୍ଡାର ଖୋଳ ଝିଲ୍ଲି, କୁକୁଡ଼ା ମାଂସର କ୍ୱାଲିଟି ଏବଂ କୁକୁଡ଼ା ଘରର ଲିଟର ଅବସ୍ଥା ଇତ୍ୟାଦି । କୁକୁଡ଼ାଙ୍କ ଜଳ ପିଇବା ଉପରେ ହିଁ ମଳର ଗଠନ ନିର୍ଭର କରିଥାଏ । ବାହ୍ୟ ଜଳବାୟୁର ଉତ୍ତାପ ବୃଦ୍ଧିରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବାର ଚାହିଦା ବଢ଼ିଥାଏ । କୁକୁଡ଼ାଙ୍କ ଜଳ ପିଇବା ବିଶେଷକରି ଜଳବାୟୁର ଆପେକ୍ଷିକ ଆର୍ଦ୍ରତା ଉପରେ ନିର୍ଭରକରେ ।”



**କୁକୁଡ଼ା ଫାର୍ମରେ ପାଣି ପରିଚାଳନା ପାଇଁ କେତେକ ଉପାୟ**

- ସର୍ବଦା ପରିଷ୍କାର, ସ୍ୱଚ୍ଛ ନିର୍ମଳ ଜଳ ବ୍ୟବହାର କରନ୍ତୁ । କୂପ ପାଣି ଅପେକ୍ଷା ନଳକୂପ ଜଳ ଅଧିକ ସ୍ୱାସ୍ଥ୍ୟକର । ଯଦି ନଳକୂପ ଜଳ ନ ଥାଏ, ତେବେ ଗୋଟିଏ ମାଠିଆ କୂଅଜଳରେ ୪ଟି ହାଲୋଜେନ୍ ବଟିକା ପକାଇ ବ୍ୟବହାର କରନ୍ତୁ।
- ପାଣିରେ ଥିବା ଧାତବ ଲବଣ ପଦାର୍ଥ ଯଥା – ସୋଡିୟମ, ପୋଟାସିୟମ ଇତ୍ୟାଦି ବ୍ୟବହାର କରିବା ପୂର୍ବରୁ ପରୀକ୍ଷା କରିନିଅନ୍ତୁ।
- ଖାଦ୍ୟ ବା ଦାନାରେ ଲବଣାଂଶ ଭାଗ କମାଇ ଦିଅନ୍ତୁ।
- ପିଇବା ଜଳରେ କ୍ଷତିକାରକ ଜୀବାଣୁ ଅଛନ୍ତି କି ନାହିଁ, ତାହା ଲାବରୋଟୋରିରେ ପରୀକ୍ଷା କରାଇ ନିଅନ୍ତୁ।
- ପିଇବା ପାଣିର ପାଇପ୍‌ରେ ବାହ୍ୟ ଡ୍ରେନ୍ ଜଳ କିମ୍ବା ଶିଳ୍ପାଞ୍ଚଳ ନିର୍ଗତ ଦୂଷିତ ଜଳ କୌଣସି କାରଣରୁ ଲିକେଜ୍ ହୋଇ ମିଶୁଛି କି ନାହିଁ, ତାହା ଉପରେ ସର୍ବଦା ଦୃଷ୍ଟି ରଖନ୍ତୁ।
- ଉତ୍ତମ କୁକୁଡ଼ା ଫାର୍ମ ପରିଚାଳନାଗତ ଅଭ୍ୟାସ ଯଥା – ଲିଟରକୁ ଠିକ୍ ସମୟାନୁବର୍ତ୍ତିତ ଅନୁସାରେ ବଦଳେଇ ଦେବା ବା ଚୂନ ପ୍ରୟୋଗ କରିବା, ପିଇବା ପାଣିରେ କୁକୁଡ଼ାଙ୍କ ମଳ ନ ମିଶିବା, ପାଣିଟାଙ୍କି ବା କୂଅରେ ଉପଯୁକ୍ତ ସମୟ ବ୍ୟବଧାନରେ ବ୍ଲିଚିଂ ପାଉଡ଼ର ପକାଇବା ଇତ୍ୟାଦି ଉପରେ ସର୍ବଦା ନଜର ରଖିବା ଆବଶ୍ୟକ । କୁକୁଡ଼ାଙ୍କୁ ଗହଳି ନ କରି ସଂଖ୍ୟା ଅନୁସାରେ କୁକୁଡ଼ା ଘରେ ଆବଶ୍ୟକ ପାଣିପାତ୍ର ରଖନ୍ତୁ ଏବଂ ପାଣିପାତ୍ରଗୁଡ଼ିକୁ ସର୍ବଦା ପରିଷ୍କାର ରଖିବା ଦରକାର ।

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଅଳ୍ପରେ...




**କପା :** କପାରେ ଜଉପୋକ, ପତ୍ରଡିଆଁ ପୋକ ଓ ଉଙ୍କୁଣିଆ ପୋକ ଦେଖାଦେଲେ ୧୫ ଲିଟର ପାଣିରେ କିମ୍ବା ୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ। ୧୦ ଲିଟର ପାଣିରେ ୩ ଗ୍ରାମ୍ ଏସିଟାମିପ୍ରିଡ୍ ମିଶାଇ ପତ୍ର ସିଞ୍ଚନ କରାଯାଇପାରେ।

**ଅଦା ଓ ହଳଦୀ ଚାଷ:** ଅଦା–ହଳଦୀ ଚାଷରେ ମୂଳଶଢ଼ା ରୋଗ ହେଲେ ମେଟାଲାକ୍ସିଲ + ମାନ୍‌କୋଜେବ୍ ୨ ଗ୍ରାମ୍/ଲିଟର ପାଣି ମିଶାଇ ମୂଳଭିଜା କରନ୍ତୁ।



**ଡିପଜମିରେ ରାଶି ଚାଷ:** ଡିପଜମିରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫–୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ + ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବୁଣନ୍ତୁ ।

## ଜାଣି ରଖନ୍ତୁ



- ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।
- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।
- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



## ପନିପରିବା ଚାଷ

**ଆ**ଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨–୩ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାରକରନ୍ତୁ ଓ ଆଳୁ ଲଗାଇଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲରୁ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ।



# ବିଳମ୍ବରେ ଧାନ ରୋଇଥିଲେ...

**ବି**ଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗକରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକାପ୍ରକାର କୀଟନାଶକକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।





4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


TVS Racing
TVS
Apache
SERIES
#RacingDNAUnleashed
WINNING IS IN OUR DNA
DUAL CHANNEL ABS | RIDE MODES | USD SUSPENSION
ULTIMATE BENEFITS AWAIT
NOW STARTS @ ₹ 1.12 L* GST SAVINGS UP TO ₹ 26 900*
10 YEARS WARRANTY# | LOW EMI ₹ 2 020^ | LOW ROI 5.99%^ | CASHBACK ₹ 7 500**
SCAN TO KNOW MORE
www.tvsmotor.com/tvs-apache | tvsapacheseries | TVS Apache | *Ex showroom price effective 18% GST & may vary depending upon variant & location | **Instant cashback on EMI transactions
^Finance at the sole discretion of the financier | #5 Years included + 5 years extended @ ₹ 999 | Stunts performed by professionals in a controlled environment | T&C apply.
1800 315 7227
TVS CREDIT IDFC FIRST Bank L&T Finance HDFC BANK SHRIRAM Finance Chola
FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.com AUTHORISED MAIN DEALERS: BALASORE: BALASORE TVS: 7790000677, 9938785040, SITA TVS.: 7852935605, BHADRAK: SRIKANT TVS: 9124559654, 9124559653, BARIPADA: ALLIED TVS: 7852935617 JALESWAR: KHAN TVS: 9040853950, KEONJHAR: KUMAR TVS: 9870326414, RAIRANGPUR: SHAKAMBARI TVS: 7326066094, 8984969496.